

ସନ୍ଦିପଙ୍କ ମନରେ ଜ୍ୟାକ୍ସନ୍‌ଙ୍କ ବାୟୋପିକ୍
▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 41 •ISSUE-287 •BHUBANESWAR •SATURDAY •13 APRIL 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୮୭ •ଭୁବନେଶ୍ୱର •ଶନିବାର •୧୩ ଏପ୍ରିଲ୍ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


# ପହିଲି ବୈଶାଖରୁ ଜାଳିବ

## ୧୫ରୁ ଗ୍ରୀଷ୍ମ ଲହରୀ



୧୮ ଓ ୧୯ରେ ୪୩ ଡିଗ୍ରୀ ସହ ସ୍ଥିତି ଅସମ୍ଭାଳ

**ଭୁବନେଶ୍ୱର, ୧୨।୪ (ସମିସ):** ରାଜ୍ୟରେ ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବ ତାପମାତ୍ରା। ପୁଣି ଥରେ ଟାଣ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରିବ। ମୁଣ୍ଡ ଫଟା ଖରା ସାଙ୍ଗକୁ ବହିବ ଝାଞ୍ଜି ପବନ। ଫଳରେ ପୁଣି ଥରେ ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୫ ଦିନ ମଧ୍ୟରେ ରାଜ୍ୟରେ ୮ ଡିଗ୍ରୀ ପର୍ଯ୍ୟନ୍ତ ତାପାତ୍ରା ବୃଦ୍ଧି ପାଇବ। ଏହାଦ୍ୱାରା ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ଗ୍ରୀଷ୍ମ ଲହରୀ ଆରମ୍ଭ ହେବ। ଏଥିପାଇଁ ପ୍ରଥମେ ୧୪ ତାରିଖ ରାତିରେ ଉଷ୍ମ ରାତି ଅନୁଭୂତ ହେବାକୁ ଥିବା ବେଳେ ୧୫ ତାରିଖରୁ ଗ୍ରୀଷ୍ମ ଲହରୀ ଆରମ୍ଭ ହେବ। ୧୪ ରାତିରେ କଟକ ନୟାଗଡ଼, ବୌଦ୍ଧ, ଅନୁଗୁଳ ଓ ଖୋର୍ଦ୍ଧା ପ୍ରମୁଖ ଜିଲ୍ଲାରେ ଉଷ୍ମ ରାତି ଅନୁଭୂତ ହେବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ସେହିପରି ୧୫ ତାରିଖରୁ ବିଭିନ୍ନ ଜିଲ୍ଲାରେ ହିଟ୍ ୱେଭ୍ ସ୍ଥିତି ଆଶଙ୍କା କରି ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି।

ସେହିପରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୫ ତାରିଖଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ର ବଢ଼ିବ ଓ ୧୬ ପରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ। ଶୁକ୍ରବାର ରାଜ୍ୟରୁ ସଂଲଗ୍ନ ବଙ୍ଗୋପସାଗରରୁ ଆର୍ଦ୍ର ଦକ୍ଷିଣା ପବନ ବହୁଥିଲା। ସୃଷ୍ଟ ଗୁରୁଚାପ ପଶ୍ଚିମା ପବନ ଆସିବାକୁ ଦେଉ ନଥିଲା। ୧୫ରୁ ଏହା କ୍ରମଶଃ ଦକ୍ଷିଣ ବଙ୍ଗୋପସାଗର ମୁହାଁ ହେବ। ରାଜ୍ୟକୁ ଉତ୍ତର-ପଶ୍ଚିମା ଶୁଷ୍କ ବାୟୁ ବହିବ ଓ ତାପମାତ୍ରା ବୃଦ୍ଧି ପାଇବ। ଭୁବନେଶ୍ୱର ସମେତ ଉପକୂଳରେ କେତେକ ଅଞ୍ଚଳରେ ତାପାତ୍ରା ୧୫ ସୁଦ୍ଧା ୪୦ ନିକଟତର ଓ ୧୬ରେ ୪୦ ଡିଗ୍ରୀ ପାର୍ କରିପାରେ। ୧୮-୧୯ରେ ତାପମାତ୍ରା ଅହେତୁକ ଭାବେ ବଢ଼ି ୪୩ ଡିଗ୍ରୀ ପର୍ଯ୍ୟନ୍ତ ଅତିକ୍ରମ କରିପାରେ। ଏହାଯୋଗୁଁ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗୁଳୁଗୁଳି ହେବ। ୨୦ରୁ ତାପମାତ୍ରା ପୁଣି କମିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## ଏଥର ଅସ୍ୱାଭାବିକ ମୌସୁମୀ ବର୍ଷା !



**ଭୁବନେଶ୍ୱର, ୧୨।୪ (ସମିସ):** ଏଥର ଓଡ଼ିଶାରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହୋଇପାରେ। ଗତ ଦୁଇ ଦିନ ତଳେ ପାଣିପାଗ ଆକଳନକାରୀ ଘରୋଇ ସଂସ୍ଥା ଦେଶ ପାଇଁ ମୌସୁମୀ ଆକଳନ କରି ଦେଶରେ ମୌସୁମୀ ସ୍ୱାଭାବିକ ରହିବା ସହ ଓଡ଼ିଶା ସମେତ ୪ଟି ରାଜ୍ୟରେ ବର୍ଷାର ପରିମାଣ କମ୍ ରହିବା ନେଇ ଆକଳନ କରିଛି। ଏହି କ୍ରମରେ ଶୁକ୍ରବାର ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ ମଧ୍ୟ ସମାନ ଆଶଙ୍କା ପ୍ରକାଶ କରିଛନ୍ତି। ଦେଶର ମୌସୁମୀ ସ୍ଥିତିକୁ ନେଇ ପ୍ରଫେସର ପଶୁପାଳକ ପୂର୍ବାନୁମାନ ଜାରି କରିଥିବା ବେଳେ ଓଡ଼ିଶାରେ ମୌସୁମୀ ବର୍ଷାର ବିତରଣ ସ୍ୱାଭାବିକ ନ ହେବାର ଆଶଙ୍କା ଥିବା ସେ କହିଛନ୍ତି।

ଗୁରୁବାର ଆମେରିକାର ନାସା ଓ ଗତ ୩ ତାରିଖରେ ଅଷ୍ଟ୍ରେଲିଆ ପାଣିପାଗ ସଂସ୍ଥା ଦୀର୍ଘକାଳୀନ ପାଣିପାଗକୁ ପ୍ରଭାବିତ କରୁଥିବା ସମୁଦ୍ର ଓ ବାୟୁମଣ୍ଡଳର ଅବସ୍ଥା ଆକଳନ କରିଛନ୍ତି। ଏହାକୁ ବିଶ୍ଳେଷଣ କରି ପ୍ରଫେସର ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ଗ୍ରୀଷ୍ମମଣ୍ଡଳୀୟ ପ୍ରଶାନ୍ତ ମହାସାଗରର ସମୁଦ୍ର ପତ୍ତନର ତାପମାତ୍ରା କମିବାରେ ଲାଗିଛି। ଏହାସହ ପଶ୍ଚିମ କେନ୍ଦ୍ରୀୟ ବିଷୁବମଣ୍ଡଳରେ ନିମ୍ନ ବାୟୁମଣ୍ଡଳରେ ପଶ୍ଚିମା ପବନ ବଢୁଛି। ଇଣ୍ଡୋନେସିଆ ଅଞ୍ଚଳରେ ପରିଚଳନ ମେଘ ସୃଷ୍ଟି ସହିତ ସାମୁଦ୍ରିକ ତାପମାତ୍ରା ପ୍ରାୟତଃ ସ୍ୱାଭାବିକ ରହିଛି। ବର୍ତ୍ତମାନ ସୁଦ୍ଧା ଏଲ୍-ନିନୋ ଚାଲୁ ରହିଛି; ଏହା ଶେଷ ପର୍ଯ୍ୟାୟରେ ଉପନୀତ ହୋଇଛି। ଏଲ୍-ନିନୋ ସମ୍ପର୍କରେ ୭ଟି ମଡ଼େଲ ଦର୍ଶାଉଛନ୍ତି ଯେ ଆସନ୍ତା ମେ' ସୁଦ୍ଧା ଏହା ସ୍ୱାଭାବିକ ଅବସ୍ଥାକୁ ଆସିଯିବ। ତେବେ ୪ଟି ମଡେଲ୍ ଏଲ୍-ନିନୋ ଏପ୍ରିଲ୍ ସୁଦ୍ଧା ସ୍ୱାଭାବିକ ଅବସ୍ଥାକୁ ଆସିବା ନେଇ ମତ ଦେଉଛନ୍ତି। କଲମ୍ବିଆ ବିଶ୍ୱବିଦ୍ୟାଳୟର ▶ପୃଷ୍ଠା-୯

## ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲର ସଫଳ ପରୀକ୍ଷଣ



**ଗ୍ୟାଙ୍ଗଟକ, ୧୨।୪ (ଏଜେନ୍ସି):** ଭାରତୀୟ ସେନା ଗତକାଲି ସିକ୍କିମର ପାର୍ବତ୍ୟାଞ୍ଚଳରେ ସମୁଦ୍ର ପତ୍ତନଠାରୁ ୧୭ହଜାର ଫୁଟ ଉଚ୍ଚତାରେ ଟ୍ୟାଙ୍କ ବିନାଶକ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର ବା ଆଣ୍ଟି-ଟ୍ୟାଙ୍କ୍ ଗାଇଡେଡ୍ ମିସାଇଲ୍(ଏଟିଜିଏମ୍) ପରୀକ୍ଷଣ କରିଛି। ସୁପର୍ ହାଇ ଅଲଟିଚ୍ୟୁଡରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ 'ଏକ କ୍ଷେପଣାସ୍ତ୍ର -ଏକ ଟ୍ୟାଙ୍କ' ଲକ୍ଷ୍ୟ ପୂରଣ ହୋଇଥିବାରୁ ପରୀକ୍ଷଣ ସଫଳ ବୋଲି ଗୁଆହାଟୀସ୍ଥିତ ପ୍ରତିରକ୍ଷା ଲୋକସମ୍ପର୍କ ବିଭାଗର ପ୍ରେସ୍ ରିଲିଜରେ କୁହାଯାଇଛି। ଭାରତୀୟ ସେନାର 'ତ୍ରିଶକ୍ତି କର୍ପସ' ଏହି କ୍ଷେପଣାସ୍ତ୍ର ପରୀକ୍ଷଣ କରିଥିଲା। ସିକ୍କିମରେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ଓ ତାଲିମ କାର୍ଯ୍ୟକ୍ରମରେ ସେନାର ଇଷ୍ଟର୍ଣ୍ଣ କମାଣ୍ଡର ମେକାନାଇଜଡ ଓ ଇନଫାଣ୍ଟ୍ରୀ ଡିଭିଜନର ମିସାଇଲ ଫାୟାରିଂ ୟୁନିଟଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଗତ ୩ ତାରିଖରେ ଓଡ଼ିଶାର ଅବଦୁଲ କଲାମ ଦ୍ୱୀପ ତଟରୁ ନୂଆ ପିଢ଼ିର ଆଣବିକ ଯୁଦ୍ଧାସ୍ତ୍ର ବହନକ୍ଷମ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣ ହୋଇଥିଲା। ଅଗ୍ନି ପ୍ରାଇମ'ର ଲଞ୍ଚ ଦେଖିବାକୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ, ଚିଫ୍ ଅଫ୍ ଷ୍ଟ୍ରାଟେଜିକ୍ ଫୋର୍ସେସ କମାଣ୍ଡ, ଡିଆରଡିଓର ବରିଷ୍ଠ ବୈଜ୍ଞାନିକଗଣ ଉପସ୍ଥିତ ଥିଲେ। ଅଗ୍ନି ପ୍ରାଇମ'ର ରେଞ୍ଜ୍ ହେଉଛି ୧ହଜାରରୁ ୨ହଜାର କିଲୋମିଟର। ଅଗ୍ନି ଶ୍ରେଣୀର ଅଗ୍ନି-୩ କ୍ଷେପଣାସ୍ତ୍ର ତୁଳନାରେ ଅଗ୍ନି ପ୍ରାଇମ'ର ଓଜନ ୫୦% କମ୍। ଗତମାସରେ ନିଜସ୍ୱ ତଥା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅଗ୍ନି-୫ କ୍ଷେପଣାସ୍ତ୍ର(ରେଞ୍ଜ୍ ୫ହଜାର କିଲୋମିଟର)ର ସଫଳ ପରୀକ୍ଷଣ ହୋଇଥିଲା। ଅଗ୍ନି-୫ର ରେଞ୍ଜ୍ ମଧ୍ୟରେ ଏସିଆର ବିସ୍ତୃତ ଅଞ୍ଚଳ, ସମଗ୍ର ଚୀନ ଓ ୟୁରୋପର ବଡ଼ ଅଂଶ ରହୁଛି।

# ରାଜ୍ୟ ବିଜେପିରେ ଅନ୍ତଃକନ୍ଦଳର ଘୂର୍ଣ୍ଣିଝଡ଼

## ସୋରରେ ଦଳୀୟ ପ୍ରାର୍ଥୀଙ୍କୁ କର୍ମୀଙ୍କ ବିରୋଧ



- ଖୋର୍ଦ୍ଧାରେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ
- ବଲାଙ୍ଗିରରେ ବିଦ୍ରୋହୀଙ୍କ 'ଅଭିଶାପ ସମାବେଶ'
- ରାଜ୍ୟ କାର୍ଯ୍ୟାଳୟ ଆଗରୁ ଉଠୁନାହାନ୍ତି ବିଦ୍ରୋହୀ
- ରାଜ୍ୟବ୍ୟାପୀ କର୍ମୀ ଓ ନେତାଙ୍କ ତୀବ୍ର ଅସନ୍ତୋଷ

**ଭୁବନେଶ୍ୱର, ୧୨।୪ (ସମିସ):** ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜ୍ୟ ବିଜେପିକୁ ସମ୍ଭାବ୍ୟ ପରାଜୟର ଭୟ ସେତେ ଗ୍ରାସ କରିବାରେ ଲାଗିଛି। ଦଳର ପ୍ରାର୍ଥୀ ତାଲିକା ଘୋଷଣା ପରେ ଏହାକୁ ନେଇ ସୃଷ୍ଟି ହୋଇଥିବା ବିଦ୍ରୋହ ଦାନା ବାନ୍ଧି ପ୍ରଚଣ୍ଡ ଘୂର୍ଣ୍ଣିଝଡ଼ ରୂପ ନେଇଛି । ଦଳର ଅସନ୍ତୁଷ୍ଟ କର୍ମୀ ଓ କର୍ମକର୍ତ୍ତା ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀ ଯାଏଁ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ଏହାକୁ ପ୍ରଶମିତ କରିବାରେ ରାଜ୍ୟ ନେତୃତ୍ୱ ଆପାତତଃ ବିଫଳ ହୋଇଛନ୍ତି। ତେଣୁ ବିଦ୍ରୋହ ଉପରେ ପରଦା ଢାଙ୍କିବା ଓ ନିଜର ଅପାରଗତାକୁ ଲୁଚାଇବା ପାଇଁ ବିଜେପି ନେତାମାନେ ହିଂସାକୁ ମାଧ୍ୟମ କରିଛନ୍ତି। ସାଧାରଣ ଲୋକ ଓ ବିଦ୍ରୋହୀଙ୍କୁ ଦମନ କରିବା ନିମନ୍ତେ ବିଜେପିର ନେତାମାନେ ରକ୍ତମୁଖା ହୋଇ ପଡ଼ିଛନ୍ତି। ଲୋକଙ୍କୁ ଭୟଭୀତ କରିବାକୁ ରାଜ୍ୟ ବିଜେପି ନେତାଏ ଚେଷ୍ଟା କରୁଥିବାର ଚିତ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି।

ପ୍ରଥମେ ଲୋକସଭା ଓ ପରେ ଗତ ୨ ତାରିଖରେ ବିଜେପି ପକ୍ଷରୁ ୧୧୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। ସେବେଠାରୁ ହାତଗଣତି କେତୋଟି ନିର୍ବାଚନମଣ୍ଡଳୀ ଛାଡ଼ି ସବୁଠାରେ ବିଦ୍ରୋହ ଦେଖାଦେଇଛି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଅସନ୍ତୁଷ୍ଟ ଓ ବିଦ୍ରୋହୀ ବିଜେପି କର୍ମୀ ରାଜ୍ୟ କାର୍ଯ୍ୟାଳୟକୁ ଆସି ନାରାବାଜି କରୁଛନ୍ତି। ପ୍ରାର୍ଥୀ ନ ବଦଳାଇଲେ ଚରମ ପରିଣତି ଭୋଗିବାକୁ ଧମକ ଦେଉଛନ୍ତି। ସେହିପରି ନିର୍ବାଚନମଣ୍ଡଳୀୱାରୀ ଘୋଷିତ ପ୍ରାର୍ଥୀଙ୍କୁ ବିରୋଧ ଜାରି ରହିଛି। ଆଜି ସୋର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ କଡ଼ା ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ। ଭଡାଟିଆ ରାଜୁ ଦାସ ହାଏ ହାଏ ନାରା ଦେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଜନପୁର ପଞ୍ଚାୟତରେ ରାଜୁଙ୍କ ବାଟ ଓଗାଳିଛନ୍ତି ବିଜେପି କର୍ମୀ। ସୋରରେ ବିଜେପିର ବହୁ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି। ମାତ୍ର ସେମାନଙ୍କୁ ଅଣଦେଖା କରାଯାଇ ଯାହାର ସ୍ଥାନୀୟ ଅଞ୍ଚଳରେ ସଂଗଠନ ନାହିଁ; ଲୋକେ ଯାହାକୁ ଚିହ୍ନି ନାହାନ୍ତି, ସେପରି ଜଣେ ଲୋକଙ୍କୁ ପ୍ରାର୍ଥୀ କରାଯାଇଛି। ତୁରନ୍ତ ପ୍ରାର୍ଥୀ ବଦଳ ନ କଲେ ସ୍ଥିତି ଭୟାଭୟ ହେବ ବୋଲି ସମର୍ଥକ ଚରମବାଣୀ ଶୁଣାଇଛନ୍ତି।

ସେହିପରି ବିଦ୍ରୋହୀଙ୍କ ଅସନ୍ତୋଷ ବଲାଙ୍ଗୀରରେ ମଧ୍ୟ ଦେଖିବାକୁ ମିଳିଛି। ବଲାଙ୍ଗୀର ବିଧାନସଭା ଆସନରୁ କଂଗ୍ରେସରୁ ଆସିଥିବା ଗୋପାଳଜୀ ପାଣିଗ୍ରାହୀଙ୍କୁ ଟିକଟ ମିଳିବା ପରେ ବିଦ୍ରୋହ ଆକାଶଛୁଆଁ ହୋଇଛି। ପ୍ରାର୍ଥିତ୍ୱକୁ ବିରୋଧ କରି ୧୦ ତାରିଖରେ ଜିଲ୍ଲା ବିଜେପି ସଭାପତି ପ୍ରଭାସ ପାଣିଗ୍ରାହୀ ଦଳ ଛାଡ଼ିଥିବା ବେଳେ ଆଜି ଅନ୍ୟତମ ଆଶାୟୀ ଅନନ୍ତ ଦାସଙ୍କ ଗୋଷ୍ଠୀ 'ଅଭିଶାପ ସମାବେଶ' କରିଛନ୍ତି। ଦଳୀୟ ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ପରାଜିତା ▶ପୃଷ୍ଠା-୯

## ଘରୋଇ ବସ୍ ମାଲିକଙ୍କ ମନମାନି

# ଲଗାମ ଛଡ଼ା ବସ୍ ଭଡ଼ା



ନିର୍ବାଚନ ସମୟରେ ଆହୁରି ବଢ଼ିବା ଆଶଙ୍କା

**ଭୁବନେଶ୍ୱର, ୧୨।୪ (ସମିସ):** ସରକାରୀ ଭାବେ ଧାର୍ଯ୍ୟ ଭଡ଼ା ଠାରୁ ବହୁ ଅଧିକ ଭଡ଼ା ନେଉଛନ୍ତି ଘରୋଇ ବସ୍। ଏସି, ଡିଲକ୍ସ ଏସି ଓ ଡିଲକ୍ସ ଏସି ସ୍ଲିପର ବସ୍‌ରେ ଯାତ୍ରା ବେଳେ ଶୋଷଣର ଶିକାର ହେଉଛନ୍ତି ଯାତ୍ରୀ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀମାନେ ଏସି ବସ୍‌କୁ ଅଧିକ ପସନ୍ଦ କରୁଛନ୍ତି। ସେହିପରି ଇଦ୍ ପର୍ବ ଓ ସାଧାରଣ ନିର୍ବାଚନ ଥିବାରୁ ବହୁ ଯାତ୍ରୀ ଘରମୁହାଁ ହୋଇଛନ୍ତି। ଏହାର ଫାଇଦା ନେଇ ବସ୍ ମାଲିକ ଓ କର୍ମଚାରୀ ମନଇଚ୍ଛା ଭଡ଼ା କଷୁଛନ୍ତି। ବସ୍ କଣ୍ଡକ୍ଟର ବା ତାଙ୍କ ଦ୍ୱାରା ନିଯୁକ୍ତ ଟିକଟ କାଉଣ୍ଟର କର୍ମଚାରୀଙ୍କ ପାଟିରୁ ଯାହା ବାହାରିଲା ତାହା ହିଁ ଭଡ଼ା। ନହେଲେ ଟିକଟ ମିଳିବା କଷ୍ଟ। ବିଭିନ୍ନ ବସ୍‌ରେ ଯାତ୍ରା ନିମନ୍ତେ ସରକାର ଭଡ଼ା ଧାର୍ଯ୍ୟ କରିଛନ୍ତି। ସମସ୍ତ ବସ୍‌ରେ ଭଡ଼ାର ସାରଣୀ (ରେଟ୍ ଚାର୍ଟ) ଲଗାଇବା ପାଇଁ ନିୟମ ମଧ୍ୟ ରହିଛି। ହେଲେ ଅନେକ ବସ୍‌ରେ ରେଟ୍ ଚାର୍ଟ ଲଗାଯାଉନାହିଁ। ସରକାରୀ ଭାବେ ନିର୍ଦ୍ଧାରିତ ହୋଇଥିବା ବସ୍ ଭଡ଼ା ଅନୁଯାୟୀ, ଏକ୍ସପ୍ରେସ୍ ବସ୍ ମଧ୍ୟରେ ଷ୍ଟାଣ୍ଡାର୍ଡ ଏସି ପାଇଁ କିଲୋମିଟର ପ୍ରତି ୯୨ ପଇସା ରହିଛି। ସେହିପରି ଡିଲକ୍ସ ଏସି ଓ ଡିଲକ୍ସ ଏସି ସ୍ଲିପର ପାଇଁ କିଲୋମିଟର ପିଛା ୧.୫୫ ଟଙ୍କା ନିର୍ଦ୍ଧାରଣ କରାଯାଇଛି। ▶ପୃଷ୍ଠା-୯

### ଶ୍ରୀମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶ ରୋକିବାକୁ ପଦକ୍ଷେପ

# ସିଂହଦ୍ୱାରରେ ଜଗିବେ ପ୍ରତିହାରୀ ସେବକ



**ପୁରୀ, ୧୨।୪ (ସମିସ):** ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁ ପ୍ରବେଶ କରୁଛନ୍ତି। ଯାହା ବିଧି ପରମ୍ପରା ବିରୋଧୀ। ପ୍ରତିଟି ଦ୍ୱାରରେ ସୁରକ୍ଷା କର୍ମୀ ନିୟୋଜିତ ହେଉଥିଲେ ହେଁ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିରକୁ ଅଣହିନ୍ଦୁ ପଶୁଛନ୍ତି। ନିକଟରେ ଶ୍ରୀମନ୍ଦିରକୁ ଏକାଧିକଥର ଅଣହିନ୍ଦୁଙ୍କ ପ୍ରବେଶ ପରେ ତତ୍ପର ହୋଇଛି ଶ୍ରୀମନ୍ଦିର ପ୍ରଶାସନ। ଏଣିକି ବଡ଼ଦେଉଳକୁ ଅଣହିନ୍ଦୁଙ୍କ ପ୍ରବେଶ ରୋକିବେ ସେବାୟତ। ଆସନ୍ତା ୧୪ ତାରିଖରୁ ଶ୍ରୀମନ୍ଦିର ସିଂହଦ୍ୱାରରେ ୨ଜଣ ଲେଖାଏଁ ପ୍ରତିହାରୀ ସେବକଙ୍କୁ ମୁତୟନ କରାଯିବ। ପ୍ରଥମ ପର୍ଯ୍ୟାୟରେ ସକାଳେ ୨ ଓ ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟାରେ ୨ ଜଣ ପ୍ରତିହାରୀ ସେବାୟତ ସିଂହଦ୍ୱାରରେ ରହିବେ। ପରବର୍ତ୍ତୀ ସମୟରେ ଚାରିଦ୍ୱାରରେ ପ୍ରତିହାରୀ ସେବକ ଜଗିବେ ବୋଲି ସୂଚନା ମିଳିଛି।

ପ୍ରତିହାରୀ ନିଯୋଗ ସମ୍ପାଦକ ରାମନାରାୟଣ ଗୋଚ୍ଛିକାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ପୂର୍ବରୁ ସିଂହଦ୍ୱାରରେ ପ୍ରତିହାରୀ ସେବା ରହିଥିଲା। ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଯାଇଥିଲା। କେବଳ ରଥଯାତ୍ରା ବେଳେ ସାମୟିକ ଭାବେ ଏହି ସେବା କରାଯାଉଥିଲା। ଏବେ ସିଂହଦ୍ୱାର ପ୍ରତିହାରୀ ସେବାକୁ ପୁନଃ ପ୍ରଚଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ପ୍ରଶାସନ ଓ ପ୍ରତିହାରୀ ନିଯୋଗ ମଧ୍ୟରେ ଆଲୋଚନା କରାଯାଇଛି। ▶ପୃଷ୍ଠା-୯

## ଲୋକକଥା



ଗୁଣ୍ଡାଗିରି କରି ଭାବିଚନ୍ତି କାଳେ  
ନିର୍ବାଚନ ହେବେ ପାରି,  
ଅଶାନ୍ତକୁ ସଙ୍ଗେ ଧରି ବୁଲୁଚନ୍ତି  
ମହତ ଦଉଚି ସାରି !  
ଚେତିଯିବେ ଗଲେ ହାରି,  
ସାମ୍ବାଦିକେ ମାଡ଼ ମହଙ୍ଗା ପଡ଼ିବ  
'ଫୁଲ' ନିତି ହୁଏ ବାରି !!

### ନବୀନ ନିବାସରେ ଅଭିନେତା, ଗୀତିକାର, କଳାକାର, ୟୁଟ୍ୟୁବର୍

# ଓଡ଼ିଶାର ବିକାଶ ଯାତ୍ରାରେ କଳାକାର ଅଭିଭୂତ



- ମୁଖ୍ୟମନ୍ତ୍ରୀଙ୍କୁ ଜ୍ଞାପନ କଲେ ହୃଦୟରୁ ଆନ୍ତରିକ କୃତଜ୍ଞତା
- ରାଜ୍ୟବାସୀଙ୍କୁ ଦେବେ ପ୍ରଗତି ଓ ରୂପାନ୍ତରଣର ବାର୍ତ୍ତା
- ଉପସ୍ଥାପନ କରିବେ ସଶକ୍ତ ଓଡ଼ିଶା ଗଠନର ରଣନୀତି

**ଭୁବନେଶ୍ୱର, ୧୨।୪ (ସମିସ):** ୨୦୨୪ରେ ବିଜେଡିର ବିପୁଳ ବିଜୟ ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ଅଣ୍ଟା ଭିଡିଛନ୍ତି ରାଜ୍ୟର କଳାକାର, ଗୀତିକାର, ଅଭିନେତାଗଣ। ଓଡ଼ିଶାର ବିକାଶ ଓ ରୂପାନ୍ତରଣ ଯାତ୍ରା ସେମାନଙ୍କୁ ଅଭିଭୂତ କରିଥିବା ଉଲ୍ଲେଖ କରି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ସହିତ ରାଜ୍ୟବ୍ୟାପୀ ବୁଲି ରାଜ୍ୟର ଜନସାଧାରଣଙ୍କ ନିକଟରେ ପ୍ରଗତି ଓ ରୂପାନ୍ତରଣ ବାର୍ତ୍ତା ପହଞ୍ଚାଇବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ସଶକ୍ତ ଓଡ଼ିଶା ଗଠନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନ କରିବାକୁ ପଣ କରିଛନ୍ତି। ଗତ ୫ ବର୍ଷ ଭିତରେ ରାଜ୍ୟରେ ହୋଇଥିବା '୫-ଟି' ରୂପାନ୍ତରଣ ଏବଂ ଆଗାମୀ ୧୦ ବର୍ଷରେ 'ନବୀନ ଓଡ଼ିଶା ସଶକ୍ତ ଓଡ଼ିଶା'ର ବାର୍ତ୍ତା ନେଇ ସେମାନେ ଜନତାଙ୍କ ପାଖକୁ ଯିବେ। ଓଡ଼ିଶା କିପରି ଅଭୂତପୂର୍ବ ▶ପୃଷ୍ଠା-୯

### ଅଂଶୁଘାତକୁ ନେଇ ସଜାଗ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ

# ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର, ୧୨।୪ (ସମିସ):** ଆସନ୍ତା ସାଧାରଣ ନିର୍ବାଚନ ବେଳେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କ୍ୟାସଲେସ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଦାୟିତ୍ୱ ସମ୍ପାଦନ ବେଳେ ଯଦି କେହି କର୍ମଚାରୀ ଅଂଶୁଘାତର ଶିକାର ହୁଅନ୍ତି, ତାହେଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଉପରୋକ୍ତ ଚିକିତ୍ସା ସୁବିଧା ମିଳିବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁବନ୍ଧିତ ରାଜ୍ୟର ସମସ୍ତ ଘରୋଇ ଚିକିତ୍ସାଳୟକୁ ଚିଠି ଲେଖାଯାଇଛି। ତେବେ ଏଥିପାଇଁ ସଂପୃକ୍ତ ପୋଲିଂ କର୍ମଚାରୀଙ୍କୁ ନିର୍ବାଚନ କାଳୀନ ଡ୍ୟୁଟି ସଂକ୍ରାନ୍ତୀୟ ନିଯୁକ୍ତି ପତ୍ରକୁ ହସ୍ପିଟାଲରେ ଦାଖଲ କରିବାକୁ ପଡ଼ିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ମେ ୧୩ ତାରିଖରୁ ଜୁନ୍ ୧ ତାରିଖ ମଧ୍ୟରେ ମୋଟ ୪ଟି ପର୍ଯ୍ୟାୟରେ ମତଦାନ ହେବ। ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ତାରିଖ ଅନୁସାରେ ମେ ୧୩, ୨୦, ୨୫ ଓ ଜୁନ ୧ରେ ▶ପୃଷ୍ଠା-୯

● ପଶ୍ଚିମବଙ୍ଗ ଶିକ୍ଷକ ଦୁର୍ନୀତି ମାମଲା

## ୨୩୦ କୋଟି ଟଙ୍କାର ସମ୍ପତ୍ତି ଜବତ

କୋଲକାତା, ୧୨।୪ (ଏଜେନ୍ସି):ପଶ୍ଚିମବଙ୍ଗ ଶିକ୍ଷକ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୋଲକାତାର ଆଞ୍ଚଳିକ ଟିମ୍ ପ୍ରସନ୍ନ କୁମାର ରୟ ଏବଂ ଶାନ୍ତି ପ୍ରସାଦ ସିହ୍ନାଙ୍କ ୨୩୦.୬ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଜବତ କରିଛି। ପ୍ରସନ୍ନଙ୍କ ନାମରେ ପାଥରଘାଟାରେ ଥିବା ପ୍ରାୟ ୯୬ କୋଟା (ପଶ୍ଚିମବଙ୍ଗରେ ଜମି ମାପର ଏକକ), ସୁଲଥାନପୁରରେ ୧୧୭ କୋଟା, ମହେଶତଲାରେ ୨୮୨ କୋଟା ଏବଂ କୋଲକାତାର ନ୍ୟୁ ଟାଉନରେ ୧୩୬ କୋଟା ଜମି ଜବତ ହୋଇଛି। ସେହିପରି ପ୍ରସାଦଙ୍କ ଜବତ ସମ୍ପତ୍ତି ମଧ୍ୟରେ ଅମ୍ବୁଜା ହାଉସିଂ, ପୂର୍ବ ଜାଦବପୁର, କୋଲକାତାରେ ଥିବା ଏକ ବେନାମୀ ଫ୍ଲାଟ, କପାସତିରେ ଥିବା ୨ଟି ପ୍ଲଟ୍ ସାମିଲ ରହିଛି। ଏବେ ଉଭୟେ ଇଡି ହେପାଜତରେ ଅଛନ୍ତି। ଏହା ପୂର୍ବରୁ ପ୍ରାଥମିକ ଶିକ୍ଷକ ନିଯୁକ୍ତିର ଅନ୍ୟ ଏକ ମାମଲାରେ ଇଡି ୧୩୫ କୋଟିର ସମ୍ପତ୍ତି ଜବତ କରିଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ପ୍ରାୟ ୩୬୫.୬୦ କୋଟି ଟଙ୍କାର ସମ୍ପତ୍ତି ଜବତ କରାଗଲାଣି।

## ସିବିଆଇ ହେପାଜତକୁ ଗଲେ କବିତା

ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ୧୫ ତାରିଖ ପର୍ଯ୍ୟନ୍ତ ସିବିଆଇ ହେପାଜତକୁ ପଠାଇ ଦେଇଛନ୍ତି। ତେବେ ସିବିଆଇ ୫ ଦିନ ପାଇଁ ରିମାଣ୍ଡ ମାଗିଥିଲା। ସିବିଆଇ ପକ୍ଷରୁ କୁହାଯାଇଛି ଯେ ମଦ ଦୁର୍ନୀତି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ପାଇଁ କବିତାଙ୍କୁ ସାକ୍ଷୀଙ୍କ ସହ ମୁହାଁମୁହିଁ କରାଇବା ଜରୁରୀ। ସେ ଆପ୍‌ର ଲାଞ୍ଚ କାରବାର ସମ୍ବନ୍ଧରେ ସନ୍ତୋଷମୂଳକ ଉତ୍ତର ଦେଇନାହାନ୍ତି। ଅନ୍ୟପକ୍ଷରେ କବିତାଙ୍କ ଓକିଲ ଏହି କାର୍ଯ୍ୟାନୁଷ୍ଠାନକୁ ବେଆଇନ କହିଛନ୍ତି। ଯାଞ୍ଚ ଏଜେନ୍ସି ମୌଳିକ ଅଧିକାରର ଉଲ୍ଲଘଂନ କରିଥିବା କହିଥିଲେ। କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ।

● ପ୍ରଚାରରେ ମୋଦୀଙ୍କ ଫଟୋ ବ୍ୟବହାର

## ସ୍ୱାଧୀନ ପ୍ରାର୍ଥୀଙ୍କ ବିରୋଧରେ ବିଜେପି ଇସିଙ୍କ ଦ୍ୱାରସ୍ଥ

ବେଙ୍ଗାଲୁରୁ, ୧୨।୪(ଏଜେନ୍ସି): କର୍ଣ୍ଣାଟକର ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ବିଜେପିରୁ ସଦ୍ୟ ନିଲମ୍ବିତ ହୋଇଥିବା କେଏସ ଇଶ୍ୱରାପ୍ପା ସ୍ୱାଧୀନ ପ୍ରାର୍ଥୀ ଭାବେ ଶିବମୋଗା ଆସନରୁ ଲୋକସଭା ନିର୍ବାଚନ ଲଢୁଥିବା ସତ୍ତ୍ୱେ ନିଜ ନିର୍ବାଚନ ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ବ୍ୟବହାର କରୁଥିବାରୁ ବିଜେପି ନିର୍ବାଚନ କମିଶନଙ୍କୁ ଆପତ୍ତି ଜଣାଇଛି। ଇଶ୍ୱରାପ୍ପା ତାଙ୍କ ନିର୍ବାଚନ ପ୍ରଚାରରେ ଯେପରି ମୋଦୀଙ୍କର ଫଟୋ ବ୍ୟବହାର ନକରନ୍ତି ତାହା ନିଶ୍ଚିତ କରାଇବାକୁ ନିର୍ବାଚନ କମିଶନଙ୍କଠାରେ ବିଜେପି ଦାବି କରିଛି। ନିର୍ବାଚନ କମିଶନଙ୍କୁ ଲିଖିତ ଆପତ୍ତି କରି ବିଜେପି ଜଣାଇଛି ଯେ ଶିବମୋଗା ଲୋକସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଇଶ୍ୱରାପ୍ପା ତାଙ୍କ ପ୍ରଚାରରେ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ବ୍ୟବହାର କରି ଭୋଟରଙ୍କୁ ସେ ମୋଦୀଙ୍କ ତରଫରୁ ଲଢୁଥିବା ଧାରଣା ଜନ୍ମାଇ ଭ୍ରମିତ କରୁଛନ୍ତି। ମୋଦୀଙ୍କ ଫଟୋ ଧରି ସେ ଲୋକଙ୍କୁ ଜଣାଉଛନ୍ତି ଯେ ସେ ବିଜେପିରେ ଅଛନ୍ତି ଓ ବିଜେପିର ଅଂଶ ଯାହା ତଥ୍ୟଗତ ଭାବେ ଠିକ୍ ନୁହେଁ। ଏପରି ଭ୍ରମ ସୃଷ୍ଟିକରି ସେ ବିଜେପିର ଭୋଟ କମାଇବାକୁ, ନଷ୍ଟ କରିବାକୁ ଚାହିଁଛନ୍ତି। ଶିବମୋଗାରେ ବିଜେପି ବିୱାଇ ରାଘବେନ୍ଦ୍ରଙ୍କୁ ପ୍ରାର୍ଥୀ କରିଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ଇଶ୍ୱରାପ୍ପା ବିଜେପି ପ୍ରାର୍ଥୀ ରାଘବେନ୍ଦ୍ରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାରେ ଥାଇ ମୋଦୀଙ୍କ ଫଟୋ ନେଇ ପ୍ରଚାର କରିବା ଅର୍ଥ ସାଧାରଣ ଜନତାଙ୍କୁ ଧୋକା ଦେବା ଭଳି ଅପରାଧ କରିବା। ଇଶ୍ୱରାପ୍ପାଙ୍କ ଏହି କାର୍ଯ୍ୟ ଶିବମୋଗା ଆସନର ଫଳକୁ ପ୍ରଭାବିତ କରିବ। ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଅତ୍ୟନ୍ତ ଲୋକପ୍ରିୟ ଅଟନ୍ତି। ସେ ଦେଶର ଛବି ଓ ସମ୍ମାନକୁ ବହୁ ଉଚ୍ଚକୁ ନେଇଛନ୍ତି। ସେ ଏବେ ବିଶ୍ୱର ଅନ୍ୟତମ ତୁଙ୍ଗ ନେତାଙ୍କ ମାନ୍ୟତା ପାଉଛନ୍ତି। ନିର୍ବାଚନ ବେଳେ ମୋଦୀ ସରକାରଙ୍କ ସଫଳତାର ସମାଚାର ପ୍ରଚାର ବେଶ୍ ମହତ୍ତ୍ୱପୂର୍ଣ୍ଣ। ତେଣୁ ନିର୍ବାଚନ ପ୍ରଚାରରେ ମୋଦୀଙ୍କ ଫଟୋର ବ୍ୟବହାରର ଅଧିକାର କେବଳ ବିଜେପିର, ବିଜେପି ପ୍ରାର୍ଥୀଙ୍କର ଓ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀଙ୍କର ରହିବା କଥା। ବିଜେପି ପ୍ରାର୍ଥୀଙ୍କ ବିପକ୍ଷରେ ଲଢୁଥିବା ପ୍ରାର୍ଥୀଙ୍କର ପ୍ରଚାରରେ ମୋଦୀଙ୍କ ଫଟୋ ବ୍ୟବହାର କରିବାର କୌଣସି ହକ୍ ନାହିଁ। ସ୍ୱାଧୀନ ପ୍ରାର୍ଥୀ ଇଶ୍ୱରାପ୍ପା ବିଜେପିର ତୁଙ୍ଗ ନେତା ମୋଦୀଙ୍କ ଫଟୋ ନେଇ ନିଜ ପ୍ରଚାରକୁ ବାହାରିବା ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି।

ଯୁଦ୍ଧ ଭୟ: ନାଗରିକଙ୍କ ପାଇଁ ଭାରତର ମାର୍ଗଦର୍ଶିକା

# ଇସ୍ରାଏଲ, ଇରାନ ଯାଆନାହିଁ

■ ଇସ୍ରାଏଲ ଉପରେ ଆକ୍ରମଣ କରିବ ଇରାନ !

■ ଦୂତାବାସ ସହ ଯୋଗାଯୋଗ କରିବାକୁ ପରାମର୍ଶ

■ ଜରୁରୀ ନ ହେଲେ ବାହାରକୁ ବାହାରନ୍ତୁ ନାହିଁ

■ ଚୀନ୍-ସାଉଦିକୁ ସହାୟତା ମାଗିଲା ଆମେରିକା

■ ମୁହାଁମୁହିଁ ହେବାକୁ ନ ଦେବା ପାଇଁ ଅନୁରୋଧ

ତେଲ ଆଭିଭ, ୧୨।୪ (ଏଜେନ୍ସି)

ବିଶ୍ୱରେ ପୁଣି ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ରୁଷ୍-ୟୁକ୍ରେନ, ଇସ୍ରାଏଲ୍-ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ଚରମ ସ୍ଥିତିରେ ପହଞ୍ଚି ଯାଇଛି। ୪୮ ଘଣ୍ଟା ମଧ୍ୟରେ ଯେକୌଣସି ସମୟରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଯଦି ଏପରି ହୁଏ ତେବେ ଇସ୍ରାଏଲକୁ ଉଭୟ ପଟୁ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିବ। ଏପରି ସମୟରେ ଭାରତ ସମେତ ଆମେରିକା, ବ୍ରିଟେନ, ଫ୍ରାନ୍ସ ଏବଂ ରୁଷ୍ ନିଜ ନାଗରିକଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିରେ ନାଗରିକଙ୍କୁ ଇସ୍ରାଏଲ ଏବଂ ଇରାନ ନ ଯିବା ପାଇଁ ପରାମର୍ଶ ଦେଇଛନ୍ତି। ଭାରତ ପକ୍ଷରୁ ଶୁକ୍ରବାର ଜାରି ମାର୍ଗଦର୍ଶିକାରେ କୁହାଯାଇଛି ଯେ ଆଗାମୀ ସୂଚନା ପର୍ଯ୍ୟନ୍ତ ଭାରତୀୟ ନାଗରିକ ଇରାନ ଏବଂ ଇସ୍ରାଏଲ ଯାତ୍ରା ନ କରନ୍ତୁ। ଉଭୟ ଦେଶରେ ରହୁଥିବା ନାଗରିକ ସେଠାକାର ଦୂତାବାସ ସହ ତୁରନ୍ତ ଯୋଗାଯୋଗ କରି ପଞ୍ଜିକରଣ କରାଇ ନିଅନ୍ତୁ। ସମସ୍ତେ ନିଜ ସୁରକ୍ଷାକୁ ଧ୍ୟାନରେ ରଖନ୍ତୁ। ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ମଧ୍ୟ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଏପ୍ରିଲ ୧ରେ ଇସ୍ରାଏଲ ସିରିଆ ସ୍ଥିତ ଇରାନ ଦୂତାବାସ ନିକଟରେ ଏୟାର ଷ୍ଟ୍ରାଇକ କରିଥିଲା। ଏଥିରେ ଇରାନ ୨ ଜଣ ପ୍ରମୁଖ କମାଣ୍ଡରଙ୍କ ସମେତ ୧୩ ଜଣ ଲୋକ ପ୍ରାଣ ହରାଇ ଥିଲେ। ଏହାକୁ ନେଇ ଦୁଇ





ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ପରେ ଇରାନ ପ୍ରତିଶୋଧ ନେବ ବୋଲି ଇସ୍ରାଏଲକୁ ଧମକ ଦେଇଥିଲା। ଏହା ମଧ୍ୟରେ ଆମେରିକା ଖବରକାଗଜ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସଜେ) ପକ୍ଷରୁ ଦାବି କରାଯାଇଛି ଯେ ଇରାନ ଆଗାମୀ ଦୁଇ ଦିନ ମଧ୍ୟରେ ଇସ୍ରାଏଲ ଉପରେ ଆକ୍ରମଣ କରିପାରେ। ଗୁଇନ୍ଦା ସୂତ୍ରରୁ ଏହି ସୂଚନା ମିଳିଥିବା କୁହାଯାଇଛି। ଇରାନ ଅଧିକାରୀଙ୍କ ଆଧାରରେ କୁହାଯାଇଛି ଯେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଖାମେନେଇ ଆକ୍ରମଣର ଯୋଜନା ବିଷୟରେ ଜଣାଇଛନ୍ତି। ସେ ଏହାର ପ୍ରଭାବ ଆକଳନ କରୁଛନ୍ତି। ତେବେ ବର୍ତ୍ତମାନ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଏହା ମଧ୍ୟରେ ଇସ୍ରାଏଲ ଉତ୍ତର ଏବଂ ପଶ୍ଚିମ ଭାଗରେ ଇରାନ ଆକ୍ରମଣର ମୁକାବିଲା କରିବାକୁ ପ୍ରସ୍ତୁତି କରୁଛି।

ଅନ୍ୟପକ୍ଷରେ ଉତ୍ତେଜନାକୁ ଦେଖି ଆମେରିକା ବିଦେଶ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ସାଉଦି ଆରବ, ଚୀନ୍, ତୁର୍କୀ ଏବଂ ଅନେକ ୟୁରୋପୀୟ ଦେଶର ବିଦେଶ ମନ୍ତ୍ରୀଙ୍କ ସହ ଫୋନ୍ ବାର୍ତ୍ତାଳାପ କରିଛନ୍ତି। ଇସ୍ରାଏଲ ଉପରେ ଆକ୍ରମଣ ନ କରିବା ପାଇଁ ଇରାନକୁ ମନାଇବାକୁ ସମସ୍ତଙ୍କୁ କହିଛନ୍ତି। ଆମେରିକା ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ମାଥ୍ୟୁ ମିଲର କହିଛନ୍ତି ଯେ ବିବାଦକୁ ଉସୁକାଇବା କାହାର ସ୍ୱାର୍ଥରେ ନାହିଁ। ଏହା ପୂର୍ବରୁ ଆମେରିକା ଗୁରୁବାର ଇସ୍ରାଏଲରେ କାମ କରୁଥିବା ନିଜ ନାଗରିକ ଏବଂ କୂଟନୀତିଜ୍ଞଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଥିଲା। ଜେରୁଜେଲମ, ତେଲ ଆଭିଭ ଏବଂ ବୀରସେବା ସହରରୁ ବାହାରକୁ ବାହାରିବା ସମୟରେ ସାବଧାନତା ଅବଲମ୍ବନ କରିବାକୁ କହିଥିଲା। ରିପୋର୍ଟ ଅନୁଯାୟୀ ଇସ୍ରାଏଲ-ହମାସ ଯୁଦ୍ଧର ୬ ମାସ ମଧ୍ୟରେ ପ୍ରଥମ ଥର ପାଇଁ ଆମେରିକା ନିଜ ନାଗରିକଙ୍କ ନିମନ୍ତେ ଏପରି ମାର୍ଗଦର୍ଶିକା ଜାରି କରିଛି। ଉତ୍ତର-ପୂର୍ବରେ ଆଉ ଏକ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ମଧ୍ୟରେ ଆମେରିକା ସେଣ୍ଟ୍ରାଲ କମାଣ୍ଡର ଜେନେରାଲ ମାଇକେଲ କୁରିଲା ଗୁରୁବାର ଇସ୍ରାଏଲ ପହଞ୍ଚିଛନ୍ତି। ସେ ଇରାନ ଆକ୍ରମଣ ସ୍ଥିତିରେ ଇସ୍ରାଏଲକୁ ପଥ ପ୍ରଦର୍ଶନ କରିବେ ବୋଲି କୁହାଯାଉଛି। ସେ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଯୋଭ ଗାଲେଣ୍ଟ ଏବଂ ଡିଫେନ୍ସ ଫୋର୍ସ (ଆଇଡିଏଫ) ର ଅଧିକାରୀଙ୍କୁ ମଧ୍ୟ ଭେଟିଥିଲେ।

## ସନ୍ଦେହଜନକ ସ୍ଥିତିରେ ଆଇଆଇଟି ଛାତ୍ରଙ୍କ ମୃତ୍ୟୁ



ଗୌହାଟୀ, ୧୨।୪ (ଏଜେନ୍ସି): ଆଇଆଇଟି ଗୌହାଟୀ ଛାତ୍ରାବାସରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ହୋଇଛି। ବିହାର ସମସ୍ତିପୁର ଜିଲ୍ଲା ମହୋନପୁର ଗ୍ରାମର ସୌରଭ (୨୦) ବି.ଟେକ୍ ପ୍ରଥମ ବର୍ଷ (କମ୍ପ୍ୟୁଟର ସାଇନ୍ସ) ର ଛାତ୍ର ଥିଲେ। ସେ ଆତ୍ମହତ୍ୟା କରିଥିବା ପୁଲିସ ଆଶଙ୍କା କରୁଛି। ତେବେ ର୍‍ୟାଗିଂ ପରେ ପୁଅକୁ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଆଇଆଇଟି ପ୍ରଶାସନ ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାକୁ ପ୍ରୟାସ କରୁଛି। ଏଠାରେ ଅନେକ ଥର ପୁଅକୁ ର୍‍ୟାଗିଂ କରାଯାଇଥିଲା। କିନ୍ତୁ ପ୍ରତିଷ୍ଠାନ ଏଥିପ୍ରତି ଧ୍ୟାନ ଦେଇ ନ ଥିଲା। ପୁଲିସ ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ସହଯୋଗୀ କ୍ଲାସ୍ କରିବାକୁ ଯାଇଥିବାବେଳେ ସେ ଆତ୍ମହତ୍ୟା କରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଇଛି। ଏହା ପୂର୍ବରୁ ଜାନୁଆରୀରେ ଆଉ ଜଣେ ଛାତ୍ର ନିଜ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଥିଲେ।

ସଂକ୍ରମିତ ରକ୍ତରୁ ବାୟୁ ସୈନିକଙ୍କୁ ହୋଇଥିଲା ଏଚ୍ଆଇଭି

## ୧.୫ କୋଟି ଦେବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି)

କେନ୍ଦ୍ର ସରକାରଙ୍କ ସମୀକ୍ଷା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ ଏଚ୍ଆଇଭିରେ ଆକ୍ରାନ୍ତ ହୋଇଥିବା ବାୟୁ ସୈନିକଙ୍କୁ ୧.୫ କୋଟି ଟଙ୍କା ପ୍ରଦାନ କରିବାକୁ କେନ୍ଦ୍ର ଏବଂ ବାୟୁସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ବାୟୁସେନାର ପୂର୍ବତନ କର୍ପୋରାଲଙ୍କୁ ଦିଆଯିବାର ଥିଲା। ଏହି ବାୟୁ ସୈନିକଙ୍କୁ ୨୦୦୨ରେ ଏକ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ଦିଆଯାଇଥିବା ସଂକ୍ରମିତ ରକ୍ତ ଦ୍ୱାରା ତାଙ୍କୁ ଏଚ୍ଆଇଭି ହୋଇଥିଲା। ତେବେ କେନ୍ଦ୍ର ଗତ ବର୍ଷ ସେପ୍ଟେମ୍ବର ୨୬ରେ ଏହା ବିରୋଧରେ ସମୀକ୍ଷା ଆବେଦନ ଦାଏର କରିଥିଲା। କୋର୍ଟ ଏହି ମାମଲାରେ ଉଚ୍ଚ ସୁରକ୍ଷା ମାନ ସୁନିଶ୍ଚିତ କରିବାରେ ମେଡିକାଲ ବିଫଳ ହୋଇଥିବା ଜଣା ପଡ଼ିଥିଲା। ଅବହେଳା ପାଇଁ କୋର୍ଟ ମେଡିକାଲକୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨୦୧୬ରେ ଅବସରଗ୍ରହଣ କରିଥିବା ଏହି ବାୟୁ ସୈନିକଙ୍କୁ ମାଗଣା ଚିକିତ୍ସା ସହାୟତା ଏବଂ ବିକଳାଙ୍ଗ ଭତ୍ତା ସହିତ ଅନ୍ୟାନ୍ୟ ସୁବିଧା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ୩ ତାରିଖରେ ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ପିବି ବରାଲେଙ୍କ ଖଣ୍ଡପୀଠ କହିଥିଲେ ଯେ କୋର୍ଟଙ୍କ ନିର୍ଦ୍ଦେଶରେ କୌଣସି ତ୍ରୁଟି ନାହିଁ। ତେଣୁ ପୁର୍ନବିଚାରର ଆବଶ୍ୟକତା ନାହିଁ। କୋର୍ଟ ତୁରନ୍ତ ସମସ୍ତ ସୁବିଧା ବାୟୁ ସୈନିକଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାମେଶ୍ୱରମ୍ କାଫେ ବିସ୍ଫୋରଣ: ୨ ଅଭିଯୁକ୍ତ ଗିରଫ

କୋଲକାତା, ୧୨।୪(ଏଜେନ୍ସି)

ରାମେଶ୍ୱରମ୍ କାଫେରେ ଗତ ମାର୍ଚ୍ଚ ୧ ତାରିଖରେ କମ୍ ଶକ୍ତିଶାଳୀ ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋସିଭ୍ ଡିଭାଇସ(ଆଇଇଡି) ବିସ୍ଫୋରଣ ଘଟାଇଥିବା ଦୁଇ ଅପରାଧୀ ମୁସାଭିର ହୁସେନ ସାଜିବ ଓ ଅବଦୁଲ ମାଥିନ ଟାହାଙ୍କୁ ଆଜି ପ୍ରତ୍ୟୁଷରେ ଜାତୀୟ ତଦନ୍ତ ସଂସ୍ଥା(ଏନଆଇଏ) କୋଲକାତାରୁ ଗିରଫ କରିଛି। ଏନଆଇଏ ପକ୍ଷରୁ କୁହାଯାଇଛି ଯେ ମୁସାଭିର ହୁସେନ ସାଜିବ ହେଉଛି ବିସ୍ଫୋରଣର ମାଷ୍ଟରମାଇଣ୍ଡ ଓ ସେ ନିଜେ ରାମେଶ୍ୱରମ୍ କାଫେରେ ଆଇଇଡି ଥିବା ବ୍ୟାଗ୍ ରଖିଥିଲା। ଅବଦୁଲ ମାଥିନ ଟାହା ବିସ୍ଫେରଣ ଷଡ଼ଯନ୍ତ୍ରରେ ସାମିଲ ଥିଲା। ଦୁହେଁ କର୍ଣ୍ଣାଟକର ଶିବମେଗୋ ଜିଲ୍ଲାସ୍ଥ ତୀର୍ଥହାଲ୍ଲି ସହରର ବାସିନ୍ଦା। ଉଭୟେ ହେଉଛନ୍ତି ଆତଙ୍କୀ ସଂଗଠନ ଇସଲାମିକ୍ ଷ୍ଟେଟ୍(ଆଇଏସ) ଶିବମୋଗା ମଡ୍ୟୁଲ ଓ ତୀର୍ଥହାଲ୍ଲି ମଡ୍ୟୁଲର ସଦସ୍ୟ। ସେମାନେ କର୍ଣ୍ଣାଟକ ଘଞ୍ଚ ଅରଣ୍ୟରେ ଇସଲାମିକ୍ ଷ୍ଟେଟ୍ ଖଲିଫେଟ୍ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖିଛନ୍ତି। ଆଇଏସ ମଡ୍ୟୁଲର ସଦସ୍ୟ ହେବା ପୂର୍ବରୁ ଉଭୟେ ଅନ୍ୟ ଏକ ଆତଙ୍କୀ ସଂଗଠନ 'ଅଲ ହିନ୍ଦ୍' ମଡ୍ୟୁଲର ସଦସ୍ୟ ଥିଲେ। ଉଭୟେ ୨୦୨୦ରୁ ଏନଆଇଏ ଓ ଅନ୍ୟ ଯାଞ୍ଚ ଏଜେନ୍ସିର ରାଡରରେ ଥିଲେ। ତାମିଲନାଡୁ-କେରଳ ସୀମାରେ ୨୦୨୦ରେ ସ୍ୱତନ୍ତ୍ର ସବ୍-ଇନ୍ସପେକ୍ଟର





ଏ ୱିଲସନଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ସେହି ମାମଲାର ତଦନ୍ତ ବେଳେ ସାଜିବ ଓ ଟାହା-ଦୁହିଁଙ୍କର ନାମ ଉଠିଥିଲା। ରାମେଶ୍ୱରମ୍ କାଫେ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଖବର ଦେଲେ ଖବରଦାତାଙ୍କ ପରିଚୟ ଗୋପନ ରଖାଯିବ ଓ ତାଙ୍କୁ ୧୦ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଏନଆଇଏ ପକ୍ଷରୁ ଘୋଷଣା କରାଯାଇଥିଲା। ସେଣ୍ଟ୍ରାଲ କ୍ରାଇମ୍ ବ୍ରାଞ୍ଚ ଓ ଏନଆଇଏ ସନ୍ଦିଗ୍ଧ ଅପରାଧୀକୁ ଖୋଜିବାରେ ଲାଗିଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଏନଆଇଏ ଏହି ବିସ୍ଫୋରଣ ଘଟଣାର ତଦନ୍ତ ଭାର ହାତକୁ ନେଇଥିଲା। ମାର୍ଚ୍ଚ ୧ ତାରିଖରେ ରାମେଶ୍ୱରମ୍ କାଫେରେ ମଧ୍ୟାହ୍ନ ଭୋଜନ ପାଇଁ ଗହଳି ଲାଗିଥିବା ବେଳେ ଅଚାନକ ବିସ୍ଫୋରଣ ଘଟି ଅନ୍ୟୂନ ୧୦ଜଣ ଗ୍ରାହକ ଆହତ ହୋଇଥିଲେ। ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା ଯେ ବିସ୍ଫେରଣ ଘଟିବାର ଘଣ୍ଟାକ ପୂର୍ବରୁ ଜଣେ ବ୍ୟକ୍ତି କାଫେରେ ପ୍ରବେଶ କରି ରାୱା ଇଡଲୀ ଏକ ପ୍ଲେଟ ପାଇଁ ଅର୍ଡର ଦେଇଥିଲା, କିନ୍ତୁ ତାହା ନଖାଇ କିମ୍ବା ନନେଇ ସେ ଆସିବାର କିଛି ମିନିଟ ପରେ ହିଁ କାଫେରୁ ବାହାରକୁ ଚାଲିଯାଇଥିଲା। ଯିବା ପୂର୍ବରୁ ସେ କାଫେରେ ଟାଇମର ଯୁକ୍ତ ଆଇଇଡି ଥିବା ବ୍ୟାଗ୍ ଛାଡ଼ିଯାଇଥିଲା।

ପତଞ୍ଜଳୀ ମାମଲାରେ ସୁପ୍ରିମକୋର୍ଟଙ୍କ ଉକ୍ତି 'ତୁମକୁ ଚିରିଫାଡ଼ି ଦେବୁ'

## ନାପସନ୍ଦ କଲେ ପୂର୍ବତନ, କାର୍ଯ୍ୟରତ ବିଚାରପତି

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ବାବା ରାମଦେବଙ୍କ ପତଞ୍ଜଳି କମ୍ପାନୀ ଭ୍ରମସୃଷ୍ଟିକାରୀ ବିଜ୍ଞାପନ ଦେଉଥିବା, ଏଲୋପାଥିକ୍ ଚିକିତ୍ସା ବ୍ୟବସ୍ଥାକୁ ଅସାର କହୁଥିବା ଓ ଅଦାଲତ ଅବମାନନା କରିଥିବା ମାମଲାରେ ସୁପ୍ରମକୋର୍ଟ ବିଚାରପତି ଅସାନୁଦ୍ଦିନ ଅମାନୁଲ୍ଲା ଉତ୍ତରାଖଣ୍ଡ ସରକାରଙ୍କୁ ଦାୟିତ୍ୱ ନିର୍ବାହନରେ ଗୁରୁତର ଅବହେଳା ନିମନ୍ତେ ଭର୍ତ୍ସନା କରିବାକୁ ଯାଇ ଆମେ ତୁମକୁ ଚିରିଫାଡ଼ି ଦେବୁ (ଉଇ ୱିଲ୍ ରିପ୍ ୟୁ ଏପାର୍ଟ) ବୋଲି ଯେଉଁ ରୁକ୍ଷ, ଉଗ୍ର ତଥା କଠୋର ବଚନ କହିଥିଲେ ତାହାକୁ ଅନେକ ପୂର୍ବତନ ତଥା ଅବସରପ୍ରାପ୍ତ ବିଚାରପତି, ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନବିଚାରପତି ଓ ସୁପ୍ରମକୋର୍ଟର କେତେକ କାର୍ଯ୍ୟରତ ବିଚାରପତି ନାପସନ୍ଦ କରିଛନ୍ତି। ସେମାନେ ମତବ୍ୟକ୍ତ କରିଛନ୍ତି ଯେ ଅଦାଲତଙ୍କ ବିଚାରଣା କାର୍ଯ୍ୟରେ ସମ୍ଭ୍ରମତା, ସଂଯମତା ରକ୍ଷାପୂର୍ବକ ଆଇନସଙ୍ଗତି, ସମ୍ବିଧାନସଙ୍ଗତି ଓ ଆଇନର ଶାସନକୁ ନେଇ ନିରାସକ୍ତ, ନିରୋଳା ତର୍କ ଅନୁସୃତ ହେବା ବିଧେୟ। ଅଦାଲତ ଅବମାନନା ଆଇନର ପ୍ରାବଧାନ ଏଥିପାଇଁ ଯେ ଆଇନର ଶାସନ ଯଥାର୍ଥ ଭାବେ ଲାଗୁ ହେବ, ଅଦାଲତଙ୍କ ସମ୍ମାନ ଅକ୍ଷୁଣ୍ଣ ରହିବ ଓ ଅଦାଲତଙ୍କ ଆଦେଶ ପୂର୍ଣ୍ଣତଃ ପାଳିତ ଓ ମାନ୍ୟ ହେବ। ଉଇ ୱିଲ୍ ରିପ୍ ୟୁ ଏପାର୍ଟ ଜଣେ ବିଜ୍ଞ, ସମ୍ମାନାସ୍ପଦ ବିଚାରପତିଙ୍କ ଅଦାଲତୀ ଭାଷା ଓ ଭାଷ୍ୟ ହୋଇନପାରେ। ଏହା ସାହିଗଳିର ଲଫଙ୍ଗା, ଦୁଷ୍ଟର ଧମକଦିଆ ଭାଷା ଭଳି ଲାଗୁଛି। ବିଚାରପତି ଅସାନୁଦ୍ଦିନ ଅମାନୁଲ୍ଲା ଦୁଇଟି ସୁପ୍ରିମକୋର୍ଟ ରାୟ କ୍ରିଷ୍ଣାସ୍ୱାମୀ ବନାମ ଭାରତ ସରକାର(୧୯୯୨) ଓ ସି ରବିଚନ୍ଦ୍ରନ ଆୟାର ବନାମ ଜଷ୍ଟିସ୍ ଏଏମ୍ ଭଟ୍ଟାଚାର୍ଯ୍ୟ(୧୯୯୫) ଅଧ୍ୟୟନ କରିବା ଉଚିତ। କ୍ରିଷ୍ଣାସ୍ୱାମୀ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟରେ କୁହାଯାଇଛି ଯେ ସାମ୍ବିଧାନିକ ଖଣ୍ଡପୀଠର ଜଣେ ବିଚାରପତିଙ୍କ ଅଦାଲତରେ କିମ୍ବା ଅଦାଲତ ବାହାରେ ଆଚରଣ ଓ ଉଚ୍ଚାରଣ ଜଣେ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ବହୁ ଅଧିକ ଶାଳୀନ, ଭଦ୍ର ଓ ଉଚ୍ଚକୋଟୀର ହେବା ଆଶା କରାଯିବ। ବିଚାରପତିଙ୍କ ଭାବପ୍ରକାଶର ଭାଷା ରୁକ୍ଷ ଓ କଠୋର ହେଲେ ଅଦାଲତଙ୍କ ପ୍ରତି ଲୋକଙ୍କର ଅଖଣ୍ଡ ବିଶ୍ୱାସ ଓ ଆସ୍ଥା ହ୍ରାସ ପାଇଥାଏ। ବିଚାରପତି ଦୋଷଯୁକ୍ତ, କ୍ରୋଧାଦି ତ୍ରୁଟିବିଚ୍ୟୁତିଯୁକ୍ତ ଇତର ମାଟିର ମନୁଷ୍ୟ ନହୋଇ ଅନେକ ସୁଗୁଣସମ୍ପନ୍ନତାର ମୂର୍ତ୍ତି ହେବା ବାଞ୍ଛନୀୟ।

## ବ୍ରିଟେନରେ ୧୨ ଭାରତୀୟ ଗିରଫ

ଲଣ୍ଡନ, ୧୨।୪ (ଏଜେନ୍ସି): ବ୍ରିଟେନରେ ଜଣେ ମହିଳାଙ୍କ ସମେତ ୧୨ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ସମସ୍ତେ ଭିସା ସର୍ତ୍ତ ଉଲ୍ଲଙ୍ଘନ କରି ଆସବାବପତ୍ର ଏବଂ କେକ୍ କାରଖାନାରେ ବେଆଇନ ଭାବେ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗ ହୋଇଛି। ବ୍ରିଟେନ ଇମିଗ୍ରେସନ ଅଧିକାରୀ ଗୁରୁବାର ଏହି ସୂଚନା ଦେଇଛନ୍ତି। ଗୁଇନ୍ଦା ସୂଚନା ଆଧାରରେ ମିଡ୍‌ଲାଣ୍ଡ କ୍ଷେତ୍ରେ ଥିବା ଏହି କାରଖାନାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବୋଲି ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ବିବୃତ୍ତିରେ କୁହାଯାଇଛି ଯେ ୭ ଭାରତୀୟଙ୍କୁ ଆସବାବପତ୍ର କାରଖାନାରୁ, ୪ ଜଣଙ୍କୁ କେକ୍ କାରଖାନାରୁ ଏବଂ ଅନ୍ୟ ଜଣେ ମହିଳାଙ୍କୁ ଇମିଗ୍ରେସନ ଅପରାଧରେ ଗିରଫ କରାଯାଇଥିଲା। ଏମାନଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇପାରେ।

ଆପ୍ ମନ୍ତ୍ରୀ ଆତିଶୀଙ୍କ ଆଶଙ୍କା

# ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରିବ କେନ୍ଦ୍ର !

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି)

କେନ୍ଦ୍ର ସରକାର ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଯାଉଥିବା ନେଇ କେତେକ ସଙ୍କେତ ମିଳିଛି ବୋଲି ଆମ୍ ଆଦମୀ ପାର୍ଟି(ଆପ୍) ମନ୍ତ୍ରୀ ଆତିଶୀ ଆଜି ସକାଳେ ଆପ୍ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଗଢ଼ା ଆପ୍ ସରକାର ସପକ୍ଷରେ ବିପୁଳ ଜନ ସମର୍ଥନ ରହିଛି ଓ ବିଧାନସଭାରେ ମଧ୍ୟ ଆପ୍‌ର ବହୁତ ବଡ଼ ସଂଖ୍ୟାଗରିଷ୍ଠତା ରହିଛି। ଦିଲ୍ଲୀରେ ଯଦି କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଲାଗୁ କରନ୍ତି, ତେବେ ତାହା ବେଆଇନ, ଅସାମ୍ବିଧାନିକ ଓ ଜନମତକୁ ଅବଜ୍ଞା ଭାବେ ବିବେଚିତ ହେବ ବୋଲି ଆତିଶୀ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ ଦିଲ୍ଲୀ ସରକାରର ବିଭିନ୍ନ ବିଭାଗରେ ଅନେକ ଉଚ୍ଚ ପଦବୀ ଖାଲିରହିଥିବା ବେଳେ ସେସବୁ ସ୍ଥାନରେ କୌଣସି ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଆଇଏଏସ୍ ଅଫିସରଙ୍କ ପୋଷ୍ଟିଂକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିୟନ୍ତ୍ରଣ କରିଥାଏ। ଦିଲ୍ଲୀ ଉପରାଜ୍ୟପାଳ ଭିକେ ସାକସେନା କୌଣସି କାରଣ ନଥାଇ ଗତ ସାତଦିନ ଭିତରେ ଦିଲ୍ଲୀ ସରକାର ସମ୍ପର୍କରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଚିଠି ପରେ ଚିଠି ପ୍ରେରଣ କରିଚାଲିଛନ୍ତି। ଉପରାଜ୍ୟପାଳ ତାଙ୍କ ଚିଠିରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଜଣାଇଛନ୍ତି ଯେ ଦିଲ୍ଲୀର ମନ୍ତ୍ରୀମାନେ ସେ ଡକାଉଥିବା ବୈଠକକୁ ଆସୁନାହାନ୍ତି। ଉପରାଜ୍ୟପାଳ ତ ଅଦାଲତରେ ଏହା କହିସାରିଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ଓ ଜଳ ଯୋଗାଣ ହେଉଛି ଟ୍ରାନ୍ସଫର୍ଡ ସବଜେକ୍ଟ ଅର୍ଥାତ ଆପ୍ ସରକାରର କର୍ତ୍ତୃତ୍ୱାଧୀନ ବିଷୟ, ସେଥିରେ ଉପରାଜ୍ୟପାଳଙ୍କ କିଛି କରିବାର ନାହିଁ। ତେବେ ସେ କାହିଁକି ଆପ୍ ସରକାରର କର୍ତ୍ତୃତ୍ୱାଧୀନ ଏହି ଦୁଇ ବିଷୟ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି ବୋଲି ମନ୍ତ୍ରୀ ଆତିଶୀ ପ୍ରଶ୍ନ କରିଛନ୍ତି। ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ନେଇ ମିଳିଥିବା ସଙ୍କେତ ସମ୍ପର୍କରେ ଆତିଶୀ କହିଛନ୍ତି, ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ୨୦ବର୍ଷ ତଳର ଏକ କେସ୍‌ର ଆଧାରରେ ଚାକିରିରୁ ବହିଷ୍କାର କରାଯାଇଛି। କୌଣସି ଠୋସ୍ ପ୍ରମାଣ ନଥାଇ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଗିରଫ କରି ଜେଲ ପଠାଯିବା ହେଉଛି ଦିଲ୍ଲୀର ଆପ୍ ସରକାରକୁ ହଟାଇ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ଷଡ଼ଯନ୍ତ୍ରର ଏକ ଅଂଶ। କେଜ୍ରିୱାଲ ବିରୋଧୀ ମେଣ୍ଟର ଜଣେ ଜାତୀୟ ସ୍ତରର ଟାଣୁଆ ନେତା ଭାବେ ଉଭା ହୋଇଥିବାରୁ ତାଙ୍କୁ ଅବଦମିତ ରଖିବାକୁ ରାଜନୈତିକ ଷଡ଼ଯନ୍ତ୍ର ରଚାଯାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ କରାଯାଇଛି ବୋଲି ଆତିଶୀ କହିଛନ୍ତି। ଦିଲ୍ଲୀର ଅଫିସରମାନେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବାହାନାରେ ଆପ୍ ମନ୍ତ୍ରୀମାନଙ୍କ ବୈଠକକୁ ଆସିବା ବନ୍ଦ କରିଛନ୍ତି।

ଆପ୍ ସରକାର ମାଗଣା ବିଜୁଳି, ମାଗଣା ପାଣି, ମାଗଣା ବସ୍ ଯାତ୍ରା, ମାଗଣା ତୀର୍ଥଯାତ୍ରା ଆଦି ଜନକଲ୍ୟାଣ ସ୍କିମ୍ ଆଣିଥିବାରୁ ଓ ମହିଳାଙ୍କୁ ମାସକୁ ୧୦୦୦ଟଙ୍କା ସହାୟତା ରାଶି ଭାବେ ଦେବାକୁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ପ୍ରତିଶ୍ରୁତି ଦେଇଥିବାରୁ ବିଜେପି ସେଥିରେ ବିଚଳିତ ହୋଇ ଆପ୍ ସରକାରକୁ ଭାଙ୍ଗି ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ଷଡ଼ଯନ୍ତ୍ର ରଚିଛି। କାରଣ ଆପ୍ ସରକାରଙ୍କ ଏସବୁ ଜନଦରଦୀ ସ୍କିମ୍ ବିଜେପି ଶାସିତ କୌଣସି ରାଜ୍ୟର ସରକାର ଆଣିପାରିବାକୁ ଆର୍ଥିକ ସଙ୍ଗତି ଦୃଷ୍ଟିରୁ ସକ୍ଷମ ନୁହନ୍ତି। ୨୦୧୬ରେ ଉତ୍ତରାଖଣ୍ଡରେ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଲାଗୁ କରିଥିବା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଧାନସଭାରେ ଫ୍ଲୋର୍ ଟେଷ୍ଟରେ ତତ୍କାଳୀନ ଶାସକ ଦଳର ବିଜୟ ପରେ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ହୋଇଥିବା ଦର୍ଶାଇ ଆତିଶୀ କହିଛନ୍ତି, ଦିଲ୍ଲୀରେ ଅସାମ୍ବିଧାନିକ ଉପାୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲେ ତାହା ଅଦାଲତରେ ତିଷ୍ଠିବ ନାହିଁ।



ସିସୋଦିଆଙ୍କ ଜାମିନ

### ଇଡି, ସିବିଆଇକୁ ନୋଟିସ

ଆମ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ନୂଆ ଜାମିନ ଆବେଦନ ଦାଏର କରିଛନ୍ତି। ଲୋକସଭା ନିର୍ବାଚନରେ ପ୍ରଚାର କରିବା ପାଇଁ ଏହି ଆବେଦନ କରିଛନ୍ତି। ଏହା ଉପରେ ରାଉଜ ଆଭିନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାବେଜା ସିବିଆଇ ଏବଂ ଇଡିକୁ ନୋଟିସ୍ ଜାରି କରିଛନ୍ତି। ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ ଯେ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ସିସୋଦିଆ ଗତ ବର୍ଷ ଫେବୃଆରୀରୁ ଜେଲ୍‌ରେ ଅଛନ୍ତି। ସେ ଜାମିନ ପାଇଁ ନିମ୍ନ ଅଦାଲତଠାରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ ସବୁଠି ନିରାଶ ହୋଇଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-287 ◆BHUBANESWAR ◆SATURDAY ◆13 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୭ ◆ଭୁବନେଶ୍ୱର ◆ଶନିବାର ◆୧୩ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ବିଜୟ ଅମୃତା କୁଲାଙ୍ଗେଙ୍କୁ ଶ୍ରମ କମିସନର ଭାବେ ଅତିରିକ୍ତ ଦାୟିତ୍ୱ

■ ଭୁବନେଶ୍ୱର, ୧୨।୪(ସମିସ): ଆଇଏଏସ୍ ଭିନୀତ ଭରଦ୍ୱାଜଙ୍କୁ ଓଡ଼ିଶା ଜିବୀକା ମିଶନର ମିଶନ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ଭରଦ୍ୱାଜ ବର୍ତ୍ତମାନ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକ ତଥା ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଓମ୍‌ଫେଡ୍ ଏମ୍‌ଡି ଥିବା ଆଇଏଏସ୍ ବିଜୟ ଅମୃତା କୁଲାଙ୍ଗେଙ୍କୁ ଶ୍ରମ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ପରୁଲ ପଟୱାରୀଙ୍କୁ 'ମୋ ସ୍କୁଲ୍'ର ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ଦାବି

# ବଡ଼ଦାଣ୍ଡ ଓ ଲକ୍ଷ୍ମୀ ବସ୍‌ରେ ଆବୃତ ନ ହେଉ ଶଙ୍ଖ ଚିହ୍ନ



■ ଭୁବନେଶ୍ୱର, ୧୨।୪ (ସମିସ): 'ଶଙ୍ଖ' ହେଉଛି ଓଡ଼ିଆ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶଙ୍ଖ ହେଉଛି ଓଡ଼ିଆ ଅସ୍ମିତା ଓ ଗୌରବର ପ୍ରତୀକ। ଏହାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହତ୍ୱ ବେଶ୍ ପରିବ୍ୟାପ୍ତ। ଓଡ଼ିଶାର ବିକାଶ ଯାତ୍ରାର

**ଓଡ଼ିଆ ଅସ୍ମିତାର ପ୍ରତୀକକୁ ଶ୍ରଦ୍ଧାଳୁଙ୍କ ନଜରରୁ ଦୂରେଇ ନ ଦିଆଯାଉ**

**କିଛି ଦିନ ତଳେ ସେବାୟତ କରିଥିଲେ ଅନୁରୂପ ଦାବି**

**ରାଜନୀତି ପାଇଁ ଓଡ଼ିଆଙ୍କ ଭାବାବେଗ ସହିତ ଖେଳୁଛି ବିଜେପି**

ଶଙ୍ଖ ହେଉଛି ଜାଜ୍ୱଲ୍ୟମାନ ପ୍ରତୀକ। ପ୍ରତ୍ୟେକ ଶୁଭ କାର୍ଯ୍ୟ ଶଙ୍ଖ ଧ୍ୱନୀରୁ ହିଁ ଆରମ୍ଭ କରାଯାଇଥାଏ। ଓଡ଼ିଶାବାସୀଙ୍କ ଭାବ ଓ ଭକ୍ତିର ସମର୍ପଣ ହେଉଛି ଶଙ୍ଖ ଚିହ୍ନ। ଶଙ୍ଖ ଧ୍ୱନୀ ପ୍ରତ୍ୟେକ ଓଡ଼ିଆଙ୍କ ହୃଦ୍‌ସ୍ପନ୍ଦନ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ଆଧ୍ୟାତ୍ମିକ ଭାବନା ସହ ଏହା ଅଙ୍ଗାଙ୍ଗୀ ଭାବେ ଜଡିତ। ତେଣୁ ନିର୍ବାଚନ ପାଇଁ ଓଡ଼ିଆ ଭାବାବେଗର ଏହି ଚିହ୍ନକୁ ଦୂରେଇ ଦିଆନଯାଉ ବୋଲି ବିଜେଡି ଦାବି କରିଛି। ଏ ନେଇ ବିଜେଡିର ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ଦେଇ ଶଙ୍ଖ ଚିହ୍ନକୁ ଅନାବୃତ କରିବା ଲାଗି ନିବେଦନ କରିଛନ୍ତି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଓଡ଼ିଶାର ପ୍ରତି ଘରେ ପୂଜା ପାଉଥିବା ଶଙ୍ଖ ଚିହ୍ନ ନାମରେ ପବିତ୍ର ଧାମ ଶ୍ରୀ କ୍ଷେତ୍ରକୁ ଶଙ୍ଖ କ୍ଷେତ୍ର ବୋଲି ମଧ କୁହାଯାଏ। ସେଥିପାଇଁ ଐତିହାସିକ ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ବଡ଼ଦାଣ୍ଡରେ ଶଙ୍ଖ ସ୍ଥାପନ କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ବିଜେପି ନେତାମାନେ ରାଜନୀତି ପାଇଁ କୋଟି ଓଡ଼ିଆଙ୍କ ଭାବନାର ପ୍ରତୀକ ଶଙ୍ଖ ଚିହ୍ନ ବିରୋଧରେ ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟ ବିଜେପି ନେତାଙ୍କ ଅଭିଯୋଗକ୍ରମେ ଗତ କିଛି ଦିନ ହେଲା ପୁରୀ ବଡ଼ଦାଣ୍ଡରେ ଥିବା ଶଙ୍ଖ ଚିହ୍ନକୁ ଆବୃତ କରି ରଖାଯାଇଛି। ପ୍ରତି ଦିନ ମହାପ୍ରଭୂଙ୍କ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବନାକୁ ଏହା ବେଶ୍ ଆଘାତ ଦେଉଛି।

ବିଜେଡି କହିଛି ଯେ ବିଜେପି ନେତାମାନେ ମହାତ୍ୱାକାଂକ୍ଷୀ 'ଲକ୍ଷ୍ମୀ' ବସ୍‌ରେ ଲାଗିଥିବା ଯୋଡ଼ି ଶଙ୍ଖ ଚିହ୍ନକୁ ମଧ ନିଜର ହୀନ ରାଜନୀତିରୁ ବାଦ୍ ଦେଇ ନାହାନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ଲକ୍ଷ୍ମୀ ବସ୍‌ରେ ଲାଗିଥିବା ଯୋଡ଼ି ଶଙ୍ଖକୁ ମଧ ଆବୃତ କରିବା ଲାଗି ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏହି ବସ୍‌ରେ ଦୈନିକ ଯାତାୟାତ କରୁଥିବା ଲକ୍ଷାଧିକ ସାଧାରଣ ନାଗରିକଙ୍କୁ ବେଶ୍ ଆଘାତ ଦେଇଛି। ଓଡ଼ିଆଙ୍କ ଗର୍ବ, ଅସ୍ମିତା, ସଂସ୍କୃତି ଓ ପରମ୍ପରା ପ୍ରତି ଏହା କୁଠାରଘାତ ସଦୃଶ। ତେଣୁ ବଡ଼ଦାଣ୍ଡରେ ଥିବା ଶଙ୍ଖକୁ ପୁନର୍ବାର ଅନାବୃତ କରାଯାଉ। ଯଦ୍ୱାରା ଶଙ୍ଖ କ୍ଷେତ୍ରରେ ପବିତ୍ର ଶଙ୍ଖ ଚିହ୍ନକୁ ଦେଖି ଆତ୍ମ ତୃପ୍ତି ଲାଭ କରିବାରୁ କୋଟି କୋଟି ଶ୍ରଦ୍ଧାଳୁ ବଞ୍ଚିତ ହେବେ ନାହିଁ। ଏଥିସହ ଲକ୍ଷ୍ମୀ ବସ୍‌ରେ ଲାଗିଥିବା ଯୋଡ଼ି ଶଙ୍ଖ ଲୋଗୋକୁ ମଧ ଅନାବରଣ କରାଯାଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ସ୍ୱୟମ୍ ପ୍ରକାଶ ମହାପାତ୍ର, ଇପ୍ସିତା ସାହୁ, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ, ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ମିହିର ରାୟ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ଗତ ୨ ତାରିଖ ଦିନ ପୁରୀ ଶ୍ରୀ ମନ୍ଦିରର ବରିଷ୍ଠ ସେବାୟତ ମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବଡ଼ଦାଣ୍ଡରେ ଥିବା ଶଙ୍ଖ ଚିହ୍ନକୁ ଅନାବୃତ କରିବା ଲାଗି ଦାବି କରିଥିଲେ।

# ପୂର୍ବତନ ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ପରଲୋକ



■ ଭୋଗରାଇ, ୧୨।୪ (ସମିସ): ଭୋଗରାଇ ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ପୂର୍ବତନ ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ୭୯ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ଥିଲେ। କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ରାତି ପ୍ରାୟ ୧୨ ଟା୧୫ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବାରବାଟିଆ ଗ୍ରାମର ଗୟାପ୍ରସାଦ ପାତ୍ର ଓ କାଦମ୍ବିନୀ ଦେବୀଙ୍କ କନ୍ୟା ଡାକ୍ତର ଦାସ ଏକାଧାରରେ ଜଣେ ଚିକିତ୍ସକ, ଚିକିତ୍ସା ଶାସ୍ତ୍ର ଅଧ୍ୟାପିକା ଭାବେ ଅଞ୍ଚଳରେ ପରିଚିତ ଥିଲେ। ଶଙ୍ଖାରୀ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଡଃ କାଳୀକୁମାର ଦାସଙ୍କ ପତ୍ନୀ ଡାକ୍ତର ଦାସ କ୍ରମାଗତ ୩ ଥରରେ ସମୁଦାୟ ୧୪ବର୍ଷ ଧରି ସେ ଭୋଗରାଇର ବିଧାୟିକା ଥିଲେ। ଭୋଗରାଇରୁ ପ୍ରଥମ ମନ୍ତ୍ରୀ ହେବାର ସୌଭାଗ୍ୟ ମଧ ସେ ଅର୍ଜନ ▶ପୃଷ୍ଠା-୯

**ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଗାଁ ମାଟିରେ ହେଲା ଶେଷକୃତ୍ୟ**

■ **ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବିକଲା ବିଜେଡି**

# ଆଖଣ୍ଡଳମଣି ସେବାୟତଙ୍କୁ ଆକ୍ରମଣ କରିଥିବା ବିଜେପି ନେତାଙ୍କୁ ଗିରଫ କରାଯାଉ



■ ଭୁବନେଶ୍ୱର, ୧୨।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡ଼ିସ୍ଥିତ ଶ୍ରୀ ଆଖଣ୍ଡଳମଣିଙ୍କ ସେବାୟତଙ୍କ ଉପରେ ବିଜେପି କର୍ମୀଙ୍କ ଆକ୍ରମଣ ବିରୋଧରେ ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଥିରେ ସମ୍ପୃକ୍ତ ବିଜେପି କର୍ମୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି ଯେ ଶୁକ୍ରବାର ସକାଳେ ଆରଡି ପଞ୍ଚାୟତ ବିଜେପି ସଭାପତି ଦେବଦତ୍ତ ପାଢ଼ୀଙ୍କ ପୁଅ କାଳିଆ ପାଢ଼ୀଙ୍କ ସହିତ ବିଜେପି କର୍ମୀ ଅଜୀ ପାଢ଼ୀ, ପଞ୍ଚାନନ ପାଢ଼ୀ, ଶଙ୍କର୍ଷଣ ପାଢ଼ୀ, ବଳରାମ ପାଢ଼ୀ ଆଖଣ୍ଡଳମଣିଙ୍କ ସେବାୟତ ବାବାଜୀ ପାଢ଼ୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆଗକୁ ସେ ଯଦି ବିଜେପି ଦଳରେ ଯୋଗ ନ ଦିଅନ୍ତି ଆଉ ଆଗାମୀ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ ନ କରନ୍ତି ତା ହେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେମାନେ ବାବାଜୀ ପାଢ଼ୀଙ୍କୁ ଧମକ ଦେଇଥିଲେ। ସେମାନଙ୍କ ଧମକରେ ବାବାଜୀ ସହମତ ନ ହେବାରୁ କାଳିଆ ପାଢ଼ୀ ଏବଂ ତାଙ୍କ ସମର୍ଥକମାନେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ▶ପୃଷ୍ଠା-୯

**ବିଜେପିକୁ ସମର୍ଥନ ନ ଦେବାରୁ ହୋଇଥିଲା ଆକ୍ରମଣ**

# ପ୍ରଶାନ୍ତ ଜଗଦେବଙ୍କ ଗୁଣ୍ଡାଗର୍ଦ୍ଦି ବିରୋଧରେ ଫେରାଦ ହେଲା ବିଜେଡି



■ ଭୁବନେଶ୍ୱର, ୧୨।୪ (ସମିସ): ନିର୍ବାଚନରେ ବିଜେପି ନେତାଙ୍କ କଥା ନ ମାନିଲେ ଭୟାବହ ପରିଣାମ ଭୋଗିବାକୁ ପଡ଼ିବ ବୋଲି ସରକାରୀ ଅଧିକାରୀଙ୍କୁ ଧମକ ଦେଉଛନ୍ତି। ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି। ଭାରତୀୟ ନିର୍ବାଚନ ଆୟୋଗଙ୍କ ନାମରେ ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି। ସାଧାରଣ ଲୋକଙ୍କୁ ଭୟଭିତ କରି ବିଜେପିକୁ ସମର୍ଥନ କରିବାକୁ କହୁଛନ୍ତି। ଖୋଲା ଖୋଲି ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ବିଜେପି ନେତା ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଏପରି ସଙ୍ଗୀନ ଅଭିଯୋଗ ଆଣିବା ସହିତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜୁ ଜନତା ଦଳ। ଆଜି ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ମର୍ମରେ ଏକ ଦାବି ପତ୍ର ଦେଇଛନ୍ତି। ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ବିଜେପି ନେତା ଏବଂ ପ୍ରାର୍ଥୀମାନେ କିପରି ସରକାରୀ କର୍ମଚାରୀ, ସାଧାରଣ ଲୋକଙ୍କୁ ପ୍ରଭାବିତ କରିବା ଲାଗି ପେୟରି ଅନୈତିକ ପନ୍ଥା ଅବଲମ୍ବନ କରୁଛନ୍ତି, ତାହାକୁ ନେଇ ଗତ କିଛି ଦିନ ହେଲା ବିଜେଡି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏପରିସ୍ଥଳେ ବିଜେପି ନେତା ପ୍ରଶାନ୍ତ ଜଗଦେବଙ୍କୁ ଗୁଣ୍ଡାଗର୍ଦ୍ଦି ପୁଣି ଥରେ ଲୋକଲୋଚନକୁ ଆସିଛି। ଗତକାଲି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଙ୍କିଆ ଠାରେ ପଦଯାତ୍ରା ସମୟରେ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଉପରେ ଶ୍ରୀ ଜଗେଦବ ଗୁଣ୍ଡାଗର୍ଦ୍ଦି ଆରମ୍ଭ କରିଥିଲେ। ଏହି ସମୟରେ ପ୍ରକାଶ ହାତି ନାମକ ଜଣେ ସାମ୍ବାଦିକ ତଥା ଓଡ଼ିଶା ୟୁନିଅନ୍ ଅଫ୍ ୱାର୍କିଂ ଜର୍ଣ୍ଣାଲିଷ୍ଟର ଜିଲ୍ଲା ସଭାପତି ତାଙ୍କୁ ପ୍ରଶ୍ନ ପଚାରିବାରୁ ଶ୍ରୀ ଜଗେଦବ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଜୀବନରୁ ମାରି ଦେବାକୁ ମଧ ଧମକ ଦେଇଥିଲେ। ଏହାକୁ ନେଇ ଶ୍ରୀ ହାତୀ ଜଙ୍କିଆ ଥାନାରେ ଶ୍ରୀ ଜଗଦେବଙ୍କଙ୍କ ବିରୋଧରେ ଏତଲା ଦେଇଥିଲେ। ତେବେ ଏହା ସମ୍ପର୍କରେ ଜାଣିବା ପରେ ଶ୍ରୀ ଜଗଦେବ ନିଜର ସମର୍ଥକଙ୍କ ସହ ଜଙ୍କିଆ ଥାନା ଘେରାଉ କରିଥିଲେ। ରାତି ୧୧.୩୦ ସମୟରେ ଶ୍ରୀ ଜଗଦେବ ▶ପୃଷ୍ଠା-୯

**ଇସିଆଇଙ୍କ ନାଁ ନେଇ ଆଇଆଇସିଙ୍କୁ ଧମକାଉଛନ୍ତି**

**ପ୍ରଶ୍ନ ପଚାରିଲେ ସାମ୍ବାଦିକଙ୍କୁ ହତ୍ୟା ଧମକ ଦେଉଛନ୍ତି, ଆକ୍ରମଣ କରୁଛନ୍ତି**

**ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଘଟଣାର ଅନୁସନ୍ଧାନ ଦାବି**

# ପୁରୀ ବିଜେପିକୁ ପୁଣି ଧକ୍କା



■ ଭୁବନେଶ୍ୱର, ୧୨।୪ (ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବ୍ରହ୍ମଗିରି ବିଜେପି ମଣ୍ଡଳ ସଭାପତି ତଥା ପୂର୍ବତନ

**ବିଜେଡିରେ ମିଶିଲେ ବିଜେପି ବ୍ରହ୍ମଗିରି ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର**

**ବିଜେପିରେ ନାହିଁ ନୀତି ଆଦର୍ଶ, କାମ କରିବାର ସୁଯୋଗ**

**ବିଜେପି ଛାଡ଼ି କୃଷ୍ଣଚନ୍ଦ୍ରଙ୍କ ଶତାଧିକ ସମର୍ଥକ ଫୁଙ୍କିଲେ ଶଙ୍ଖ**

**ବହୁ ନିର୍ବାଚିତ ପ୍ରତିନିଧି ମଧ ବିଜେଡିରେ ଯୋଗ ଦେଲେ**

ପଞ୍ଚାୟତ ସମିତି ଅଧକ୍ଷ କୃଷ୍ଣଚନ୍ଦ୍ର ରାୟଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶୁକ୍ରବାର ଶଙ୍ଖଭବନ ଠାରେ ଆୟୋଜିତ ମିଶ୍ରଣ ସଭାରେ ପୂର୍ବତନ ମନ୍ତ୍ରୀ ତଥା ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡକ୍ଟର ସସ୍ମିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ ନବାଗତମାନଙ୍କୁ ଦଳରେ ସ୍ୱାଗତ କରିବା ସହିତ ନବୀନ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣରେ ଯୋଗଦାନ ପାଇଁ ଆହ୍ୱାନ ଜଣାଇଛନ୍ତି। ଏହାସହ ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ପୁରୀ ଜିଲ୍ଲାରେ ବିଶେଷକରି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନ ଆହୁରି ମଜଭୂତ ହେବ ବୋଲି ବିଶ୍ୱାସ ପୋଷଣ କରିଛନ୍ତି।

ବିଜେଡିରେ ଯୋଗଦାନ ପରେ ଶ୍ରୀ ରାୟ କହିଛନ୍ତି ଯେ ରାଜ୍ୟ ବିଜେପିରେ ନୀତି ଆଦର୍ଶ ନାହିଁ। ସେଠି ଲୋକଙ୍କ ସେବା ପାଇଁ କାମ କରିବାର ସୁଯୋଗ ନାହିଁ। ତେବେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ଆମକୁ ସର୍ବଦା ଅନୁପ୍ରାଣିତ କରି ଆସିଛି। ଗତ ୫ ବର୍ଷ ଧରି ରାଜ୍ୟରେ ଚାଲିଥିବା ୫-ଟି ରୂପାନ୍ତରଣ ପାଇଁ ପ୍ରତ୍ୟେକ ଓଡ଼ିଶାବାସୀ ଗର୍ବିତ। ▶ପୃଷ୍ଠା-୯

### ସମ୍ବଲପୁରରେ ବଢ଼ିଲା ବିଜେଡି ବଳ

## ଶତାଧିକ କଂଗ୍ରେସ୍ କର୍ମୀଙ୍କ ସହ ଶଙ୍ଖ ଧରିଲେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ

■ ଭୁବନେଶ୍ୱର, ୧୨।୪(ସମିସ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ ଶତାଧିକ କଂଗ୍ରେସ୍ କର୍ମୀଙ୍କ ସହ ଆଜି ଶଙ୍ଖଭବନ ଠାରେ ବିଜେଡିରେ ଯୋଗ ଦେଇଛନ୍ତି। ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର ନବାଗତ କଂଗ୍ରେସ କର୍ମୀ ଓ ରାଜେନ୍ଦ୍ରଙ୍କୁ ସ୍ୱାଗତ କରିଛନ୍ତି। ସେମାନଙ୍କ ଯୋଗଦାନ କୁଚିଣ୍ଡା ଅଞ୍ଚଳରେ ଦଳକୁ ଅଧିକ ମଜବୁତ କରିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ଏହି



ଅବସରରେ ରାଜେନ୍ଦ୍ର କୁମାର ଛତ୍ରିଆ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ସର୍ବମାନ୍ୟ ନେତା। ତାଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଆଜି ବିଶ୍ୱ ଦରବାରରେ ନୂଆ ପରିଚୟ ପାଇଛି। କ୍ରୀଡ଼ା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଶିକ୍ଷା, ପୁଞ୍ଜିନିବେଶ, ସବୁକ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି, ଜନାଭିମୁଖୀ ଶାସନ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ଆମେ ସମସ୍ତେ ବିଜେଡିରେ ଯୋଗ ଦେଇଛୁ। ଏହା ସହ ଦଳରେ ସେମାନଙ୍କୁ ଗ୍ରହଣ କରାଯାଇଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ▶ପୃଷ୍ଠା-୯



## ବ୍ରହ୍ମପୁର ଲୋକସଭା ଆସନ

# ବିଜେପି ଅଣ୍ଟିରେ ନିଆଁ, କଂଗ୍ରେସକୁ 'ନାଇଡୁ' ଅଡୁଆ

ବ୍ରହ୍ମପୁର, ୧୨।୪ (ସମିସ):

ବ୍ରହ୍ମପୁର ଲୋକସଭା ଆସନରେ ଏଥର ବିଜେପି ଓ ବିଜେଡି ମଧ୍ୟରେ ଲଢ଼େଇ ହେବାକୁ ଯାଉଥିବା ବେଳେ କଂଗ୍ରେସର ଭୋଟ୍ ବିଭାଜନ ହେବ ବୋଲି ଭୋଟର୍ ଓ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଜେଡି ଏଠାରେ ଭୃଗୁ ବକ୍ସିପାତ୍ରଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଛି। ସେହିଭଳି କଂଗ୍ରେସ ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ଲୋକସଭା ପ୍ରାର୍ଥୀ କରିଛି। ବର୍ତ୍ତମାନ ବିଜେପି ଓ ବିଜେଡିର ପ୍ରାର୍ଥୀମାନେ ଜନସମ୍ପର୍କ ଆରମ୍ଭ କରିଥିବା ବେଳେ କଂଗ୍ରେସ ଟିକିଏ ପଛୁଆ ରହିଛି। ତେବେ ଟିକଟ ନ ମିଳିବାରୁ କଂଗ୍ରେସ ନେତା ଭି. ଚନ୍ଦ୍ରଶେଖର ନାଇଡୁ ବର୍ତ୍ତମାନ ସ୍ୱାଧୀନ ଲଢ଼ିବାକୁ ଯାଉଛନ୍ତି। ଶ୍ରୀ ନାଇଡୁ ୨୦୧୯ରେ କଂଗ୍ରେସରୁ ବ୍ରହ୍ମପୁର ଲୋକସଭାର ପ୍ରାର୍ଥୀ ହୋଇଥିଲେ। ସେ ନୂଆ ଚେହେରା ହୋଇଥିଲେ ସୁଦ୍ଧା ଲୋକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଗତ ନିର୍ବାଚନରେ ସେ ୧ଲକ୍ଷ ୪୨ ହଜାର ଭୋଟ ପାଇବାରେ ସକ୍ଷମ ହୋଇଥିଲେ। ଶ୍ରୀ ନାଇଡୁ ତେଲୁଗୁ ଭୋଟ


ଭୃଗୁ ବକ୍ସିପାତ୍ର


ପ୍ରଦୀପ ପାଣିଗ୍ରାହୀ


ରଶ୍ମିରଞ୍ଜନ ପଟ୍ଟନାୟକ


ଭି. ଚନ୍ଦ୍ରଶେଖର ନାଇଡୁ

ହାତେଇବାରେ ପ୍ରମୁଖ ଦାବିଦାର ମଧ୍ୟ ଥିଲେ। ସମ୍ପ୍ରତି ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ମନସ୍ଥ କରିଥିବାରୁ କଂଗ୍ରେସ ଭୋଟ୍ ଭାଗଭାଗ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଗତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ସମୁଦାୟ ୪ଲକ୍ଷ ୪୩ ହଜାର ୧୪୫ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ୩ ଲକ୍ଷ ୪୭ହଜାର ୩୦୨ ଖଣ୍ଡ ଭୋଟ ପାଇଥିଲେ। ବର୍ତ୍ତମାନ କିନ୍ତୁ ସମୀକରଣ ବଦଳିଛି। ଗତଥରର ବିଜେପି ପ୍ରାର୍ଥୀ ଶ୍ରୀ ବକ୍ସିପାତ୍ର ଏଥର ବିଜୁ ଜନତା ଦଳର ପ୍ରାର୍ଥୀ ହୋଇଥିବାରୁ ଏଠାରେ ବିଜେଡିର ଭୋଟହାର ବଢ଼ିବ ବୋଲି କୁହାଯାଉଛି। କାରଣ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୃଗୁଙ୍କ ଛବି ଭଲ ରହିଛି। ସେ ତୃଣମୂଳସ୍ତରରେ ସଂଗଠନ କର୍ମକର୍ତ୍ତାଙ୍କ ସହିତ ଜଡ଼ିତ ରହିଛନ୍ତି। ବର୍ତ୍ତମାନ ସେ ବିଜେଡି ଶିବିରରେ ଥିବା ବେଳେ ବିଜେପିରେ ଥିବା ତାଙ୍କର କିଛି ଅନୁଗତ ମଧ୍ୟ ଦଳଡିଆଁ ଆରମ୍ଭ କରିଦେଇଛନ୍ତି। ପ୍ରତ୍ୟକ୍ଷ ଓ ପରୋକ୍ଷରେ ଶ୍ରୀ ବକ୍ସିପାତ୍ରଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଉଥିବା ଦେଖାଯାଉଛି।

ଅପରପକ୍ଷେ, ପ୍ରଦୀପ ପାଣିଗ୍ରାହୀ ବିଜୁ ଜନତା ଦଳରୁ ଲଢ଼ି ଗୋପାଳପୁର ବିଧାୟକ ହୋଇଆସୁଥିଲେ। ହେଲେ ଜନବିରୋଧୀ ଓ ଦଳ ବିରୋଧୀ କାର୍ଯ୍ୟ ଲାଗି ସେ ବିଜେଡିରୁ ବିଦା ହୋଇଛନ୍ତି। ବିଜେପି ତାଙ୍କୁ ଏଠାରେ ପ୍ରାର୍ଥୀ କରି ନିଜ ଅଣ୍ଟିରେ ନିଆଁ ଲଗାଇଛି ବୋଲି ରାଜନୈତିକ ସମୀକ୍ଷକମହଲରେ ଚର୍ଚ୍ଚା ହେଉଛି। ସେ ପ୍ରାର୍ଥୀ ଘୋଷିତ ହେବା ପରେ ବିଜେପିରେ ଅସନ୍ତୋଷର ନିଆଁ ଲିଭୁନି। ବିଭିନ୍ନ ଆଶାୟୀ ଓ କର୍ମୀ ତାଙ୍କୁ ଖୋଲାଖୋଲି ବିରୋଧ କରୁଥିବାର ଘଟଣା ସାମ୍ନାକୁ ଆସୁଛି। ଏପରିକି ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ବିଧାନସଭା କ୍ଷେତ୍ରରେ ସେ ବିଜେପି ଟିକଟରେ ମୁଣ୍ଡ ଖେଳାଉଥିବାରୁ ଏହାକୁ ପାର୍ଟିର ନେତା ଓ କର୍ମୀ ସହି ପାରୁନାହାନ୍ତି।

ବ୍ରହ୍ମପୁର, ଚିକିଟି, ଦିଗପହଣ୍ଡି, ଛତ୍ରପୁର, ଗୋପାଳପୁର, ପାରଳାଖେମୁଣ୍ଡି ଓ ମୋହନା ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ବ୍ରହ୍ମପୁର ଲୋକସଭା ଆସନରେ ସମୁଦାୟ ୧୫ଲକ୍ଷ ୬୯ ହଜାର ୯୪୧ ଜଣ ଭୋଟର୍ ରହିଛନ୍ତି। ତନ୍ମଧ୍ୟରୁ ମୋହନା ନିର୍ବାଚନମଣ୍ଡଳୀରେ ସର୍ବାଧିକ ଭୋଟର୍ ଥିବା ଜଣାଯାଇଛି। ଏଣୁ ଗଜପତି ଜିଲ୍ଲାରେ ଥିବା ଦୁଇ ନିର୍ବାଚନ ମଣ୍ଡଳୀ ଉପରେ ବିଭିନ୍ନ ରାଜନୈତିକ ଦଳର ବିଶେଷ ଦୃଷ୍ଟି ରହିଛି। ଏଠାରେ ତୃଣମୂଳ ସ୍ତରରେ ବିଜୁ ଜନତା ଦଳର ସଂଗଠନ ଭଲ ରହିଛି। ଏହାକୁ ବିରୋଧୀ ପ୍ରତିହତ କରିବା କାଠିକର ପାଠ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତଥର ୯୪ ହଜାର ଭୋଟ ବ୍ୟବଧାନରେ ବିଜୁ ଜନତା ଦଳ ବିଜୟୀ ହୋଇଥିବା ବେଳେ ଚଳିତଥର ଲୋକଙ୍କ ମଧ୍ୟରେ ନୂଆ ଉନ୍ମାଦନା ଦେଖାଦେଇଛି। ଚଳିତଥର ମଧ୍ୟ ବିଜୁ ଜନତା ଦଳର ଭୋଟ ବ୍ୟବଧାନ ବୃଦ୍ଧି ହେବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେଡି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ସୋନପୁର, ବୀରମହାରାଜପୁର ନିର୍ବାଚନମଣ୍ଡଳୀ

# ନୂଆ ଭୋଟରଙ୍କ ଉପରେ ପ୍ରାର୍ଥୀଙ୍କ ନଜର

**ସୋନପୁର, ୧୨।୪ (ସମିସ):** ସାଧାରଣ ନିର୍ବାଚନ ପାଖେଇ ଆସୁଛି। କଂଗ୍ରେସ କିନ୍ତୁ ଏ ପର୍ଯ୍ୟନ୍ତ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ବିଜେଡି ଏବଂ ବିଜେପି ବିଧାୟକ ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଦେଲେଣି। ତେବେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ନୂଆ ଭୋଟରଙ୍କ ଉପରେ ନଜର ରଖିଥିବା ସ୍ପଷ୍ଟ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାର ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ ସୋନପୁର ଓ ବୀରମହାରାଜପୁରରେ ନୂଆ ତଥା ଯୁବ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବେ। ଏଣୁ ଏଥର ନୂଆ ଭୋଟରଙ୍କ ଗୁରୁତ୍ୱ ବୃଦ୍ଧି ପାଇଛି।

ସୋନପୁର ନିର୍ବାଚନମଣ୍ଡଳୀରେ ବିଜେଡି ଏଥର ମଧ୍ୟ ନିରଞ୍ଜନ ପୂଜାରୀଙ୍କ ଉପରେ ଭରସା କରି ତାଙ୍କୁ ପ୍ରାର୍ଥୀ କରିଛି। ୨୦୧୪ ନିର୍ବାଚନରେ ନିରଞ୍ଜନ ବିଜେପି ପ୍ରାର୍ଥୀଙ୍କଠାରୁ ୫୧ ହଜାର ୪୮୫ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିଲେ। ୨୦୧୯ ନିର୍ବାଚନରେ ବିଜେପି



ପ୍ରାର୍ଥୀ ଅଶୋକ ପୂଜାରୀଙ୍କଠାରୁ ୨୫ ହଜାର ୭୨୬ ଖଣ୍ଡ ଅଧିକ ଭୋଟ ପାଇ ନିରଞ୍ଜନ ବିଜୟୀ ହୋଇଥିଲେ। ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ପଦ୍ମନାଭ ବେହେରାଙ୍କୁ ବିଜେଡି ପୁଣିଥରେ ପ୍ରାର୍ଥୀ କରିଛି। ୨୦୧୪ ନିର୍ବାଚନରେ ପଦ୍ମନାଭ ବିଜେପି ପ୍ରାର୍ଥୀ ଆନନ୍ଦ ବାରିକଙ୍କଠାରୁ ୩୧ ହଜାର ୨୯୦ ଅଧିକ ଭୋଟ ପାଇ ଜିତିଥିଲେ। ସେହିଭଳି ୨୦୧୯ ନିର୍ବାଚନରେ ପଦ୍ମନାଭ ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲାଙ୍କଠାରୁ ୧୩ ହଜାର ୫୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ।

ସୋନପୁର ନିର୍ବାଚନମଣ୍ଡଳୀରେ ୬, ୮୩୬ ନୂତନ ଭୋଟର ଅଛନ୍ତି। ଏମାନଙ୍କ ବୟସ ୧୮/୧୯ ବର୍ଷ। ଗତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ବିଜୟ ବ୍ୟବଧାନ ୨୫ ହଜାର ୭୨୬ ରହିଥିଲା। ବୀରମହାରାପୁର ନିର୍ବାଚନମଣ୍ଡଳୀରେ ୫, ୧୮୬ ନୂତନ ଭୋଟର ଅଛନ୍ତି। ଗତ ନିର୍ବାଚନର ଫଳାଫଳକୁ ଦେଖିଲେ ଏହି ନିର୍ବାଚନମଣ୍ଡଳୀରେ ବିଜୟ ଭୋଟ ବ୍ୟବଧାନ ୧୩ ହଜାର ୫୭ ଖଣ୍ଡ ରହିଥିଲା। ଏଥର ୧୨ ହଜାର ନୂଆ ଭୋଟର ଭୋଟ୍ ଦେବେ। ତେଣୁ ଏଥର ନିର୍ବାଚନରେ ନୂଆ ଭୋଟର ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି।

# ଛିଡୁଛି ବିଜେପି ଓ କଂଗ୍ରେସ୍, ବଢ଼ୁଛି ବିଜେଡିର ବଳ



ଭୁବନେଶ୍ୱର, ୧୨।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରମୋଦ ହରିଚନ୍ଦନଙ୍କ ସମେତ ଶତାଧିକ କଂଗ୍ରେସ ଓ ବିଜେପି କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆଜି ଶଙ୍ଖଭବନ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଏହି ନେତାମାନେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ଉପସଭାପତି ବିପିନ ଜୟସିଂହ, ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ଦଳର ସମ୍ପାଦକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା କଂଗ୍ରେସ ନେତା ପ୍ରମୋଦ ହରିଚନ୍ଦନ ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ମଙ୍ଗରାଜଙ୍କ ସମେତ ବିଜେଡି ନେତୃବୃନ୍ଦ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ପ୍ରମୋଦ ହରିଚନ୍ଦନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଭୂରିଭୂରି ପ୍ରଶଂସା କରିଛନ୍ତି। ଅନ୍ୟ ଦଳରେ ଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ଆମକୁ ଗଭୀର ଅନୁପ୍ରାଣିତ କରିଥିବା ଉଲ୍ଲେଖ କରି ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରମୁଖଙ୍କୁ ମଧ୍ୟ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରମୋଦଙ୍କ ସହିତ ସାମାଜିକ କର୍ମୀ ସରୋଜ କୁମାର ବଳିୟାରସିଂହ, ଜଟଣୀ ପୌରାଞ୍ଚଳର କଂଗ୍ରେସ କାଉନସିଲର ଇତିଶ୍ରୀ ଦାସ, ଅନୀତା ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ କୌଶଲ୍ୟା ବଳିୟାରସିଂହ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପଟ୍ଟନାୟକ, ସାଂସଦଙ୍କ ଜଟଣୀ ବ୍ଲକ ପ୍ରତିନିଧି ରବି ନାରାୟଣ ସ୍ୱାଇଁ, ବିଜେପି ନେତା ପ୍ରଶାନ୍ତ କୁମାର ଦାସ, ଯୁବ କଂଗ୍ରେସ ନେତା ବିଜୟ କେତନ ମଙ୍ଗରାଜ, ପୂର୍ବତନ ସରପଞ୍ଚ ବାବାଜୀ ମଙ୍ଗରାଜ, ବିଜେପି ଯୁବ ନେତା ମନେଶ ସେଠୀ, ଲକ୍ଷ୍ମୀଧର ସାହୁ, ଦ୍ୱାରିକା ଛୋଟରାୟ, ମହମ୍ମଦ ଇସକ୍, ଏସ୍‌କେ କୋରବାର, ବିଟୁ ମହେଶ, ସୁଶାନ୍ତ କୁମାର ନାଏକ, ଭାରତୀ ଭୂଷଣ ମିଶ୍ର, ଏନ୍.ଜଗନ୍ନାଥ ରାଓ, ଦିଲ୍ଲୀପ ବିଶ୍ୱାଳ, ମହେଶ୍ୱର ଦାସ ଓ ମୁନ୍ନା ବାରିକଙ୍କ ସହ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।

**ଶତାଧିକ କଂଗ୍ରେସ ଓ ବିଜେପି କର୍ମକର୍ତ୍ତାଙ୍କ ସହ ବିଜେଡିରେ ମିଶିଲେ ଜଟଣୀ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରମୋଦ ହରିଚନ୍ଦନ**

## ଖଡ଼ିଆଳରେ କଂଗ୍ରେସ ଶିବିର ଖାଁ ଖାଁ / ଚାଲିଛି ପ୍ରାର୍ଥୀ ଖୋଜା

ନୂଆପଡ଼ା/ଖଡ଼ିଆଳ, ୧୨।୪ (ସମିସ): ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ କଂଗ୍ରେସ ଶିବିର ଖାଁ ଖାଁ ଲାଗୁଛି। ଗତଥରର କଂଗ୍ରେସ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଦଳ ଛାଡ଼ି ବିଜେଡିକୁ ଯିବା ପରେ କଂଗ୍ରେସ ଶିବିର ଶୂନଶାନ ହୋଇପଡ଼ିଛି। ବିଜେଡି ଓ ବିଜେପି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିବା ବେଳେ କଂଗ୍ରେସ ନେତା ଖୋଜିବାରେ ଲାଗିଛି। କାହାକୁ ଟିକଟ ଦେବ, ତାହା ଦଳ ନିର୍ଦ୍ଧାରଣ କରିପାରୁନାହିଁ। ରାଜ୍ୟ କଂଗ୍ରେସର ଦୁଇ ଜଣ ନେତା ରାଜ୍ୟ ସଭାପତି ଶରତ କୁମାର ପଟ୍ଟନାୟକ ଏବଂ ପ୍ରଚାର ବିଭାଗ ମୁଖ୍ୟ ଭକ୍ତଚରଣ ଦାସ ନୂଆପଡ଼ା ଜିଲ୍ଲାରେ ଦୁଇଘେରା ବୁଲି ଗଲେଣି ଅଥଚ ସେମାନଙ୍କୁ ପ୍ରାର୍ଥୀ ମିଳୁନାହିଁ ବୋଲି ଚର୍ଚ୍ଚା ହେଉଛି। ଆଉ ଯେଉଁ ନେତାମାନଙ୍କୁ ଟିକଟ ଦେବାକୁ ଚାହୁଁଛନ୍ତି, ସେମାନେ ଅଧିରାଜଙ୍କ ବିରୋଧରେ ଛିଡ଼ା ହେବାକୁ ମନା କରୁଛନ୍ତି। ସେହିଭଳି ଯେଉଁମାନେ ଟିକଟ ଲବିରେ ରହିଛନ୍ତି ସେମାନେ କୁଆଡ଼େ ଅଧିରାଜଙ୍କ ଡମି ପ୍ରାର୍ଥୀ ହୋଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେଣୁ ଏଭଳି ସ୍ଥିତିରେ ଦଳ କି' ନିଷ୍ପତ୍ତି ନେବ, ତାହା ଦେଖିବାକୁ ବାକି ରହିଲା।

## ବିଜେପି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ଦଳୀୟ କର୍ମୀଙ୍କ ତୀବ୍ର ବିରୋଧ

# ପ୍ରଚାର ପାଇଁ ଆସିଥିଲେ, ଭାଣ୍ଡିଆ ହୋଇ ଫେରିଲେ

ବାଲେଶ୍ୱର / ସୋର, ୧୨।୪ (ସମିସ): ଅନ୍ତଃକଳହର ନିଆଁରେ ଜଳୁଛି ରାଜ୍ୟ ବିଜେପି। ରାଜ୍ୟ ମୁଖ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀଙ୍କୁ ଦଳ ଭିତରୁ ବିରୋଧ ଓ ହଟହଟା ହେବାକୁ ପଡୁଥିବା ଘଟଣା ନଜର ଆସୁଛି। ଆଜି ବି ଏପରି ଏକ ଘଟଣା ବାଲେଶ୍ୱର ଜିଲ୍ଲାର ସୋର ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ଏଠାକାର ବିଜେପି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ବିଜେପିର କର୍ମୀ ଓ ସ୍ଥାନୀୟ ନେତାମାନେ ତୀବ୍ର ବିରୋଧ କରିଛନ୍ତି। ପ୍ରଥମ କରି ନିର୍ବାଚନୀ ପ୍ରଚାର ପାଇଁ ଆସିଥିବା ରାଜୁଙ୍କୁ ଅସନ୍ତୁଷ୍ଟ କର୍ମୀ ଓ ନେତାମାନେ ନିର୍ବାଚନମଣ୍ଡଳୀ ମଧ୍ୟକୁ ପ୍ରବେଶ କରିବାକୁ ଦେଇନଥିଲେ। ତେଣୁ ଘୋର୍ ବିରୋଧର ସମ୍ମୁଖୀନ ହେବା ପରେ ହଟହଟା ହୋଇ ସେ ଫେରିଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

ଆଜି ମଧ୍ୟାହ୍ନରେ ବିଜେପି ପ୍ରାର୍ଥୀ ଶ୍ରୀ ଦାସ ୧୬ ନମ୍ବର ଜାତୀୟ ରାଜପଥ ତାରିଣୀ ଛକ ନିକଟରେ ପହଞ୍ଚିବା ପରେ ବିଜେପି କାଂଶବାଂଶ ମଣ୍ଡଳ ସଭାପତି



ସିଦ୍ଧାର୍ଥ ଶଙ୍କର ବେହେରାଙ୍କ ନେତୃତ୍ୱରେ ସରପଞ୍ଚ ଲକ୍ଷ୍ମୀକାନ୍ତ ମଲିକ, ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ, ଗଣେଶ ଦାସ, ପ୍ରକାଶ ମାଝୀଙ୍କ ସମେତ ବହୁ କର୍ମୀ ତାଙ୍କୁ ବିରୋଧ କରିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ସୋରରୁ ଲଢ଼ିବାକୁ ଚୂଡ଼ାନ୍ତ କରିଛନ୍ତି ବୋଲି ରାଜୁ ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ବି ସେମାନେ କିଛି ବୁଝିନଥିଲେ। ବାହାରୁ ଆସି ସୋର ନିର୍ବାଚନମଣ୍ଡଳୀବାସୀଙ୍କ କି ବିକାଶ କରିବ ବୋଲି ଓଲଟା ପ୍ରଶ୍ନ କରିଥିଲେ। ଅସନ୍ତୁଷ୍ଟ ବିଜେପି କର୍ମୀମାନେ 'ରାଜୁ ଗୋ-ବ୍ୟାକ୍' ନାରା ଦେଇଥିଲେ। ଫଳରେ ଶ୍ରୀ ଦାସ ହଟହଟା ହୋଇ ଅନ୍ୟ ଉପାୟ ନ ପାଇ ସେଠାରୁ ଫେରିଯାଇଥିଲେ। ଘରେ ନ ପଶୁଣୁ ଚାଳ ବାଜିବା ଭଳି ରାଜୁଙ୍କ ପଥରେ ଏବେ ଏହି ଅସନ୍ତୁଷ୍ଟ ଗୋଷ୍ଠୀ କଣ୍ଟା ସାଜିଛନ୍ତି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ବିଜେପି ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନମଣ୍ଡଳୀର ଆଶାୟୀ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ସୋର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ନାମ ଘୋଷଣା କରିଥିଲା। ରାଜେନ୍ଦ୍ରଙ୍କ ନାମ ଘୋଷଣା ହେବା ମାତ୍ରେ ବିଜେପିର ସ୍ଥାନୀୟ ବିଧାୟକ ଆଶାୟୀ ପ୍ରାର୍ଥୀ ଓ କର୍ମକର୍ତ୍ତାମାନେ ସୋର ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ରାଜୁ ଦାସ ଗୋ ବ୍ୟାକ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟିକଟ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଦଳୀୟ କାର୍ଯ୍ୟ କରିବୁ ନାହିଁ ବୋଲି କର୍ମୀମାନେ ଚେତାବନୀ ଦେଇ କାର୍ଯ୍ୟାଳୟ ତାଲା ପକାଇ ଦେଇଥିଲେ। ଅସନ୍ତୋଷର ସେ ନିଆଁ ଲିଭିନଥିବା ବେଳେ ଏବେ ବି ବିଜେପି କାର୍ଯ୍ୟାଳୟରେ ସେ ତାଲା ଝୁଲୁଛି।

**ନିର୍ବାଚନମଣ୍ଡଳୀରେ ପୂରାଇ ଦେଲେନି ଅସନ୍ତୁଷ୍ଟ କର୍ମୀ, ନେତା**

## ଲୋଇସିଂହା ନିର୍ବାଚନମଣ୍ଡଳୀ

# ଭୋଟରଙ୍କ ପ୍ରଥମ ପସନ୍ଦ 'ବ୍ୟକ୍ତିତ୍ୱ'

ବଲାଙ୍ଗିର, ୧୨।୪ (ସମିସ):

ବଲାଙ୍ଗିର ଜିଲ୍ଲାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆସନ ଲୋଇସିଂହା ବିଧାନସଭା କ୍ଷେତ୍ର। ଏଠି କୌଣସି ଦଳର ଏକଚାଟିଆ ପ୍ରଭାବ ନାହିଁ। ପୂର୍ବରୁ ବିଜେପି, କଂଗ୍ରେସ ଓ ବିଜେଡିର ବିଧାୟକ ରହିଆସିଛନ୍ତି। ସମସ୍ତ ଦଳର ନିଜସ୍ୱ ଭୋଟ୍‌ବ୍ୟାଙ୍କ ମଧ୍ୟ ରହିଛି। ତେଣୁ ଏଠାରୁ ଏଥର କିଏ ବିଜୟ ମୁକୁଟ ପିନ୍ଧିବ, ତାହାକୁ ନେଇ ଜୋରଦାର୍ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରତି ନିର୍ବାଚନରେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ହିଁ ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ସହାୟକ ହୋଇ ଆସିଛି। ଏହାର ଫାଇଦା ନେଇ ଗତ ୨୦୧୯ ନିର୍ବାଚନରେ ବିଜୟୀ ହୋଇଥିଲେ ମୁକେଶ ମହାଲିଙ୍ଗ। ଏଥର ବି ମୁକେଶ ବିଜେପିରୁ ଟିକଟ ହାତେଇଥିବା ବେଳେ ତାଙ୍କୁ ଟକ୍କର୍ ଦେବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି ବିଜେଡିରୁ ନୀହାର ବେହେରା ଓ କଂଗ୍ରେସରୁ ଓମ୍‌ପ୍ରକାଶ କୁମ୍ଭାର।

୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ମୁକେଶ ମହାଲିଙ୍ଗ ବିଜୟୀ ହୋଇଥିଲେ। ବିଜୟୀ ହେବା ପରେ ବିଧାୟକ ଶ୍ରୀ ମହାଲିଙ୍ଗ ଅନେକ ସମସ୍ୟା ଓ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଥିଲେ। ଚିଠି ମାଧ୍ୟମରେ ଅନେକ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଗତ ପାଞ୍ଚବର୍ଷ ଭିତରେ ଶ୍ରୀ ମହାଲିଙ୍ଗଙ୍କ ଲୋକସମ୍ପର୍କ ଓ ଦଳୀୟ ସଂଗଠନକୁ ସେ ଅଣଦେଖା କରିଥିବା ତାଙ୍କ ଦଳରେ ହିଁ କର୍ମୀମାନେ ରାଜ୍ୟ ସଭାପତିଙ୍କୁ ଅଭିଯୋଗ କରିଥିଲେ।

ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ନୀହାର ରଞ୍ଜନ ବେହେରାଙ୍କ ଲୋକସମ୍ପର୍କ ବିଧାୟକଙ୍କଠାରୁ ଅଧିକ ରହିଥିବା ଆଲୋଚନା ହେଉଛି। ସେ ଗତ ୭ ବର୍ଷ ଧରି ବିଭିନ୍ନ ସାମାଜିକ, ରାଜନୈତିକ କାର୍ଯ୍ୟ ସହ ଜଡ଼ିତ ଥିବା ବେଳେ ଯୁବଗୋଷ୍ଠୀ ଉପରେ ତାଙ୍କର ଏକ ବଡ଼ ପ୍ରଭାବ ରହିଛି। ତାଙ୍କ ନିଜସ୍ୱ ବ୍ୟକ୍ତିତ୍ୱ ଆଧାରରେ ଭୋଟବ୍ୟାଙ୍କ ମଧ୍ୟ ରହିଛି, ଯାହାକି ତାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।


ମୁକେଶ ମହାଲିଙ୍ଗ


ନୀହାର ବେହେରା


ଓମ୍‌ପ୍ରକାଶ କୁମ୍ଭାର

ଅନ୍ୟପକ୍ଷରେ କଂଗ୍ରେସ ଦଳର ଏକ ବଡ଼ ଭୋଟ ବ୍ୟାଙ୍କ ରହିଛି। କିନ୍ତୁ କଂଗ୍ରେସ ଦଳରୁ ସେହିଭଳି ପ୍ରଭାବୀ ବ୍ୟକ୍ତିତ୍ୱ ପ୍ରାର୍ଥୀ ହେଉ ନଥିବାରୁ ସେହି ଭୋଟରେ ହିଁ ଦଳ ସୀମିତ ରହି ପରାଜୟ ବରଣ କରୁଥିବା ଚର୍ଚ୍ଚା ହେଉଛି।

ସୂଚନାନୁସାରେ, ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ ନିର୍ବାଚନରେ ବିଜେପିକୁ ମିଳିଥିଲା ୭୧୨୬୧ଖଣ୍ଡ ଭୋଟ। ସେହିପରି ବିଜେଡି ୫୭୫୯୩ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ୪୦୦୫୩ ଖଣ୍ଡ ଭୋଟ ପାଇଥିଲା। ୨୦୧୪ ନିର୍ବାଚନରେ ବିଜେପିକୁ ୩୮୭୩୨ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡିକୁ ମିଳିଥିଲା ୬୪୩୪୦ ଖଣ୍ଡ ଭୋଟ। ସେହିପରି କଂଗ୍ରେସକୁ ମିଳିଥିଲା ୪୧୪୮୬ ଖଣ୍ଡ ଭୋଟ। ୨୦୦୯ ନିର୍ବାଚନରେ ବିଜେଡିକୁ ୪୯୯୫୯ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେପିକୁ ୩୮୨୬୧ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସକୁ ୪୫୫୬୬ ଖଣ୍ଡ ଭୋଟ ମିଳିଥିଲା। ୨୦୦୯ ଓ ୨୦୧୪ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହି ତିନୋଟି ନିର୍ବାଚନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରକ ବା ଫ୍ୟାକ୍ଟର୍ ହେଉଛି ବ୍ୟକ୍ତିତ୍ୱ। ୨୦୦୯ରେ ଜଣେ ଫୁଟବଲ୍ ଖେଳାଳି ଓ କ୍ରୀଡ଼ା ସଙ୍ଗଠକ ଭାବେ ପରିଚିତ ଥିବା ରମାକାନ୍ତ ସେଠ ବିଜୟୀ ହୋଇଥିଲେ। ୨୦୧୪ରେ ବିଜୟୀ ହୋଇଥିବା ବିଜେଡିର ଯୋଗେନ୍ଦ୍ର ବେହେରା ପୂର୍ବରୁ ଟିଟିଲାଗଡ଼ରୁ ଚାରିଥର ବିଧାୟକ ହୋଇଥିଲେ। ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ପାଣ୍ଡବ କୁମ୍ଭାର ଓ ପରମାନନ୍ଦ ସେଠଙ୍କ ବ୍ୟକ୍ତିତ୍ୱ ସେଭଳି ପ୍ରଭାବୀ ନଥିବାରୁ ସେମାନଙ୍କୁ ଭୋଟର୍ ପ୍ରତ୍ୟାଖ୍ୟାନ କରିଥିଲେ। ସେହିପରି ୨୦୧୯ରେ ଜଣେ ଉଚ୍ଚଶିକ୍ଷିତ ବୈଜ୍ଞାନିକ ଭାବେ ମୁକେଶ ମହାଲିଙ୍ଗ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିଲେ ଏବଂ ଏହା ତାଙ୍କୁ ସହାଇଥିଲା। ତେବେ ଚଳିତ ନିର୍ବାଚନରେ ସେହି ବୈଜ୍ଞାନିକଙ୍କ ବିରୋଧରେ ସ୍ୱଚ୍ଛ ଓ ଦକ୍ଷ ସଙ୍ଗଠକ ଯୁବ ଚେହେରାକୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଜଣେ ପୁରୁଣା କଂଗ୍ରେସ କର୍ମୀଙ୍କୁ ପ୍ରାର୍ଥୀ କରିଛି। ତେବେ ଭୋଟର୍ କାହାକୁ ଗ୍ରହଣ କରିବେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆସୁଛି ନିର୍ବାଚନ

# ଅସ୍ତ୍ର ସାଜିବ ଅଞ୍ଚଳ ଓ ଭାଷାଭିତ୍ତିକ ବିଜ୍ଞାପନ

ଭୁବନେଶ୍ୱର, ୧୨।୪ (ସମିସ): ନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରଚାର ଉଷ୍ମତା ସେତିକି ବଢ଼ୁଛି। ତେବେ ଏଥର ପ୍ରାର୍ଥୀ କ୍ଷେତ୍ରପ୍ରଚାର ସହିତ ଅନ୍‌ଲାଇନ୍ ପ୍ରଚାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କ୍ଷେତ୍ର ଉପରେ କିଛି ଭୋଟର୍‌ଙ୍କ ପାଖରେ ପହଞ୍ଚି ପାରୁଥିବା ପ୍ରାର୍ଥୀ ସାମାଜିକ ଗଣମାଧ୍ୟମ ଜରିଆରେ ଲକ୍ଷାଧିକ ଭୋଟରଙ୍କ ନିକଟରେ ନିଜ ବାର୍ତ୍ତା ପହଞ୍ଚାଇବା ଉଦ୍ୟମରେ ଅଛନ୍ତି। ସେଥିପାଇଁ ପ୍ରାର୍ଥୀମାନେ ଅଞ୍ଚଳ ଓ ଭାଷାଭିତ୍ତିକ ପ୍ରଚାର ଉପରେ ଗୁରୁତ୍ୱ ଦେଉଛନ୍ତି। ଅର୍ଥାତ୍ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଚଳିତ ଭାଷାକୁ ନେଇ ବିଜ୍ଞାପନ ପ୍ରସ୍ତୁତି ସହ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ମୋବାଇଲ୍ ବ୍ୟବହାରକାରୀଙ୍କୁ ଟାର୍ଗେଟ୍ କରୁଛନ୍ତି।

ଆଜିର କୃତ୍ରିମ ବୁଦ୍ଧିମତା ଓ ସ୍ମାର୍ଟଫୋନ୍ ଯୁଗରେ ମଧ୍ୟ ପାରମ୍ପରିକ ନିର୍ବାଚନ ପ୍ରଚାର ଗୁରୁତ୍ୱ ହରାଇନାହିଁ। ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଦୁଆର ଦୁଆର ବୁଲି ଭୋଟ ଭିକ୍ଷା କରୁଛନ୍ତି। ତେବେ ବୈଷୟିକ କୌଶଳ ନିର୍ବାଚନ ପ୍ରଚାରର ପରିଭାଷା ବଦଳାଇ ଦେଇଛି। ବିଶେଷକରି ଲୋକପ୍ରିୟ ସାମାଜିକ ଗଣମାଧ୍ୟମ ଜରିଆରେ ଅଧିକ ଭୋଟର ବିଶେଷକରି ଯୁବବର୍ଗଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଆରମ୍ଭ କରିଛନ୍ତି। ସେଥିପାଇଁ ପ୍ରାର୍ଥୀମାନେ ଆଞ୍ଚଳିକ ଭାଷାରେ ନିର୍ବାଚନ ପ୍ରଚାର ଭିଡିଓ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିଜ୍ଞାପନ ଜରିଆରେ କିଏ ସରକାରଙ୍କ ସଫଳତା ବଖାଣୁଥିବା ବେଳେ ଆଉ କିଏ ସରକାରଙ୍କୁ ସମାଲୋଚନା କରୁଛି। ନିର୍ବାଚନରେ ବିଜୟୀ ହେଲେ ନିଜ ଅଞ୍ଚଳ ପାଇଁ କ'ଣ କରିବେ, ଯୁବବର୍ଗଙ୍କ ଭବିଷ୍ୟତ ପାଇଁ କ'ଣ ରଣନୀତି ରହିଛି, ମୌଳିକ ସମସ୍ୟାର ସମାଧାନ ଆଦି ବିଷୟବସ୍ତୁକୁ ନେଇ ଭିଡିଓ ତଥା ଫଟୋ ପ୍ରସ୍ତୁତ କରାଯାଉଛି। ଏହି ଭିଡିଓ ଏବଂ ଫଟୋରେ ସ୍ଥାନୀୟ ଅଞ୍ଚଳର ଭାଷା, ପରମ୍ପରା, ସଂସ୍କୃତିକୁ ମଧ୍ୟ ପ୍ରାର୍ଥୀମାନ ପ୍ରାଧାନ୍ୟ ଦେଉଛନ୍ତି। ଯଦିଓ ପ୍ରାୟ ସମସ୍ତ ପ୍ରାର୍ଥୀ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ନିର୍ବାଚନ ପ୍ରଚାର କରୁଛନ୍ତି, ତେବେ ସେମାନଙ୍କ ମଧ୍ୟରୁ ଅନେକ ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ବିଜ୍ଞାପନ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏବେ ପ୍ରାୟ ସବୁ ଦଳର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇ ସାରିଥିବାରୁ ଆଗାମୀ ଦିନରେ ପ୍ରଚାର ଜୋର୍ ଧରିବ ବୋଲି କୁହାଯାଉଛି। ସେଥିପାଇଁ ପ୍ରାର୍ଥୀମାନେ ବିଜ୍ଞାପନ ଏଜେନ୍ସି ଜରିଆରେ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ପ୍ରସାରଣ ପାଇଁ ମୋଟା ଅଙ୍କର ଅର୍ଥ ମଧ୍ୟ ବ୍ୟୟ କରିବା ଲାଗି ଆଲୋଚନା କଲେଣି। ବିଶେଷକରି ଫେସବୁକ୍, ଇନଷ୍ଟାଗ୍ରାମ୍, ଟେଲିଗ୍ରାମ୍, ଏକ୍ସ ଏବଂ ୟୁଟ୍ୟୁବ୍‌ରେ ବିଜ୍ଞାପନ ପାଇଁ ପ୍ରାର୍ଥୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଆଗକୁ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଲେ ଅନଲାଇନ୍ ପ୍ରଚାର ମଧ୍ୟ ଜୋର୍ ଧରିବ ବୋଲି କୁହାଯାଉଛି।

**ଲକ୍ଷ୍ୟରେ ଲୋକପ୍ରିୟ ସାମାଜିକ ଗଣମାଧ୍ୟମ**









**ପାଟକୁରାରେ ପୁଅ ଅରବିନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ବିଜୟ**

**ବୀରମିତ୍ରପୁରରେ ଯୋଶେଫ ପାଇଁ ମଇଦାନରେ ଜର୍ଜ**

**ପୁଅ ସମରେନ୍ଦ୍ର ପାଇଁ ନରସିଂହଙ୍କ ପ୍ରଚାର ଆରମ୍ଭ**

**ଅଭିନନ୍ଦନଙ୍କ ପାଇଁ ପ୍ରଚାର ମଇଦାନରେ ବସନ୍ତ ପଣ୍ଡା**

**ପୁଅଙ୍କ ପାଇଁ ମଙ୍ଗଳା, ଉଷା ଦେବୀ ବି କରୁଛନ୍ତି ପ୍ରଚାର**

**ବାପାଙ୍କ ସହ ପ୍ରଚାର ମଇଦାନରେ ସୌଭିକ, ଦେବୀ**

# ପୁଅଙ୍କ ପ୍ରଚାର ରଥରେ ବାପା ସାରଥୀ

ଭୁବନେଶ୍ୱର, ୧୨।୪(ସମିସ):

୨୦୨୪ ନିର୍ବାଚନ ବହୁ ପୁରୁଖା ନେତାଙ୍କ ପାଇଁ ହୁଏତ ଶେଷ ନିର୍ବାଚନ। ଅନ୍ୟ ପକ୍ଷରେ ଅନେକ ପୁରୁଖା ଓ ବୟସ୍କ ନେତା ଆଗାମୀ ନିର୍ବାଚନରେ ପୁଅ ପାଇଁ ଛାଡ଼ିଛନ୍ତି ବାଟ। ନିଜେ ପ୍ରତିଦ୍ୱନ୍ଦ୍ୱିତା ନ କରି ପ୍ରତ୍ୟକ୍ଷ ରାଜନୀତିରୁ ସନ୍ୟାସ ନେଇ ପୁଅକୁ ରାଜନୈତିକ ଉତ୍ତରାଧିକାରୀ ଘୋଷଣା କରିଛନ୍ତି। ଅତୀତରେ ଅର୍ଥାତ୍ ୨୦୧୯ ନିର୍ବାଚନରେ ଏପରି ବହୁ ଘଟଣା ଘଟିଥିଲା, ଏବେ ତାହାର ପୁନରାବୃତ୍ତି ଘଟିଛି। ୨୦୧୯ ନିର୍ବାଚନରେ ବାପାଙ୍କ ବଦଳରେ ନିର୍ବାଚନ ଲଢ଼ି ବହୁ ଆସନରେ ପୁଅମାନେ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ମଧ୍ୟ ଏହି ତାଲିକାରେ ଆଉ କିଛି ନାଁ ଯୋଡ଼ି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଭେଟେରାନ୍ ବାପାମାନେ ପିଲାମାନଙ୍କ ଭବିଷ୍ୟ ସଂଗଠନକୁ ଲଗାଇ ନେଜେ ୪୦ ଡିଗ୍ରୀ ଖାତିର ନ କରି ପୁଅଙ୍କ ରଥରେ ବାପାମାନେ ସାରଥୀ ସାଜିଛନ୍ତି।

ରାଜ୍ୟ ରାଜନୀତିର ଚର୍ଚ୍ଚିତ ଚେହେରା ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ପାଟକୁରା ଆସନରୁ ବିଜେଡି ପ୍ରାର୍ଥୀ କରିଛି। ଅରବିନ୍ଦ ପାଟକୁରାରେ ଲୋକଙ୍କ ପାଖକୁ ଯାଇ ଭୋଟ୍ ଭିକ୍ଷା ଆରମ୍ଭ କରି ଦେଇଛନ୍ତି। ନୂଆକରି ରାଜନୀତିରେ ପାଦ ଦେଇଥିବା ଅରବିନ୍ଦଙ୍କ ପଛରେ ରହି ରାଜନୀତିର ଗୋଟି ଚଳାଉଛନ୍ତି ବାପା ବିଜୟ। ମହାଙ୍ଗାରେ ମଧ୍ୟ



## ୪୦ ଡିଗ୍ରୀ ଖରାରେ ବି ମଇଦାନରେ ବାପାଙ୍କ ପ୍ରଚାର

ଅନୁରୂପ ସ୍ଥିତି ଉପୁନ୍ନ ହୋଇଛି। ବିଜେଡିର ଟାଣୁଆ ନେତା ପ୍ରତାପ ଜେନା ପୁଅ ଅଙ୍କିତଙ୍କ ବିଜୟର ନକ୍ସା କାଟୁଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରତାପଙ୍କ ସ୍ଥାନରେ ତାଙ୍କ ପୁଅ ଅଙ୍କିତଙ୍କୁ ପ୍ରାର୍ଥୀ କରିଛି। ତେଣୁ ପୁଅ କିପରି ମାହାଙ୍ଗାରେ ବିଜୟ ବୈଜୟନ୍ତୀ ଉଡ଼ାଇବ ସେଥିପାଇଁ ପ୍ରତାପ କାର୍ଯ୍ୟ ଚଳାଇଛନ୍ତି। କେବଳ ମାହାଙ୍ଗା ବିଧାନସଭା ନୁହେଁ, କେନ୍ଦ୍ରାପଡ଼ା ଲୋକସଭା ଆସନରେ ବିଜେଡିର ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି ପ୍ରତାପ।

ବଲାଙ୍ଗିରରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କ ପାଇଁ ପ୍ରଚାର ମଙ୍ଗ ଧରିବା ସହ ବଲାଙ୍ଗିରରେ ତାଙ୍କର ପୁରୁଣା ସଂଗଠନକୁ ସକ୍ରିୟ କରାଇଛନ୍ତି। ନିଜେ ପୁଅଙ୍କ ସମର୍ଥନରେ ଭୋଟ୍ ମା ଗିବା ସହ ପୁଅଙ୍କୁ ବିଜୟ ଶିରପା ପିନ୍ଧାଇବା ପାଇଁ ଅହରହ ପରିଶ୍ରମ କରୁଛନ୍ତି। ବିଜେପି ସାଂସଦ ବସନ୍ତ ପଣ୍ଡାଙ୍କ ବଦଳରେ ତାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ବିଜେପି ନୂଆପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଥିବାରୁ ସେ ତାଙ୍କ ପୁଅ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି। ସେହିପରି ବରିଷ୍ଠ ନେତା ମଙ୍ଗଳା କିସାନଙ୍କ ପୁଅ ଅନୀଲ୍ ବରୁଆ, ଜର୍ଜ ତିର୍କୀଙ୍କ ପୁଅ ରୋହିତ ଜୋସେଫ୍ ତିର୍କୀ, ଭକ୍ତ ଦାସଙ୍କ ପୁଅ ସାଗର ଦାସ ପ୍ରମୁଖଙ୍କ ପ୍ରାର୍ଥୀ ହୋଇଥିବାରୁ ସେମାନଙ୍କ ପାଇଁ ବାପାମାନେ ବି ପ୍ରଚାରରେ ବାହାରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କୁ ଚିକିଟି ଆସନରୁ ବିଜେଡି ପ୍ରାର୍ଥୀ କରିଛି। ଏଠାରେ ନିଜଙ୍କୁ ପୁଅଙ୍କୁ ବିଜୟୀ କରିବା ପାଇଁ ମନ୍ତ୍ରୀ ଉଷା ଦେବୀ ରଣନୀତି ପ୍ରସ୍ତୁତ କରିଛନ୍ତି। ସେହିପରି ଝିଅ ପାଇଁ କଂଗ୍ରେସ ନେତା ଭୁଜବଳ ମାଝି ମଧ୍ୟ ପ୍ରଚାର କରୁଥିବା ଦେଖାଯାଇଛି।

ଏହି ଯୁବନେତାମାନଙ୍କ ବ୍ୟତୀତ ଗତ ନିର୍ବାଚନରେ ବାପାଙ୍କ ସ୍ଥାନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିବା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ମଧ୍ୟ ନିଜ ବାପାଙ୍କ ସହ ପ୍ରଚାର କରୁଥିବା ଦେଖାଯାଇଛି। ଗତ ନିର୍ବାଚନରେ ଏହି ୨ ଯୁବ ବିଧାୟକଙ୍କ ବିଜୟ ପଛରେ ସେମାନଙ୍କ ବାପା ପ୍ରଭାତ ତ୍ରିପାଠୀ ଓ ପ୍ରଭାତ ବିଶ୍ୱାଳ ପ୍ରମୁଖ ବଡ଼ ଭୂମିକା ନେଇଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଦୁଇ ପ୍ରଭାତ ନିଜ ପିଲାମାନଙ୍କ ପାଇଁ ପ୍ରଚାର ଚଳାଇଥିବା ଦେଖାଯାଉଛି।

**ବାଲିଗୁଡ଼ା ବିଧାନସଭା ଆସନ**

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ବିଜେଡି

## ତୃଣମୂଳସ୍ତରର ସେବା ବିଜେଡି ପାଇଁ ହେବ ଲାଭଦାୟକ

ଫୁଲବାଣୀ/ବାଲିଗୁଡ଼ା, ୧୨।୪ (ସମିସ):

କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବିଧାନସଭା ଆସନ ପାଇଁ ବିଜେପି କଳ୍ପନା କହଁର ଓ କଂଗ୍ରେସ ସୁରଦା ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ବିଜେପି ନୂଆ ମୁହଁ ସହ ମହିଳା ପ୍ରାର୍ଥୀ ଦେଇ ମହିଳା କାର୍ଡ ଖେଳିଥିବା ବେଳେ କଂଗ୍ରେସ ମଧ୍ୟ ନୂଆ ମୁହଁକୁ ଗୁରୁତ୍ୱ ଦେଇଛି। କିନ୍ତୁ ବିଜେଡି ଏଠାରେ ପୂର୍ବତନ ବିଧାୟକ ଚକ୍ରମଣି କହଁରଙ୍କୁ ପୁଣି ଟିକଟ ଦେଇ ଗଡ଼ ଅକ୍ଷୁଣ୍ଣ ଲକ୍ଷ୍ୟରେ ରହିଛି।

ଏକଦା କଂଗ୍ରେସର ଦୁର୍ଗ ଥିବା ଏହି ଆସନରେ ଦଳ ଗତ ଦୁଇଟି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଆସୁଥିବା ବେଳେ ବିଜେଡି ଏଠାରେ ବାଜିମାତ୍ କରିଆସୁଛି। ୨୦୧୪ରେ ଏଠାରୁ ବିଜେଡି ପ୍ରାର୍ଥୀ ରାଜୀବ ପାତ୍ର ଓ ୨୦୧୯ ରେ ଚକ୍ରମଣି କହଁର ବିଜୟୀ ହୋଇଥିଲେ। ଆଉ ଟିକିଏ ପଛକୁ ଗଲେ, ବିଜେଡି-ବିଜେପି ମେଣ୍ଟ ସମୟରେ ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଏଠାରେ ବିଜେପି ବିଧାୟକ ରହିଥିଲେ। ମେଣ୍ଟ ଭାଙ୍ଗିବା ପରେ ମଧ୍ୟ ବିଜେପି ଏଠାରେ ଜିତିଥିଲା।



ଚକ୍ରମଣି କହଁର | କଳ୍ପନା କହଁର | ସୁରଦା ପ୍ରଧାନ

ତେଣୁ ୩ ପ୍ରମୁଖ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ଏହି ଆସନରେ ଏଥର ଜୋରଦାର୍ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି।

ଶାସକ ବିଜେଡି ତା'ର ଅଭିଯାନ ଜୋରଦାର କରିଛି। ନବୀନଙ୍କ ସୁଶାସନ ଓ ସ୍ଥାନୀୟ ଅଞ୍ଚଳର ବିକାଶକୁ ନେଇ ଦଳ ନିର୍ବାଚନ ଜିତିବାକୁ ଆଶା ରଖିଛି। ବୁଥ୍‌ସ୍ତରରୁ ଦଳକୁ ସଂଗଠିତ କରିବା ପାଇଁ ପୂରା ଦମ୍‌ରେ ଲାଗି ପଡ଼ିଛି। ବ୍ଲକ ବିଜେଡି ସଭାପତି ଟୁନା ଦାସ, ବାଲିଗୁଡ଼ା ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଅଜୟ କୁମାର ମହାରଣା ଓ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ଘନଘନ ବାଲିଗୁଡ଼ା ଗସ୍ତ କରି ତୃଣମୂଳସ୍ତରରେ ଲୋକଙ୍କୁ ଭେଟି ଦଳୀୟ ସଂଗଠନକୁ ମଜଭୁତ କରିବାରେ ଉଦ୍ୟମ ଚଳାଇଛନ୍ତି। କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ମଧ୍ୟ ଦଳର ଶକ୍ତି ବଢ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏସବୁ ଦଳର ବିଜୟଧାରାରେ ସହାୟକ ହେବ ବୋଲି ବିଜେଡି ବ୍ଲକ ସଭାପତି ତଥା ସାଂସଦ ପ୍ରତିନିଧି ଟୁନା ଦାସ ମତବ୍ୟକ୍ତ କରିଛନ୍ତି। ଏଥିସହ ତୃଣମୂଳ ସ୍ତରରେ ଯେଉଁ ସେବା କାର୍ଯ୍ୟ କରାଯାଇଛି, ତାହା ମଧ୍ୟ ବିଜେଡିକୁ ଆଗରେ ରଖିବ ବୋଲି କୁହାଯାଉଛି।

ସେପଟେ ଗାଁ, ଆଦିବାସୀ ଓ ସଂଖ୍ୟାଲଘୁ ଭୋଟର୍‌ଙ୍କ ଉପରେ ଆଖି ପକାଇଛି କଂଗ୍ରେସ। ଅନ୍ୟପଟେ ମୋଦୀ ଗ୍ୟାରେଣ୍ଟିର ନାରା ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଜେପି ଏଥର ବୁଥ୍ କମିଟିମାନ ଗଠନ କରି ନିର୍ବାଚନ ମଣ୍ଡଳୀରେ ପ୍ରଚାର ଚଳାଇଛି। ବିଭିନ୍ନ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ବେଳେ ବିଜେଡି ସରକାରର ବିକାଶମୂଳକ କାର୍ଯ୍ୟ ଓ ତୃଣମୂଳସ୍ତରୀୟ ସେବା ଓ ଶକ୍ତିବୃଦ୍ଧି ଦଳକୁ ବିଶେଷ ସହାୟ ହେବ ବୋଲି କୁହାଯାଉଛି।

**ବାସୁଦେବପୁର ବିଧାନସଭା ଆସନ**

# ବିଜେଡି ଗଡ଼ରେ କଂଗ୍ରେସ ଓ ବିଜେପି ପ୍ରାର୍ଥୀ ସଂକଟ

ଭଦ୍ରକ, ୧୨।୪(ସମିସ):

ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଆସନ ମଧ୍ୟରୁ ବାସୁଦେବପୁର ଆସନଟି ବିଜେଡିର ଏକ ଗଡ଼ ଭାବେ ପରିଚିତ। ୧୯୯୦ ଓ ୧୯୯୫ ମସିହାରୁ ଜନତା ଦଳ ଓ ପରେ ଲଗାତର ୫ଥର ବିଜେଡି ପ୍ରାର୍ଥୀ ଏହି ଆସନକୁ ନିଜ ଅକ୍ତିଆରରେ ରଖିବାରେ ସମର୍ଥ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଆସନରେ ରାଉତରାୟ ପରିବାରର ଦବଦବା ରହିଛି। ଏହି ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ୩ଥର ବିଧାୟକ ହୋଇଥିବା ବେଳେ ତାଙ୍କ ପୁଅ ବିଜୟଶ୍ରୀ ରାଉତରାୟ ୫ଥର ଏବଂ ତାଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ଥରେ ବିଧାୟକ ହୋଇସାରିଛନ୍ତି।

୧୯୯୦ ସାଧାରଣ ନିର୍ବାଚନରେ ବାସୁଦେବପୁର ଆସନରୁ ଜନତା ଦଳରୁ ପ୍ରାକ୍ତନ ମନ୍ତ୍ରୀ, ବରିଷ୍ଠ ରାଜନେତା ବିଜୟଶ୍ରୀ ରାଉତରାୟ ବିଜୟୀ ହୋଇଥିଲେ। ପରବର୍ତ୍ତୀ ୧୯୯୫ ନିର୍ବାଚନରେ ଜନତା ଦଳରୁ ଏବଂ ୨୦୦୦ରୁ ୪ଥର ବିଜେଡିରୁ ବିଜୟଶ୍ରୀ ବିଜୟୀ ହୋଇ ତାଙ୍କ ବିଜୟଧାରା ଜାରି ରଖିଥିଲେ। ଲଗାତାର ୬ଥର ବିଜୟଶ୍ରୀଙ୍କୁ ବିଜୟ ମୁକୁଟ ପିନ୍ଧାଇଥିବା ବାସୁଦେବପୁର ଭୋଟର୍ ୨୦୧୯ ରେ ତାଙ୍କ ଉତ୍ତରାଧିକାରୀ ଭାବେ ପୁତ୍ର ବିଷ୍ଣୁବ୍ରତ ରାଉତରାୟଙ୍କୁ ବିଜୟୀ କରିଥିଲେ। ପୁଣିଥରେ ବିଷ୍ଣୁବ୍ରତକୁ ବିଜୟୀ କରିବା ପାଇଁ ବିଜେଡି କର୍ମୀ ପ୍ରସ୍ତୁତ ହେଉଥିବା ବେଳେ ବିରୋଧୀ କିନ୍ତୁ କାହାକୁ ପ୍ରାର୍ଥୀ କରିବେ, ତାହାର କୂଳକିନାରା ପାଉନାହାନ୍ତି।

ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ୭୮ହଜାର ୯୬୩ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ



୬୯ହଜାର ୩୮୨ଖଣ୍ଡ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ ୩୫ହଜାର ୭୭୭ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ୯, ୫୮୧ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଆସନ୍ତା ସାଧାରଣ ନିର୍ବାଚନ ଲାଗି ବିଜେଡି ପୁନର୍ବାର ବିଷ୍ଣୁବ୍ରତଙ୍କୁ ପ୍ରାର୍ଥୀ କରିଛି। ତେବେ ତାଙ୍କ ବିପକ୍ଷରେ ଲଢ଼ିବାକୁ ବିରୋଧୀ କଂଗ୍ରେସ ଓ ବିଜେପି ପକ୍ଷରୁ ଅଦ୍ୟାବଧି ପ୍ରାର୍ଥୀ ଘୋଷଣା କରାଯାଇନାହିଁ। କଂଗ୍ରେସ ପକ୍ଷରୁ ଗତଥର ୨ୟ ସ୍ଥାନରେ ଥିବା ଜିଲ୍ଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସଙ୍କୁ ପୁଣି ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ଦଳ କିନ୍ତୁ ଘୋଷଣା କରିନାହିଁ। ସେହିଭଳି ବିଜେପିରୁ ଗତ ନିର୍ବାଚନରେ ପରାଜିତ ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକଙ୍କ ପୁତ୍ର ଉଦୟ ନାରାୟଣ ମଲ୍ଲିକ, ୨୦୧୪ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ବରିଷ୍ଠ ବିଜେପି ନେତା ଦୀନବନ୍ଧୁ ପତିଙ୍କ ସମେତ ନିକଟରେ ବିଜେପିରେ ଯୋଗଦାନ କରିଥିବା ଯୁବନେତା ବାଣୀକଲ୍ୟାଣ ମହାନ୍ତି ଓ ଯୁବନେତା ମନୋଜ ନାୟକଙ୍କ ନାମ ମଧ୍ୟ ପ୍ରାର୍ଥୀ ତାଲିକାରେ ରହିଥିବା ଶୁଣିବାକୁ ମିଳୁଛି। ଏକାଧିକ ଆଶାୟୀଙ୍କ ଟିକଟ ଲବି ବିଜେପିରେ ଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପରୋକ୍ଷରେ ସୂଚାଇ ଦେଉଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଦୁଇ ପ୍ରମୁଖ ଦଳ ଅଦ୍ୟାବଧି ଟିଟକ ଚୟନ କରିନଥିବା ବେଳେ ବିଜେଡି ଗଡ଼କୁ ପୁଣି ନିଜ ଅକ୍ତିଆରକୁ ଆଣିବାକୁ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଏବେ ପୂରା ଦମ୍‌ରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି।

ତଥ୍ୟାନୁଯାୟୀ, ବାସୁଦେବପୁର ବିଧାନସଭା କ୍ଷେତ୍ରଟି ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ଟି ୱାର୍ଡ ସହ ତିହିଡି ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନମଣ୍ଡଳୀରେ ମୋଟ ୨୬୭ଟି ମତଦାନ କେନ୍ଦ୍ର ରହିଥିବା ବେଳେ ୨ଲକ୍ଷ ୬୬ହଜାର ୬୬ ଭୋଟର ଅଛନ୍ତି।

# ପ୍ରତିଥର ନାକଚ ହେଉଛି ଲକ୍ଷାଧିକ ଭୋଟ

ଭୁବନେଶ୍ୱର, ୧୨।୪ (ସମିସ):

ନିର୍ବାଚନରେ ଗୋଟିଏ ଭୋଟ ବି ମୂଲ୍ୟବାନ। ଗୋଟିଏ ଭୋଟ ବଡ଼ ପରିବର୍ତ୍ତନ ଆଣିବା ପାଇଁ ସମର୍ଥ। ସେଥିପାଇଁ ଗଣତନ୍ତ୍ରର ମହାପର୍ବରେ ନିଶ୍ଚିତ ଭାବେ ସାମିଲ ହେବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ ଦେଶବାସୀଙ୍କୁ ନିବେଦନ କରୁଛନ୍ତି। କିନ୍ତୁ ଏପରି ବିପୁଳ ସଂଖ୍ୟକ ଭୋଟ ଅଛି ଯାହା ବିଭିନ୍ନ କାରଣ ପାଇଁ ନାକଚ ହୋଇଯାଉଛି। ୨୦୧୪ ଏବଂ ୨୦୧୯ରେ ଓଡ଼ିଶାରେ ଅନୁଷ୍ଠିତ ନିର୍ବାଚନରେ ଏପରି ନାକଚ ଭୋଟ ସଂଖ୍ୟା ଲକ୍ଷାଧିକ ହେବ।




ହସ୍ତଗତ ସୂଚନାନୁସାରେ, ୨୦୧୪ ବିଧାନସଭା ନିର୍ବାଚନରେ ସମୁଦାୟ ୧୪୨୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତି ନିର୍ବାଚନମଣ୍ଡଳୀ ପିଛା ପ୍ରାର୍ଥୀଙ୍କ ହାରାହାରି ସଂଖ୍ୟା ଥିଲା ୯। ଏହି ନିର୍ବାଚନରେ ସର୍ବମୋଟ ୨୯୧୯୬୦୪୭ ଯୋଗ୍ୟ ମତଦାତା ଥିବା ବେଳେ ସେଥିରୁ ୨୧୫୦୪୨୩୮ (୭୩.୬୫%) ଜଣ ନିଜ ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ। ତେବେ ସେଥିମଧ୍ୟରୁ ୨୧୨୬୧୩୪୪ ଭୋଟ ବୈଧ ରହିଥିବା ବେଳେ ୧୧୮୨ଟି ପୋଷ୍ଟାଲ ଭୋଟ ନାକଚ ହୋଇଥିଲା। ସେହିପରି ବିଭିନ୍ନ କାରଣ ପାଇଁ ୨୭୪୨୨୦ ଭୋଟ ହସ୍ତଗତ ହୋଇପାରି ନଥିଲା। ଏହା ମଧ୍ୟରେ ଇଭିଏମ୍, ଟେଷ୍ଟ ଭୋଟ, ନୋଟା ଏବଂ ଅନ୍ୟ କାରଣ ପାଇଁ ନାକଚ ହୋଇଥିବା ଭୋଟ ଅନ୍ତର୍ଭୁକ୍ତ। ଅପରପକ୍ଷେ, ୨୦୧୯ ବିଧାନସଭା ନିର୍ବାଚନରେ ୧୧୨୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ୨୩୧୮୩୪୯୫ଟି ଭୋଟ ଯୋଗ୍ୟ ବିବେଚିତ ହୋଇଥିଲା। ସେଥିରୁ ୨୧୮୮୫ଟି ପୋଷ୍ଟାଲ ଭୋଟ ନାକଚ ହୋଇଥିବା ବେଳେ ବିଭିନ୍ନ କାରଣ ପାଇଁ ୪୦୪୮୬୫ ଖଣ୍ଡ ଭୋଟ ଗ୍ରହଣୀୟ ହୋଇପାରି ନଥିଲା। ଏହି ନିର୍ବାଚନରେ ମତଦାନ ହାର ୭୨.୯୨% ରହିଥିଲା।

ରାଜନୈତିକ ସମୀକ୍ଷକଙ୍କ ମତରେ, ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଭୋଟ ମୂଲ୍ୟବାନ। ସମସ୍ତେ ଯେପରି ନିଶ୍ଚିତ ଭାବେ ମତଦାନ କେନ୍ଦ୍ରକୁ ଯିବେ, ସେଥିପାଇଁ ସରକାର ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ସହ ବହୁବିଧ ବ୍ୟବସ୍ଥା କରୁଛନ୍ତି। ମତଦାତାମାନଙ୍କୁ ଉତ୍ସାହିତ କରାଯାଉଛି। କିନ୍ତୁ ଗୋଟିଏ ବି ଭୋଟ ନାକଚ ହେବା ଶୁଭଙ୍କର ନୁହେଁ। ସବୁ ଭୋଟ ଯେପରି ଗ୍ରହଣୀୟ ହେବ, ସେଥିପାଇଁ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ। ମତଦାତାମାନେ ସଚେତନ ହେବା ସହ ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀ ସେଥିପ୍ରତି ସଜାଗ ରହିବା ଜରୁରୀ। ଯେଉଁ ଭୋଟର ନିଜ ପସନ୍ଦର ପାର୍ଥୀ ପାଉନାହାନ୍ତି, ସେମାନଙ୍କ ପାଇଁ 'ନୋଟା' ଭୋଟ ରହିଛି। ସେହିପରି ଯେଉଁ ଭୋଟର୍ ପ୍ରାର୍ଥୀଙ୍କୁ ଭୋଟ ଦେଉଛନ୍ତି, ସେମାନଙ୍କ ଭୋଟ କୌଣସି ପରିସ୍ଥିତିରେ ଯେପରି ନାକଚ ନ ହେବ, ତାହା ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମହଲ କହିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତ୍ୟେକ ଭୋଟ ଗୁରୁତ୍ୱପୂର୍ଣ୍ଣ।

**ପାରାଦୀପ ବିଧାନସଭା ଆସନ**

# ସ୍ୱାମୀ ଓ ଶଶୁରଙ୍କ ଗଡ଼ ଦାୟିତ୍ୱରେ ଗୀତାଞ୍ଜଳି

ଜଗତସିଂହପୁର, ୧୨।୪ (ସମିସ):

ବିଜେଡି ପକ୍ଷରୁ ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଗୁରୁବାର ଘୋଷଣା କରାଯାଇଛି। ପାରାଦୀପ ବିଧାନସଭା ଆସନ ପାଇଁ ବିଜେଡି ଗୀତାଞ୍ଜଳି ରାଉତରାୟଙ୍କ ନାମ ଘୋଷଣା କରିଛି। ଗୀତାଞ୍ଜଳି, ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଦିବଂଗତ ଦାମୋଦର ରାଉତଙ୍କ ବୋହୂ। ବିଜେଡିର ଅନ୍ୟତମ ଅଭେଦ୍ୟ ଗଡ଼ ଭାବେ ଜଣାଶୁଣା ପାରାଦୀପ ଅଣସଂରକ୍ଷିତ ନିର୍ବାଚନମଣ୍ଡଳୀରେ ସ୍ୱର୍ଗତ ରାଉତ ଦଳର ଅପରାଜେୟ ସେନାପତି ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କ ପୁଅ ସମ୍ବିତ ରାଉତରାୟଙ୍କୁ ଦଳ ଏଠାରୁ ପ୍ରାର୍ଥୀ କରିଥିଲା। ବାପାଙ୍କ ବିଜୟଧାରାକୁ ସମ୍ବିତ ମଧ୍ୟ ଅକ୍ଷୁଣ୍ଣ ରଖି ବିଜୟ ହୋଇଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଏହି ଗଡ଼ରକ୍ଷାର ଦାୟିତ୍ୱ ଗୀତାଞ୍ଜଳିଙ୍କ ଉପରେ ଦଳ ନ୍ୟସ୍ତ କରିଛି। କଂଗ୍ରେସ ଏପର୍ଯ୍ୟନ୍ତ ଏଠାରେ ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ବିଜେଡିର ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳିଙ୍କ ସହିତ ବିଜେପି ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ସିଧାସଳଖ ମୁକାବିଲା ହେବ ବୋଲି ଜଣାପଡ଼ିଛି।

ପାରାଦୀପ ମ୍ୟୁନିସପାଲିଟି, କୁଜଙ୍ଗ ବ୍ଲକର ୨୮ଟି ପଞ୍ଚାୟତ ଓ ତିର୍ତ୍ତୋଲ ବ୍ଲକର ୮ଟି ପଞ୍ଚାୟତକୁ ନେଇ ଗଠିତ ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେଡିର ସାଂଗଠନିକ



ଗୀତାଞ୍ଜଳି ରାଉତରାୟ

ସ୍ଥିତି ଅନ୍ୟ ଦଳ ଅପେକ୍ଷା ମଜଭୁତ ସ୍ଥିତିରେ ରହି ଆସିଛି। ତେଣୁ ସ୍ୱାମୀ, ଶଶୁରଙ୍କ ଏହି ଗଡ଼କୁ ରକ୍ଷା ପାଇଁ ଗୀତାଞ୍ଜଳିଙ୍କୁ ବେଶୀ କସରତ କରିବାକୁ ପଡ଼ିବ ନାହିଁ ବୋଲି ରାଜନୈତିକ ମହଲ ଭବିଷ୍ୟବାଣୀ କରୁଛନ୍ତି।

ଗୀତାଞ୍ଜଳି ରାଉତରାୟଙ୍କ ଶଶୁର ବରିଷ୍ଠ ନେତା ଡ. ଦାମୋଦର ରାଉତଙ୍କ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ରହିଥିଲା। ୧୯୭୭ରୁ ୨୦୧୭ ପର୍ଯ୍ୟନ୍ତ ପ୍ରାୟ ୪ଦଶନ୍ଧି ଧରି ସେ ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିଆସିଥିଲେ। ୧୯୭୭, ୧୯୮୦, ୧୯୯୦, ୨୦୦୦ ଓ ୨୦୦୪ରେ ଏରସମା ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ୫ଥର ନିର୍ବାଚିତ ହୋଇଥିଲେ। ତେବେ ଏହାପରେ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହେବା ପରେ ସ୍ୱର୍ଗତ ରାଉତ ୨୦୦୯ ଓ ୨୦୧୪ରେ



ସମ୍ପଦ ସ୍ୱାଇଁ

ନବଗଠିତ ପାରାଦୀପ ନିର୍ବାଚନ ମଣ୍ଡଳୀରୁ ଲଗାତର ଦୁଇଥର ନିର୍ବାଚନ ଲଢ଼ି ଜିତିଥିଲେ। ୨୦୦୯ ନିର୍ବାଚନରେ ୬୬, ୮୬୩ ଖଣ୍ଡ ଭୋଟ ପାଇବା ସହିତ ବହୁ ବ୍ୟବଧାନରେ ସ୍ୱାଧୀନ ପ୍ରାର୍ଥୀ ରମେଶ ସାମନ୍ତରାୟଙ୍କୁ ହରାଇଥିଲେ। ୨୦୧୪ ନିର୍ବାଚନରେ ପାରାଦୀପରୁ ସ୍ୱର୍ଗତ ରାଉତ ୮୫,୨୦୬ ଖଣ୍ଡ ଭୋଟ ପାଇ ଜିତିଥିବା ସମୟରେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କୁ ୩୮, ୬୦୦ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଥିଲେ। ଦାମୋଦରଙ୍କୁ ୫୯ ପ୍ରତିଶତ ଭୋଟ ମିଳିଥିବା ସମୟରେ ସର୍ଖେଲଙ୍କୁ ୩୨ପ୍ରତିଶତ ଭୋଟ ମିଳିଥିଲା।

ଗତ ୨୦୧୯ ନିର୍ବାଚନରେ ଗୀତାଞ୍ଜଳିଙ୍କ ସ୍ୱାମୀ ସମ୍ବିତ ରାଉତରାୟ ନିର୍ବାଚନ ଲଢ଼ି କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କୁ ୨୦, ୯୯୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଚଳିତ ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ହୋଇଥିବା ସମ୍ପଦ ସ୍ୱାଇଁ ଗତ ୨୦୧୯ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ବେଳେ ମାତ୍ର ୨୨ ପ୍ରତିଶତ ଭୋଟ ପାଇଥିଲେ। ପାରାଦୀପ ଜଳବାୟୁ ଲୁଣିଆ ହୋଇଥିବାରୁ ଏଠାରେ ପଦ୍ମ ଫୁଟିବା ସମ୍ଭାବନା ନାହିଁ ବୋଲି ଗତ ୨୦୧୯ ନିର୍ବାଚନ ପୂର୍ବରୁ ଡ. ଦାମୋଦର ରାଉତ କରିଥିବା ଭବିଷ୍ୟତବାଣୀ ସତ୍ୟ ହୋଇଥିଲା।

ଅନ୍ୟପକ୍ଷରେ ଚଳିତ ନିର୍ବାଚନ ପୂର୍ବରୁ ଅରିନ୍ଦମ ସର୍ଖେଲ କଂଗ୍ରେସରୁ ଇସ୍ତଫା ଦେବା ପରେ ପାରାଦୀପରୁ କଂଗ୍ରେସ ଏକପ୍ରକାର ଅସ୍ତିତ୍ୱ ହରାଇବାକୁ ବସିଛି। ତାଙ୍କ ପତ୍ନୀ ମୋନିଦୀପା ସର୍ଖେଲ ବିଜେଡିରେ ମିଶିବା ପରେ ପାରାଦୀପରେ ବିଜେଡିର ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ଘଟିଥିବା କୁହାଯାଉଛି। ସେହିପରି ୨୦୧୯ ନିର୍ବାଚନରେ ନିଜ ସ୍ୱାମୀ ସମ୍ବିତଙ୍କ ସହିତ ନିର୍ବାଚନ ପ୍ରଚାରରେ ଗୀତାଞ୍ଜଳି ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହିତ ଆଜି ପର୍ଯ୍ୟନ୍ତ ଦଳୀୟ କର୍ମୀ ସମ୍ମିଳନୀ ଓ ସାଂଗଠନିକ କାର୍ଯ୍ୟରେ ନିଜକୁ ଜଡ଼ିତ କରିଥିବାରୁ ନିର୍ବାଚନ ବୈତରଣୀ ପାରି ହେବା ତାଙ୍କ ଲାଗି ସହଜସାଧ୍ୟ ହେବ ବୋଲି ରାଜନୈତିକ ବିଶାରଦମାନେ କହୁଛନ୍ତି। ଏଥିସହିତ ନିକଟରେ ଡ. ଦାମୋଦର ରାଉତଙ୍କ ପରଲୋକ ହୋଇଥିବାରୁ ବୋହୂ ଗୀତାଞ୍ଜଳିଙ୍କୁ ଅନୁକମ୍ପାମୂଳକ ଭୋଟ ସହାୟ ହେବ ବୋଲି ମଧ୍ୟ ଏହି ମହଲର କହିବା କଥା।

# ୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ



ଜଳେଶ୍ୱର ବ୍ଲକ, ୧୨।୪ (ସମିସ) : ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ୫ କ୍ୱିଣ୍ଟାଲ ଗଞ୍ଜେଇ ଜବଦ କରିଛି ପଶ୍ଚିମବଙ୍ଗ ପୁଲିସ। ଏହି ଘଟଣାରେ ୫ ଜଣ ବେପାରୀଙ୍କୁ ଗିରଫ କରିବା ସହ ଗୋଟିଏ ଟ୍ରକ ଏବଂ ଗୋଟିଏ କାର ଜବତ ହୋଇଛି। ଗିରଫ ୫ ଜଣଙ୍କ ମଧ୍ୟରୁ ଜଣଙ୍କ ଘର ଜଳେଶ୍ୱର ହୋଇଥିବା ବେଳେ ଅନ୍ୟ ୪ ଜଣଙ୍କ ଘର ପଶ୍ଚିମବଙ୍ଗର ଉତ୍ତର ଚବିଶପ୍ରଗଣା ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗ ର ପଶ୍ଚିମ ମେଦିନିପୁର ଜିଲ୍ଲା ଜାତୀୟରାଜପଥର ବେଲଦା ନିକଟରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ପିଆଜ ବୋଝେଇ ଟ୍ରକ ଏବଂ ଗୋଟିଏ କାର ଦ୍ରୁତ ଗତିରେ ଯାଉଥିବା ବେଳେ ଗାଡି ଗୁଡିକ ଅଟକାଇ ପୁଲିସ ଚେକିଂ କରିଥିଲା, ଦୁଇଟି ଗାଡିରୁ ୫ କ୍ୱିଣ୍ଟାଲ ଗଞ୍ଜେଇ ଜବଦ କରିଛି ପୁଲିସ। ପିଆଜ ବୋଝେଇ ଟ୍ରକ ଏବଂ ଗୋଟିଏ କାରରେ ଓଡ଼ିଶା ରୁ ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଥିଲା ଗଞ୍ଜେଇ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂତ୍ରରୁ ଜଣା ପଡ଼ିଛି। ଗଞ୍ଜେଇ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି ପଶ୍ଚିମବଙ୍ଗ ପୁଲିସ।

## ନୀଳଗିରି ନିର୍ବାଚନ ମଣ୍ଡଳୀ

# ଏଥର ଭୋଟଦେବେ ୨, ୧୪, ୨୯୧ ମତଦାତା

ନୀଳଗିରି, ୧୨।୪(ସମିସ):

ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନ ମଣ୍ଡଳୀ ତିନି ବ୍ଲକ, ଏକ ଏନଏସିକୁ ନେଇ ଗଠିତ ଥିବା ବେଳେ ସମୁଦାୟ ଭୋଟର ସଂଖ୍ୟା ୨ଲକ୍ଷ ୧୪ ହଜାର୨୯୧ଜଣ। ଏଥିରେ ପୁରୁଷ ଭୋଟର ସଂଖ୍ୟା ୧ଲକ୍ଷ ୭ହଜାର ୧୯ଜଣ ହୋଇଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୭ହଜାର୨୬୫, ତୃତୀୟ ଲିଙ୍ଗି ସଂଖ୍ୟା ୭ ଅଟେ। ସମୁଦାୟ ନିର୍ବାଚନ ମଣ୍ଡଳୀରେ ନୀଳଗିରି ବ୍ଲକରେ ୨୫ଟି ପଞ୍ଚାୟତ, ଔପଦା ବ୍ଲକରେ ୧୧ ପଞ୍ଚାୟତ, ବାହାନାଗା ବ୍ଲକ ରେ ୪ଟି ପଞ୍ଚାୟତ ଏବଂ ନୀଳଗିରି ଏନଏସିରେ ୧୩ଟି ୱାଡକୁ ନେଇ ଗଠିତ ହୋଇଅଛି। କିନ୍ତୁ ୨୦୦୦ ମସିହାରେ ଏଇ ନିର୍ବାଚନ ମଣ୍ଡଳୀଟି ରେମୁଣା ବ୍ଲକ, ନୀଳଗିରି ବ୍ଲକ ଏବଂ ଔପଦା ବ୍ଲକକୁ ନେଇ ଗଠିତ ଥିଲା। ପରବର୍ତ୍ତୀ ସମୟରେ ଭୌଗୋଳିକ ଦୃଷ୍ଟି କୋଣରୁ ରେମୁଣା ବ୍ଲକରୁ ବାଦ ଦିଆଯାଇ ବାହାନାଗା ବ୍ଲକ ସହିତ ମିଶି ଯାଇଥିଲା। ୨୦୦୦ ମସିହାରେ ବିଧାନ ସଭା ଆସନରୁ କମ୍ୟୁନିଷ୍ଟ ଦଳରୁ ପ୍ରଦୀପ୍ତ ପଣ୍ଡା ୪୯ହଜାର ୧୩୭ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇ ଥିଲେ। ସେହିପରି ସ୍ୱାଧୀନ ଭାବେ ଦାମ ମହାପାତ୍ର ୩୧ ହଜାର ୪୦୨ ଖଣ୍ଡ ଭୋଟ ପାଇଥିଲେ। ବିଜେପିରୁ ପ୍ରାର୍ଥୀ ଭାବେ ଶ୍ୟାମାନନ୍ଦ ମହାପାତ୍ର ୨୨ହଜାର ୯୨୪ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ସୁକୁମାର ନାୟକ ୧୨ହଜାର ୫୫୧ଖଣ୍ଡ ଭୋଟ ପାଇଥିଲେ। ୨୦୦୪ ବିଧାନସଭା ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ଭାବେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୬୫ ହଜାର ୬୩୦ଖଣ୍ଡା ଭୋଟ ପାଇ ବିଜେତା ହୋଇଥିଲେ। ପୁଣି ୨୦୦୯ ମସିହାରେ ପ୍ରତାପ ଷଡ଼ଙ୍ଗୀ ସ୍ୱାଧୀନ ଭାବେ ଛିଡା ହୋଇ ୩୫ ହଜାର ୫୨୫ଖଣ୍ଡ ଭୋଟ ପାଇ ଜିତିଥିଲେ। ୨୦୧୪ମସିହାରେ ଇଂ ସୁକାନ୍ତ କୁମାର ନାୟକ ବିଜେଡିରୁ ଟିକେଟ ପାଇ ୫୦ହଜାର ୫୧୪ଖଣ୍ଡ ଭୋଟ ପାଇ ଜିତିଥିଲେ। ପୁଣି ୨୦୧୯ମସିହା ବିଧାନ ସଭା ନିର୍ବାଚନରେ ସେ ଦଳ ପରିବର୍ତ୍ତନ କରି ବିଜେପି ଦଳରୁ ଟିକେଟ ପାଇ ୬୯ହଜାର ୫୧୭ଖଣ୍ଡ ଭୋଟ ପାଇ ଜିତିଥିଲେ। ବିଜେଡିରୁ ସନ୍ତୋଷ ଖଟୁଆ ଟିକେଟ ପାଇ ୬୭ ହଜାର ୯୪୦ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ଆସନରୁ ମନୋଜା ମଞ୍ଜରୀ ଦେବୀ ୧୨ ହଜାର ୪୧୩ଖଣ୍ଡ ଭୋଟ ପାଇଥିଲେ। ଚଳିତ ବିଧାନସଭା ନିର୍ବାଚନ ରେ ବିକାଶ ଯେଉଁଠି ସମର୍ଥନ ସେଇଠି ଭୋଟରଙ୍କ ମୁଖ୍ୟ ପ୍ରସଙ୍ଗ ଥିବା ବେଳେ ପାଞ୍ଚ ବର୍ଷ ଭିତରେ ସରକାର ସବୁ କ୍ଷେତ୍ରରେ ଉନ୍ନତି କରିଛନ୍ତି, ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନ, ପାନୀୟ ଜଳ, ବିଜୁ ସ୍ୱାସ୍ଥ୍ୟ କାର୍ଡ, ମନ୍ଦିର ମସଜିଦର ଉନ୍ନତି ସହିତ ୫-ଟି ମାଧ୍ୟମରେ ବିଦ୍ୟାଳୟ ମାନଙ୍କୁ ଚକାଚକ କରାଯାଇଛି ବିଜେଡି ତା'ର ପଲ୍ଲା ଭାରି ହେବ ବୋଲି ମୁଖ୍ୟ ମୁଦ୍ଦା ନେଇ ବୈତରଣୀ ପାର ହେବ ବୋଲି ଚର୍ଚ୍ଚା ହେଉଛି।

# ଛାତରୁ ପଡ଼ି ରାଜ ମିସ୍ତ୍ରି ମୃତ

ନୀଳଗିରି, ୧୨।୪(ସମିସ): ଛାତରୁ ପଡ଼ି ପକ୍କା ମିସ୍ତ୍ରି ମୃତ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାରୁ ପ୍ରକାଶ, ନୀଳଗିରି ଏନ୍.ଏ.ସି. ଅନ୍ତର୍ଗତ ୧୧ ନଂମ୍ବର ୱାର୍ଡ ଷ୍ଟେସନ ସାହି ଗ୍ରାମର ଶ୍ୟାମ ବାସ୍କେଙ୍କ ପୁତ୍ର ଶଙ୍କରା ବାସ୍କେ(୫୨) ସେ ଜଣେ ପକ୍କା ମିସ୍ତ୍ରୀ ଭାବେ ୩୦ ବର୍ଷ ହେବ କରିଆସୁ ଥିଲେ। ଗତ ୧୧ତାରିଖ ଗୁରୁବାର ଦିନ ଠିକାଦାର ଜଣଙ୍କ ମିସ୍ତ୍ରୀ ଶଙ୍କରାଙ୍କୁ ନେଇ ନୀଳଗିରି ଉପଖଣ୍ଡ ର ଔପଦା ବ୍ଲକର ଥିବା ସରକାରୀ ଡାକ୍ତରଖାନାରେ ୨ ତାଲା ପାଇଁ ଛାତରେ ସେ ସେଣ୍ଟ୍ରି କରୁଥିବା ବେଳେ ଦିନ ପ୍ରାୟ ୩ ଟା ସମୟରେ ହଠାତ୍ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ପାଖରେ ଥିବା ଶ୍ରମିକ ତାଙ୍କୁ ସଙ୍ଗେ ସଙ୍ଗେ ଔପଦା ଡାକ୍ତର ଖାନାରେ ପାରମ୍ଭିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସିତ କରିଥିଲେ। ଗୁରୁବାର ରାତି ପ୍ରାୟ ୧୦ ଟା ସମୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏହି ଖବର ପ୍ରଚାର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶଙ୍କରା ଜଣେ ପରୋପକାରୀ, ମୃ ଭାଷୀ, ମେଳାପି, ଧର୍ମପରାୟାଣ ବ୍ୟକ୍ତି ଥିଲେ। ତାଙ୍କର ପୁତୁରା ଗୁରା ବାସ୍କେ ମୁଖାଗ୍ନି ଦେଇଥିଲେ। ତାଙ୍କର ସ୍ତ୍ରୀ, ୨ ଝିଅ ଓ ପୁଅ ଥିବା ଜଣା ପଡ଼ିଛି। ସ୍ଥାନୀୟ କାଉନସିଲର ସୁଲୋଚନା ଖଟୁଆ, ସ୍ଥାନୀୟ ନେତା ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଖଇରା କଲେଜ ଏନ୍‌ସିସି ୟୁନିଟ୍‌ର ଆଲୋଚନାଚକ୍ର



ଖଇରା, ୧୨।୪ (ସମିସ):

ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଖଇରା କଲେଜ ଏନସିସି ୟୁନିଟର ଏକ ଆଲୋଚନା ଚକ୍ର, ଆର୍ମି ୟୁନିଟ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ଉତ୍ସବ ସହିତ ଅଗ୍ନିବୀରମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଦିନ କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। 'ରାଷ୍ଟ୍ରପାଇଁ ଦିନଟିଏ' ଉପରେ ଆୟୋଜିତ ଆଲୋଚନାଚକ୍ରରେ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ଅଧ୍ୟକ୍ଷତା କରିଥିଲେ। ଭାରତୀୟ ସେନାରୁ ଅବସରଗ୍ରହଣ କରିଥିବା କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟତା ଭାବନା ଉପରେ ଆଲୋଚନା ରଖି ସେନାବାହିନୀରେ ଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ସୁଜିତ କୁମାର ଛାଟିଆ ପିଲାମାନଙ୍କର ଶୃଙ୍ଖଳା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅଧ୍ୟାପକ ତଥା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ ଉଦୟ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କର୍ଣ୍ଣେଲ ମହାପାତ୍ରଙ୍କ ସମେତ ଅଗ୍ନିବୀର ଭାବେ ମନୋନୀତ ହୋଇଥିବା କଲେଜଛାତ୍ର ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ରାଉତ, ଗୁରୁପ୍ରସାଦ ମହାନ୍ତି, ସତ୍ୟସୁନ୍ଦର ମାଝୀ, ଅଭୟ କୁମାର ରାଉତ, ଜ୍ୟୋତି ରଞ୍ଜନ ପୋଇ ଓ ମାନସ ରଞ୍ଜନ ବିନ୍ଧାଣୀ ଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ବିଶିଷ୍ଟ ପ୍ରାଣୀ ଚିକିତ୍ସକ ସତ୍ୟନାରାୟଣ ମହାନ୍ତିଙ୍କ ପରଲୋକ

ବାଲେଶ୍ୱର(ଉତ୍ତର), ୧୨।୪(ସମିସ) : ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡାକ୍ତର ସତ୍ୟନାରାୟଣ ମହାନ୍ତି ଆଉ ଇହ ଜଗତରେ ନାହାନ୍ତି। ଆଜି ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ମହେଶପୁର ଗ୍ରାମସ୍ଥିତ ତାଙ୍କ ବାସଭବନଠାରେ ୭୫ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ଜଣେ ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଭାବେ ବେଶ ଜଣାଶୁଣା ଥିଲେ। ସେ ପ୍ରାଣୀ ଚିକିତ୍ସା ବିଭାଗରେ ଡାକ୍ତର ଭାବେ ଚାକିରୀ ଜୀବନ ଆରମ୍ଭ କରି ଶେଷରେ ପ୍ରାଣୀ ସମ୍ପଦ ବିଭାଗ ର ଉପ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ତାଛଡ଼ା ସେ ଜଣେ ଅନୁଷ୍ଠାନ ପ୍ରେମୀ ଭାବେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ନିଜେ ମଧ୍ୟ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ସେ ଆଜି ସନ୍ଧ୍ୟାରେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜଳେଶ୍ୱରପୁର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସମଗ୍ର ଭୋଗରାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସମାଜସେବୀ ସତ୍ୟଶିବ ଦାସ, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ପ୍ରଦୀପ କୁମାର ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲା ବେଳେ ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଙ୍କଜାକ୍ଷ ପଣ୍ଡା, ରଘୁନାଥ ମହାନ୍ତି, ସମେତ ସମସ୍ତ ସଦସ୍ୟ, ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ଭର ଦାସ, ସମାଜସେବୀ ଗୌତମବୁଦ୍ଧ ଦାସ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ପୂର୍ବତନ ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ବିୟୋଗରେ ଶୋକ

ଭୋଗରାଇ, ୧୨।୪ (ସମିସ): ଭୋଗରାଇ ମାଟିର ଅନ୍ୟତମ ଅମ୍ଳାନ ପ୍ରତିଭା ପୂର୍ବତନ ମନ୍ତ୍ରୀ ତଥା ଡାକ୍ତର କମଳା ଦାସଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ଆଶିଷ ଠାକରେ, ଏସପି ସାଗରିକା ନାଥ, ଭୋଗରାଇ ବିଧାୟକ ଅନନ୍ତ ଦାସ, ସମାଜସେବୀ ଇଂ ବିଶ୍ୱଜିତ ଦାସ ଓ ଇଂ ଅଭିଜିତ ଦାସ, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି, ବିଡ଼ିଓ ଉମାକାନ୍ତ ପରିଡ଼ା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁପେଶ ଚନ୍ଦ୍ର ପାତ୍ର ଓ ଗଣପତି ଗିରି, ପୂର୍ବତନ ଶଙ୍ଖାରୀ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର ଓ ରାଧାବିନୋଦ ଦାସ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ବିଜେଡି ରାଜ୍ୟ ମୁଖପାତ୍ର ଗୌତମବୁଦ୍ଧ ଦାସ, ଗୋଛିଦାତେଘରୀ ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପାତ୍ର, ନିମାତପୁର ପଞ୍ଚାୟତ ସମିତି ସଦସ୍ୟ ଭଗବାନ ଚନ୍ଦ୍ର ରଣା, ଶିକ୍ଷାବିତ ସୁବାସ ଦାସ, ଦୀପକ କୁମାର ଜେନା, ବିଜୟ କୁମାର ସିଂହ ଓ ନନ୍ଦଦୁଲାଲ ବେଜ, କବି ସୁକୁମାର ଦାସ, କବି ଶ୍ରୀକୁମାର ଘୋଷ, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ସୁବାସ ଦାସ ଓ ଅଂଶୁମାନ ରାଉତ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସୁର, ଭୋଗରାଇ ସରପଞ୍ଚ ସୁଷମା କର, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଡଃ ପୂର୍ଣ୍ଣାଶିଷ ପାତ୍ର, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ସାଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତି, ପ୍ରଦୀପ ବେହେରା, ଶମ୍ଭୁନାଥ ମାଝୀ, ପୂର୍ବତନ ଶ୍ରଦ୍ଧାପୁର ପଞ୍ଚାୟତ ସମିତି ସଦସ୍ୟ ସୁଶାନ୍ତ କୁମାର ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ବିଭିନ୍ନ ରାଜନୈତିକ ଦଳର ନେତା ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁତ୍ରବଧୂ ଶୁଭ୍ରାକାଂକ୍ଷୀ, ଝିଅ ଲିଜା, ଜ୍ୱାଇଁ ସତ୍ୟବ୍ରତ ସ୍ୱାଇଁ, ନାତି ଓମ୍ ଓ ସୋମ, ପୁତୁରା ଅରବିନ୍ଦ, ଅଶ୍ୱିନୀ, ଚନ୍ଦନ ଓ ତପନ ପ୍ରମୁଖଙ୍କ ସମେତ ସମସ୍ତ ଆତ୍ମୀୟ ସ୍ୱଜନ ଓ ଭୋଗରାଇ ଅଞ୍ଚଳବାସୀ ଦିବଙ୍ଗତ ଆବା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶେଷ ସମ୍ମାନ ଜଣାଇଥିଲେ। ଶଙ୍ଖାରୀ ଗ୍ରାମ ସ୍ଥିତ ନିଜସ୍ୱ ବାସଭବନ ପରିସରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ବାଲେଶ୍ୱର ଅତିରିକ୍ତ ଏସପି ପ୍ରଦୀପ କୁମାର ଦଳାଇଙ୍କ ନେତୃତ୍ୱରେ ଓଡ଼ିଶା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତୋପ ସଲାମୀ ଦିଆଯାଇଥିଲା। ଡାକ୍ତର କମଳା ଦାସଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ପୂର୍ବତନ ଓ ବର୍ତ୍ତମାନର ମନ୍ତ୍ରୀ ଓ ବିଧାୟକ, ଭୁବନେଶ୍ୱର ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସ (ଏମସ) ର ରେଡିଏସନ ଆଙ୍କୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସରୋଜ କୁମାର ଦାସ ମଜୁମଦାର, ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ଶୋକବାର୍ତ୍ତା ପ୍ରେରଣ କରିଛନ୍ତି।

# ବଜରଙ୍ଗବଳୀ କ୍ରିକେଟ, ମାର୍କୋଣା ସ୍ମାର୍ଟ ଇଲେଭେନ ଚାମ୍ପିଅନ



ଖଇରା, ୧୨।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ତରାଙ୍ଗ ଠାରେ ଅହୋରାତ୍ର ବଜରଙ୍ଗବଳୀ କ୍ରିକେଟ ଟୁର୍ନାମେଣ୍ଟଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମାର୍କୋଣାର ସ୍ମାର୍ଟ ଇଲେଭେନ ଓ ବାଲେଶ୍ୱରର ଫେମସ ଇଲେଭେନ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ମାର୍କୋଣା ଇଲେଭେନ ୬୦ରନରେ ବିଜୟଲାଭ କରିଥିଲା। ବରେନ୍ଦ୍ର କୁମାର ଗାହାଣ ଓ ଦୀପକ କୁମାର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ରାଜ୍ୟ ବିଜେପି ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ ରାଜେଶ ମହାକୁଡ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା, ଭାଜପା ମଣ୍ଡଳ ସଭାପତି ମହେଶ୍ୱର ନାଥ, ସମ୍ପାଦକ ଆନନ୍ଦ ନାୟକ, ଯୁବମୋର୍ଚ୍ଚା ସଭାପତି ନୃସିଂହ ଚରଣ ସିଂ ପିତାମ୍ବର ମିଶ୍ର, ଶ୍ରୀକାନ୍ତ ମିଶ୍ର, ସୁବୋଧ ବେହେରା, ମାୟାଧର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିଅନ ମାର୍କୋଣା ଟିମକୁ ୩୦ହଜାର ଓ ରନର୍ସ ଅପ ବାଲେଶ୍ୱରକୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଖେଳକୁ ଅନୁପ ବେହେରା, ହେମନ୍ତ ଶିଅଳ, ତପନ ଶିଅଳ, ପ୍ରତାପ ନାୟକ ଓ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ୟାମନଗରରେ ବିଜେଡି କର୍ମୀ ସମ୍ମିଳନୀ




ଜଳେଶ୍ୱର ବ୍ଲକ/ରାଇବଣିଆ, ୧୨।୪ (ସମିସ) : ଏହି ବ୍ଲକ ଶ୍ୟାମନଗରରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ଦିଲ୍ଲୀପ ସାମଲ ସଭାପତିତ୍ୱରେ ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ବରଡିହା ସରପଞ୍ଚ ଅଜୟ କୁମାର ମହାନ୍ତି, ବ୍ରିଜେଶ ରଣା, ଗଙ୍ଗାଧର ଦାସ, ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ସଭାପତି ବିଶ୍ୱଜିତ ପାଲ, ୭ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ତୁଳସୀ କିସ୍କୁ, ଶିବ ଶଙ୍କର ସାହୁ, ଦିନେଶ କିସ୍କୁ, ଶ୍ୟାମନଗର ସରପଞ୍ଚ ଗିରିଜା ଶଙ୍କର ସାସମଲ, ଶ୍ୟାମନଗର ବିଜେଡି ସଭାପତି ଲଛମନ ପାତ୍ର, ଶ୍ୟାମନଗର ସଦସ୍ୟା ଫୁଲ ମୁର୍ମୁ, ଚନ୍ଦନ ପାତ୍ର, ସୁରେଶ ମହାନ୍ତ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ସ୍କୁଲରେ ବସ୍ତା ଦମକଳ ବିଭାଗ ପକ୍ଷରୁ ମକଡ୍ରିଲ୍

ବସ୍ତା ବ୍ଲକ, ୧୨।୪ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଗୁଡି ଖାଲସ୍ଥିତ ବନବିହାରୀ ଲାଲ ନୋଡାଲ ହାଇସ୍କୁଲରେ ବସ୍ତା ଦମକଳ କେନ୍ଦ୍ର ପକ୍ଷରୁ ଶୁକ୍ରବାର ସକାଳେ ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦମକଳ କେନ୍ଦ୍ର ଅଧିକାରୀ ପ୍ରତାପ କୁମାର ପାଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଗ୍ନିକ କର୍ମଚାରୀ ଅଗ୍ନି ନିରାପତ୍ତା ସହ ଅଗ୍ନିକାଣ୍ଡ ସମୟରେ କିପରି ଉଦ୍ଧାର କାର୍ଯ୍ୟ କରାଯାଇ ପାରିବ ତାହା ଉପରେ ଛାତ୍ରଛାତ୍ରୀଙ୍କୁ କୌଶଳ ପ୍ରଶିକ୍ଷଣ ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦମକଳ ଅଧିକାରୀ ଶ୍ରୀ ପାଲଙ୍କ ସମେତ ମୁଖ୍ୟ ହାବିଲଦାର ଅଗ୍ନିକ ଦିଲ୍ଲୀପ ନାୟକ, ଆଗ୍ନିକ ଅମୀୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବାଇକ୍‌ରୁ ପଡ଼ି ଯୁବକ ମୃତ

ରୂପସା/ବସ୍ତା, ୧୨।୪ (ସମିସ): ବସ୍ତା ଥାନା ମଥାନୀ ପଞ୍ଚାୟତ ବଡଖୁଡି ଗ୍ରାମର କାଳୀଚରଣ ବେହେରାଙ୍କ ପୁତ୍ର ଜହର ବେହେରା (୩୬) ଗୁରୁବାର ରାତିରେ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଗାଡ଼ିରୁ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଗତ କାଲି ରାତ୍ରି ପ୍ରାୟ ୧୧ ଟା ସମୟରେ ସେ ଜାତୀୟ ରାଜପଥ କଟିପୋଲ ଛକରୁ ବାଇକ ଯୋଗେ ଘରକୁ ଫେରୁଥିଲେ। ନିଜ ଗାଁ ରାସ୍ତାରେ ଯାଉଥିବା ବେଳେ ହଠାତ ଗାଡି ସାମନାକୁ ଜଣେ ଯୁବକ ଆସିଯାଇଥିଲେ ତାଙ୍କୁ ସୁରକ୍ଷିତ ରଖିବା ପାଇଁ ଗାଡିରେ ବ୍ରେକ ଧରିଥିଲେ ଫଳରେ ଘଟଣା ସ୍ଥଳରେ ଜହର ଗାଡିରୁ ଛିଟିକି ପଡ଼ି ଥିଲେ। ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାରକରି ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ହେଲେ ତାଙ୍କ ଛାତିରେ ମାଡ ହେବା ଫଳରେ ପାଟି ଓ ନାକ ଦେଇ ରକ୍ତସ୍ରାବ ହୋଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ତା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

# ଦେଭୋଗ ପଞ୍ଚାୟତରେ ବିଜେଡି କର୍ମୀ ବୈଠକ

ଲଙ୍ଗଳେଶ୍ୱର, ୧୨।୪(ସମିସ):

ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତରେ ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ, ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ କର୍ମୀଙ୍କୁ ତୃଣମୂଳ ସ୍ତରରେ ଏକଜୁଟ ହୋଇ ୱାର୍ଡ଼ ସ୍ତରରେ ଦଳକୁ ମଜଭୁତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀ ବିଜେଡିର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ, ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ କର୍ମୀଙ୍କୁ ତୃଣମୂଳ ସ୍ତରରେ ସ୍ଥିତି ସୁଧାରିବା ଦିଗରେ କାର୍ଯ୍ୟ କରିବା ସହ ଏକଜୁଟ ହୋଇ ୱାର୍ଡ଼ ସ୍ତରରେ ଦଳକୁ ମଜଭୁତ କରି, ଦଳର ସାଂଗଠନିକ ବିଧି ବ୍ୟବସ୍ଥା



ଉପରେ ଅବିଶ୍ରାନ୍ତ କସରତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କୁ ସଂକଳ୍ପ କରାଇଥିଲେ। ଏହାସହ ବସ୍ତା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ମିଳିତ ଭାବେ ଏକଜୁଟ ହୋଇ, ଏହି ଅନନ୍ୟ ମାଟିର ସମ୍ମାନ ରକ୍ଷା କରି ଆପଣଙ୍କର ଝିଅ ଓ ବୋହୂ ଭାବେ ବିପୁଳ ମାତ୍ରାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମୀ ବୈଠକରେ ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି, ପଞ୍ଚାୟତ ସଭାପତି ଧନଞ୍ଜୟ ଗିରି, ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର ପ୍ରମୁଖ ଦଳର ନେତୃବୃନ୍ଦ ଓ ବହୁ କର୍ମୀ ଉପସ୍ଥିତ ଥିଲେ।



# ଥାନା ହାଜତରେ ମଦ ବେପାରୀଙ୍କୁ ବିଷ ପିଆଇ ହତ୍ୟା ଉଦ୍ୟମ !

**ବାଲେଶ୍ୱର, ୧୨।୪(ସମିସ):**

ବାଲେଶ୍ୱର ଜିଲ୍ଲା ଅବକାରୀ ଥାନା ହାଜତରେ ଗତ ଗୁରୁବାରଠାରୁ ରହିଥିବା ମଦ ବେପାରୀ ନବ କୁମାର ରାୟ ଗୁରୁତର ଅସୁସ୍ଥ ହେଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହେବା ନେଇ ଅବକାରୀ ପୁଲିସ ହରଡଘଣାରେ ପଡ଼ିଛି। ନବଙ୍କୁ ବିଷ ପିଆଇ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ତାଙ୍କ ଭଉଣୀ ଥାନାରେ ଅଭିଯୋଗ କରିଛନ୍ତି।

ବାଲେଶ୍ୱର ଚାନ୍ଦିପୁର ଥାନା ଅନ୍ତର୍ଗତ ପାତ୍ରପଡ଼ା ଅଞ୍ଚଳର ନବ କୁମାର ରାୟଙ୍କର ଚାନ୍ଦିପୁରରେ ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଏହି ମଦ ଦୋକାନରେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ମଦ ବିକ୍ରି କରିବା ପାଇଁ ବିଭାଗ ପକ୍ଷରୁ ଦିଆଯାଇ ଥିବା ଟାର୍ଗେଟ ପୂରଣ ହୋଇନଥିଲା। ପୁଣି ଚଳିତ ମାସ ୧ ତାରିଖ ସୁଦ୍ଧା ମଦ ଦୋକାନର ନବୀକରଣ କରାଯିବାର ଅବଧି ସମୟ ସରିଯାଇ ଥିଲେ ବି, ନବ ତାଙ୍କ ମଦ ଦୋକାନର ନବୀକରଣ କରିନଥିଲେ। ଫଳରେ ଅବକାରୀ ପୁଲିସ ତାଙ୍କ ମଦ ଦୋକାନକୁ ସିଲ୍ କରିଦେଇଥିଲେ। ଏହାର ସମାଧାନ ପାଇଁ ଗତ ଦୁଇ ତାରିଖ ଦିନ ମଦ ବେପାରୀ ନବ ରାୟ ଅବକାରୀ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ବିଭାଗୀୟ ଅଧିକାରୀଙ୍କ ସହିତ ତାଙ୍କର ବୁଝାମଣା ଠିକଠାକ ନ ହେବା ଯୋଗୁ ସେ ଭୁବନେଶ୍ୱର ଯାଇ ଅବକାରୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିଥିଲେ। ପରେ ସମ୍ପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ନବ ରାୟଙ୍କ ମଦ ଦୋକାନ ଖୋଲିବା ପାଇଁ ବାଲେଶ୍ୱର ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଗତ ଦୁଇଦିନ ତଳେ ହଠାତ ବାଲେଶ୍ୱର ଅବକାରୀ ପୁଲିସ ନବ ରାୟଙ୍କ ମଦ ଦୋକାନ ଉପରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ଅବକାରୀ ପୁଲିସକୁ ଡେଟ ଓଭର ବିୟର ନବ ରାୟ ମଦ ଦୋକାନରୁ ମିଳିବା ଯୋଗୁ ପୁଣି ତାଙ୍କ ମଦ ଦୋକାନକୁ ସିଲ୍ କରିଦେଇ ତାଙ୍କୁ ଅବକାରୀ କାର୍ଯ୍ୟାଳୟକୁ ଆସିବା ପାଇଁ କହିଥିଲେ। ସେ ଗତ ଗୁରୁବାର ଦିନ ଅବକାରୀ କାର୍ଯ୍ୟାଳୟକୁ ଆସିଥିଲ। ବେଳେ ତାଙ୍କୁ ଥାନା ହାଜତରେ ଅଟକ ରଖିଥିଲେ। ଗୁରୁବାର ରାତି ଦଶଟା ବେଳେ ନବ ରାୟଙ୍କ ଭଉଣୀ ଅବକାରୀ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ କାର୍ଯ୍ୟାଳୟର ବାହାର ଗେଟରେ ତାଲା ପଡ଼ିଥିବା ଯୋଗୁ ସେଠାରୁ ସେ ନିରାଶ ହୋଇ ଫେରିଯାଇ ଭାଇ ନିଖୋଜ ହୋଇଥିବାର ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ଦିନ ପ୍ରାୟ ଦୁଇଟା ବେଳେ ଜନୈକ ଗଣମାଧ୍ୟମ ପ୍ରତିନିଧି କୌଣସି କାରଣରୁ ଅବକାରୀ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ନବ



- **ଗୁରୁତର ଅବସ୍ଥାରେ ଜିଲ୍ଲା ମେଡିକାଲରେ ଭର୍ତ୍ତି**
- **ଅଭିଯୋଗ ଆଣିଲେ ଭଉଣୀ**

ରାୟ ଗୁରୁତର ଅସୁସ୍ଥ ଅବସ୍ଥାରେ ଅବକାରୀ କାର୍ଯ୍ୟାଳୟର ଗାଧୁଆ ଘରେ ପଡ଼ିଥିବାର ଦେଖି ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପରେ ଅବକାରୀ ଅଧିକାରୀମାନେ ତୁରନ୍ତ ନବଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଗୁରୁତର ନବଙ୍କୁ ଡାକ୍ତର ଚିକିତ୍ସା ଯୋଗାଇ ଦେଇଥିଲେ। ଡାକ୍ତରଙ୍କ କହିବାନୁସାରେ ନବ ରାୟ କୌଣସି ବିଷାକ୍ତ ପାନୀୟ ପିଇ ଗୁରୁତର ହୋଇଛନ୍ତି। ଏ ବାବଦରେ ମଦ ବେପାରୀ ନବ ରାୟଙ୍କ ଭଉଣୀ ନୁପୁର ପଣ୍ଡା ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି, ତାଙ୍କ ଭାଇକୁ ଥାନା ହାଜତ ଭିତରେ ରଖି ବିଷାକ୍ତ ପାନୀୟ ପିଆଇ ଜୀବନରୁ ମାରି ଦେବାକୁ ଅବକାରୀ ପୁଲିସ ଉଦ୍ୟମ କରିଛି। ଅପରପକ୍ଷରେ ଘଟଣା ବାବଦରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଓ ସଦର ଅବକାରୀ ଉପ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଦୁଇ ଅଧିକାରୀଙ୍କ ଫୋନ ବନ୍ଦ ରହିଥିଲା।

## ରାସ୍ତା ନିର୍ମାଣ ଅନୁଦାନ ପାଇଁ ଓକିଲ ସଂଘର କୃତଜ୍ଞତା

**ବାଲେଶ୍ୱର, ୧୨।୪(ସମିସ):** ସାଧାରଣ ମହକିଲ ଓ ଓକିଲମାନଙ୍କ ଦାବି ଅନୁସାରେ ବାଲେଶ୍ୱର ଏସଡିଜେଏମ କୋର୍ଟ ସମ୍ମୁଖ ରାସ୍ତାର ନବୀକରଣ ପାଇଁ ପୌରପରିଷଦ ପକ୍ଷରୁ ୧୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନେଇ ପୌରପରିଷଦ ଅଧ୍ୟକ୍ଷାଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ଜିଲ୍ଲା ଆୟୁର୍ବେଦିକ କାର୍ଯ୍ୟାଳୟଠାରୁ ସଦର ବ୍ଲକ ଓ ଏସଡିଜେଏମ କୋର୍ଟ ସମ୍ମୁଖ ତଥା ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ହୋଇ ଜିଲ୍ଲା ଖାଉଟି ଅଦାଲତ ପର୍ଯ୍ୟନ୍ତ ମରାମତି କରାଯିବ। ଏଥିପାଇଁ ଆଇନଜୀବୀ ଅରୁଣ ବେହେରା, ବାଲେଶ୍ୱର ଓକିଲ ସଂଘର ସହ ସମ୍ପାଦକ ଜିତେନ୍ଦ୍ର ଉପାଧ୍ୟାୟ, ଶକ୍ତିପଦ ରାୟ, ପ୍ରଭାସ ମହାନ୍ତି, ରବିନାରାୟଣ ପାଣିଗ୍ରାହୀ, ଅଙ୍କୁର ତରାଇ, ସରୋଜ କୁମାର ଜେନା, ନୀଳାମ୍ବର ଦାସ, ଜ୍ୟୋତିଶଙ୍କର କାନୁନଗୋ, ଓକିଲ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଭାତ ଦାସ, ମହମ୍ମଦ ଇସଲାମ, ବରିଷ୍ଠ ଓକିଲ ହୃଦାନନ୍ଦ ବାରିକ, ଅଜିତ ଭଦ୍ର, ଅର୍ଜୁନ ଜେନା, ଅର୍ଜୁନ ମହାନ୍ତି ପ୍ରମୁଖ ପୌରାଧ୍ୟକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମା' ତାରିଣୀଙ୍କ ବାର୍ଷିକ ମହୋତ୍ସବ



**ବାଲେଶ୍ୱର, ୧୨।୪(ସମିସ):** ସହଦେବଖୁଣ୍ଟାସ୍ଥିତ ଏକ ମନ୍ଦିରରେ ମା ତାରିଣୀଙ୍କ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ପରମାଣିକ ଓ ରଞ୍ଜିତା ପରମାଣିକଙ୍କ ଆନୁକୂଲ୍ୟରେ ପୂଜା ୨୪ବର୍ଷ ହେବ ପାଳିତ ହୋଇଆସୁଛି। ଆଜି ମାଙ୍କର ବାର୍ଷିକ ଉତ୍ସବ ଥିବାରୁ ମାଙ୍କ ପାଖରେ ଦୁଇ ଶହରୁ ତିନି ଶହ ଡାଲା ଭୋଗ ଲଗାଯାଇଥିଲା। ସକାଳ ୧୧ଟାରେ ଘଟ ଉତ୍ତୋଳନ କରାଯାଇଥିଲା। ପରେ ମାଙ୍କର ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା।

## ସ୍ଥାନାନ୍ତରରେ ୨ ଘଣ୍ଟା ବିଳମ୍ବ ଯୋଗୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ବାଲେଶ୍ୱର, ୧୨।୪(ସମିସ):** ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଫକୀର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ମାଣତ୍ରି ଡାକ୍ତରଖାନାରୁ ରେଫର ହୋଇ ଆସିଥିବା ଦୁର୍ଘଟଣାରେ ଗୁରୁତର ଆହତ ମହିଳାଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ପରିବର୍ତ୍ତେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରିଦେଇ ଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ଚିକିତ୍ସା ଯୋଗାଇବା ପୂର୍ବରୁ ମହିଳାଙ୍କର ମୃତ୍ୟୁ ଘଟିଛି। ମେଡ଼ିକାଲ କଲେଜ ପକ୍ଷରୁ ତୁରନ୍ତ ଚିକିତ୍ସା ଯୋଗାଇବା ପରିବର୍ତ୍ତେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଦୁଇ ଘଣ୍ଟା ବିଳମ୍ବରେ ରେଫର କରିବା ଯୋଗୁ ମହିଳାର ମୃତ୍ୟୁ ହୋଇଛି ବୋଲି ତାଙ୍କ ଆତ୍ମୀୟ ମାନେ ଅଭିଯୋଗ କରିଛନ୍ତି। ବଡ଼ସାହି ଥାନା ପଟିସାରି ଗ୍ରାମର ଟୁନା ସିଂହ(୬୫) ଓ ତାଙ୍କ ପତ୍ନୀ ଗୌରୀ ସିଂହ( ୬୦) ଚାଲିଚାଲି ନିକଟସ୍ଥ ବଦଳିଗାଁ ଗ୍ରାମକୁ ଯାଉଥିଲେ। ଏହି ସମୟରେ ଜଣେ ମୋଟରସାଇକେଲ ଆରୋହି ଦ୍ରୁତ ଗତିରେ ଆସି ଗୌରୀ ସିଂହଙ୍କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଗୌରୀ ସିଂହ ଗୁରୁତର ହେଇଯାଇ ଥିଲେ। ତାଙ୍କର ଦୁଇଟି ଯାକ ଗୋଡ ଭାଙ୍ଗି ଯିବା ସହିତ ଛାତିରେ ମାଡ ହୋଇଥିଲା। ସ୍ଥାନୀୟ ଲୋକ ମାନଙ୍କ ସହାୟତାରେ ଟୁନା ସିଂହ ତୁରନ୍ତ ଗୌରୀଙ୍କୁ ସ୍ଥାନୀୟ ମାଣତ୍ରି ଡାକ୍ତରଖାନାକୁ ନେଇଯାଇ ଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ବାଲେଶ୍ୱର ଫକୀର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଗୌରୀଙ୍କୁ ଡାକ୍ତର ରେଫର କରିଥିଲେ।୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନେ ଗୌରୀଙ୍କୁ ଯଥା ଶୀଘ୍ର ରେମୁଣା ସ୍ଥିତ ବାଲେଶ୍ୱର ମେଡିକାଲ କଲେଜ ହସ୍ପିଟାଲକୁ ନେଇ ଆସିଥିଲେ। ମାତ୍ର ମେଡ଼ିକାଲ କଲେଜର ଡାକ୍ତର ଗୁରୁତର ଗୌରୀଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ପରିବର୍ତ୍ତେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରିଥିଲେ। ଏହା ମଧ୍ୟରେ ଦୁଇ ଘଣ୍ଟା ଅତିବାହିତ ହୋଇଯାଇ ଥିଲା। ଦୁର୍ଘଟଣାରେ ଆହତ ଗୌରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସାଂଘାତିକ ହେଇଯାଇ ଥିଲା। ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର ଗୌରୀଙ୍କୁ ଚିକିତ୍ସା ଯୋଗାଇ ଦେବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇ ଥିଲା।

● ଚୈତ୍ର ନବରାତ୍ରର ଚତୁର୍ଥ ଦିବସ

## 'କୁଷ୍ମାଣ୍ଡା' ସ୍ୱରୂପରେ ମା' ବଗଳାମୁଖୀ



**ବାଲେଶ୍ୱର, ୧୨।୪(ସମିସ):** ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର ବାସନ୍ତୀକ ପୂଜା ଅବସରରେ ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦ ତିଥିଠାରୁ ଶକ୍ତିପୀଠ ଗୁଡିକରେ ଆରମ୍ଭ ହୋଇଛି ଶକ୍ତିସ୍ୱରୂପିଣୀ ମା'ଙ୍କର ନବରାତ୍ର ପୂଜା। ପ୍ରତ୍ୟେହ ପ୍ରାତଃକାଳରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହିତ ଚାଲିଛି ମା'ଙ୍କ ଷଡୋଶ ଉପଚାର ନୀତିକାନ୍ତି। ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୁଲିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଚାଲିଛି ନବରାତ୍ର ପୂଜା। ପ୍ରଥମ ଦିବସରେ ମା'ଙ୍କୁ ହିମାଳୟ ରାଜାଙ୍କ କନ୍ୟା ରୂପେ 'ଶୈଳପୁତ୍ରୀ', ଦ୍ୱିତୀୟ ଦିବସରେ ତପ, ତ୍ୟାଗ ଓ ଶକ୍ତିର ଦେବୀ 'ବ୍ରହ୍ମଚାରିଣୀ', ତୃତୀୟ ଦିବସରେ ମା' ପାର୍ବତୀଙ୍କ ବିବାହିତ ଅବତାର 'ଚନ୍ଦ୍ରଘଣ୍ଟା'ଙ୍କୁ ଅର୍ଚ୍ଚନ କରାଯାଇଛି। ସେହିପରି ଚତୁର୍ଥ ଦିବସରେ ବ୍ରହ୍ମା ରଚନାକାରିଣୀ ଦେବୀ 'କୁଷ୍ମାଣ୍ଡା'ଙ୍କୁ ପୂଜା କରାଯାଇଥିଲା। ନବରାତ୍ରର ପଞ୍ଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ, ମହାସପ୍ତମୀରେ କାଳରାତ୍ରି, ମହାଅଷ୍ଟମୀରେ ମହାଗୌରୀ ଓ ମହାନବମୀରେ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ନେଇ ଶାସ୍ତ୍ର ସମ୍ମତ ବିଧି ରହିଛି। ଏଥିରେ ପ୍ରତ୍ୟେହ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜା ସହିତ ସନ୍ଧ୍ୟାରେ ସପ୍ତଶତୀ ଚଣ୍ଡିପାଠ ଓ ଅନ୍ତେ ୧୦୮ ଆହୁତି ପ୍ରଭୃତି କର୍ମକାଣ୍ଡ ମାଧ୍ୟମରେ ନିୟମିତ ପୂଜାର୍ଚ୍ଚନା ହେଉଛି ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ।

## ପିଏନ୍‌ବିର ସ୍ଥାପନା ଦିବସରେ ବୃକ୍ଷରୋପଣ

**ବାଲେଶ୍ୱର, ୧୨।୪(ସମିସ):** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୧୩୦ତମ ପ୍ରତିଷ୍ଠା ଦିବସ ଅବସରରେ ଆକିନିଆସ୍ଥିତ ଆନନ୍ଦମାର୍ଗ ସ୍କୁଲରେ ଚାରା ରୋପଣ ସହିତ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱରର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କର୍ମଚାରୀମାନେ ସହଯୋଗ କରିଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କର୍ମଚାରୀ ପ୍ରଫୁଲ୍ଲ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସର୍କଲ ହେଡ ପୁରୁଷୋତ୍ତମ ପଟ୍ଟନାୟକ, ଉପ ମଣ୍ଡଳ ଅଧିକାରୀ ମୃଣାଳକାନ୍ତି ମହାନ୍ତ, ସମ୍ପାଦକ ନିରଞ୍ଜନ ପଣ୍ଡା, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସମ୍ପାଦକ ନିରଞ୍ଜନ କର, ପଦ୍ମଭୂଷଣ ପ୍ରଦାନ, କାର୍ତ୍ତିକ ପ୍ରଧାନ, ଦେବାଶିଷ ଦାସ, ମାନସ ରଞ୍ଜନ ନାୟକ, ବସନ୍ତ କର, ଅକ୍ଷୟ କର, ଗଙ୍ଗାଧର ବେହେରା, ହରିପ୍ରିୟା ଜେନା, ଭାସ୍କର ଜେନା, ପରିକ୍ଷିତ ଜେନା, ସୁପ୍ରଭା ଜେନା, ପୁଷ୍ପାରାଣୀ ଦାସ, ବୀଣାପାଣି ଜେନା, ସସ୍ମିତା ଜେନା, ସୁନିତା ବେହେରା, ଧରିତ୍ରୀ ବିଶ୍ୱାଳ, ନମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜୟକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ।

## ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ ରାଜ୍ୟ କମିଟି ବୈଠକ

**ବାଲେଶ୍ୱର, ୧୨।୪(ସମିସ):** ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟକାରୀ କମିଟିର ପରିବର୍ଦ୍ଧିତ ବୈଠକ ପ୍ରଥମଥର ପାଇଁ ବାଲେଶ୍ୱର ସହରର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଇଂ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ କମିଟିର ଉପସଭାପତି ଭାଗ୍ୟଧର ବ୍ରହ୍ମା ଆଲୋଚନାର ବିଷୟ ଆଗତ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ ସଂସ୍ଥାରୁ ମାସିକ ସର୍ବନିମ୍ନ ଏକ ହଜାର ଟଙ୍କା ଓ ତହିଁରୁ କମ ଟଙ୍କା ପେନସନଭୋଗୀଙ୍କ ଆର୍ଥିକ ଦୁରାବସ୍ଥା ସମ୍ପର୍କରେ ଜଣାଇଥିଲେ। ଚାକିରିକାଳରେ ଅଧିକ ବେତନ ପାଇଥିବା କର୍ମଚାରୀମାନଙ୍କୁ ଅଧିକ ପେନସନ ପ୍ରଦାନ ପାଇଁ ସର୍ବୋଚ୍ଚ ଅଦାଲତ ଦେଇଥିବା ଆଦେଶକୁ ଏବଂ ସର୍ବନିମ୍ନ ପେନସନ ବୃଦ୍ଧି ସହ ମହଙ୍ଗାଭତ୍ତା ପ୍ରଦାନ ପାଇଁ ସଂସଦର ସବକମିଟିର ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରୁନଥିବାରୁ ଦେଶବ୍ୟାପୀ ଏହି ବର୍ଗର ପେନସନଭୋଗୀମାନେ ଆର୍ଥିକ ଦୁର୍ଗତିରେ କାଳାତିପାତ କରୁଥିବାର ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବରିଷ୍ଠ ନାଗରିକମାନଙ୍କ ପ୍ରତି ଅବିଚାରକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳ ଓ ସେମାନଙ୍କ ସହଯୋଗୀ ଦଳମାନଙ୍କୁ ଭୋଟ ନ ଦେବା ପାଇଁ ଜାତୀୟ କମିଟିର ଆହ୍ୱାନକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ଶ୍ରୀ ବ୍ରହ୍ମା ଉପସ୍ଥିତ ମାନଙ୍କୁ ଅବଗତ କରାଇଥିଲେ। ମାସିକ ସର୍ବନିମ୍ନ ପେନସନ୧ହଜାର ଟଙ୍କାକୁ ବୃଦ୍ଧିକରି ୯ ହଜାର ଟଙ୍କା ପ୍ରଦାନ ସହ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟରେ ଆଗତ ମକଦ୍ଦମାକୁ ଅଦାଲତ ଗ୍ରହଣ କରି ଇପିଏଫ ସଂସ୍ଥା ଓ କେନ୍ଦ୍ର ସରକାରଙ୍କର ସମ୍ପୃକ୍ତ ବିଭାଗକୁ ପକ୍ଷଭୁକ୍ତ କରିଛନ୍ତି ବୋଲି ଶ୍ରୀ ବ୍ରହ୍ମା ଜଣାଇଥିଲେ। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ବିବରଣୀ ପାଠ କରିବା ପରେ ତାହା ଗୃହୀତ ହୋଇଥିଲେ। ଆଗାମୀ କାର୍ଯ୍ୟପନ୍ଥା ଏବଂ ରାଜ୍ୟର ସାଙ୍ଗଠନିକ ସମସ୍ୟା ଓ ସମାଧାନ ସହ ସଭ୍ୟସଂଖ୍ୟା ବୃଦ୍ଧି ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ କମିଟି ଓ ବିଭିନ୍ନ ଜିଲ୍ଲା କମିଟି




ପକ୍ଷରୁ ଇଂ ଅନାଦିଚରଣ ବେହେରା, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ମହାନ୍ତି, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ମାୟାଧର ନାୟକ, କୁଞ୍ଜ ବିହାରୀ ନାୟକ, ଭାବଗ୍ରାହୀ ରାଉତ, କୃଷ୍ଣଚନ୍ଦ୍ର ମହାନ୍ତି, ବିନୋଦ ବେହେରା, ଉର୍ବଶୀ ମିଶ୍ର, ଗୀତାଞ୍ଜଳି ପାତ୍ର, ମଦନମୋହନ ଜେନା ଓ ନିରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପରେ ଦାବିପୂରଣ ନିମିତ ଲଗାତର ଆନ୍ଦୋଳନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହିତ ହୋଇଛି। ଆସନ୍ତା ରାଜ୍ୟ ସମ୍ମିଳନୀର ତାରିଖ ଓ ସ୍ଥାନ ଅଗାମୀ ବୈଠକରେ ସ୍ଥିର କରାଯିବ। ସମସ୍ତ ଜିଲ୍ଲା କମିଟିର ବୈଠକ ପ୍ରତି ଦୁଇମାସରେ ଅନୁଷ୍ଠିତ ହେବ ଓ ଏହାର ବିବରଣୀ ଜିଲ୍ଲାମାନେ ରାଜ୍ୟ କମିଟିକୁ ପଠାଇବାକୁ ଅନୁରୋଧ କରାଯାଇଛି। ବୈଠକ ଆରମ୍ଭରେ ବିଭିନ୍ନ ଜରାରୋଗରେ ଅସୁସ୍ଥ ଥିବା କେତେକ କର୍ମକର୍ତାଙ୍କ ଆରୋଗ୍ୟ କାମନା କରି ଓ ଦିବଂଗତ କର୍ମକର୍ତାଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ନିଗମ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ନିର୍ବାଚନରେ ଭୋଟ ହାର ବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୨।୪(ସମିସ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଥର ବହୁ ସଂଖ୍ୟାରେ ଭୋଟରମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରି ପାରିବେ ସେଥିପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି। ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯାଉଛି। ଭୋଟରମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ରୁପସା ସ୍ଥିତ ନୀଳମଣି ଉଚ୍ଚବିଦ୍ୟାଳୟଠାରେ ଯୁବବର୍ଗଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମତାଧିକାର ସାବ୍ୟସ୍ତ କରିବା ସମ୍ବନ୍ଧୀୟ ସଚେତନତା ପାଇଁ ଦସ୍ତଖତ ଅଭିଯାନ ଏବଂ ପାରମ୍ପରିକ ପାଲାର ଆୟୋଜନ କରାଯାଇଥିଲା। ଏଥିସହିତ ପିଲାମାନଙ୍କ ମଧ୍ୟରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ସାମୁହିକ ଶପଥ ପଠନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସଦର ବିଡ଼ିଓ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୌଶିକ ପାତ୍ରଙ୍କ ସମେତ୨୫୦ରୁ ଅଧିକ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।




# ସହରରେ ବଢ଼ୁଛି ପରିବା ଜୁସ୍‌ର ଚାହିଦା

**ବାଲେଶ୍ୱର, ୧୨।୪(ସମିସ):**

ସମ୍ପ୍ରତି ଲୋକମାନଙ୍କ ମଧ୍ୟରେ ମଧୁମେହ ରୋଗଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ରୋଗ ଦେଖାଦେଉଛି। ତେବେ ସୁସ୍ଥ ରହିବା ପାଇଁ ଲୋକେ ସକାଳେ ବ୍ୟାୟାମ କରୁଥିବା ବେଳେ କେହି କଞ୍ଚା ପନିପରିବା ଖାଉଛନ୍ତି। ଆଉ କେହି ପନି ପରିବାର ଜୁସ ମଧ୍ୟ ପିଉଛନ୍ତି। ଯାହାଫଳରେ ଲୋକମାନଙ୍କ ସ୍ୱାସ୍ଥ୍ୟ ଠିକ ରହିବା ସହ ବିଭିନ୍ନ ରୋଗରୁ ମୁକ୍ତି ପାଇ ପାରିବେ ଏଭଳି ଏକ ଚିନ୍ତା ନେଇ ସହରର ଫକୀରମୋହନ ଗୋଲେଇଠାରେ ସହଦେବଖୁଂଟା ଅଞ୍ଚଳର ରାଧାକାନ୍ତ ଖୋଲିଛନ୍ତି ଏକ ପରିବା ଜୁସ କେନ୍ଦ୍ର। ଏହି ଜୁସ କେନ୍ଦ୍ରରେ ବିଭିନ୍ନ କଞ୍ଚା ପରିବା ସହ ଫଳ ଜୁସ ମଧ୍ୟ ମିଳୁଛି। ଲୋକେ ପରିବା ଜୁସ ପ୍ରତି ବେଶି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି।




ଏଠାରେ ୧୮ ପ୍ରକାରର ପରିବା ଜୁସ ମିଳେ। ଏ ନେଇ ଜୁସ ଦୋକାନୀ ରାଧାକାନ୍ତଙ୍କ କହିବା ଅନୁସାରେ, ସେ ଏହି ବ୍ୟବସାୟ ଦୀର୍ଘ ୮ ବର୍ଷ ହେବ ଆରମ୍ଭ କଲେଣି। ୬ ବର୍ଷ ସେ ସହଦେବଖୁଂଟା ବସ୍‌ଷ୍ଟାଣ୍ଡ ନିକଟରେ କରିଥିବା ବେଳେ ଦୁଇ ବର୍ଷ ହେବ ଫକୀରମୋହନ ଗୋଲେଇଠାରେ ଆରମ୍ଭ କରିଛନ୍ତି। ସେ ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରିବା ପରେ ନିଜେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଏହି ବ୍ୟବସାୟକୁ ଆଦରି ନେଇଛନ୍ତି। ଅନ୍ୟପଟେ ତାଙ୍କ ବାପା ଓ ମାଙ୍କର ଦେହ ଖରାପ ଥିବା ସମୟରେ ଘରକୁ ଏକ ଛୋଟ ଜୁସ ମେସିନ ଆଣି ସେମାନଙ୍କୁ ଏହି ପରିବା ଜୁସ କରି ଦେବା ପରେ ସେମାନେ ସୁସ୍ଥ ହୋଇଥିଲେ। ତେବେ ଏହାକୁ ପାଥେୟ କରି ସେ ଏହି ବ୍ୟବସାୟ ଆରମ୍ଭ କରିଥିବା କହିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ଦୋକାନରେ କଲରା, ଲାଉ, ପାଳଙ୍ଗ, ପୋଦିନା, ଅଁଳା, କଞ୍ଚା ହଳଦୀ, ମେଥିପତ୍ର, ଧଣିଆପତ୍ର, ଗାଜର, ବିଟ, ଅଦା, କଖାରୁ ଆଦି ୧୮ ପ୍ରକାର ଜୁସ ସେ କରନ୍ତି। ବିଶେଷ କରି କଲରା ଜୁସ ପିଇବା ଦ୍ୱାରା ଲୋକମାନଙ୍କର ଚର୍ମ ରୋଗ ଭଲ ହେବା ସହ ଡାଇବେଟିସ ହ୍ରାସ କରିବାରେ ସହାୟକ ହୋଇଥାଏ। ଯେତେବେଳେ ଯେଉଁ ସିଜନରେ ଯେଉଁ ଭଳି ପରିବା ମିଳେ ସେଥିରେ ସେ ଜୁସ ତିଆରି କରନ୍ତି। ତାଙ୍କ ନିକଟକୁ ଜିମ ଯାଉଥିବା ବ୍ୟକ୍ତିମାନଙ୍କ ସହ ରୋଗୀମାନେ ମଧ୍ୟ ଜୁସ ପିଇବା ପାଇଁ ଆସିଥାଆନ୍ତି। ସେମାନଙ୍କ ପାଇଁ କଲରା ଠାରୁ ଆରମ୍ଭ କରି ପାଳଙ୍ଗ ଆଦି ବିଭିନ୍ନ ପନି ପରିବା ଜୁସ ତିଆରି କରନ୍ତି। ଯାହାକୁ ସେମାନେ ଖାଇ ସୁସ୍ଥ ମଧ୍ୟ ହେଉଛନ୍ତି। ଯେଉଁମାନେ ଯୋଗ ପ୍ରାଣାୟାମ କରୁଛନ୍ତି ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ପରିବା ଜୁସ ସେ ତିଆରି କରିଛନ୍ତି। ସେ ଏକ ଜୁସ ତିଆରି କରିବା ମେସିନ ରଖିଛନ୍ତି ଯାହା ଦ୍ୱାରା ବିଭିନ୍ନ ପ୍ରକାର ମିକ୍ସ ପନିପରିବା ଜୁସ ତିଆରି କରୁଛନ୍ତି। ଯେଉଁମାନଙ୍କର ହାଇ ବିପି ରହିଛି ସେମାନଙ୍କ ପାଇଁ ଲାଉ ଜୁସ ବହୁତ ଭଲ ହୋଇଥିବା ବେଳେ ମୋଟାପଣ କମାଇବା ପାଇଁ ମଧ୍ୟ ଏହା ବହୁତ ଭଲ ହୋଇଥାଏ ବୋଲି କହିଛନ୍ତି। ବିଶେଷ କରି ଏହି ଜୁସକୁ ସକାଳେ ଖାଲି ପେଟରେ ଖାଇଲେ ଏହା ଅଧିକ ଫଳପ୍ରଦ ହୋଇଥାଏ ବୋଲି ସେ କହିଛନ୍ତି। ଏହି ଜୁସ ୪୦ଟଙ୍କାରୁ ଆରମ୍ଭ ହୋଇ ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାବ୍ୟତିତ ସେ ବିଭିନ୍ନ ପ୍ରକାରର ଫଳର ଜୁସ ମଧ୍ୟ ତିଆରି କରୁଛନ୍ତି, ଯାହାକି ଗ୍ରାହକଙ୍କ ପସନ୍ଦ ଆସୁଛି।



'ଗୌରବମଣ୍ଡିତ ପୁରାତନ ମନ୍ଦିରମାଳିନୀ ସହରର ଏହି ଭୂମି ଉପରେ ଉତ୍କଳୀୟମାନଙ୍କର ଅତୀତ ଗୌରବର ଇତିହାସକୁ ପୁନର୍ଜୀବିତ କରି ପୁଣି ଏକ ନୂତନ ନଗର ନିର୍ମାଣ କରାଯାଉଛି।'
-ଭୁବନେଶ୍ୱର ଶିଳାନ୍ୟାସ ଉତ୍ସବରେ ପଣ୍ଡିତ ନେହେରୁ

ସକାଳ
THE SAKALA

# ଏ ବର୍ଷ ମୌସୁମି ଉଣାଅଧିକେ ସ୍ୱାଭାବିକ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଚଳିତବର୍ଷର ମୌସୁମି ପ୍ରବାହ ସଂକ୍ରାନ୍ତ ପ୍ରଥମ ଆକଳନ ଏହି ମାସ ଶେଷ ସପ୍ତାହ ବେଳକୁ ଆସିଯିବ ବୋଲି ଆଶା କରାଯାଉଛି। ଏହା ସରକାରୀ ଆକଳନ ଏବଂ ଭାରତ ସରକାର ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁପ୍ରବାହର ଗତିବିଧିକୁ ନେଇ ଆଇଏମ୍‌ଡି ରିପୋର୍ଟ ଉପରେ ମୁଖ୍ୟତଃ ନିର୍ଭର କରନ୍ତି। ଆଇଏମ୍‌ଡି ରିପୋର୍ଟର ବିଶେଷତ୍ୱ ହେଲା ବିଭିନ୍ନ ମଡେଲ ଓ ଅତ୍ୟାଧୁନିକ ଟେକ୍‌ନୋଲୋଜିକୁ ନେଇ ଏହା ପ୍ରସ୍ତୁତ ହୋଇଥାଏ। ବିଗତ କେତେବର୍ଷ ଧରି ମୌସୁମି ପ୍ରବାହ ଘେନି ଆଇଏମ୍‌ଡିର ଆକଳନ ବା ଅନୁମାନ ପ୍ରାୟ ଠିକ୍ ରହୁଛି। ପାଣିପାଗ ଏପରି ଏକ କ୍ଷେତ୍ର, ଯେଉଁଠି ଏହାର ଗତିବିଧି ଓ ସ୍ଥିତିକୁ ନେଇ ନିର୍ଭୁଲ ଅନୁମାନ କରିବା ସହଜ ନୁହେଁ। ତଥାପି ବିଶ୍ୱର ସବୁ ଅଗ୍ରଣୀ ତଥା ଉନ୍ନତ ଦେଶ ନିଜର ପାଣିପାଗ ବିଭାଗର ଅନୁମାନକୁ ନିର୍ଭୁଲ କରିବାକୁ ସମସ୍ତ ପ୍ରକାର ପଦ୍ଧତି ଓ ଆଧୁନିକ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି। ଭାରତ ମଧ୍ୟ ଏଥିରୁ ବାଦ ପଡ଼ିନାହିଁ।

ତେବେ ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ତାହାର ଚଳିତବର୍ଷର ପ୍ରଥମ ଅନୁମାନର ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁସାରେ ଏଥର ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମି ପ୍ରବାହ ସ୍ୱାଭାବିକ ହେବ। ଆସନ୍ତା ଜୁନ୍‌ରୁ ସେପ୍ଟେମ୍ବର- ଚାରିମାସିଆ ବର୍ଷାକାଳ ନିମନ୍ତେ ଦୀର୍ଘ ଅବଧିର ଏହି ଆକଳନ କରାଯାଇଛି। ଏଥିରେ ଯେଉଁ ଚିନ୍ତାର ବିଷୟ ରହିଛି, ତାହା ହେଲା ଓଡ଼ିଶା ସମେତ ଦେଶର ପୂର୍ବାଞ୍ଚଳ ଯଥା ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଆଦି ରାଜ୍ୟରେ ଏଥର ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ। ତେବେ ଦେଶର ଅନ୍ୟାନ୍ୟ ଭାଗରେ ଭଲ ବର୍ଷା ହେବାର ସଂକେତ ଆଗୁଆ 'ସ୍କାଏମେଟ୍' ଦେଇଛି। ଦୀର୍ଘ ଅବଧି ବା ଜୁନ୍‌ରୁ ସେପ୍ଟେମ୍ବର ପାଇଁ ସ୍ୱାଭାବିକ ବା ଭଲ ବର୍ଷାର ହିସାବ ହେଲା ୧୦୦ ଶତାଂଶ ବା ତଦୂର୍ଦ୍ଧ ବୃଷ୍ଟିପାତ। 'ସ୍କାଏମେଟ୍' କହିଛି ଯେ ଏଥର ମୌସୁମି ବର୍ଷା ୮୬୮.୬ ମିଲିମିଟର ବା ୧୦୨ ଶତାଂଶରୁ ଅଧିକ ହେବ। ଏହାଛଡ଼ା ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଜୁନ୍-ଜୁଲାଇରେ ଆବଶ୍ୟକତାଠାରୁ କମ୍ ବର୍ଷିବ। ଦକ୍ଷିଣ-ପଶ୍ଚିମ ମୌସୁମି ପ୍ରବାହର ଆରମ୍ଭ ସମୟରେ ପ୍ରଶାନ୍ତ ଓ ଭାରତ ମହାସାଗରରେ ଏଲ୍‌ନିନୋ (ଉତ୍ତର ସାମୁଦ୍ରିକ ସ୍ରୋତ)ର ପ୍ରଭାବ ଥିବାରୁ ଭାରତର ପୂର୍ବାଞ୍ଚଳରେ ବୃଷ୍ଟିପାତ ପ୍ରଭାବିତ ହୋଇପାରେ। ଅଗଷ୍ଟ ଓ ସେପ୍ଟେମ୍ବର ବେଳକୁ ଏଲ୍‌ନିନୋ ଅପସରି ଯାଇ ଲା ନିନୋ (ଶୀତଳ ସାମୁଦ୍ରିକ ସ୍ରୋତ) ଆସିଯାଇଥିବାରୁ ବର୍ଷା ପରିମାଣ ବଢ଼ି ସ୍ୱାଭାବିକ ହେବ। 'ସ୍କାଏମେଟ୍'ର ଅନୁମାନକୁ ଉପେକ୍ଷା କରିବା ଉଚିତ ହେବ ନାହିଁ। ଏହା ବେସରକାରୀ ହେଲେ ମଧ୍ୟ ମୌସୁମି ଉପରେ ଏହି ସଂସ୍ଥା ଆବଶ୍ୟକ ଅଧ୍ୟୟନ ଓ ଅଭିନିବେଶ କରିଛି। ତେବେ ଏହାର ମଡେଲ୍, କାର୍ଯ୍ୟ ପରିସର ଓ ଟେକ୍‌ନୋଲୋଜି ସୀମିତ ହୋଇଥିବାରୁ ଏହାର ଗଣନାକୁ ଚୂଡ଼ାନ୍ତ ଭାବେ ଗ୍ରହଣ ନ କରି ଭାରତୀୟ ପାଣିପାଗ ବିଭାଗର ଗଣନାକୁ ଅପେକ୍ଷା କରିବା ଉଚିତ ହେବ। ଅର୍ଥନୀତି ପାଇଁ ଭଲ ବର୍ଷା ଓ ଉତ୍ତମ ଉତ୍ପାଦନ ବିଶେଷ ମହତ୍ୱ ରଖେ।

ଏହା 'ଦି ଇଣ୍ଡିଆନ୍ ଆଣ୍ଡ ବାଏ ଇଣ୍ଡିଆନ୍' ବା ଦେଶ ପ୍ରେମର କଥା ନୁହେଁ। ଆଇଏମ୍‌ଡି ତାହାର ପାଣିପାଗ ଆକଳନରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍‌ନୋଲୋଜିର ସହାୟତା ନେଉଛି। ଏହି କାମକୁ ଆହୁରି ବ୍ୟାପକ କରିବାକୁ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ କାମ ଆରମ୍ଭ କରିଛି। ଦେଶର ୮୫ ଶତାଂଶ ସ୍ଥାନରେ ଆଇଏମ୍‌ଡି ୩୯ଟି ଡପଲର ରେଡାର ଲଗାଇଛି, ଯାହା ପାଣିପାଗ ସମ୍ପର୍କରେ ଅଧିକ ନିର୍ଭୁଲ ତଥା ଭରସାଯୋଗ୍ୟ ତଥ୍ୟ ଦେଉଛି। ଏହି ଡପଲର ରେଡାର ଦେଶର ୮୫ ଭାଗ ଭୂଭାଗରୁ ତଥ୍ୟ ସଂଗ୍ରହ କରିପାରୁଛି। ଏହାଛଡ଼ା ଆଇଏମ୍‌ଡି ଦେଶର ପାଣିପାଗ ସଂକ୍ରାନ୍ତ ତଥ୍ୟାବଳୀର ବିଶ୍ଳେଷଣ ପାଇଁ ୧୯୦ଠାରୁ ଏଯାଏ ଡାଟା (ତଥ୍ୟାବଳୀ) ସଂଗ୍ରହ କରି ରଖିଛି, ଯାହା ମଡେଲ ନିର୍ଦ୍ଧାରଣ ଏବଂ ବିଶ୍ଳେଷଣରେ ସହାୟକ ହେଉଛି। ଏଆଇ ମାଧ୍ୟମରେ ଏସବୁ ତଥ୍ୟର ବିଶ୍ଳେଷଣ ସହଜ ହୋଇଛି। ଏହି ବିଶ୍ଳେଷଣ ହିଁ ପାଗପାଳକ ସମ୍ପର୍କରେ ଆଗୁଆ ତଥ୍ୟ ପ୍ରଦାନରେ ସହାୟତା ଯୋଗାଉଛି।

ଆମେରିକା, ଚୀନ୍ ସମେତ ବିଶ୍ୱର ସବୁ ସମୃଦ୍ଧ ଓ ଆଗୁଆ ରାଷ୍ଟ୍ର ପାଣିପାଗ କ୍ଷେତ୍ରରେ ଏଆଇ ଏବଂ ଅନ୍ୟାନ୍ୟ ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଖର୍ଚ୍ଚ କମ୍ ହେଉଛି ଏବଂ ତଥ୍ୟ ଅଧିକ ନିର୍ଭୁଲ ହେଉଛି। ଉପଗ୍ରହ, ଭୂପୃଷ୍ଠ କେନ୍ଦ୍ର, ଦୂର ସଂବେଦୀ ବ୍ୟବସ୍ଥାକୁ ଉପଯୋଗ କରି ଆଇଏମ୍‌ଡି ନିଜକୁ ବିଶ୍ୱର ଅନ୍ୟତମ ଭରସାଯୋଗ୍ୟ ସଂସ୍ଥା ଭାବେ ପ୍ରମାଣିତ କରିଛି। ବିଶେଷକରି ସାମୁଦ୍ରିକ ବାତ୍ୟାର ଉତ୍ପତ୍ତି, ଗତିପଥ, ଭୂପୃଷ୍ଠ ସ୍ପର୍ଶ, ବେଗ, ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଆଇଏମ୍‌ଡିର ତଥ୍ୟ ବିଗତ କେତେବର୍ଷ ଧରି ବେଶ୍ ସନ୍ତୋଷଜନକ ଓ ନିର୍ଭୁଲ ପ୍ରମାଣିତ ହୋଇଛି।

ଏବେ ଦେଶର ଲୋକସଭା ନିର୍ବାଚନ ଚାଲିଛି। ଆସନ୍ତା ଦୁଇମାସ (ଏବେଠୁ ଜୁନ୍ ଶେଷ ଯାଏଁ) ଦେଶର ଅଧିକାଂଶ ଭାଗରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ସେଥିରେ ଓଡ଼ିଶା ରହିଛି। ତେଣୁ ନିର୍ବାଚନ ପ୍ରଚାର କାମକୁ ଦେଖିଶୁଣି ପ୍ରାର୍ଥୀମାନଙ୍କୁ କରିବାକୁ ପଡ଼ିବ। ସବୁଠୁ ବଡ଼ କଥା ହେଲା ଓଡ଼ିଶାରେ ଏଥର ଖରିଫ ଚାଷ ପାଇଁ ପାଗପାଳକ କିପରି ରହିବ? ଆଇଏମ୍‌ଡିର ଆକଳନ ପରେ ଏହା ସ୍ପଷ୍ଟ ହୋଇଯିବ। ଏହି ସଂସ୍ଥା କ୍ରମାଗତ ଭାବେ ଉପଯୁକ୍ତ ବ୍ୟବଧାନରେ ତିନିଥର ମୌସୁମି ପ୍ରବାହର ଗତିବିଧି ନେଇ ସୂଚନା ଦିଏ।

ଆମ ଓଡ଼ିଶାରେ ପ୍ରାୟ ୩୬ ଶତାଂଶ ଜମି ଜଳସେଚିତ। ଅବଶିଷ୍ଟ ବର୍ଷା ଉପରେ ନିର୍ଭରଶୀଳ। ସ୍ୱାଭାବିକ ବା ତା'ଠାରୁ ସାମାନ୍ୟ କମ୍ ବର୍ଷା ହେଲେ ଖରିଫ ଫସଲ ଉତୁରି ଯିବାରେ କିଛି ଅସୁବିଧା ରହିବ ନାହିଁ। ତେବେ ଖରାଦିନିଆ ବର୍ଷା ଏପ୍ରିଲ ମଇରେ କେବଳ ପ୍ରଚଣ୍ଡ ତାତିରୁ ତ୍ରାହି ଦିଏନାହିଁ ଏହା ପାନୀୟ ଜଳକଷ୍ଟ ମଧ୍ୟ ଦୂର କରେ। ଆହୁରି ମଧ୍ୟ ଆଗୁଆ ଜମି ଚାଷ ପାଇଁ ଏହା ସହାୟକ ହୋଇଥାଏ। ଆଇଏମ୍‌ଡିର ଆକଳନ ଓ ଅନୁମାନ ଭିତ୍ତିରେ ରାଜ୍ୟ କୃଷି ବିଭାଗ ଖରିଫ ଚାଷ ନୀତି ପ୍ରସ୍ତୁତ କରିବ। ଏଥିପାଇଁ ଏବେ ହାତରେ ଯଥେଷ୍ଟ ସମୟ ଅଛି। ତେବେ ଖରିଫ ପାଇଁ ଆବଶ୍ୟକ ବିହନ ଓ ସାର ଆଦି କୃଷି ବିଭାଗ ଆଗୁଆ ମହଜୁଦ ରଖିବାର ସମୟ ଆସିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ନୂଆ ସରକାର ରାଜ୍ୟରେ ଆସିବା ବେଳକୁ ମୌସୁମି ଆସିବା ଆସିବା ହେଉଥିବ। ତେଣୁ ଉଭୟଙ୍କୁ ସ୍ୱାଗତ କରିବାର ପ୍ରସ୍ତୁତି ଏବେଠୁ ଆରମ୍ଭ ହେଉ।

# କୁମାର-କୁମାରୀ ପର୍ବତର ସାଂସ୍କୃତିକ ସୌରଭ



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପ୍ରାକୃତିକ ରୂପଲାବଣ୍ୟଭରା ଓଡ଼ିଶାର ମଧ୍ୟ-ପୂର୍ବାଞ୍ଚଳରେ ଅବସ୍ଥିତ କୁମାର-କୁମାରୀଗିରି ଯୁଗଳ ସଂପ୍ରତି ଆମ ରାଜଧାନୀ ଭୁବନେଶ୍ୱର ମହାନଗର କେନ୍ଦ୍ରାଞ୍ଚଳରେ ଖଣ୍ଡଗିରି ଓ ଉଦୟଗିରି ନାମରେ ବିଦ୍ୟମାନ। ଏହି ଦୁଇଟି ଅନୁଚ୍ଚ ପର୍ବତ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ ଓ ସଂସ୍କୃତିର ସ୍ମୃତି ବହନ କରି ସଂପ୍ରତି ବୃକ୍ଷବିହୀନ ପାହାଡ଼ ସ୍ୱରୂପରେ ଦୃଶ୍ୟମାନ। ଜୈନକୀର୍ତ୍ତି ବିମଣ୍ଡିତ ଖଣ୍ଡଗିରିର ଉଚ୍ଚତା ପ୍ରାୟ ୪୪ ମିଟର ଓ ଐତିହ୍ୟ ସୁରଭିତ ଉଦୟଗିରିର ଉଚ୍ଚତା ପ୍ରାୟ ୩୪ ମିଟର। ଶତାବ୍ଦୀ ଶତାବ୍ଦୀ ଧରି ଅରଣ୍ୟ, ଔଷଧୀୟ ବୃକ୍ଷ ଓ ନିର୍ଝରିଣୀ ପରିଶୋଭିତ ଏହି ଗିରିଦ୍ୱୟ ରାଜଧାନୀର କଳେବର ପ୍ରସାରଣରେ ବର୍ତ୍ତମାନ ଏକ ଲୋକପ୍ରିୟ ଐତିହ୍ୟ କୀର୍ତ୍ତି କ୍ଷେତ୍ରରେ ରୂପାନ୍ତରିତ ହୋଇଛି। ପ୍ରାଚୀନ ସମୟରେ ପୁରାଣ ପ୍ରସିଦ୍ଧ ଏକାମ୍ରକ୍ଷେତ୍ରର ମଧ୍ୟଭାଗରେ ବହୁ ଶାଖାପ୍ରଶାଖା ସମନ୍ୱିତ ଏକ ଅତି ବିଶାଳ ଆମ୍ର ବୃକ୍ଷ ରହିଥିଲା। 'ଏକାମ୍ର ଚନ୍ଦ୍ରିକା'ରୁ ଜଣାଯାଏ -

*ଏକାମ୍ର ବୃକ୍ଷସ୍ତତ୍ରାସୀତ୍ ପୁରାକଳ୍ପେ ତପୋଧନାଃ,*
*ତସ୍ୟୈକ ନାମ୍ନା ତତ୍ କ୍ଷେତ୍ରମେକାମ୍ରକମିତି ସ୍ମୃତମ୍।*

ସେହି ଆମ୍ରବୃକ୍ଷର ମୂଳରେ ସ୍ଫଟିକ ଓ ବୈଦୁର୍ଯ୍ୟ ମଣି ଉଦ୍ଭାସିତ ତଥା ଉର୍ଦ୍ଧ୍ୱଦେଶ ପଦ୍ମରାଗ ମଣି ବିମଣ୍ଡିତ ତ୍ରିଭୁବନେଶ୍ୱର ଲିଙ୍ଗ ବିରାଜମାନ ଥିଲେ, ଯାହା ସଂପ୍ରତି ଲିଙ୍ଗରାଜ ନାମରେ ଖ୍ୟାତ। ଚକ୍ରାକାରରେ ସୁବିସ୍ତୃତ ସେହି ଆମ୍ରବୃକ୍ଷର ପୂର୍ବ ପାର୍ଶ୍ୱଶାଖା ଭାବକୁଣ୍ଡଳେଶ୍ୱର, ଉତ୍ତରପାର୍ଶ୍ୱ ଶାଖା ବଳହାଦେବୀ, ଦକ୍ଷିଣପାର୍ଶ୍ୱ ଶାଖା ବହିରଙ୍ଗେଶ୍ୱର ଓ ପଶ୍ଚିମପାର୍ଶ୍ୱ ଶାଖା ଖଣ୍ଡଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ତଥା ପଞ୍ଚମ ଶାଖା ଉର୍ଦ୍ଧ୍ୱକୁ ପ୍ରଲମ୍ବିତ ହୋଇଥିଲା -

*ଖଣ୍ଡାଚଳ ସମାସାଦ୍ୟ ଯତ୍ରାସ୍ତେ କୁଣ୍ଡଳେଶ୍ୱର*
*ଆସାଦ୍ୟ ବଳହା ଦେବୀଂ ବହିରଙ୍ଗେଶ୍ୱରାବଧି*
*କ୍ଷେତ୍ରମେତତ୍ ସମାଦିଷ୍ଟଂ ଚକ୍ରକାରଂ ଶୁଭଂ ମୁନେ।*

ଏହି କାରଣରୁ ଏକାମ୍ରକ୍ଷେତ୍ରର ଅନ୍ୟ ନାମ ଚକ୍ରକ୍ଷେତ୍ର। ସେହି ଚକ୍ରକ୍ଷେତ୍ରର ପଶ୍ଚିମସୀମାରେ ଅବସ୍ଥିତ ଗିରିଦ୍ୱୟ 'କୁମାରଗିରି' ଓ 'କୁମାରୀଗିରି' ନାମରେ ଐତିହାସିକ ପ୍ରସିଦ୍ଧ ଲାଭ କରିଥିଲା। ଦେବସେନାପତି କାର୍ତ୍ତିକେୟଙ୍କ ନାମ କୁମାର। ସେହି କୁମାର ବା ସ୍କନ୍ଦଙ୍କ ନାମରେ ନାମିତ ସ୍କନ୍ଦଗିରି ଅପଭ୍ରଂଶରେ ଖଣ୍ଡଗିରି ନାମରେ ପରିଚିହ୍ନିତ। ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ରାଜତ୍ୱରେ ଅର୍ଥାତ ଦଶମ ଶତାବ୍ଦୀରେ ଖୋଦିତ ଏକ ଶିଳାଲେଖରେ ପ୍ରଥମେ ଖଣ୍ଡଗିରି ନାମ ପରିଦୃଷ୍ଟ ହୁଏ। କୁମାର ପର୍ବତର କିଞ୍ଚିତ ପୂର୍ବରେ କୁମାରୀ ପର୍ବତର ଅବସ୍ଥିତ, ଯାହା ସଂପ୍ରତି ଉଦୟଗିରି ନାମ ବହନ କରିଅଛି। ପ୍ରାଚୀନ ସଂସ୍କୃତ ଗ୍ରନ୍ଥ 'ସ୍ୱର୍ଣ୍ଣାଦ୍ରି ମହୋଦୟ'ରେ ଏହି ଗିରିଦ୍ୱୟ ଖଣ୍ଡାଚଳ ଓ ଉଦୟାଚଳ ନାମରେ ମଧ୍ୟ ନାମିତ।

କୁମାର-କୁମାରୀ ଯୁଗ୍ମ ଗିରିର ସାଂସ୍କୃତିକ ଓ ଐତିହାସିକ ମହତ୍ତ୍ୱ ଅବର୍ଣ୍ଣନୀୟ। ଜୈନଧର୍ମର ପ୍ରବର୍ତ୍ତକ ବା ଆଦିତୀର୍ଥଙ୍କର ହେଉଛନ୍ତି ପାର୍ଶ୍ୱନାଥ। ଏହି ମହାତ୍ମା ବୈଦିକ କାଳୀନ। ଜୈନ ଭଗବତୀ ସୂତ୍ର ଓ କ୍ଷେତ୍ର ସମାସରୁ ଜଣାଯାଏ ସେ ଅଙ୍ଗ, ବଙ୍ଗ ଓ କଳିଙ୍ଗରେ ଜୈନଧର୍ମ ପ୍ରଚାର କରିଥିଲେ। ଖଣ୍ଡଗିରି ଓ ଉଦୟଗିରି ପାର୍ଶ୍ୱନାଥଙ୍କ ତପସ୍ଥଳୀ ଥିଲା ଏବଂ ସର୍ବଭାରତୀୟ ସ୍ତରରେ ବୈଦିକ ଯୁଗରୁ ଏହା ଜୈନତୀର୍ଥ ରୂପେ ପ୍ରସିଦ୍ଧି ଲାଭ କରିଥିଲା। ପାର୍ଶ୍ୱନାଥଙ୍କ ଦେହାବସାନ ପରେ କଳିଙ୍ଗବାସୀ ତାଙ୍କର ଏକ ପ୍ରତିମୂର୍ତ୍ତି ଖଣ୍ଡଗିରିରେ ପୂଜା କରୁଥିଲେ। 'କଳିଙ୍ଗଜିନ' ନାମରେ ଖ୍ୟାତ ସେହି ମୂର୍ତ୍ତି ଥିଲା କଳିଙ୍ଗର ଜାତୀୟ ସ୍ୱାଭିମାନର ପ୍ରତୀକ। ମଗଧର ନନ୍ଦରାଜା ଖ୍ରୀପୂ ଚତୁର୍ଥ ଶତାବ୍ଦୀରେ ସେହି 'କଳିଙ୍ଗଜିନ' ମୂର୍ତ୍ତିକୁ ପାଟଳୀପୁତ୍ର ନେଇଯାଇଥିଲେ। ତିନିଶହ ବର୍ଷ ପରେ ଖ୍ରୀପୂ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳ, ମଗଧ ସମ୍ରାଟ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ମହାସମାରୋହରେ 'କଳିଙ୍ଗଜିନ' ମୂର୍ତ୍ତିକୁ ଫେରାଇ ଆଣିଥିଲେ। ଆଦିତୀର୍ଥଙ୍କର ପାର୍ଶ୍ୱନାଥଙ୍କଠାରୁ ଆରମ୍ଭ କରି ପ୍ରାୟ ସବୁ ତୀର୍ଥଙ୍କର ଖଣ୍ଡଗିରିକୁ ପବିତ୍ର ଜୈନପୀଠର ମାନ୍ୟତା ପ୍ରଦାନ କରିଥିଲେ। ଶତାବ୍ଦୀ ଶତାବ୍ଦୀ ଧରି ଖଣ୍ଡଗିରି ଜୈନ ଅର୍ହତମାନଙ୍କର ସାଧନାସ୍ଥଳୀ ଭାବରେ ପ୍ରସିଦ୍ଧି ଲାଭ କରିଥିଲା। ହରିଭଦ୍ର, ଆବଶ୍ୟକସୂତ୍ରର ଟୀକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଜୈନ ଧର୍ମର ଶେଷତୀର୍ଥଙ୍କର ମହାବୀରଙ୍କ ପିତା କଳିଙ୍ଗ ରାଜାଙ୍କର ବନ୍ଧୁ ଥିଲେ ଏବଂ କଳିଙ୍ଗ ରାଜା ମହାବୀରଙ୍କୁ ତାଙ୍କ ରାଜ୍ୟରେ ଧର୍ମ ପ୍ରସାର କରିବା ନିମିତ୍ତ ଆମନ୍ତ୍ରଣ କରିଥିଲେ। ହାତୀଗୁମ୍ଫା ଶିଳାଲିପିରେ ମହାବୀରଙ୍କ କଳିଙ୍ଗ ଆଗମନ ଓ କୁମାରୀ ପର୍ବତରେ ଜୈନଧର୍ମ ପ୍ରଚାର କରିଥିବାର ସ୍ପଷ୍ଟ ସୂଚନା ମିଳେ। ଜୈନଗ୍ରନ୍ଥ ଉତ୍ତରାଧ୍ୟୟନ ସୂତ୍ର ଅନୁସାରେ ମହାବୀରଙ୍କ ସମୟରେ ଅର୍ଥାତ ଖ୍ରୀପୂ ଷଷ୍ଠ ଶତାବ୍ଦୀରେ କଳିଙ୍ଗ ସୁବିଖ୍ୟାତ ଜୈନଭୂମି ଥିଲା। ତୀର୍ଥଙ୍କର ମହାବୀର କଳିଙ୍ଗ ଆଗମନ କରି କୁମାରୀ ପର୍ବତରେ ଅବସ୍ଥାନ ପୂର୍ବକ ଜୈନବାଣୀ କଳିଙ୍ଗବାସୀଙ୍କ ଉଦ୍ଦେଶ୍ୟରେ ପରିବେଷଣ କରିଥିଲେ। ହାତୀଗୁମ୍ଫା ଶିଳାଲିପିରେ ଉତ୍କୀର୍ଣ୍ଣ 'ବିଜୟ ଚକ୍ରପ୍ରବର୍ତ୍ତନ'କୁ ଏହି ଘଟଣାର ପ୍ରାମାଣିକ ତଥ୍ୟରୂପେ ଗ୍ରହଣ କରାଯାଇଥାଏ। ମହାବୀରଙ୍କ ଧର୍ମବାଣୀ ପ୍ରଚାରରେ ଉଦ୍‌ବୁଦ୍ଧ ହୋଇ ତତ୍କାଳୀନ କଳିଙ୍ଗାଧିପତି ତଥା ରାଜ୍ୟବାସୀଗଣ ଜୈନଧର୍ମକୁ କଳିଙ୍ଗର ରାଜକୀୟ ଧର୍ମ ଭାବରେ ସମ୍ମାନ ପ୍ରଦାନ କରିଥିଲେ। ମହାବୀର କୁମାର ପର୍ବତରେ ଧର୍ମ ପ୍ରସାର କରିଥିବା ହେତୁ ଏହି ଗିରି ସର୍ବଭାରତୀୟ ସ୍ତରରେ ଏକ ପବିତ୍ର ଜୈନତୀର୍ଥ ରୂପେ ପ୍ରସିଦ୍ଧି ଲାଭ କରିଥିଲା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଜୈନସନ୍ନ୍ୟାସୀ ଓ ଅର୍ହତଗଣ ଏଠାରେ ଆସି ନିବାସ କରୁଥିଲେ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାମେଘବାହନ ଖାରବେଳ କଳିଙ୍ଗର ସମ୍ରାଟ ହେଲେ। ଖାରବେଳ ଓ ତାଙ୍କର ପରିବାରବର୍ଗ ଜୈନ ଧର୍ମାବଲମ୍ବୀ ଥିଲେ। ତାଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ସେ ମଗଧ ବିରୁଦ୍ଧରେ ସଫଳ ଯୁଦ୍ଧ ଅଭିଯାନ କରି ଅପହୃତ 'କଳିଙ୍ଗଜିନ' ଫେରାଇ ଆଣିଥିଲେ। 'କଳିଙ୍ଗଜିନ'କୁ ଏକ ବିରାଟ ଶୋଭାଯାତ୍ରାରେ ଫେରାଇ ଆଣି ସେ ମହୋତ୍ସବ କରାଇ କୁମାରୀ ପର୍ବତରେ ପୁନଃପ୍ରତିଷ୍ଠା କରାଇଥିଲେ। ତାଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷରେ ଜୈନ ସନ୍ନ୍ୟାସୀମାନଙ୍କ ସାଧନା, ପୂଜା ଓ ନିବାସ ନିମିତ୍ତ ସେ ଖଣ୍ଡଗିରି ଓ ଉଦୟଗିରିରେ ବହୁ ଗୁମ୍ଫା ଖୋଳାଇଥିଲେ। ଖଣ୍ଡଗିରିରେ ଖୋଳାଯାଇଥିବା ଗୁମ୍ଫାମାନଙ୍କ ମଧ୍ୟରେ ତତୋଆ ଗୁମ୍ଫା, ଅନନ୍ତ ଗୁମ୍ଫା, ତେନ୍ତୁଳି ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନ ଗୁମ୍ଫା, ନବମୁନି ଗୁମ୍ଫା, ବାରଭୂଜା ଗୁମ୍ଫା, ତ୍ରିଶୁଳ ଗୁମ୍ଫା, ଅମ୍ବିକା ଗୁମ୍ଫା ଓ ଏକାଦଶୀ ଗୁମ୍ଫା ପ୍ରଭୃତି ପ୍ରଧାନ। ଉଦୟଗିରିରେ ଖୋଳା ଯାଇଥିବା ଗୁମ୍ଫାମାନଙ୍କ ମଧ୍ୟରେ ରାଣୀଗୁମ୍ଫା,





ବାଜାଘର ଗୁମ୍ଫା, ଛୋଟ ହାତୀଗୁମ୍ଫା, ପାତାଳପୁରୀ ଗୁମ୍ଫା, ଅଳକାପୁରୀ ଗୁମ୍ଫା, ଜୟବିଜୟ ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀ ଗୁମ୍ଫା, ଗଣେଶ ଗୁମ୍ଫା, ଜମ୍ବେଶ୍ୱର ଗୁମ୍ଫା, ବ୍ୟାଘ୍ର ଗୁମ୍ଫା, ସର୍ପ ଗୁମ୍ଫା, ଧାନଘର ଗୁମ୍ଫା, ହରିଦାସ ଗୁମ୍ଫା, ଜଗନ୍ନାଥ ଗୁମ୍ଫା ଓ ରୋଷେଇ ଗୁମ୍ଫା ପ୍ରଭୃତି ମୁଖ୍ୟ। ଏହିସବୁ ଗୁମ୍ଫା ଖାରବେଳ, ତଦୀୟ ରାଣୀଗଣ, ପୁତ୍ରଗଣଙ୍କ ଦ୍ୱାରା ଓ ପରବର୍ତ୍ତୀ କାଳରେ ଖୋଦିତ। ଏହି ଗୁମ୍ଫାଗୁଡ଼ିକ ଖାରବେଳଙ୍କ ଚାରିତ୍ରିକ ମହନୀୟତାର ପ୍ରତୀକ। ଉଦୟଗିରି ଓ ଖଣ୍ଡଗିରିରେ ଖୋଦିତ ଗୁମ୍ଫାରାଜି ଶ୍ରେଷ୍ଠ ଜୈନକୀର୍ତ୍ତି ଭାବରେ ସାରା ଭାରତବର୍ଷରେ ସୁବିଦିତ। ଉଦୟଗିରିରେ ୪୪ଟି ଓ ଖଣ୍ଡଗିରିରେ ୧୯ଟି ଗୁମ୍ଫା ଦେଖିବାକୁ ମିଳେ। ଏହି ଗୁମ୍ଫାମାନଙ୍କ ସ୍ଥାପତ୍ୟ ଓ କଳା ଭାସ୍କର୍ଯ୍ୟ ପୂର୍ବ ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ସର୍ବଭାରତୀୟ ସ୍ତରରେ କଳିଙ୍ଗ ସ୍ଥାପତ୍ୟ ଖ୍ରୀଷ୍ଟପୂର୍ବ କାଳରୁ ପ୍ରସିଦ୍ଧିଲାଭ କରିଥିଲା। ଏହି ସ୍ଥାପତ୍ୟ ଅଗଣିତ ପରିବ୍ରାଜକ, ଦର୍ଶକ, ଐତିହାସିକ, ଗବେଷକ ଓ ଧର୍ମାତ୍ମାମାନଙ୍କୁ ଆକୃଷ୍ଟ କରିଆସିଛି। ଉଦୟଗିରିର ଗୁମ୍ଫାଗୁଡ଼ିକ ସମ୍ମୁଖରେ ପ୍ରଶସ୍ତ ପ୍ରାଙ୍ଗଣ ରହିଛି, ଯାହା ମୁକ୍ତ ନାଟ୍ୟମଞ୍ଚ ଭାବରେ ବ୍ୟବହୃତ ହେଉଥିଲା। ଖଣ୍ଡଗିରି ଗୁମ୍ଫା ଦ୍ୱିତଳ ବିଶିଷ୍ଟ। ଯହିଁରେ ପତିତପାବନ ମୂର୍ତ୍ତି ଉତ୍କୀର୍ଣ୍ଣ। ନବମୁନି ଗୁମ୍ଫାରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ଏକ ଶିଳାଲିପି ରହିଛି ଏବଂ ଏଥିରେ ଜୈନମୁନି ଶୁଭଚନ୍ଦ୍ରଙ୍କର ନାମ ରହିଛି। ଏକ ପ୍ରକୋଷ୍ଠରେ ଚବିଶ ଜୈନ ତୀର୍ଥଙ୍କର ଏବଂ ଶାସନଦେବୀମାନଙ୍କର ପ୍ରତିମୂର୍ତ୍ତି ଖୋଦିତ। ଅନନ୍ତ ଗୁମ୍ଫାରେ ଜୈନଧର୍ମର ସ୍ୱସ୍ତିକ ଓ ତ୍ରିଶୂଳ ଆଦି ସାତଟି ପବିତ୍ରଚିହ୍ନ ଖୋଦିତ। ଏହି ଗୁମ୍ଫାର ବାହାର କାନ୍ଥରେ ଲକ୍ଷ୍ମୀ, ରଥାରୁଢ଼ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଖଚିତ ଆକାଶ, ପଶୁ, ପକ୍ଷୀ, ମିଥୁନ ଓ ପକ୍ଷଯୁକ୍ତ ଗନ୍ଧର୍ବମାନଙ୍କର ମୂର୍ତ୍ତି ରହିଛି।

ଖଣ୍ଡଗିରି ଓ ଉଦୟଗିରି କେବଳ ଜୈନସନ୍ନ୍ୟାସୀଙ୍କର ତପସ୍ଥଳୀ ନଥିଲା; ବିଭିନ୍ନ ସମୟରେ ବହୁ ଅନ୍ୟ ସାଧୁସନ୍ଥ ଏହି ପବିତ୍ର ଗିରିଦ୍ୱୟରେ ସାଧନାରତ ଥିଲେ। ସନ୍ଥ ଅରକ୍ଷିତ ଦାସ ଏଠାରେ ସାଧନାରତ ଥିଲେ ତଥା ଏଠାରେ ତାଙ୍କର ପାଦୁକାଶ୍ରମ ରହିଛି। ମହିମାସ୍ୱାମୀ କେବଳ ଜଳପାନ କରି ଖଣ୍ଡଗିରିରେ ବାରବର୍ଷ ସାଧନା ପୂର୍ବକ 'ନୀରାହାରୀ ଗୋସାଇଁ' ନାମରେ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ସ୍ମୃତିରେ ଏଠାରେ 'ମହିମାଶ୍ରମ' ପ୍ରତିଷ୍ଠିତ। ବ୍ରହ୍ମଲୀନ ଫଳାହାରୀ ବାବାଙ୍କ ସ୍ମୃତିରେ ଖଣ୍ଡଗିରିରେ 'ଶ୍ରୀନୃସିଂହ ମଠ' ରହିଛି। ବାବା ଶ୍ରୀ ଆନନ୍ଦସ୍ୱରୂପ ଏଠାରେ 'ତପୋବନ ଆଶ୍ରମ' ପ୍ରତିଷ୍ଠା କରିଛନ୍ତି। କ୍ଷମାନିଧି ବାବାଙ୍କ ପ୍ରତିଷ୍ଠିତ 'କୋଚିଲାମଠ', କୃଷ୍ଣଚନ୍ଦ୍ର ଦାସଙ୍କ 'ଅନାଦି ଆଶ୍ରମ', ଅକ୍ଷୟଦେବ ଦାସଙ୍କ ପ୍ରତିଷ୍ଠିତ 'ନିତ୍ୟାନନ୍ଦ ସେବାଶ୍ରମ' ପ୍ରଭୃତି ଏହି ଗିରିତୀର୍ଥର ମହିମା ବୃଦ୍ଧି କରିଛି। ଖଣ୍ଡଗିରିର ପାଦଦେଶ ଜାଗମରାଠାରେ ଶ୍ରୀମତ୍ ଶାନ୍ତଚୈତନ୍ୟଜୀଙ୍କ ପ୍ରତିଷ୍ଠିତ 'ଯୋଗବେଦାନ୍ତ ଆଶ୍ରମ' ଓ ବାବା ଅକ୍ଷୟ ଦାସଙ୍କ ପ୍ରତିଷ୍ଠିତ 'ଖଣ୍ଡୁଆଳ ମଠ' ବିଦ୍ୟମାନ। ଏତଦ୍‌ଭିନ୍ନ ଶ୍ରୀଅଭିରାମ ପରମହଂସଙ୍କ 'ଶାନ୍ତି ଆନନ୍ଦାଶ୍ରମ' ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟ ଖଣ୍ଡଗିରିର ଗୌରବବୃଦ୍ଧି କରିଅଛି। ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଶତବାର୍ଷିକୀ ଉପଲକ୍ଷେ ଖଣ୍ଡଗିରିଠାରେ ପ୍ରାଚୀନ ଗୁରୁକୁଳ ଢାଞ୍ଚାରେ ଏକ ବାଳକ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ପ୍ରଖ୍ୟାତ ଉଚ୍ଚବିଦ୍ୟାଳୟର ମର୍ଯ୍ୟାଦାରେ ଅଧିଷ୍ଠିତ। ଜୈନଧର୍ମାବଲମ୍ବୀମାନେ ପ୍ରତିବର୍ଷ ମାଘ ସପ୍ତମୀ ଦିନ ଖଣ୍ଡଗିରିଠାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥା'ନ୍ତି। ସେହି ସ୍ମୃତିରେ ଅଦ୍ୟାବଧି ଏଠାରେ ସାତଦିନ ବ୍ୟାପୀ ମାଘମେଳା ଅନୁଷ୍ଠିତ ହେଉଛି। ଏହି ମେଳାରେ ସକଳ ସଂପ୍ରଦାୟର ସାଧୁସନ୍ଥ ଏକତ୍ରିତ ହୋଇ ବିଶ୍ୱଶାନ୍ତି ଯଜ୍ଞ କରିଥାଆନ୍ତି। ବହୁ ସାଧୁ ସନ୍ଥ ମହାତ୍ମା ଓ ସାହିତ୍ୟିକ ସ୍ୱ ସ୍ୱ ରଚନାରେ ଖଣ୍ଡଗିରିର ମହିମା ବାଖ୍ୟାନ କରିଯାଇଛନ୍ତି। ତନ୍ମଧ୍ୟରେ ବାରଙ୍ଗ ଦାସଙ୍କ 'ବ୍ରହ୍ମକୁଣ୍ଡଳୀ', ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା', ରାଧାଚରଣ ନାୟକଙ୍କ 'ରସ ରାମାୟଣ' ଓ ମହାମହୋପାଧ୍ୟାୟ ବାମଦେବ ରଥଶର୍ମାଙ୍କ 'ଖଣ୍ଡାଚଳ ମହାତ୍ମ୍ୟ' ପ୍ରଭୃତି ବିଶେଷ ପାଠକୀୟ ଆଦୃତି ଲାଭ କରିଅଛି।

କୁମାର-କୁମାରୀ ଯୁଗଳ ପର୍ବତ ବୈଦିକ ଯୁଗରୁ ଆମ ଗୌରବୋଜ୍ଜ୍ୱଳ ଐତିହ୍ୟ ଓ ସଂସ୍କୃତିର ମୂକସାକ୍ଷୀ। ଏହି ଐତିହ୍ୟ କ୍ଷେତ୍ରର ସାଂସ୍କୃତିକ ସୌରଭର ପ୍ରାମାଣିକ ଦଲିଲ ରୂପେ, ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ବିଦ୍ୟମାନ। ଏହି ଐତିହାସିକ ଶିଳାଲେଖରୁ ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟତାର ସନ୍ଦେଶ ଉପଲବ୍ଧ। ସମ୍ପ୍ରତି ଏହା ଭାରତର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବରେ ଉଦ୍‌ଘୋଷିତ। ଏହାର ପାଦଦେଶରେ ଗୋଟିଏ ଡାକବଙ୍ଗଳା ଏବଂ ଗୋଟିଏ ଧର୍ମଶାଳା ସ୍ଥାପିତ ହୋଇଅଛି। ସମ୍ପ୍ରତି ଏହି ଗିରିଦ୍ୱୟର ଚତୁଃପାର୍ଶ୍ୱରେ ବ୍ୟାପକ ଜନବସତି ସ୍ଥାପନ ଏହାର ଶାନ୍ତ ଓ ନୈସର୍ଗିକ ପରିବେଶକୁ ବ୍ୟାହତ କରୁଛି। ସ୍ଥାନୀୟ ପ୍ରଶାସନ ଦ୍ୱାରା ଏହି ଗିରିଦ୍ୱୟରେ ବ୍ୟାପକ ଔଷଧୀୟ ଓ ପୁଷ୍ପୋଦ୍ୟାନ ପ୍ରତିଷ୍ଠା, ହାତୀନିଶୁଣି, ଲଳିତାକୁଣ୍ଡ, ଆକାଶ ଗଙ୍ଗା ପ୍ରଭୃତି ପ୍ରାଚୀନ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକର ଯଥାଯଥ ଜୀର୍ଣ୍ଣୋଦ୍ଧାର ହୋଇ ପାରିଲେ ଏହା ଅନ୍ତର୍ଜାତୀୟ କ୍ଷେତ୍ରରେ ଅଧିକ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିପାରିବ।

## ଲୋକମତ

### ନବବର୍ଷର ସଂକଳ୍ପ

ସମୟ ଯେ ସର୍ବଶକ୍ତିମାନ - ଏ ସତ୍ୟ ଅନୁଭବ ସିଦ୍ଧ ହୁଏ। ଗୋଟିଏ ବର୍ଷର ପରିସମାପ୍ତି ଓ ନବବର୍ଷରେ ମନୁଷ୍ୟ ନୂଆ ଭାବରେ ଆପଣଙ୍କୁ ନିରୀକ୍ଷଣ କରେ। ଅତୀତ ପ୍ରତି ଦୃଷ୍ଟିପାତ କରେ ଓ ସେଥିରୁ ଶିକ୍ଷାଲାଭ କରେ। କାଳକୁ ସମ୍ମାନ ଜଣାଏ, ମହାଶିକ୍ଷା ପାଏ। ପୁଣି କେତେ ମଧୁର ସ୍ମୃତିକୁ ପଛରେ ପକାଇ ଆଗେଇ ଯିବାର ଆବେଗରେ ସ୍ମୃତିସ୍ନାତ ହୁଏ।

ନବବର୍ଷ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ କରୁ ବୋଲି ପ୍ରତ୍ୟେକ ଲୋକ ଆଶା କରିବା ସ୍ୱାଭାବିକ। ନବବର୍ଷ କାହା ପାଇଁ ସୁଖ ବା ଦୁଃଖ ଆଣି ଆସେନାହିଁ। ଗତକାଲି ଆଜି ସହିତ ସମାନ ଏବଂ ଆଜି ଆସନ୍ତା କାଲି ସହିତ ସମାନ। ମନୁଷ୍ୟ ନିଜର କର୍ମ ଅନୁସାରେ ସୁଖ ଓ ଦୁଃଖର ଅନୁଭୂତି କରିଥାଏ। ପୁଣ୍ୟକାର୍ଯ୍ୟ ଦୁଃଖ ଦେବ ନାହିଁ ଏବଂ ପାପକର୍ମ ସୁଖ ଦେଇପାରିବ ନାହିଁ। ଜଣେ ନିଜ କର୍ମଫଳ ଭୋଗିବାକୁ ବାଧ୍ୟ; କିନ୍ତୁ ଜଣେ ଭଗବାନଙ୍କ କରୁଣାର ଗ୍ରହୀତା ହେବା ବେଳେ ସେ ସୁଖ ଓ ଦୁଃଖକୁ ଏକା ପରି ଦେଖିଥାଏ। ଭଗବାନଙ୍କ କରୁଣା ପର୍ବତ ସମାନ ପାପକୁ ନଷ୍ଟ କରେ ଏବଂ ଶାନ୍ତି ପ୍ରଦାନ କରେ। କିନ୍ତୁ କଳିଯୁଗର ପ୍ରଭାବ ଯୋଗୁଁ ମନୁଷ୍ୟ ଭଗବତ ବିଶ୍ୱାସ ହରାଇ ବସିଛି। ସେ ଧନ ଓ କ୍ଷମତା ପଛରେ ଧାଇଁଛି। ଏପରି ମନୁଷ୍ୟ କିପରି ଦିବ୍ୟତ୍ୱ ଲାଭ କରିପାରିବ? ମନୁଷ୍ୟ ମାନବୀୟ ମୂଲ୍ୟବୋଧର ଅନୁଶୀଳନ କରିବା ଦ୍ୱାରା ହିଁ ମାନବ ସ୍ତରକୁ ଉନ୍ନତି ହୋଇପାରିବ। ସୁତରାଂ ମନୁଷ୍ୟ ମାନବୀୟ ମୂଲ୍ୟବୋଧଗୁଡ଼ିକର ଅନୁଶୀଳନ କରିବା ଉଚିତ୍।

ପୁରାତନର ବିଦାୟ ଓ ନୂତନ ଆଗମନ - ଏହା ଏକ ସନ୍ଧିକ୍ଷଣ। ଏଥିରେ ଯୁଗପତ ବେଦନା, ଦୁଃଖ ଓ ଅନାବିଳ ଆନନ୍ଦ, ଆଶା, ଉଦ୍ଦୀପନା ହୃଦୟରେ ସଞ୍ଚାରିତ ହୁଏ। ଉତ୍ସାହ, ଉଦ୍ଦୀପନା, ଆତ୍ମବିଶ୍ୱାସ ବିଗତ ବର୍ଷ ମନ ଭିତରେ ସଞ୍ଚାରିତ କରାଇ ଦେଇଥାଏ। ଆତ୍ମବିଶ୍ୱାସର ଶିକ୍ଷା ଓ ଆତ୍ମକର୍ମ ସଂଶୋଧନର ଦୀକ୍ଷା ସତର୍କ କରାଇଦିଏ। ବିବେକାନୁମୋଦିତ ଚିନ୍ତା ନିଷ୍ଠାପର ଭାବରେ କଲେ ପ୍ରଗତି, ଅଗ୍ରଗତି ଓ ସମୃଦ୍ଧିକୁ ପ୍ରାପ୍ତ କରିହେବ। ସମୟ ନିକଟତର ହୋଇ ଆସିବ। ସବୁ ପରିସ୍ଥିତିରେ ଭାବନା ଶୁଦ୍ଧ ଓ ଆଦର୍ଶ ହେବା ଉଚିତ। ତୁମର ସବୁ କାମ ପରୋକାର ପାଇଁ ଉଦ୍ଦିଷ୍ଟ ହେଉ। ବେଦରେ କୁହାଯାଇଛି- 'ପରୋପକାରାୟ ପୁଣ୍ୟାୟ, ପାପାୟ ପରପୀଡ଼ନମ୍'

ବର୍ଷର ପରିବର୍ତ୍ତନ ସହିତ ଆମ କର୍ମ ମଧ୍ୟ ଉତ୍ତମରେ ପରିବର୍ତ୍ତନ ହେବା ଉଚିତ। ଆମେ ବର୍ଷସାରା କଠିନ ପରିଶ୍ରମ କଲେ ହିଁ ପରୀକ୍ଷାରେ ଭଲ କରିବା। ନୂଆ ବର୍ଷ ପୁରୁଣାକୁ ସମ୍ମାନ କରିବା ଜଣାଏ। ନୂଆକୁ ଶ୍ରଦ୍ଧାର ସହ ଆବାହନ କରିବାକୁ ବ୍ୟାକୁଳତା ତଥା ଆନନ୍ଦ ଆଣିଦିଏ। ସର୍ବଶକ୍ତିମାନ, ସର୍ବମଙ୍ଗଳମୟ, ଚିରନ୍ତନ ସତ୍ୟସ୍ୱରୂପ ବିଶ୍ୱବିଧାତା। ପରମେଶ୍ୱରଙ୍କର ଅପାର କରୁଣାରୁ ନବବର୍ଷକୁ ପ୍ରଣାମ କରିବାର, ଶ୍ରଦ୍ଧାରେ ଆବାହନ କରିବାକୁ ସୁଯୋଗ ମିଳିଛି ବୋଲି ଆମେ ପ୍ରଥମେ ସେହି ଅନାଦି, ଅନନ୍ତ ଜ୍ଞାନଲୋକ ପ୍ରଦାନକାରୀ ଶକ୍ତିକୁ କୃତଜ୍ଞତା ଜଣାଇବା।

ନବବର୍ଷ ଯାହା ସତ୍ୟ ତାହାକୁ ଶ୍ରଦ୍ଧାରେ ଗ୍ରହଣ କରିବା ସହ ଯାହା ଅସତ୍ୟ, ଅନ୍ୟାୟ, ଯାହା ଅବିବେକୀପଣିଆ, ଉଚ୍ଛୃଙ୍ଖଳତା ତାହାକୁ ତ୍ୟାଗ କରିବା। ଭାବ ରାଜ୍ୟରେ, ସାହିତ୍ୟ ରାଜ୍ୟରେ, ସଂସ୍କୃତି କ୍ଷେତ୍ରରେ ଶାଶ୍ୱତ ସତ୍ୟକୁ ଭିତ୍ତିକରି ଅଦମ୍ୟ ଶକ୍ତି, ଅମିତେଜ, ଉତ୍ସାହ ସହକାରେ କର୍ମପଥରେ ଆଗେଇ ଯିବା ହିଁ ନବବର୍ଷକୁ ଶ୍ରଦ୍ଧାରେ ସ୍ୱାଗତ କରିବାକୁ ବୁଝାଏ। ମାନବ ଜୀବନ ଅତିଶୟ ମହାନ। ତେଣୁ ଆମେ ମୂଲ୍ୟବାନ ଓ ଦିବ୍ୟଗୁଣମାନଙ୍କୁ ସ୍ଥାନ ଦେବା ଉଚିତ। ବିଚାରଶକ୍ତିର ପ୍ରୟୋଗରେ ଇନ୍ଦ୍ରିୟମାନଙ୍କର ସଦୁପଯୋଗ କରିବା ଉଚିତ।

ପାପ ସହ ସନ୍ଧି କର ନାହିଁ। ଦୁର୍ନୀତି ସହ ଆପୋସ ବୁଝାମଣା କର ନାହିଁ। ମିଥ୍ୟାକୁ ଆଶ୍ରୟ କର ନାହିଁ। ଅତୀତରୁ ଶିକ୍ଷା ନେଇ ବର୍ତ୍ତମାନକୁ ଗଢ଼। ସଂକୀର୍ଣ୍ଣ ସ୍ୱାର୍ଥକୁ ଛାଡ଼ି ମାନବିକତାର ଅଧ୍ୟୟନ କର। ନବବର୍ଷରେ ଏହା ହିଁ ପ୍ରତ୍ୟେକ ଲୋକଙ୍କ ପାଇଁ ସଂକଳ୍ପ ହେଉ।

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ
ରାଣୀଗୋଡ଼ା(ଯାଜପୁର), ମୋ: ୭୮୪୯୦୧୫୧୨୭

### କୃଷି କ୍ଷେତ୍ରରେ ଭ୍ରାମ୍ୟମାଣ ସୌର ୟୁନିଟ୍

ସାଧାରଣତଃ ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ଅଭାବ ହେତୁ ଅନେକ ସ୍ଥାନରେ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ଭ୍ରାମ୍ୟମାଣ ସୌର ୟୁନିଟ୍ ହେଉଛି ଏକ ବିକଳ୍ପ ଶକ୍ତି ଉତ୍ସ, ଯାହାକି ପମ୍ପ, ଜେନେରେଟର୍, ମୋଟର୍, ଟିଲର୍ସ ଆଦି କୃଷି ଉପକରଣକୁ ବିଦ୍ୟୁତ୍ ଶକ୍ତି ଯୋଗାଇବା ସହିତ ଫସଲ ଏବଂ ଶସ୍ୟ ଶୁଖାଇବା, ସବୁଜ ଗୃହ ଏବଂ ପଶୁପାଳନ କେନ୍ଦ୍ର ତଥା ଦୁଗ୍ଧ ଉଦ୍ୟୋଗରେ ତାପମାତ୍ରା ନିୟନ୍ତ୍ରଣ ପ୍ରଣାଳୀ ଇତ୍ୟାଦିକୁ ଶକ୍ତି ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ ସୌର ପ୍ୟାନେଲ୍ ଉପଯୋଗ କରି ଏକ ଟ୍ରଲିରେ ସଂଯୋଗ କରାଯାଇଥାଏ। ଉକ୍ତ ଟ୍ରଲିକୁ ଶଗଡ଼, ଟ୍ରାକ୍ଟର କିମ୍ବା ଅନ୍ୟ କୌଣସି ଯାନ ଦ୍ୱାରା ଗନ୍ତବ୍ୟ ସ୍ଥଳକୁ ନିଆଯାଇ ବିଦ୍ୟୁତ ଶକ୍ତିର ଆବଶ୍ୟକତାକୁ ପୂରଣ କରାଯାଇଥାଏ। ଆମ ଦେଶରେ କିଛି କୃଷି କ୍ଷେତ୍ରରେ ଭ୍ରାମ୍ୟମାଣ ସୌର ୟୁନିଟ୍ କାର୍ଯ୍ୟକାରୀ ହୋଇ ସୁଫଳ ପରିଲକ୍ଷିତ ହେଉଛି। ଅଧିକନ୍ତୁ, କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକଳାପ ଅଧୀନରେ କୃଷି ବିଜ୍ଞାନ କେନ୍ଦ୍ର (କେବିକେ) ଗୁଡ଼ିକୁ ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ ଭ୍ରାମ୍ୟମାଣ ସୌର ୟୁନିଟ୍ ବିତରଣ କରାଯାଇ ପାରିବ। ଆବଶ୍ୟକ ସ୍ଥଳେ କେବିକେ ଏଗୁଡ଼ିକୁ ସ୍ୱଳ୍ପ ଦରରେ ଭଡ଼ାରେ କୃଷକମାନଙ୍କୁ ଯୋଗାଇ ଦେଲେ କୃଷି କ୍ଷେତ୍ରରେ ବିଦ୍ୟୁତ ଅଭାବ ଜନିତ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ।

ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ଶିକ୍ଷା ଅଧିକାର ଆଇନର ଉପଯୋଗିତା

ବର୍ତ୍ତମାନ ଓଡ଼ିଶାରେ ଶିକ୍ଷା ଅଧିକାର ଆଇନର କାର୍ଯ୍ୟକାରିତା ନେଇ ଗଣମାଧ୍ୟମରେ ଅନେକ ଖବର ପ୍ରକାଶ ପାଇ ଆସୁଛି। ପ୍ରଥମତଃ, ପ୍ରତ୍ୟେକ ଘରୋଇ ବିଦ୍ୟାଳୟଗୁଡ଼ିକ ଶତକଡ଼ା ୨୫ ଭାଗ ଅବହେଳିତ ବର୍ଗମାନଙ୍କ ପାଇଁ ସଂରକ୍ଷଣ କରିବାର ଯେଉଁ ବ୍ୟବସ୍ଥା ଅଛି ତାହାକୁ ସଠିକ୍ ଭାବେ ତନଖି କରାଯିବାର ଉପାୟ କ'ଣ ଏବଂ ଖିଲାପକାରୀମାନଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଉଛି କି? ଏହି ଆଇନକୁ ସଫଳ କରିବାର ଦାୟିତ୍ୱ କ'ଣ କେବଳ ଘରୋଇ ବିଦ୍ୟାଳୟମାନଙ୍କ ଉପରେ ନ୍ୟସ୍ତ ଅଛି କି? ଦ୍ୱିତୀୟତଃ, ଯେଉଁ ପିଲାମାନେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ନାମୀଦାମୀ ସ୍କୁଲରେ ପଢ଼ିବେ ସେମାନେ ପରବର୍ତ୍ତୀ ସମୟରେ ଉକ୍ତ ସ୍କୁଲମାନଙ୍କରେ ଫିସ୍ ଦେଇ ପାରିବେ ତ? ଚତୁର୍ଥତଃ, ଗୋଟିଏ ଶ୍ରେଣୀରେ ଫିସ ଦେଇ ପଢୁଥିବା ପିଲା ଏବଂ ମାଗଣାରେ ପଢୁଥିବା ପିଲା ବସିବା ଦ୍ୱାରା ମାଗଣାରେ ପଢୁଥିବା ପିଲାମାନଙ୍କ ମନରେ ହୀନମନ୍ୟତା ଆସିବ ନାହିଁ କି? ପଞ୍ଚମତଃ, ହିତାଧିକାରୀ ଚୟନ ପାଇଁ ଯେଉଁ ପାରଦର୍ଶୀ ପୋର୍ଟାଲ ଅଛି ସେ ବିଷୟରେ ପ୍ରକୃତ ଅବହେଳିତ ବର୍ଗର ଅଭିଭାବକମାନେ କେତେ ସଚେତନ? ଅନେକ ସମୟରେ ଏହି ସୁବିଧା ହାସଲ କରିବା ପାଇଁ ଅଭିଭାବକମାନେ ଦଲାଲମାନଙ୍କର ସହାୟତା ନେଉଥିବା ଅଭିଯୋଗ ମଧ୍ୟ ଆସୁଛି, ଯାହା ଦ୍ୱାରା ଆଇନ ତା'ର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି।

ଡ ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଅବଶିଷ୍ଟାଂଶ...

## ଏଥର ଅସ୍ୱାଭାବିକ...

'ଆଇଆର୍ଆଇ' ସଂସ୍ଥା କହୁଛି ଯେ ଏହା ଜୁଲାଇ ବା ଅଗଷ୍ଟ ସୁଦ୍ଧା 'ଲା-ନିନା' ଅବସ୍ଥାରେ ରହିବାର ୬୨ ପ୍ରତିଶତ ସମ୍ଭାବନା ରହିଛି।

ପୂର୍ବ ବର୍ଷମାନଙ୍କର ଆକଳନକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଯେ ସ୍ୱାଭାବିକ 'ଇଏନ୍ଏସ୍ଓ' ଓ ଲା-ନିନା ସମୟରେ ମୌସୁମୀ ବର୍ଷା ନିଅଣ୍ଟିଆ ହେବାର ସମ୍ଭାବନା କମ୍ ରହିଥାଏ। ଭାରତ ମହାସାଗର ଡାଇପୋଲ୍ (ଆଇଓଡି) ମୌସୁମୀ ବର୍ଷାକୁ ପ୍ରଭାବିତ କରିଥାଏ। ଆଇଓଡି ସକରାତ୍ମକ ଅବସ୍ଥାରେ ରହିଲେ ବର୍ଷା ଭଲ ହୋଇଥାଏ। ଗତ ମାସରେ ପୂର୍ବ ଭାରତ ମହାସାଗରରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହିଛି ଏବଂ ଆଇଓଡି ସ୍ୱାଭାବିକ ଅବସ୍ଥାରେ ରହିଛି। ଆକଳନ କରାଯାଉଛି ଯେ ଏହା ବୃଦ୍ଧି ପାଇ ମେ' ମାସରେ +୦.୮, ଜୁଲାଇରେ +୧.୨ ଓ ସେପ୍ଟେମ୍ବରରେ +୦.୬ ରହିବ। ଏଣୁ ଆଗାମୀ ମୌସୁମୀ ବର୍ଷା ପାଇଁ ଏହା ଅନୁକୂଳ ହୋଇପାରେ। ମେଡେନ୍ ଜୁଲିଏନ୍ ଓସିଲେସନ (ଏମ୍ଜେଓ) ମଧ୍ୟ ମେଘ ଗଠନ ଓ ମୌସୁମୀ ବର୍ଷାକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ପୂର୍ବା ପବନ ଦୁର୍ବଳ ହେବା ସହିତ ଭାରତ ମହାସାଗର ଦେଇ ପୂର୍ବକୁ ମୁହାଁଇ ଇଣ୍ଡୋନେସିଆ ଆଡ଼କୁ ଗତି କରିବ ବୋଲି ଆକଳନ କରାଯାଉଛି। ଏହି ସବୁ କାରଣ ଯୋଗୁଁ ଆଗାମୀ ମୌସୁମୀ ବର୍ଷ ଦେଶରେ ସ୍ୱାଭାବିକଠାରୁ କମିବ ନାହିଁ ବୋଲି ଆକଳନ। ସମ୍ଭବତଃ ସ୍ୱାଭାବିକ ବା ମୌସୁମୀ ଶୀଘ୍ର ଆସିବାର ମଧ୍ୟ ସମ୍ଭାବନା ରହିଛି। ଜୁନ୍ଠାରୁ ସେପ୍ଟେମ୍ବର ପ୍ରତ୍ୟେକ ମାସରେ ବର୍ଷାର ବିତରଣ ଦେଶରେ ପ୍ରାୟତଃ ଠିକ୍ ରହିବ। ଦକ୍ଷିଣ ଭାରତ ଓ ପଶ୍ଚିମ ଉପକୂଳରେ ବର୍ଷା ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ରହିଛି। ଓଡ଼ିଶା ସମେତ ପୂର୍ବ ଭାରତରେ ଜୁନ୍ ଓ ଜୁଲାଇରେ ବର୍ଷା ସ୍ୱାଭାବିକ ରହିପାରେ। ଅନ୍ୟପଟେ ଓଡ଼ିଶାରେ ମୌସୁମୀ ଆରମ୍ଭରେ ବର୍ଷା ଠିକ୍ ହୋଇପାରେ। ତେବେ ଜୁଲାଇରେ ଦକ୍ଷିଣ ଓଡ଼ିଶା ଏବଂ ଅଗଷ୍ଟରେ ସମଗ୍ର ଓଡ଼ିଶା ସହିତ ଛତିଶଗଡ଼ରେ ବର୍ଷା ନିଅଣ୍ଟିଆ ହେବାର ଆଶଙ୍କା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସାଧାରଣତଃ ଜୁଲାଇ ଓ ଅଗଷ୍ଟରେ ରାଜ୍ୟରେ ଚାଷ କାର୍ଯ୍ୟ ଜୋରଦାର ହୋଇଥାଏ। ପୂର୍ବ ବର୍ଷ ଏଲ୍-ନିନୋ ସକ୍ରିୟ ଥିବା ହେତୁ ଦେଶରେ ନିଅଣ୍ଟିଆ ବର୍ଷା ସହ ରାଜ୍ୟରେ ବର୍ଷାର ଅନିୟମିତତା ଦେଖିବାକୁ ମିଳିଥିଲା। ଯାହାଦ୍ୱାରା ଅଧିକାଂଶ ସ୍ଥାନରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଯେହେତୁ ଚଳିତ ବର୍ଷ ମଧ୍ୟ ରାଜ୍ୟରେ ବର୍ଷାର ପରିମାଣ କମ୍ ରହିବ ବୋଲି ଆକଳନ କରାଯାଉଛି, ଏହା ରାଜ୍ୟର ଚାଷୀକୁଳ ପାଇଁ ଚିନ୍ତା ବଢ଼ାଇଛି। ଅନ୍ୟପଟେ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୌସୁମୀ ସଂକ୍ରାନ୍ତ ସୂଚନା ଜାରି କରାଯାଇ ନ ଥିବାରୁ ଏବେ ସଂସ୍ଥାର ଆକଳନ ଉପରେ ସମସ୍ତଙ୍କ ନଜର ରହିଛି। ସମ୍ଭବତଃ ଏପ୍ରିଲ୍ ୧୫-୧୭ ତାରିଖ ମଧ୍ୟରେ ଆଇଏମ୍ଡି ପକ୍ଷରୁ ମୌସୁମୀକୁ ନେଇ ପୂର୍ବାନୁମାନ କରାଯିବ ବୋଲି ଜଣାପଡ଼ିଛି।

## ରାଜ୍ୟ ବିଜେପିରେ...

କରିବାକୁ ଏମାନେ ସଙ୍କଳ୍ପ ନେଇଥିବା ଜଣାପଡ଼ିଛି। କାମାକ୍ଷାନଗର ବିଜେପିରେ ମଧ୍ୟ ବିଦ୍ରୋହର ପଦଧ୍ୱନି ଶୁଣିବାକୁ ମିଳିଛି। ଏଠାରେ ଦଳ ଶତ୍ରୁଘ୍ନ ଜେନାଙ୍କୁ ଟିକଟ ଦେଇଥିବା ବେଳେ ଦଳ ନିଶ୍ଚିତ ପରାଜୟ ଲଭିବାକୁ ଯାଉଛି ବୋଲି ଅସନ୍ତୁଷ୍ଟ କର୍ମୀ ମତବ୍ୟକ୍ତ କରିଛନ୍ତି।

ରାଜ୍ୟବ୍ୟାପୀ ହତାଶ ବିଜେପିର ନେତା ଏବେ ହିଂସା ଏବଂ ଦାଦାଗିରି କରି ଭୋଟରଙ୍କ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ନଜରକୁ ଆସିଛି। ଗୁରୁବାର ଖୋର୍ଦ୍ଧା ଜିଲ୍ଲାର ଛଣଗିରିଠାରେ ବାହୁବଳୀ ବିଧାୟକ ପ୍ରଶାନ୍ତ ଢେବ ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହାକୁ ନେଇ ରାଜ୍ୟବ୍ୟାପୀ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସାମ୍ବାଦିକ ମହଲରେ ଏହାକୁ ନେଇ ଭୟର ମାହୋଲ ସୃଷ୍ଟି ହୋଇଥିବା ବେଳେ ସେମାନେ ସୁରକ୍ଷା ପାଇଁ ଖୋର୍ଦ୍ଧା ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଭଦ୍ରକ ଜିଲ୍ଲା ଆରଡ଼ିର ଆଖଣ୍ଡଳମଣି ମନ୍ଦିର ପରିସରରେ ମଧ୍ୟ ବିଜେପି କର୍ମୀଙ୍କ ଗୁଣ୍ଡାରାଜ ଦେଖିବାକୁ ମିଳିଛି। ଜଣେ ସେବାୟତ ବିଜେପିରେ ମିଶିବାକୁ ମନା କରିବା ପରେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି ବିଜେପିର ୫-୬ ଜଣ କର୍ମୀ। ତେବେ ବିଜେପି କର୍ମୀଙ୍କ ସବୁଠୁ ଅଧିକ ଦୌରାତ୍ମ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଘଣ୍ଟେଶ୍ୱର ଅଞ୍ଚଳରେ। ଦୁଇଦିନ ତଳେ ବିଜେଡି କର୍ମୀଙ୍କୁ ଯାତାୟତ କରିବାକୁ ଦିଆଯିବ ନାହିଁ ବୋଲି କହି ବିଜେପି କର୍ମୀ ଖଦାଳପୋଖରୀ ନାମକ ଏକ ଗ୍ରାମର ସର୍ବସାଧାରଣ ରାସ୍ତାକୁ ଖୋଳି ଦେଇଥିଲେ। ସେମାନଙ୍କ ଦାଦାଗିରି ଏଇଠି ସରି ନ ଥିଲା। ବିଜେପିର କେତେକ ଗୁଣ୍ଡାଶ୍ରେଣୀୟ ଲୋକ ଜଣେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଠାରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ତାଙ୍କରି ଇଙ୍ଗିତରେ ବିଜେପି କର୍ମୀ ଗୁଣ୍ଡାରାଜ ଚଳାଇଥିବା ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହେଉଛି। ରାଜ୍ୟବ୍ୟାପୀ ବିଜେପି କର୍ମୀଙ୍କ ଗୁଣ୍ଡାଗର୍ଦ୍ଦିର ଏପରି ଚିତ୍ର ସାମ୍ନାକୁ ଆସୁଥିବା ବେଳେ ଏହା ସମ୍ଭାବ୍ୟ ପରାଜୟ ଆଶଙ୍କାରେ ବିଜେପି କର୍ମୀଙ୍କ ହତାଶା ଭାବର ପରିଚୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଲଗାମ ଛଡ଼ା....

ତଦନୁସାରେ ଭୁବନେଶ୍ୱରରୁ କୋଲକାତା ୪୬୨ କିଲୋମିଟର ଡିଲକ୍ସ ଏସି ବସ୍ ଭଡ଼ା ପ୍ରାୟ ୭୩୨ ଟଙ୍କା। ମାତ୍ର ଏବେ ବସ୍ ମାଲିକ ଓ କର୍ମଚାରୀମାନେ ଭୁବନେଶ୍ୱରରୁ କଲକତା ଯାତ୍ରା ନିମନ୍ତେ ୧୧୦୦ ଟଙ୍କା ଦାବି କରୁଛନ୍ତି।

ଯାତ୍ରୀମାନଙ୍କ ଅଭିଯୋଗ ଅନୁସାରେ ଆଗକୁ ଇଦ୍ ପର୍ବ ରହିଛି। ଏଣୁ ବହୁ ଯାତ୍ରୀ କୋଲକାତା ଯାଉଛନ୍ତି। ସେହି ଅନୁସାରେ ସିଟ୍ ଉପଲବ୍ଧ ନ ଥିବାରୁ ଭଡ଼ା ବଢ଼ିଛି। ଦିନରେ ଟିକଟ ନ କଲେ ରାତିରେ ଆହୁରି ଶହେ ଟଙ୍କା ଅଧିକ ପଡ଼ିବ ବୋଲି ବସ କଣ୍ଡକ୍ଟର କହୁଛନ୍ତି। ତେଣୁ ବାଧ୍ୟବାଧକତାରେ ବର୍ଦ୍ଧିତ ଦର ଦେଇ ଯାତ୍ରୀମାନେ ଟିକଟ କରୁଛନ୍ତି। ଅନୁରୂପ ଭାବେ ଭଦ୍ରକରୁ କୋଲକାତା ୩୩୩ କିଲୋମିଟର ପାଇଁ ନିର୍ଦ୍ଧାରିତ ଭଡ଼ା ୫୧୬ଟଙ୍କା ରହିଛି। ହେଲେ ଘରୋଇ ବସ୍ ୮ଶହରୁ ଅଧିକ ଟଙ୍କା ନେଉଛନ୍ତି। ଭୁବନେଶ୍ୱରରୁ କଟକ ଦେଇ ଅନୁଗୋଳକୁ ୧୪୧ କିଲୋମିଟର। ସରକାର ନିର୍ଦ୍ଧାରଣ କରିଥିବା ଭଡ଼ା ଅନୁଯାୟୀ ଡିଲକ୍ସ ଏସି ବସ୍‌ରେ ପ୍ରାୟ ୨୧୯ ଟଙ୍କା ଭଡ଼ା ରହିଛି। ହେଲେ ଯାତ୍ରୀଙ୍କୁ ୪ଶହରୁ ଅଧିକ ଟଙ୍କା ଦେବାକୁ ପଡୁଛି। ଏପରିକି ବହୁ ବସ୍‌ରେ ଟିକଟ ଦିଆଯାଉନାହିଁ। ମୋବାଇଲ୍ ନମ୍ବର ସହ ସିଟ୍ ସଂଖ୍ୟା ଲେଖି କାଗଜ ଖଣ୍ଡେ ଧରାଇ ଦେଉଛନ୍ତି।

ରାଜ୍ୟର ବହୁ ଅଞ୍ଚଳରେ ଏପରି ଭାବେ ବସ୍ ଯାତ୍ରୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ପୁଣି ଆଗକୁ ନିର୍ବାଚନ ଥିବାରୁ ବହୁ ବସ୍ ପ୍ରଚାର କାମରେ ନିୟୋଜିତ ହେବେ। ସେହି ସମୟରେ ବସ୍ ମାଲିକମାନେ ଭଡ଼ା ଆହୁରି ଅଧିକ ବଢ଼ାଇପାରନ୍ତି ବୋଲି ଯାତ୍ରୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ନିୟମିତ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଓଡ଼ିଶାର ବିକାଶ...

ଉତ୍କର୍ଷ ହାସଲ କରିଛି ଆଉ ଆଗାମୀ ଦିନରେ ଓଡ଼ିଶା କେତେ ଆଗକୁ ଯିବ ତାହାର ହିସାବ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବେ।

ଆଜି ମୁଖ୍ୟମନ୍ତ୍ରୀଙ୍କ ଠାରୁ ନିମନ୍ତ୍ରଣ ପାଇ ଓଡ଼ିଶାର ଖ୍ୟାତନାମା ଏବଂ ଲୋକପ୍ରିୟ ସିନେ ଅଭିନେତା, କଳାକାର, ଗୀତିକାର, କଣ୍ଠଶିଳ୍ପୀ, ହାସ୍ୟ ଅଭିନେତା, ୟୁଟ୍ୟୁବର୍ ନବୀନ ନିବାସରେ ପହଞ୍ଚିଥିଲେ। ଏହି ଅବସରରେ ସେମାନଙ୍କୁ ଓଡ଼ିଶାର ୫-ବର୍ଷର ରୂପାନ୍ତରଣ ଯାତ୍ରା ସଂକ୍ରାନ୍ତରେ ଦିଆଯାଇଥିଲା ବିସ୍ତୃତ ସୂଚନା। ଏକ ବୃତ୍ତଚିତ୍ର ମାଧ୍ୟମରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣର କାର୍ଯ୍ୟଖସଡ଼ା ଦେଖିବା ପରେ ଅଭିନେତା, କଳାକାର ଓ ୟୁଟ୍ୟୁବରମାନେ ଅଭିଭୂତ ହୋଇଥିଲେ। ଓଡ଼ିଶାର ବିକାଶ ପାଇଁ ପ୍ରସ୍ତୁତ ନକ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସବୁ କ୍ଷେତ୍ରରେ ରୂପାନ୍ତରଣ ସୁନିଶ୍ଚିତ କରାଯାଇ ଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅତୀତରେ ଓଡ଼ିଶା କେଉଁ କ୍ଷେତ୍ରରେ କେତେ ପ୍ରଗତି ହାସଲ କରିଛି ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାର ବିକାଶ ମାର୍ଗ କେତେ ପ୍ରଶସ୍ତ ତାହା ସେମାନେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ ମୁହଁରୁ ଶୁଣିଥିଲେ। ସେହିପରି ଆଗାମୀ ଦିନରେ ଓଡ଼ିଶା ଚଳଚ୍ଚିତ୍ର ଜଗତର ବିକାଶ ଏବଂ କଳାକାରମାନଙ୍କ କଲ୍ୟାଣ ସମ୍ପର୍କରେ କ'ଣ ଯୋଜନା ଅଛି ତାହା ୫-ଟି ଅଧ୍ୟକ୍ଷ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସମସ୍ତଙ୍କ ସହଯୋଗରେ ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ୫-ଟି ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଭିନେତା ବାବୁସାନ୍, ଅମ୍ଲାନ୍ ଦାସ, ସ୍ୱରାଜ ବାରିକ, ଦେବାଶିଷ, ସମ୍ବିତ, ପ୍ରଜ୍ଞା, ସୁପ୍ରିୟା, ପ୍ରିୟଙ୍କା, ଶୈଳେନ୍ଦ୍ର, ଭୂମିକା, ପ୍ରେରଣା, ତାରିକ ଅଜିଜ୍, ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ଗୀତିକାର ବିଷ୍ଣୁମୋହନ କବି, ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଗୁଲୁ, ଶଙ୍କର, ସନ୍ତୁ ଏବଂ ଲୋକପ୍ରିୟ ୟୁଟ୍ୟୁବର୍ ମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଛନ୍ତି।

ନବୀନ ନିବାସରୁ ଫେରିବା ପରେ ଅଭିନେତା ବାବୁସାନ୍ କହିଛନ୍ତି ଯେ ଆଜି ନବୀନ ନିବାସରେ ଓଡ଼ିଶାର ରୂପାନ୍ତରଣ ଯାତ୍ରା ସମ୍ପର୍କରେ ବିସ୍ତୃତ ଜ୍ଞାନ ଆହରଣ କଲୁ। ସେହିପରି ଚଳଚ୍ଚିତ୍ର ଜଗତ ଓ କଳାକାରଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ କହିଛନ୍ତି, ଅତୀତରେ ଓଡ଼ିଶା କ'ଣ ଥିଲା ଓ ଏବେ କେଉଁ ସ୍ଥାନରେ ପହଞ୍ଚିଛି ତାକୁ ନେଇ ଆଜି ଏକ ବିସ୍ତୃତ ଉପସ୍ଥାପନ ଆମକୁ ଦିଆଯାଇଥିଲା। ଓଡ଼ିଶା ବିକାଶ ଓ ଆଗାମୀ ଲକ୍ଷ୍ୟ ସହ ୨୦୨୪ରୁ ୨୦୩୪ ମଧ୍ୟରେ ଓଡ଼ିଶାରେ କ'ଣ କ'ଣ ପରିବର୍ତ୍ତନ ଆସିବ ସେ ସମ୍ପର୍କରେ ଆମକୁ ସୂଚନା ଦିଆଗଲା। ଏସବୁ ଦେଖିବା ପରେ ରାଜ୍ୟର ପ୍ରଗତି ସମ୍ପର୍କରେ ଆମର ଅନୁଭୂତି ଆହୁରି ସୁଦୃଢ଼ ହୋଇଥିଲା। ଏହି ବାର୍ତ୍ତା ନେଇ ଆମେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୯ରୁ ୨୦୨୪ ମଧ୍ୟରେ ଓଡ଼ିଶା ସବୁ କ୍ଷେତ୍ରରେ ଅତୁଳନୀୟ ସଫଳତା ପାଇଥିବା ବେଳେ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ ପାଇଁ ମୁଖ୍ୟମନ୍ତ୍ରୀ ୨୦୨୪-୨୦୩୬ ପାଇଁ ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ୧୦ ବର୍ଷ ଯୁବ ଶକ୍ତି ପାଇଁ ଉତ୍ସର୍ଗୀକୃତ ଥିବା ବେଳେ ସମଗ୍ର ଦେଶରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ଏହି ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ଗତ ୫ ବର୍ଷ ଭିତରେ ମୂଳଦୁଆ ପଡି ସାରିଥିବା ବେଳେ ଆଗାମୀ ଦିନରେ ସେଥିପାଇଁ କାମ ଆରମ୍ଭ ହେବ। ଏପରିସ୍ଥଳେ ଜନତାଙ୍କ ନିକଟରେ ବିକାଶର ବାର୍ତ୍ତା ପହଞ୍ଚାଇବା ଦିଗରେ ସିନେ କଳାକାର, ଗୀତିକାର, ୟୁଟ୍ୟୁବର୍‌ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି କୁହାଯାଉଛି।

## ନିର୍ବାଚନରେ ନିୟୋଜିତ...

ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ପର୍ଯ୍ୟାରେ ମତଦାନ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଏହି ସମୟରେ ସାଧାରଣତଃ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଥାଏ। ଅତଏବ ମତଦାନ ପ୍ରକ୍ରିୟା ଯେପରି ବିନା କୌଣସି ବାଧାବିଘ୍ନରେ ସମାପନ ହେବ ସେନେଇ ଗୁରୁତ୍ୱାରୋପ କରାଯାଉଛି। ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏପରି ଅଭିନବ ପନ୍ଥା ଗ୍ରହଣ କରାଯାଇଛି।

## ସିଂହଦ୍ୱାରରେ ଜଗିବେ...

ମଝିରେ ମଝିରେ ଶ୍ରୀମନ୍ଦିରରେ ଅଣହିନ୍ଦୁମାନେ ପଶି ଯାଉଛନ୍ତି। ସେମାନଙ୍କୁ କେବଳ ସେବାୟତମାନେ ଚିହ୍ନଟ କରିପାରୁଛନ୍ତି। ଅଣହିନ୍ଦୁଙ୍କୁ ଚିହ୍ନଟ କରିବାରେ ମନ୍ଦିର ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ ପୁଲିସ ଓ ଅନ୍ୟ ସୁରକ୍ଷାକର୍ମୀଙ୍କୁ ଟିକେ କଷ୍ଟ ହେଉଛି। କିନ୍ତୁ ପ୍ରତିହାରୀ ସେବାୟତମାନେ ସଙ୍ଗେସଙ୍ଗେ ଅଣହିନ୍ଦୁମାନଙ୍କୁ ଚିହ୍ନଟ କରିପାରିବେ ବୋଲି ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଥାଉ କି, ଶ୍ରୀମନ୍ଦିର ଭିତରକୁ କେବଳ ହିନ୍ଦୁ ହିଁ ପ୍ରବେଶ କରିପାରିବେ। ହେଲେ ଗତ ମାର୍ଚ୍ଚ ୨୩ ତାରିଖରେ ଶ୍ରୀମନ୍ଦିର ଭିତରକୁ ଜଣେ ଅଣହିନ୍ଦୁ ମହିଳା ପ୍ରବେଶ କରିଥିଲେ। ବାଇଶିପାହଚରେ ତାଙ୍କୁ ଜଣେ ସେବାୟତ ଚିହ୍ନଟ କରି ଧରିଥିଲେ। ସେହିପରି ଗତ ମାର୍ଚ୍ଚ ୩ ତାରିଖରେ ୪ ଜଣ ଅଣହିନ୍ଦୁ ବାଂଲାଦେଶୀ ପ୍ରବେଶ କରିଥିଲେ। ସେମାନେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପ୍ରସାଦ ଧରି ଫେରିଥିଲେ। ନିକଟରେ ଆଉ ଜଣେ ଅଣହିନ୍ଦୁଙ୍କୁ ବେହେରଣ ଦ୍ୱାର ନିକଟରେ ସେବାୟତ ଧରିଥିଲେ। ତେଣୁ ବାରମ୍ବାର ଏହି ଘଟଣାର ପୁନରାବୃତ୍ତି ହେଉଥିବା ବେଳେ ମନ୍ଦିର ପ୍ରଶାସନ ଏବଂ ପ୍ରତିହାରୀ ସେବକଙ୍କ ମଧ୍ୟରେ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ହୋଇଛି।

## ପୂର୍ବତନ ମନ୍ତ୍ରୀ...

କରିଥିଲେ। ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ୪ ଥରରେ ସମୁଦାୟ ୯ ବର୍ଷ ଶିକ୍ଷା ଓ ଯୁବ ବ୍ୟାପାର ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ। ଡାକ୍ତର ଦାସଙ୍କ ବିୟୋଗରେ ଭୋଗରାଇର ସାଧାରଣ ଜନତାଙ୍କ ସମେତ ସମଗ୍ର ରାଜ୍ୟର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଭୋଗରାଇ ବ୍ଲକର ଶଙ୍ଖାରୀସ୍ଥିତ ନିଜସ୍ୱ ବାସଭବନ ପରିସରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପ୍ରଶାନ୍ତ ଜଗଦେବଙ୍କ...

ନିଶାସକ୍ତ ଅବସ୍ଥାରେ ଥାନା ଭିତରେ ଧସେଇ ପଶିବା ସହ ଏତଲା ପ୍ରତ୍ୟାହାର କରିବା ଲାଗି ଥାନାଧିକାରୀଙ୍କୁ କହିଥିଲେ। ଯଦି ସେ ଏପରି ନକରନ୍ତି ତା ହେଲେ ନିର୍ବାଚନ ଆୟୋଗଙ୍କୁ କହି ତାଙ୍କୁ ସେଠାରୁ ବଦଳି କରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ। ତେଣୁ ଶ୍ରୀ ଜଗଦେବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ସହିତ ଏହି ଘଟଣା ନେଇ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲୋଚନା ଦାସ ଓ ଡ଼ ସସ୍ମିତ ପାତ୍ରଙ୍କ ସମେତ ସ୍ୱୟମ୍ ପ୍ରକାଶ ମହାପାତ୍ର, ଡ଼ ପ୍ରିୟବ୍ରତ ମାଝୀ, ଡାକ୍ତର ହରୀଶ ଚୌଧୁରୀ, ଅମିତ ମଲ୍ଲିକ, ଓମ୍ ପ୍ରକାଶ ସାହୁ, ମିହିର ରାୟ, ତୁମ୍ବନାଥ ପଣ୍ଡା, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ, ଇପ୍ସିତା ସାହୁ ପ୍ରମୁଖ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।

## ଆଖଣ୍ଡଳମଣି ସେବାୟତଙ୍କୁ...

ଶ୍ରୀ ପାଢ଼ୀ ଗୁରୁତର ଆହତ ହୋଇଛନ୍ତି। ଏହାକୁ ନେଇ ଶ୍ରୀ ପାଢ଼ୀ ଉପରୋକ୍ତ ବିଜେପି ନେତାଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ମଧ୍ୟ ଦେଇଛନ୍ତି।

ବିଜେଡି ଅଭିଯୋଗ କରିଛି ଯେ ବିଜେପି ନେତାଙ୍କର ଏପରି ଅପରାଧିକ କାର୍ଯ୍ୟକଳାପ ଗଣତନ୍ତ୍ର ପ୍ରତି ଘୋର ବିପଦ ସୃଷ୍ଟି କରୁଛି। ନାଗରିକଙ୍କ ସ୍ୱାଧୀନତା ପ୍ରତି ଏହା କୁଠାରାଘାତ ସଦୃଶ। ସମର୍ଥନ ହାସଲ ପାଇଁ କୌଣସି ରାଜନୈତିକ ଦଳ ଏପରି ଭାବେ କାହା ଉପରେ ଆକ୍ରମଣକୁ ଆଦୌ ଗ୍ରହଣ କରାଯାଇପାରିବ ନାହିଁ। ସଭ୍ୟ ସମାଜ ପ୍ରତି ଏହା ଏକ କଳଙ୍କ। ସେବାୟତଙ୍କ ଉପରେ ଆକ୍ରମଣ କରିଥିବା କାଳିଆ ପାଢ଼ୀ ଏବଂ ତାଙ୍କ ସମର୍ଥକଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନର କାଠଗଡ଼ାକୁ ଅଣାଯିବା ଉଚିତ ବୋଲି ବିଜେଡି ଦାବି କରିଛି। ଏହା ଦ୍ୱାରା ଭବିଷ୍ୟତରେ ଏପରି ଅଗଣତାନ୍ତ୍ରିକ ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲାଗିପାରିବ ବୋଲି ବିଜେଡି କହିଛି। ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ଼ ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ଡାକ୍ତର ହରୀଶ ଚୌଧୁରୀ, ଡଃ ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ସ୍ୱୟମ୍ ପ୍ରକାଶ ମହାପାତ୍ର, ତୁମ୍ବନାଥ ପଣ୍ଡା, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ମିହିର ରାୟ ପ୍ରମୁଖ ସାମିଲ ହୋଇଥିଲେ।

## ଶତାଧିକ କଂଗ୍ରେସ୍...

ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଛନ୍ତି। ଏହି ମିଶ୍ରଣ ପର୍ବରେ କୁଚିଣ୍ଡା ବସ୍ ୟୁନିୟନର ସଭାପତି ଧୀରେନ୍ଦ୍ର କୁମାର ନାଏକ, ଉଦୟ ପ୍ରତାପ ସିଂହ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ସାହୁ, ସ୍ୱରାଜ କୁମାର ନାୟକ, ହିଂମାଶୁ ପଟେଲ, ଅଯୋଧ୍ୟା ମହାପାତ୍ର ଓ ଅବିନାଶ ମହାପାତ୍ରଙ୍କ ସହ ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ବିଜେପିକୁ...

ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ନିର୍ମାଣ ପାଇଁ ଆଜି ଆମେ ପଣ କରିଛୁ। ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ଅଭିଷିକ୍ତ କରିବା ଦିଗରେ ଆମେ ପୂର୍ଣ୍ଣପ୍ରାଣରେ କାମ କରିବୁ। ଦଳରେ ଆମମାନଙ୍କୁ ଗ୍ରହଣ କରାଯାଇଥିବାରୁ ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ଶ୍ରୀ ରାୟ କହିଛନ୍ତି। ଏହି ମିଶ୍ରଣ ପର୍ବରେ ବେଣ୍ଟପୁର ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ପୋଲାଇ, ଆଲୋକ କୁମାର ମଲ୍ଲିକ, ବ୍ରହ୍ମଗିରି ମହିଳା ମହାସଂଘ ସଭାପତି ସସ୍ମିତା ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ମାନସୀ ହରିଚନ୍ଦନ, ବରିଷ୍ଠ ବିଜେପି ନେତା ସର୍ବେଶ୍ୱର ପଲାଇ, ବିଜେପି ଯୁବ ନେତା ନୀଳକଣ୍ଠ ବେହେରା, ବ୍ରହ୍ମଗିରି ବିଜେପି ଯୁବମୋର୍ଚ୍ଚା ସଭାପତି ଜୀବେଶ ନନ୍ଦଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

---

**ରକ୍ତଚାପ ପରୀକ୍ଷା କରାଉନାହାନ୍ତି ସଚେତନ ନାଗରିକ**

# ମୟୂରଭଞ୍ଜ ଓ ନୂଆପଡ଼ାରେ ସ୍ଥିତି ଖରାପ

**ଭୁବନେଶ୍ୱର,୧୨।୪(ସମିସ):** ମଧୁମେହ, ଉଚ୍ଚ ରକ୍ତଚାପ ମୃତ୍ୟୁର ପ୍ରମୁଖ କାରଣ ବୋଲି ସମସ୍ତେ ଜାଣନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ମଧ୍ୟ କିଛି କମ୍ ନାହିଁ। କିନ୍ତୁ ଜୀବନରେ ଆଦୌ ରକ୍ତ ପରୀକ୍ଷା କରିନଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନାହିଁ। ମୟୂରଭଞ୍ଜ ଓ ନୂଆପଡ଼ା ଜିଲ୍ଲାରେ ସ୍ଥିତି ବହୁତ ଖରାପ ଅଛି। ଆଇସିଏମ୍ଆର, ନ୍ୟାସନାଲ ସେଣ୍ଟର ଫର ଡିଜିଜ୍ ଇନଫରମେଟିକ୍ସ ଆଣ୍ଡ ରିସର୍ଚ୍ଚ (ଏନ୍ସିଡିଆଇଆର) ପକ୍ଷରୁ ହୋଇଥିବା ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ୧୮ ରୁ ୫୪ ବର୍ଷ ମଧ୍ୟରେ ଥିବା ୪୪.୫% ଲୋକ ଆଦୌ ରକ୍ତଚାପ ପରୀକ୍ଷା କରି ନାହାନ୍ତି। ମାତ୍ର ୫୫.୫% ଲୋକ ନିଜ ରକ୍ତଚାପ ପରୀକ୍ଷା କରାଇଥାନ୍ତି, ଯାହା ଦେଶରେ ସର୍ବନିମ୍ନ। ଏଥିରେ ଦେଶର ନିମ୍ନ ୨୦ଟି ଜିଲ୍ଲା ମଧ୍ୟରେ ଓଡ଼ିଶାର ମୟୂରଭଞ୍ଜ ଓ ନୂଆପଡ଼ା ଜିଲ୍ଲା ରହିଛି। ଉପରୋକ୍ତ ବୟସ ମଧ୍ୟରେ ଥିବା ମୟୂରଭଞ୍ଜର ୪୦% ଏବଂ ନୂଆପଡ଼ାରେ ୪୨.୧% ଲୋକ ରକ୍ତଚାପ ଯାଞ୍ଚ କରାଇଥାନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି କାର୍ଯ୍ୟରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଅଧିକ ରହିଛି। ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟକ ମହିଳା ରକ୍ତଚାପ ପରୀକ୍ଷା କରାଉଛନ୍ତି। ଜରୁରୀ ସ୍ୱାସ୍ଥ୍ୟ ପରିସ୍ଥିତିରେ ଡାକ୍ତରଙ୍କ ପରାମର୍ଶ

**ପୁରୁଷଙ୍କ ତୁଳନାରେ ମହିଳା ଆଗୁଆ**

ପରେ ଯାଇ ପୁରୁଷମାନେ ରକ୍ତଚାପ ପରୀକ୍ଷା କରାଉଛନ୍ତି। ଯୁବ ବର୍ଗଙ୍କ ମଧ୍ୟରେ ମଦ୍ୟପାନ ତଥା ନିଶାଦ୍ରବ୍ୟ ସେବନ ହାର ବୃଦ୍ଧି ଏଥିପାଇଁ ଦାୟୀ ବୋଲି କୁହାଯାଇଛି।

ରିପୋର୍ଟ ଅନୁସାରେ, ରାଜ୍ୟର ୧୭.୨% ଲୋକ ବର୍ଦ୍ଧିତ ରକ୍ତଚାପର ଶିକାର ହୋଇଥିବା ବେଳେ ୩୪.୪% ଲୋକ ପ୍ରାକ୍-ରକ୍ତଚାପର ଶିକାର ହୋଇଛନ୍ତି। ଜାତୀୟ ସ୍ତରରେ ବର୍ଦ୍ଧିତ ରକ୍ତଚାପଗ୍ରସ୍ତ ଲୋକଙ୍କ ହାର ୧୫.୯% ଥିବା ବେଳେ ୩୩.୭% ଲୋକ ପ୍ରାକ୍-ରକ୍ତଚାପରେ ଆକ୍ରାନ୍ତ ହେଉଛନ୍ତି। ଦୈନନ୍ଦିନ ଜୀବନଚର୍ଯ୍ୟା, ସାମାଜିକ-ଅର୍ଥନୈତିକ ସ୍ଥିତି, ମାନସିକ ଅବସାଦ ଆଦି ଏହାର ପ୍ରମୁଖ କାରଣ ବୋଲି କୁହାଯାଇଛି। ଡାକ୍ତର ଅରବିନ୍ଦ ମହାନ୍ତିଙ୍କ ମତରେ ରକ୍ତଚାପ ଓ ମଧୁମେହ ଗୋଟିଏ ଗୋଟିଏ ରୋଗ ନୁହେଁ ବରଂ ବିଭିନ୍ନ ମାରାତ୍ମକ ରୋଗର ଜନ୍ମଦାତା। ନିୟମ ଅନୁସାରେ ଯୁବାବସ୍ଥାରୁ ସମସ୍ତେ ରକ୍ତଚାପ ଓ ରକ୍ତ ସର୍କରା ପରୀକ୍ଷା କରାଇନେବା ଜରୁରୀ। ଉଚିତ୍ ସମୟରେ ଚିକିତ୍ସା ଆରମ୍ଭ ସହିତ ନିୟନ୍ତ୍ରିତ ଜୀବନଚର୍ଯ୍ୟା ଦ୍ୱାରା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଏଡ଼ାଇ ଦେଇ ହେବ। କିନ୍ତୁ ଆମ ରାଜ୍ୟରେ ସାଧାରଣତଃ ଅସୁସ୍ଥ ସମୟରେ ଡାକ୍ତର ପରାମର୍ଶ ଦେବା ପରେ ଯାଇ ଲୋକେ ପରୀକ୍ଷା କରାଇଥାନ୍ତି। ଏହା ଉଭୟ ରୋଗୀ ଏବଂ ଡାକ୍ତରଙ୍କ ପାଇଁ ସମସ୍ୟା ସୃଷ୍ଟି କରେ। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିରେ ହସ୍ତକ୍ଷେପ କରିବା ସହିତ ରକ୍ତଚାପ ଓ ମଧୁମେହ ପରୀକ୍ଷା କରାଇବା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଡାକ୍ତର ମହାନ୍ତି ମତ ଦେଇଛନ୍ତି।

# ବେଆଇନ ନିଶା ଓ ଟଙ୍କା କାରବାର ଉପରେ ରୋକ ପାଇଁ ହେବ ସ୍ୱତନ୍ତ୍ର ଯୋଜନା

**କଟକ,୧୨।୪(ସମିସ):** ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଜିଲ୍ଲାଗୁଡ଼ିକରେ ସୀମା ତନଖି ଫାଟକରେ କଡ଼ାକଡ଼ି ଯାଞ୍ଚ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଯାନବାହନ ଯାଞ୍ଚ, ଅବକାରୀ ଧରପଗଡ଼, ବେଆଇନ ମାରଣାସ୍ତ୍ର, ବେଆଇନ ମଦ କାରବାର, ବେଆଇନ ନିଶା କାରବାର, ବେଆଇନ ଟଙ୍କା କାରବାର ଉପରେ ରୋକ୍ ଲଗାଯିବା ଉପରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଛନ୍ତି।

ଆସନ୍ତା ମେ' ଓ ଜୁନ୍‌ରେ ରାଜ୍ୟରେ ଚାରୋଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ-୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆଜି କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆଭାସି ଜରିଆରେ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଏକ ଅନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର.କେ. ଶର୍ମା, (ଗୁଇନ୍ଦା) ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ) ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ ଗଙ୍ଗୱାର, ଆଇ.ଜି.ପି (ପ୍ରୋଭିଜନିଙ୍ଗ) ଯତିନ୍ଦ୍ର କୋୟଲ, ଆଇ.ଜି.ପି (କାର୍ମିକ) ଏସ. ପ୍ରବୀଣ କୁମାର, ଆଇ.ଜି.ପି (ଗୁଇନ୍ଦା) ଅନୁପ ସାହୁଙ୍କ ସମେତ ଉତ୍ତରାଞ୍ଚଳ ରେଞ୍ଜର ଆଇଜି ଦୀପକ କୁମାର ଏବଂ ସୀମାନ୍ତ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଏସ୍‌ପି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ସେହିପରି ପଶ୍ଚିମବଙ୍ଗ ଡିଜିପି ସଞ୍ଜୟ ମୁଖୋପାଧ୍ୟାୟଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଏବଂ ସୀମାନ୍ତ ଜିଲ୍ଲା ଗୁଡିକର ଏସ.ପି ମାନେ ବୈଠକରେ ଉପସ୍ଥିତ ଥିଲେ।

ରାଜ୍ୟର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସୀମା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସହିତ ଲାଗି ରହିଥିବାରୁ ଏହି ଦୁଇ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କରାଯିବା ସମ୍ପର୍କରେ ବରିଷ୍ଠ ପୁଲିସ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ବିଶେଷକରି ବ୍ରାଉନସୁଗର ଭଳି ମାରାତ୍ମକ ନିଶାଦ୍ରବ୍ୟ ପଶ୍ଚିମବଙ୍ଗର ଲାଲଗୋଲା, ମୁର୍ସିଦାବାଦ ଓ ବର୍ଦ୍ଧମାନ ଭଳି ସ୍ଥାନରୁ ବ୍ରାଉନସୁଗର ଆସୁଥିବା ବେଳେ ଏହା ଉପରେ ରୋକ୍ ଲଗାଇବା ଉପରେ ଡିଜିପି ଶ୍ରୀ ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ। ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ, ସମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପରିବେଷଣ, ଆନ୍ତଃରାଜ୍ୟ ତନଖି ଫାଟକରେ ମିଳିତ ଯାଞ୍ଚ, ୟୁପିଆଇ ଆଇଡି ମାଧ୍ୟମରେ ଟଙ୍କା କାରବାର, ଗଂଜେଇ ଚୋରା ଚାଲାଣ, ସାପ୍ତାହିକ ବୈଠକ, ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ଯୋଜନା, ସମ୍ବେଦନଶୀଳ ସ୍ଥାନ ଓ ପୋଲିଂ ବୁଥ୍‌ଗୁଡ଼ିକର ଚିହ୍ନଟ, ୱାରେଣ୍ଟ ଥିବା ଅପରାଧୀ ଏବଂ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

# ସଂଯୁକ୍ତା ମହଲାଙ୍କ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

**କଟକ, ୧୨।୪(ସମିସ):** ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ମହିଳା ଥାନାରେ ରୁଜୁ ମାମଲାରେ ପୁଲିସ ଉପଯୁକ୍ତ ତଦନ୍ତ କରୁନଥିବା ତଥା ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗରେ ସଂଯୁକ୍ତା ମହଲା ଦାୟର କରିଥିବା ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାର ତଦନ୍ତ ଚାଲିଛି ବୋଲି ଆଜି ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଯଦି ତଦନ୍ତର ଫଳାଫଳକୁ ନେଇ ଆବେଦନକାରୀ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ଭବିଷ୍ୟତରେ ସେ ଆଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସଂଯୁକ୍ତାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନାରେ ସଂଯୁକ୍ତା ଗତ ବର୍ଷ ନିର୍ଯାତନା ଅଭିଯୋଗ ନେଇ ଏତଲା ଦେଇଥିଲେ। ଅନ୍ୟପଟରେ ଦୁଇ ଜଣ ଗଣମାଧ୍ୟମ ପ୍ରତିନିଧି ତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଉଥିବା ଅଭିଯୋଗକୁ ନେଇ ସଂଯୁକ୍ତା ଦାୟର କରିଥିବା ଅନ୍ୟ ଏକ ମାମଲାରେ ମଧ୍ୟ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ଏହି ମାମଲାରେ ପୁଲିସ ନିକଟରେ ଏ ନେଇ ଏତଲା ରୁଜୁ ହୋଇ ନାହିଁ ବୋଲି ଜଣାପଡ଼ିଥିଲା।

# ଅବସର ପରେ ବି କର୍ମଚାରୀଙ୍କୁ ବରଖାସ୍ତ କରାଯାଇପାରିବ: ହାଇକୋର୍ଟ

**କଟକ, ୧୨।୪(ସମିସ):** ବିଭାଗୀୟ ଶୃଙ୍ଖଳାଗତ ପ୍ରୋସିଡିଂରେ ଜଣେ କର୍ମଚାରୀ ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କୁ ଅବସର ପରେ ବି ଚାକିରିରୁ ବରଖାସ୍ତ କରାଯାଇପାରିବ। ଏନ୍ଏସ୍ଆଇସି (ନ୍ୟାସନାଲ ସ୍ମଲ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍) ଲିମିଟେଡ୍ ପକ୍ଷରୁ ଦାୟର ଏକ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରତିପକ୍ଷ କର୍ମଚାରୀଜଣକ ଏନ୍ଏସଆଇସି ବାଲେଶ୍ୱର ଉପଶାଖାରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଅବସରର କିଛି ମାସ ପୂର୍ବରୁ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ ପ୍ରୋସିଡିଂ ଆରମ୍ଭ ହୋଇଥିଲା। ଏଥିସହ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ତେବେ ତାଙ୍କୁ ବାରମ୍ବାର ନୋଟିସ ସତ୍ତ୍ୱେ ସେ ଏହାର ଉତ୍ତର ରଖିନଥିଲେ। ଅବସର ନେଇ ସାରିଥିବାରୁ ଏଭଳି ପ୍ରୋସିଡିଂ ବେଆଇନ ବୋଲି ଲିଖିତ ଭାବେ ଜଣାଇଥିଲେ। ହେଲେ କର୍ତ୍ତୃପକ୍ଷ ତାଙ୍କୁ ତାଙ୍କ ଅବସର ଦିନ ଅର୍ଥାତ ୨୦୧୬ ନଭେମ୍ବର ୩୦ରୁ ନିଲମ୍ବନ କରିଦେଇଥିଲେ ଓ ତାଙ୍କର ଗ୍ରାଚୁଇଟି ଅର୍ଥ ପ୍ରଦାନ କରାଯାଇନଥିଲା। ଏହା ବିରୋଧରେ ସମ୍ପୃକ୍ତ କର୍ମଚାରୀ ଭୁବନେଶ୍ୱର ସହକାରୀ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ।

ଶ୍ରମ ଆୟୁକ୍ତ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ୧୦ ଲକ୍ଷ ଟଙ୍କା ସହ ବାର୍ଷିକ ୧୦ ପ୍ରତିଶତ ସୁଧ ଅର୍ଥ ପ୍ରଦାନ କରିବାକୁ ଏନଏସଆଇସିକୁ ନିର୍ଦ୍ଦେଶ ଦେଇଥିଲେ। ଏନଏସଆଇସି ଏହା ବିରୋଧରେ ଶ୍ରମ ଉପ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସହକାରୀ ଶ୍ରମ ଆୟୁକ୍ତଙ୍କ ଆଦେଶ କାଏମ ରହିଥିଲା। ଏହା ପରେ ଏନଏସଆଇସି ହାଇକୋର୍ଟରେ ମାମଲା ଦାୟର କରିଥିଲା।

☎-06622-273343
**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
**(District Child Protection Unit)**
Odisha State Child Protection Society, W & CD Department,
Govt. of Odisha.

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନ ରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ,ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁ ଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ. – ୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ.ନଂ.- ୭୯୭୮୯୦୯୦୦୧/ ଅଫିସ୍-୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ବୟସ | ଲିଙ୍ଗ | ରହୁଥିବା ଜାଗା | ଶିଶୁର ଫଟୋ |
|---|---|---|---|---|---|
| ୧ | ମୁସକାନ ବଡ଼ାଇକ | ୧୭ ବର୍ଷ | ଝିଅ | ଜୟଶଙ୍କର ସେବାଶ୍ରମ, ବେଲସୋରା, ସୁନ୍ଦରଗଡ |  |

District Child Protection Officer
Sundargarh

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.
**Ph.: 9437015112**

**CORRIGENDUM**
That the election Dt.14.04.2024 published in odia daily newspaper on dt.07.03.2024 and other newspapers is postponed due to general election of State & Centre, 2024. The election date shall be communicated after confirmation from Collector and District Magistrate, Puri.
**PRESIDENT, Tulasi Vihar Flat Owners Welfare Society, Puri.**

**AFFIDAVIT**
I Nabina Harijan, aged about (34) years, son of Sri Late Estipan harijan, permanent resident of Village Dhepaguda, Po. Agnipur, ps/dist - Nabarangpur, do hereby solemnly affirm on oath and state as follows:- I am willing to change my name from Nabina Harijan to NABIN BENIA. Today onwards I will known as NABIN BENIA in place of Nabina Harijan in all purposes. Hence in the Court of the Exicutive Magistrate Nabarangpur affidavit dt - 12/04/2024.







# ବାବା ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ଉଦ୍‌ଯାପିତ







**ବାଲେଶ୍ୱର(ଉତ୍ତର)/ଭୋଗରାଇ/ଚନ୍ଦନେଶ୍ୱର, ୧୨।୪(ସମିସ):**

ଓଡ଼ିଶା ଉତ୍ତର ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳି ଠାରେ ଜଳଯନ୍ତ୍ର ଭାବେ ପୂଜିତ ପୂର୍ବ ଭାରତ ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ଚଡକ ମେଳା ଆଜି ମହାଆଡମ୍ବର ସହ ଉଦ୍‌ଯାପିତ ହୋଇଛି। ୧୩ଦିନ ବ୍ୟାପି ଚାଲିଥିବା ଚଡକ ମେଳାର ମୁଖ୍ୟ ପାଟପର୍ବରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଉପବିତ ଧାରୀ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ସମାଗମରେ ସମଗ୍ର ପୀଠ ଜନସମୁଦ୍ର ପାଲଟିଥିଲା। ରାଜ୍ୟର ଦ୍ୱିତୀୟ ବୃହତ୍ତମ ମେଳା ଭାବେ ପରିଚିତ ଅନ୍ୟତମ ବାବା ଚନ୍ଦନେଶ୍ୱର ଜୀଉଙ୍କ ଚଡକ ମେଳା ଦେଶ ତଥା ଦେଶ ବାହାରେ ଖ୍ୟାତି ଅର୍ଜନ କରିଛି। ଅନ୍ୟାନ୍ୟ ଶୈବପୀଠ ଠାରୁ ଏହି ପୀଠର ନୀତିକାନ୍ତି ଓ ପରମ୍ପରା ନିଆରା। ଏଠାରେ ପ୍ରଚଳିତ ଚଡକ ମେଳାର ପ୍ରସିଦ୍ଧି ଅନନ୍ୟ। ଏହି ଶୈବପୀଠରେ ଚଡକ ପର୍ବ ଦୀର୍ଘ ୧୩ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟତଃ ଶିବ-କାମିନୀ ବିବାହ, ମହାନୀଳ ପର୍ବ ଓ ପାଟପର୍ବ ସ୍ୱଚକ୍ଷୁରେ ଅବଲୋକନ ପାଇଁ ଏହି ଶୈବପୀଠରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଦେଖଣାହାରୀଙ୍କ ସମାଗମ ହୋଇଥାଏ। ଏହି ପାଟପର୍ବ କେବଳ ପାରମ୍ପରିକ ଧାର୍ମିକ ରୀତିନୀତି ଅନୁଯାୟୀ ହୋଇଥାଏ ତା'ନୁହଁ ୧୩ ଦିନ ଧରି ଏକ ସ୍ଥାନ୍ ଓ ଏକ ଭାବନା ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ତଥା ପଡୋଶୀ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆସାମ ଆଦି ରାଜ୍ୟରୁ ବାବାଙ୍କ ଠାରେ ମାନସିକ ରଖି ଉପବୀତ ଧାରଣ କରିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତ ଉତ୍ସବର ଶେଷ ଦିନ ଏହି ପାଟପର୍ବରେ ପରସ୍ପର ମଧ୍ୟରେ ଭାତୃତ୍ୱର ଭାବନାର ବାର୍ତ୍ତା ପ୍ରଚାର କରିଥାନ୍ତି। ମହାନୀଳ ପର୍ବର ପରବର୍ତ୍ତୀ ଦିନ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ପୂର୍ବ ଦିନ ଏହି ପାଟ ଉତ୍ସବ ପାଳିତ ହେଉଥିଲା ବେଳେ ଏହା ଦୀର୍ଘ ୧୩ ଦିନ ବ୍ରତଧାରଣର ଶେଷ ତଥା ଶ୍ରେଷ୍ଠ ଆଧ୍ୟାତ୍ମିକ ଉତ୍ସବ ବୋଲି ବିବେଚନା କରାଯାଏ। ଆଜି ଏହି ପାଟ ପର୍ବରେ ବ୍ରତାଚାରୀ, ରୋଗୀ, ଯୋଗୀ, ଭୋଗୀ ସମସ୍ତେ ଶିବଙ୍କ ପ୍ରେମରେ ଏକାକାର ହୋଇଥିଲେ। ହରହର ମହାଦେବ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ୫ ଲକ୍ଷରୁ ଅଧିକ ଉପବୀତଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଚନ୍ଦନେଶ୍ୱର ଶୈବପୀଠ ପାଲଟିଥିଲା ଜନସମୁଦ୍ର।

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଦିନ ତମାମ ଅସହ୍ୟ ଗୁଳୁଗୁଳି ମଧ୍ୟରେ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ଉପବୀତଧାରୀ ଭକ୍ତ ମାନେ ମନ୍ଦିରଠାରୁ ଏକ କିଲୋମିଟର ଦୂରରେ ଥିବା ହାକାଣ୍ଡ ପୋଖରୀରେ ସ୍ନାନ ସାରି ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକିଡି ନିରଞ୍ଜନ ଲେଙ୍କା, ଦେଉଳିଆ ଅଜିତ ପାତ୍ର ପ୍ରମୁଖ ସେଠାରେ ପୂଜାର୍ଚ୍ଚନା କରିବା ପରେ ଉପବୀତଧାରୀ ଭକ୍ତ ମାନେ ପରସ୍ପର ମଧ୍ୟରେ ମାଳା ଓ ଚନ୍ଦନ ଆଦାନ୍ ପ୍ରଦାନ କରିଥିଲେ। ପୂର୍ବ ପରିଚିତି ନ ଥିଲେ ମଧ୍ୟ ଉପବୀତଧାରୀ ଭକ୍ତ ମାନେ ପରସ୍ପର ମଧ୍ୟରେ କୋଳାକୋଳି ହୋଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ସହିତ ବନ୍ଧୁତ୍ୱର ସମ୍ପର୍କ ଯୋଡି ହୋଇଥିଲେ। କିଛି ମାନସିକ ଧାରୀ ଭକ୍ତ ଭଗବାନ ଶିବଙ୍କୁ ତୋଷ କରିବା ପାଇଁ କଠୋର ସାଧନା ପୂର୍ବକ ହାତ, ପାଦ, ପେଟ, ପିଠି, ଅଣ୍ଟା, ଜିଭ ଆଦି ଶରୀରର ବିଭିନ୍ନ ଅଙ୍ଗରେ ମୁନିଆଁ ଲୁହା କଣ୍ଟା ଫୋଡି ନିଜକୁ ସମର୍ପଣ କରିଥିଲେ। ଦଶନଖୀ, କଣ୍ଟାଫୋଡା ଭକ୍ତଙ୍କ ସମେତ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଶିବଙ୍କ ନାମ ଜପ କରି କରି ଏକ ବିଶାଳ ଶୋଭାଯାତ୍ରାରେ ୫୭ ନଂ ରାଜ୍ୟ ରାଜପଥ ଦେଇ ମନ୍ଦିରରେ ପହଞ୍ଚିଥିଲେ। ପାଞ୍ଚ ପ୍ରକାର ବାଦ୍ୟର ତାଳେ ତାଳେ ଏବଂ ଭଜନ, କୀର୍ତ୍ତନ ପୂର୍ବକ ହରହର ମହାଦେବ ଧ୍ୱନି ଦେଇ ଉପବୀତଧାରୀ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ନାଚିନାଚି ଶିବ ଶଙ୍କରଙ୍କ ପ୍ରତି ନିଜର ଭକ୍ତିଭାବ ପ୍ରଦର୍ଶନ କରିଥିଲେ।









## ଭୁଷଣ୍ଡେଶ୍ୱର ଶୈବପୀଠରେ ଚଡ଼କ ପର୍ବର ଅନ୍ତିମ 'ପାଟପର୍ବ' ସମ୍ପନ୍ନ

**ଭୋଗରାଇ/ଭୁଷଣ୍ଡେଶ୍ୱର, ୧୨।୪ (ସମିସ) :**

ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱରଙ୍କ ସାମ୍ବତ୍ସରିକ ଉତ୍ସବ ଚଡ଼କ ପର୍ବର ଅନ୍ତିମ ଅର୍ଘ୍ୟ ଦିବସରେ 'ପାଟପର୍ବ' ଶୁକ୍ରବାର ଯଥାରୀତି ସମ୍ପନ୍ନ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ଉପବୀତଧାରୀ ଓ ଦଶନଖୀ ମାନସିକ କଣ୍ଟା ପାଟୁଆ ଭକ୍ତଙ୍କ ନୃତ୍ୟ ପରିବେଷଣ ୫୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ପରେ ଶ୍ରୀଜୀଉଙ୍କ ଚଡ଼କ ନୀତିକାନ୍ତି ସେବାପୂଜା ସମାପନ ପୂର୍ବକ ପାଟଭକ୍ତ ନାରାୟଣ ସାହୁ ଏବଂ ଶ୍ରୀବେକିଡି ହରେନ୍ଦ୍ର ବାରିକ ମିଳିତ ଭାବେ ଉପବୀତଧାରୀଙ୍କ ଉପରେ ଅର୍ଘ୍ୟ ପାଣି ସିଞ୍ଚନ କରିଥିଲେ। ଉପବୀତଧାରୀ ମାନେ ନେତ୍ରନାଳଠାରେ ଉପବୀତ ସମର୍ପଣ ପରେ ପାଟପର୍ବ ସମ୍ପନ୍ନ ହୋଇଥିଲା। ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱରଙ୍କ ଚଡ଼କ ପର୍ବ ସମଗ୍ର ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ଏହି ଶୈବପୀଠରେ ଦୀର୍ଘ ୧୨ ଦିନ ଧରି ଚାଲିଥିଲା। ଏହି ଚଡ଼କ ପର୍ବର ଅନ୍ତିମ ଅର୍ଘ୍ୟ ଦିବସରେ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏହି ପାଟପର୍ବ ଉପଭୋଗ କରିବା ପାଇଁ ଆସିଥିବା ଜଣାପଡ଼ିଛି। ଶୁକ୍ରବାର ଚଡ଼କ ପର୍ବର ପ୍ରଥମ ଅର୍ଘ୍ୟ ଦିବସ ପାଟପର୍ବ ଉପଲକ୍ଷେ ଶ୍ରୀଜୀଉଙ୍କ ବିଶେଷ ସେବାପୂଜା ପରେ ଉପବୀତଧାରୀ ଓ ସେବାୟତ ମାନେ ହାକାଣ୍ଡ ପୁଷ୍କରିଣୀକୁ ଯାଇଥିଲେ। ସେଠାରୁ ମାଳା ଚନ୍ଦନୀ ହୋଇ ଦଶନଖୀ କଣ୍ଟା ପାଟୁଆଙ୍କ ସମେତ ସେବାୟତମାନେ ମହାଦେବଙ୍କ ଯାତ୍ରାଙ୍ଗୀ ଘଟକୁ ମୁଣ୍ଡରେ ଧରି ମନ୍ଦିରକୁ ଫେରିଥିଲେ। କଣ୍ଟା ପାଟୁଆ ମାନେ ଶରୀରର ବିଭିନ୍ନ ସ୍ଥାନରେ ଯେପରି ଜିହ୍ୱା, ଅଣ୍ଟା, ପିଠିରେ ଲୁହା କଣ୍ଟା ଫୋଡି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମନ୍ଦିରକୁ ଫେରିଥିଲେ। ମନ୍ଦିର ପରିସରରେ ଉପବୀତଧାରୀ ଓ କଣ୍ଟା ପାଟୁଆ ମାନଙ୍କ ଆକର୍ଷଣୀୟ ନୃତ୍ୟ ପରିବେଷଣ ହଜାର ହଜାର ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନମୋହିଲା। ପରେ ଅନ୍ତିମ ଅର୍ଘ୍ୟଦାନ ସହିତ ଏହି ସାମ୍ବତ୍ସରିକ ଉତ୍ସବ ସମାପନ ହୋଇଥିଲା। ମୁଖ୍ୟ ପୂଜକ ତଥା ସେବାୟତ ଘନଶ୍ୟାମ ପଣ୍ଡା ଓ ଅନୀଲ ପଣ୍ଡା, ପାଟଭକ୍ତ ନାରାୟଣ ସାହୁ, ଦେଉଳିଆ ପିଣ୍ଟୁ ବାରିକ, ଶ୍ରୀବେକିଡି ହରେନ୍ଦ୍ର ବାରିକଙ୍କ ସମେତ ଧରଣୀ ପାତ୍ର, ଶିବରଞ୍ଜନ ସାହୁ, ଅଭିମନ୍ୟୁ ପ୍ରଧାନ, ଧରଣୀ ପାତ୍ର, ଶମ୍ଭୁନାଥ ବାରିକ, ବିଜୟ ବାରିକ, ତ୍ରିଲୋଚନ ବାରିକ, ବ୍ରଜମୋହନ ଡଗରା, ପ୍ରଦୀପ ମଣ୍ଡଳ, ଶଶାଙ୍କ ମହାନ୍ତି, ବୃନ୍ଦାବନ ଖଟୁଆ, ରାମହରି ମାହାନା, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କୁମ୍ଭୀରଗଡ଼ି ସରପଞ୍ଚ ବର୍ଷା ରାଣୀ ପରିଡ଼ା, ପଞ୍ଚାୟତ ସମିତି ସଦସ୍ୟା ଝରଣା ସାହୁ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଭବେନ୍ଦ୍ର ସାହୁ, ପୂର୍ବତନ ରସଲପୁର ସରପଞ୍ଚ ନିଶିକାନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସୁଶାନ୍ତ ପଟ୍ଟନାୟକ, ରାକେଶ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଣ୍ଟା ପାଟୁଆଙ୍କ ଆକର୍ଷଣୀୟ ପ୍ରଦର୍ଶନ

### କଷାଫଳ ବକ୍ରେଶ୍ୱର ମନ୍ଦିରରେ ନୀଳପର୍ବ

**ବଲରାମପୁର, ୧୨।୪(ସମିସ):** ଚୈତ୍ର ମାସରେ ବିଭିନ୍ନ ଶୈବପୀଠରେ ଚଡକ ଉତ୍ସବ ବେଶ୍ ଶ୍ରଦ୍ଧା ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହେଉଛି। ଭକ୍ତାମାନେ ନିଜର ମାନସିକ ପୂରଣ ପାଇଁ ନୀତି ନିୟମରେ ବିଭିନ୍ନ ପର୍ବ ପାଳନ କରିଥାନ୍ତି। ତେବେ ସଦର ବ୍ଲକ କଷାଫଳ ପଞ୍ଚାୟତରେ ଥିବା ବକ୍ରେଶ୍ୱର ଶୈବ ମନ୍ଦିରରେ ଚଡକ ପର୍ବ ଅନୁଷ୍ଠିତ ହୋଇଥିଲା ବେଳେ ଆଜି ନୀଳପର୍ବ ବେସ୍ ଉତ୍ସାହ ଓ ଶ୍ରଦ୍ଧାରେ ପାଳିତ ହୋଇଯାଇଛି। ଏହି ଚଡକ ଯାତ୍ରା ଗତ ୩୦ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ନୀଳ ପର୍ବ ଅନୁଷ୍ଠିତ ହୋଇଥିଲା ବେଳେ ଆସନ୍ତା ଶନିବାର ଉଡାପର୍ବ ଅନୁଷ୍ଠିତ ହେବାକୁ ଥିବା କମିଟି ତରଫରୁ ସୂଚନା ମିଳିଛି। ତେବେ ଏହି ଯାତ୍ରା ରେ ଭକ୍ତା ମାନେ କଣ୍ଟା ପାଟ, ନିଆଁ ପାଟ ଓ ଝୁଲଣ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ବେଶ୍ ମନମୁଗ୍ଧକର ହୋଇଥିଲା। ଶତାଧିକ ଭକ୍ତା ମାନସିକ ପୂରଣ ପାଇଁ ଚଡକ ଯାତ୍ରାରେ ସାମିଲ୍ ହୋଇଥିବା ବେଳେ ପାଟଭକ୍ତା ଅମୂଲ୍ୟ କୁମାର ଦାସ, ଗୌରାଙ୍ଗ ବେହେରା, ଦିବାକର ମୁଖି, ମନ୍ମଥ ବେହେରା, ପ୍ରଦୀପ କୁମାର ପଣ୍ଡା ଓ ଚାରୁ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ପାଞ୍ଚହଜାରରୁ ଅଧିକ ଶ୍ରଦ୍ଧାଳୁ ନୀଳ ପର୍ବକୁ ଉପଭୋଗ କରିଥିଲେ।



ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଭାଗର ଆଲୋଚନାଚକ୍ର

# ‘ନିର୍ବାଚନ ପ୍ରକ୍ରିୟାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ’

ଜଳେଶ୍ୱର ବ୍ଲକ, ୧୨।୪ (ସମିସ) :

ବିଶ୍ୱରେ ଭାରତ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର। ରାଷ୍ଟ୍ରରେ ଶାସନ ବ୍ୟବସ୍ଥା ପରିଚାଳନା ପାଇଁ ସ୍ଥାୟୀ, ସୁଦୃଢ଼ ସରକାର ଦରକାର ଏବଂ ସରକାରଙ୍କ ପାଇଁ ଅବାଧ, ନିରପେକ୍ଷ ନିର୍ବାଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନର ପ୍ରଚାର, ପ୍ରସାର ପାଇଁ ଗଣ ମାଧ୍ୟମ, ସାମାଜିକ ମାଧ୍ୟମ, ପ୍ରିଣ୍ଟ ମିଡିଆ, ପ୍ରସାରଣ (ରେଡିଓ ଓ ଟେଲିଭିଜନ) ର ମୁଖ୍ୟ ଭୂମିକା ନିର୍ବାହ କରନ୍ତି। ଜଗନ୍ନାଥ ଡିଗ୍ରୀ ମହା ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଭାରତୀୟ ଇଲେକ୍ଟ୍ରୋନିକ୍ସ ଏବଂ ସୋସିଆଲ ମିଡିଆ ଉଦୀୟମାନ ଧାରା ସନ୍ଦର୍ଭରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇ ଯାଇଛି। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଡ. ରାଜଶ୍ରୀ ଦତ୍ତ(ସ୍ୱର୍ଣ୍ଣ ପଦକ ପ୍ରାପ୍ତ) ସହଯୋଗୀ ପ୍ରଫେସର ରାଜନୀତି ବିଜ୍ଞାନ ବିଭାଗ, ପି.ଜି ସମାଜ ବିଜ୍ଞାନ ବିଭାଗ, ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ବାଲେଶ୍ୱର ଉପସ୍ଥିତ ହୋଇ ସାମାଜିକ ମାଧ୍ୟମକୁ ଗୁରୁ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ସାମାଜିକ ମାଧ୍ୟମ ଦ୍ୱାରା ପାରମ୍ପାରିକ ଓ ସାମ୍ପ୍ରତିକ ଭାରତୀୟ ନିର୍ବାଚନ ପ୍ରଚାର ପ୍ରସାରର ସ୍ୱଚ୍ଛତା ଓ ନୀତିଯୁକ୍ତ ସହିତ ଦୃତ ଗତିରେ ଜନତା




ତଥା ଭୋଟର ମାନଙ୍କ ନିକଟତର ହୋଇଥାଏ ବୋଲି ମତ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ବେଳା ଭୂମୀ ମହା ବିଦ୍ୟାଳୟ ଅଭଣା, ବାଲେଶ୍ୱରର ଅଧ୍ୟାପକ ଅଧ୍ୟାପକ ରଣଜିତ୍ କୁମାର ବେହେରା(ରିସୋର୍ସ ପର୍ସନ)ଉପସ୍ଥିତ ହୋଇ କୋଭିଡ-୧୯ ମହାମାରୀ ପରବର୍ତ୍ତୀ ନିର୍ବାଚନ ଗୁଡ଼ିକରେ ଗଣମାଧ୍ୟମ ଓ ସାମାଜିକ ମାଧ୍ୟମ(ଫେସବୁକ, ୟୁଟ୍ୟୁବ, ହ୍ୱାଟସଆପ, ଇନଷ୍ଟାଗ୍ରାମ, ଏକ୍ସ) ପ୍ରଚାର ପ୍ରସାରକୁ ଦୃତ ଗତିରେ ଭୋଟରମାନଙ୍କ ନିକଟତର କରି ସମୟର ସଦ୍‌ଉପଯୋଗ ତଥା ସ୍ୱଳ୍ପ ଖର୍ଚ୍ଚରେ ତୁଲାଇବାରେ ସହାୟକ ହେଉଛି। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଭାଗୀୟ ମୁଖ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରବଣ କୁମାର ନାଥ ରାଜନୀତି ବିଜ୍ଞାନ ବିଭାଗ ଉପସ୍ଥିତ ରହି ସାମ୍ପ୍ରତିକ ନିର୍ବାଚନ ପ୍ରଚାର ପ୍ରସାରରେ ଗଣମାଧ୍ୟମ ଓ ସାମାଜିକ ମାଧ୍ୟମର ଉପକାର ଓ ଅପକାର ବିଷୟରେ ଯୁକ୍ତି ଉପସ୍ଥାପନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ଅଶୋକ କୁମାର ରଥ ବେଦ ପାଠ କରିଥିବା ବେଳେ ଗୃହ ବିଜ୍ଞାନ ବିଭାଗ ଅଧ୍ୟାପିକା ଇପସିତା ଦାସ ମଞ୍ଚ ଆହ୍ୱାନ କରିଥିଲେ। ଛାତ୍ରୀ ଦିବ୍ୟଜ୍ୟୋତି ରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀ ବୈଶାଖୀ ମହାନ୍ତି, ଶୁଭଶ୍ରୀ ନନ୍ଦୀ, ନମିତା ରଣା, ସୁସ୍ମିତା ଗିରି, ଉମେଶ ସାହୁ, ଅନୀତା ଗିରି, ସୁଚିତ୍ରା କର ଓ ପୁରାତନ ଛାତ୍ରଛାତ୍ରୀ ଫାଗୁ ଟୁଡୁ, ରାଜେଶ ଦାସ, ସୁନେରା ଖାତୁନ ଓ ଶୁଭସ୍ମିତା ସାହୁ ପ୍ରମୁଖ ସନ୍ଦର୍ଭ ପଠନ କରିଥିଲେ। ରୁମିରାଣୀ ମଲ୍ଲିକ, ଇନ୍ଦ୍ରଜିତ ସାହୁ, ମାନସ ସାହୁ, ତ୍ରିଶା ଜେନା ଓ ଶୁଭଶ୍ରୀ ଶୁଭଲକ୍ଷ୍ମୀ ବେହେରା ପ୍ରମୁଖ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହା ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବ ଶେଷରେ ଛାତ୍ର ଚନ୍ଦନ କୁମାର ମହାନ୍ତି ଉପସ୍ଥିତ ଅତିଥି ମିଡିଆ ଓ ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦନେଶ୍ୱର ଚଡ଼କ ମେଳାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଭୋଗରାଇ, ୧୨।୪ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଲି ପଞ୍ଚାୟତ ଅନ୍ତର୍ଗତ ଚନ୍ଦନେଶ୍ୱର ମହାଦେବଙ୍କ ଶୈବପୀଠରେ ଦୀର୍ଘ ୧୨ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ସାମ୍ବତ୍ସରିକ ଉତ୍ସବ ଚଡ଼କ ମେଳାର ଅନ୍ତିମ ଦିବସ ମହା ପାଟପର୍ବ ପ୍ରତ୍ୟୁଷରେ ଜଣେ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ମାନସିକ ପୂରଣ ପାଇଁ ମନ୍ଦିର ଚାରିପଟେ ଦଣ୍ଡ ଅଧିଆ ମାରୁଥିବା ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପୂର୍ବ ମେଦିନୀପୁର ଜିଲ୍ଲା ଖଡ଼ଗପୁର ଥାନା ଗୁମୁରିଆପାଲି ଗ୍ରାମର ତୁଳସୀ ମିର୍ଦ୍ଧା (୬୦)। ଚନ୍ଦନେଶ୍ୱରଙ୍କଠାରେ ଦଣ୍ଡ ଅଧିଆ ମାରିବା ମାନସିକ ରଖିଥିବା ତୁଳସୀ ଉପବୀତ ଧାରଣ କରିଥିବା ନିଜ ଝିଅ ଓ ନାତୁଣୀ ସହିତ ଏହି ଶୈବପୀଠକୁ ଆସିଥିଲେ। ଉପବୀତଧାରୀ ଝିଅ ଓ ନାତୁଣୀ ସହିତ ଜନୈକ ପଣ୍ଡାଙ୍କ ଅସ୍ଥାୟୀ ଆବାସ କେନ୍ଦ୍ରରେ ରହିଥିଲେ। ଶୁକ୍ରବାର ସକାଳେ ଦଣ୍ଡ ଅଧିଆରେ ମନ୍ଦିର ପ୍ରଦକ୍ଷିଣ କରୁଥିବା ସମୟରେ ତୁଳସୀ ଭିଡ଼ ମଧ୍ୟରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ମନ୍ଦିର ବେଢ଼ାରେ ସେବା ଯୋଗାଇ ଦେଉଥିବା ସ୍ୱେଚ୍ଛାସେବୀ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ମନ୍ଦିର ନିକଟସ୍ଥ ସ୍ୱତନ୍ତ୍ର ଚିକିତ୍ସା ଶିବିରକୁ ନେଇଥିଲାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସାରତ ଡାକ୍ତର ସୂଚନା ଦେଇଛନ୍ତି। ପରେ ତାଳସାରି ମେରାଇନ ଥାନା ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମଦ ଜବତ, ଯୁବକ ଗିରଫ

ନୀଳଗିରି, ୧୨।୪(ସମିସ): ଆଗକୁ ନିର୍ବାଚନକୁ ଦୃଷ୍ଟିରେ ରଖି ନୀଳଗିରି ଅବକାରୀ ବିଭାଗ ଏବେ ଆକ୍ସନ ମୁଡ଼ରେ। ଆଜି ବରହମପୁର ଥାନା ଅଧୀନ ଗରଡିହି ଛକ ନିକଟରୁ ମଟର ସାଇକେଲରେ ୮୦ଲିଟର ଚୋର ମହୁଲି ମଦ ଓ ବେପାରୀକୁ କାବୁ କରି ଏକ ମାମାଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ବେପାରୀ ଜଣକ ହେଲେ ବରହମପୁର ଗ୍ରାମର ସୁରେନ୍ଦ୍ର ଦେହୁରୀଙ୍କ ପୁଅ ବଳରାମ ଦେହୁରୀ (୨୧)।

## ଗୋବିନ୍ଦରାୟ ଜୀଉଙ୍କ ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୧୨।୪ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତର ରାୟାଁ ଗ୍ରାମର ଶ୍ରୀଶ୍ରୀ ଗୋବିନ୍ଦରାୟ ଜୀଉ ସେବା ସମିତିର ସଦସ୍ୟ/ସଦସ୍ୟା ମାନଙ୍କ ପକ୍ଷରୁ ପ୍ରତି ବର୍ଷ ଭଳି ଏବର୍ଷ ଷୋଡ଼ଶ ବାର୍ଷିକ ଉତ୍ସବ ଓ ଅଖଣ୍ଡ ଚବିଶ ପ୍ରହର ନାମ ସଙ୍କୀର୍ତ୍ତନ ମହା ବିଷୁବ ସଂକ୍ରାନ୍ତି ପରଦିନ ରବିବାର ଅନୁଷ୍ଠିତ ହେବ। ସେହିଦିନ ପୂର୍ବାହ୍ନ ୯ ଘଟିକାରେ ଘଟୋତ୍ତଳନ ହୋଇ ସଙ୍କୀର୍ତ୍ତନ ଆରମ୍ଭ ହୋଇ ୧୭ ତାରିଖ ବୁଧବାର ବଡ଼ ମହୋତ୍ସବରେ ପ୍ରସାଦ ସେବନ ସହ ସଙ୍କୀର୍ତ୍ତନ ବିଶ୍ରାମ ଓ ଦଧି ମନ୍ଥନ ହେବ। ଉକ୍ତ ଦିନ ଗୁଡ଼ିକରେ ସମୁହ ମେଳି ସଙ୍କୀର୍ତ୍ତନ ମଣ୍ଡଳୀ ମାନଙ୍କ ଦ୍ୱାରା ବାଦ୍ୟ ସଙ୍ଗୀତ ପ୍ରତିଯୋଗିତା ହେବ ବୋଲି ରାୟାଁ ସାହିର ଶ୍ରୀଶ୍ରୀ ଗୋବିନ୍ଦରାୟ ଜୀଉ ସେବା ସମିତି ସଦସ୍ୟ ସଦସ୍ୟା ସୂଚନା ଦେଇଛନ୍ତି।

ଚନ୍ଦନେଶ୍ୱର ଚଡ଼କ ମେଳା

## ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆମ୍ବୁଲାନ୍ସ ସେବା



ଭୋଗରାଇ, ୧୨।୪ (ସମିସ): ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚନ୍ଦନେଶ୍ୱର ଚଡ଼କ ମେଳାରେ ୩ ଦିନ ଧରି ନିଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି। ରାଜ୍ୟର ଦ୍ୱିତୀୟ ସର୍ବବୃହତ ମେଳା ଭାବେ ପରିଚିତ ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବର ପଞ୍ଚମ ଅର୍ଘ୍ୟ ଦିବସରୁ ଚନ୍ଦନେଶ୍ୱର ଶୈବପୀଠ ଜନସମୁଦ୍ର ପାଲଟିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲା। ଉତ୍ସବର ମୁଖ୍ୟ ଶିବ-କାମିନୀ ବିବାହ, ମହାନୀଳ ପର୍ବ ଓ ଅନ୍ତିମ ପାଟପର୍ବର ଉପବୀତଧାରୀ ଭକ୍ତଙ୍କ ସମେତ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଭଳି ଏକ ସ୍ଥିତିରେ ଅସୁସ୍ଥ ମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏବଂ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସହିତ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚଡ଼କ ମେଳାର ଏହି ପ୍ରମୁଖ ୩ ଦିନ ପାଇଁ ବିନା ମୂଲ୍ୟରେ ୨ ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଟ୍ରଷ୍ଟବୋର୍ଡ ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ଏବଂ ମୌରସି ତପନ ପଣ୍ଡା ଏହି ନିଶୁଳ୍କ ଆମ୍ବୁଲାନ୍ସ ସେବାକୁ ଉଦଘାଟନ କରିଥିଲା ବେଳେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନା, ଡ୍ରାଇଭର ମହାସଂଘ ରାଜ୍ୟ ସଭାପତି ସ୍ୱାଧୀନ ଶତପଥୀ, ଜିଲ୍ଲା ସଭାପତି ଗୋପାଳ ଚନ୍ଦ୍ର ଦାସ, ଭୋଗରାଇ ବ୍ଲକ ସଭାପତି ଚନ୍ଦନ ଦାସ, ଜିଲ୍ଲା ଉପଦେଷ୍ଟା କୃଷ୍ଣ ପ୍ରସାଦ ଗିରି ଓ ଉତ୍ତମ ଘଡାଇ, ପ୍ରଶାନ୍ତ ଜେନା ପ୍ରମୁଖଙ୍କ ସମେତ ମହାସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ସପ୍ତମ ମାସ ପ୍ରଧାନଶିକ୍ଷକଙ୍କ ଆଲୋଚନାଚକ୍ର

ଜଳେଶ୍ୱର ବ୍ଲକ, ୧୨।୪ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତସ୍ଥିତ ବରାଳ ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ସପ୍ତମ ମାସ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଆୟୋଜିତ ଆଲୋଚନାଚକ୍ରରେ ବିଇଓ ଜଗବନ୍ଧୁ ଜେନା ଉପସ୍ଥିତ ହୋଇ ସଭାପତିତ୍ୱ କରିଥିଲେ। ସରକାରଙ୍କ ବିଦ୍ୟାଳୟ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ତଥା ୫-ଟି ଅଧିନରେ ଥିବା ସମସ୍ତ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଅକ୍ଟୋବର ୨୦୨୩ ପାଖରୁ ପ୍ରତ୍ୟେକ ମାସ, ବିଭିନ୍ନ ବିଦ୍ୟାଳୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଆସୁଛି। ପାଠ୍ୟଦାନର ଉନ୍ନତି କରଣ, ଉଚ୍ଚ ବିଦ୍ୟାଳୟ ମାନଙ୍କରେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା, କ୍ରୀଡାଙ୍ଗନ କ୍ଲବ ପିଲାମାନଙ୍କ ଭିତରେ ସୃଷ୍ଟି କରି ଏକ ସ୍ୱତନ୍ତ୍ର ପ୍ରୟାସ ସୃଷ୍ଟି ସମ୍ପର୍କରେ ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ୫୯ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଏହି ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏଡିଇଓ ପ୍ରାଚୀ ତନୟା ଗିରି, ଜିଲ୍ଲା ସାଇନ୍ସ ପରିଦର୍ଶକ ହରେନ୍ଦ୍ର କୁମାର ମହାନ୍ତ, ବିଆରସିସି ସୁଶାନ୍ତ କୁମାର ଜେନା, ଅବସର ପ୍ରାପ୍ତ ଏବିଇଓ ଅଜୟ କୁମାର ଜେନା, ଅନ୍ୟତମ ଏବିଇଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ଜଳେଶ୍ୱର ଓଷ୍ଟା ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି, ବରାଳ ବାଲୁଙ୍କେଶ୍ୱର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ହାଁସଦା ପ୍ରମୁଖ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ଜଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜ ବିହାରୀ ପ୍ରଧାନ, ଡିଏନ୍ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡ଼ା ଓ ବିଇଓ ଜଗବନ୍ଧୁ ଜେନା ଉପାଦେୟ ଆଲୋଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପକ୍ଷରୁ ବିଇଓ ଜଗବନ୍ଧୁ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବଂଶୀଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




## ଚଡ଼କ ମେଳାରେ ସ୍ୱାସ୍ଥ୍ୟ ଶିବିର



ଚନ୍ଦନେଶ୍ୱର, ୧୨।୪(ସମିସ): ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜଗନ୍ନାଥପୁର ବିକାଶ ମଞ୍ଚର ସହଯୋଗରେ ଆମ୍ରି ହସ୍ପିଟାଲ ଭୁବନେଶ୍ୱର ତରଫରୁ ଚନ୍ଦନେଶ୍ୱର ଚଡ଼କ ମେଳାରେ ୨ଦିନ ବ୍ୟାପୀ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅସ୍ଥାୟୀ ଶିବିରରେ ଆମ୍ରି ହସ୍ପିଟାଲର ଡାକ୍ତର ସଦାଶିବ ମିଶ୍ର, ଡାକ୍ତର ସୁବାସ ପାଢ଼ୀ, ଡାକ୍ତର ସୌରଭ କୁମାର ପାତ୍ର, ଡାକ୍ତର ବିପ୍ଳବ କୁମାର ସାମଲ, ଡାକ୍ତର ଭବ୍ୟ ଗୋୟାଲ, ଡାକ୍ତର ଉଦୟନାଥ ଗୈଡ, ଡାକ୍ତର ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ସେବା ଯୋଗାଇ ଥିଲେ। ଆମ୍ରି ତରଫରୁ ଗୋଟିଏ ଉନ୍ନତ ଟେକ୍ନୋଲୋଜିର ଏସିଏଲଏସ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଲାଗି ଆବଶ୍ୟକ ପରିମାଣର ଓଆରଏସ ଏବଂ ଔଷଧ ଯୋଗାଇ ଦିଆଯିବା ଦେଖିବାକୁ ମିଳିଛି। ବିକାଶ ମଞ୍ଚର ସମ୍ପାଦକ ଡ. ସୌରଭ ପାତ୍ର ଓ ସଭାପତି ଚନ୍ଦନ କୁମାର ସେନାପତିଙ୍କ ପୌରୋହିତ୍ୟରେ ଜଗନ୍ନାଥପୁର ବିକାଶ ମଞ୍ଚର ସ୍ୱେଚ୍ଛାସେବୀ ଅମର ଜେନା, ରାଧାକାନ୍ତ କର, ତରୁଣକାନ୍ତ ପରିଡ଼ା ଓ ଓମପ୍ରକାଶ ପାତ୍ର ପ୍ରମୁଖଙ୍କ ପୂର୍ଣ୍ଣ ସହଯୋଗ କ୍ରମେ ଅସୁସ୍ଥ ମାନଙ୍କୁ ଭିଡ଼ ମଧ୍ୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ପହଞ୍ଚାଇବା ଦେଖିବାକୁ ମିଳିଥିଲା। ରୋଗୀଙ୍କୁ ସୁଚିକିତ୍ସା ପାଇବା ପାଇଁ ସହାୟତା କରିଥିଲେ।

ଜଳେଶ୍ୱର ନୂଆବଜାର ୪୫ ନମ୍ବର ଓଭରବ୍ରିଜ୍ ଲୋକାର୍ପିତ

## ଧନ୍ୟବାଦ ଜଣାଇଲା ବରିଷ୍ଠ ନାଗରିକ ମଞ୍ଚ

ଜଳେଶ୍ୱର ବ୍ଲକ, ୧୨।୪ (ସମିସ): ଜଳେଶ୍ୱର ନୂଆବଜାର ୪୫ନମ୍ବର ରେଳ ଓଭରବ୍ରିଜ ୨୦୧୮ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପାଇଁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିଲା। ଏହାର ପ୍ରତିବାଦରେ ତଥା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ଜଳେଶ୍ୱର ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯିବାରୁ ପୂର୍ତ୍ତ ବିଭାଗ ଆଜକୁ ୪ ମାସ ଧରି ବିଭିନ୍ନ ତାରିଖରେ ପୋଲକୁ ଲୋକାର୍ପଣ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇ ନଥିଲା। ବାଲେଶ୍ୱର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଗତ ତା-୮/୪/୨୪ ରିଖରେ ଲୋକାର୍ପଣ କରିବା ପାଇଁ ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉକ୍ତ ପ୍ରତିଶ୍ରୁତିକୁ ପାଳନ କରିବା ଦିଗରେ ପୂର୍ତ୍ତ ବିଭାଗ ଉପରେ ଚାପ ସୃଷ୍ଟି କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପ୍ରଥମେ ଧାରଣା ଏବଂ ପରେ ଲୋକାର୍ପଣ ପଦକ୍ଷେପ ଗ୍ରହଣ କରାଯାଇ ଥିଲା। ଏହା ପରେ ଯଦି ପୂର୍ତ୍ତ ବିଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ କରେ କିମ୍ବା ଯାତାୟାତ ପାଇଁ ବାଧା ସୃଷ୍ଟି କରେ ବାଧ୍ୟ ହୋଇ ମଞ୍ଚ ତରଫରୁ ଚରମ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇ ଥିଲା। ଆନନ୍ଦର ବିଷୟ ବହୁ ବିଳମ୍ବ ସତ୍ତ୍ୱେ ଏବେ ପୂର୍ତ୍ତ ବିଭାଗ ପୋଲ ଉପରେ ଯାତାୟାତ ନିମନ୍ତେ ଘୋଷଣା କରି ଅଛନ୍ତି। ବରିଷ୍ଠ ନାଗରିକ ମଞ୍ଚର ନେତୃତ୍ୱ ଡ. ରମାକାନ୍ତ ଭଞ୍ଜ, ଭାସ୍କର ଚନ୍ଦ୍ର ମିଶ୍ର, ଡ. ଲଳିତ ରଞ୍ଜନ ସେନାପତି, ଦିଲ୍ଲୀପ କୁମାର ଗିରି, ରାଜାରାମ କରଶର୍ମା, ଡ. ଶ୍ରୀକାନ୍ତ ପାତ୍ର, ଶ୍ୟାମା ଚରଣ ଦାସ, ଜିତାରାମ ଦେ, ଖଗେନ୍ଦ୍ର ନାଥ ସାହୁ, ଶ୍ରୀମନ୍ତ କୁମାର ଘୋଷ ପ୍ରଫୁଲ୍ଲ ମହାନ୍ତି, ବସନ୍ତ ଦାସ, ସୁଦାମ ପାତ୍ର, କମଳ ଚକ୍ରବର୍ତ୍ତୀ, କପିଳେଶ୍ୱର ମହାନ୍ତି, ରବୀନ୍ଦ୍ର ବାରିକ, ଜୀବନ ପରିଡ଼ା, କଳ୍ପିତା ସାହୁ, ଅଶୋକ କୁମାର ଜେନା, ମନୋରଞ୍ଜନ ଦାସ, ସିଦ୍ଧେଶ୍ୱର ପଣ୍ଡା, କୁମାର କୃଷ୍ଣ କର, ବିଭୂତି ଦାସ, ଅପର୍ଣ୍ଣା ଚୌଧୁରୀ, ଜ୍ୟୋତିଷ ଚନ୍ଦ୍ର କର, କାଳୀଚରଣ ପୃଷ୍ଟି, ସୁନିଲ ଗିରି, ହେମନ୍ତ ଦାସ, ନିଶିକାନ୍ତ ଗିରି, ନୀଳମଣି ପ୍ରଧାନ, ତ୍ରିଲୋଚନ ଦାଶଧିକାରୀ, ସୁବ୍ରତ ବେରା, ଶରତ ଚନ୍ଦ୍ର ପରିଡ଼ା, ଗିରିଧାରୀ ବେହେରା, ଲକ୍ଷ୍ମୀଧର ପଲାଇ, ବନମାଳୀ ଧଳ, ରଜତ ଦାସ, ନୀରୋଜ ବେହେରା ପ୍ରମୁଖ ଉକ୍ତ ସମସ୍ତ ଘଟଣାକ୍ରମକୁ ପର୍ଯ୍ୟାଲୋଚନା କରି ବହୁ ବିଳମ୍ବ ସତ୍ତ୍ୱେ ପୋଲ ଲୋକାର୍ପିତ ହୋଇ ଥିବାରୁ ସରକାରଙ୍କୁ ବଧେଇ ଜଣାଇବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦୃଢ ଦାବି କରିଛନ୍ତି। ଜନସାଧାରଣଙ୍କ ସକ୍ରିୟ ସହଯୋଗ ତଥା ବିଶେଷ କରି ଜଳେଶ୍ୱରର ଗଣମାଧ୍ୟମର ବନ୍ଧୁମାନଙ୍କର ଉକ୍ତ ପ୍ରସଙ୍ଗକୁ ବରମ୍ବାର ଲୋକଲୋଚନକୁ ଆଣି ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଘର ପୋଡ଼ି, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବସ୍ତା, ୧୨।୪(ସମିସ) : ବସ୍ତା ଥାନା ବାସୁଚକୁରାଇ ପଞ୍ଚାୟତର ଭଗିଚକୁରାଇ ଗ୍ରାମର ଉମାକାନ୍ତ ପରିଡ଼ାଙ୍କ ଏକ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସଟସାର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁସାରେ ଆଜି ଦିନ ଦଶଟା ତିରିଶରେ ହଠାତ ଘରଭିତରେ ନିଆଁ ଦେଖି ପରିବାର ଲୋକେ ଘରୁ ବାହାରକୁ ଚାଲିଆସିଥିଲେ। ଶ୍ରୀ ପରିଡ଼ାଙ୍କ ଘରେ ନିଆଁ ଦେଖି ପାଖ ଲୋକେ ସଙ୍ଗେ ସଙ୍ଗେ ଦମକଳବାହିନୀ କୁ ଖବର ଦେଇଥିଲେ। ହେଲେ ନଡାଛପର ଘର ନିମିଷକ ମଧ୍ୟରେ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଘର ଭିତରୁ କୌଣସି ଆସବାବପତ୍ର ଉଦ୍ଧାର କରାଯାଇ ପାରିନଥିଲା। ଯାହାଫଳରେ ଘର ଭିତରେ ଥିବା ଟଙ୍କା ସମେତ ଧାନ ଚାଉଳ ଲୁଗାପଟା ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଥିଲା। କ୍ଷତିଗ୍ରସ୍ତ ପରିବାରରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ମଧୁ ଗଣେଶ ପୂଜା



ସିମୁଳିଆ, ୧୨।୪(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ମାର୍କୋଣା ପଞ୍ଚାୟତ ନୂଆପଲ୍ଲୀ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମଧୁ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଏହି ଗ୍ରାମର ମହିଳା ମା’ମାନେ ସକାଳୁ କଳସ ବୁଡାଇ ଥିଲେ। ପଣ୍ଡିତ ବିଜୟକୁମାର ପଣ୍ଡା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଏହି ମଧୁ ଗଣେଶ ପୂଜା ଗୋଟିଏ ଦିନ ଚାଲିଥାଏ। ନୂଆପଲ୍ଲୀ ଉନ୍ନୟନ କମିଟିର ସମସ୍ତ ସଭ୍ୟସଭ୍ୟା ମାନେ ସହଯୋଗ କରିଥିଲେ।

# ଦୁର୍ଗନ୍ଧରେ ଅତିଷ୍ଠ ସିମୁଳିଆ ବଜାରବାସୀ

ବାଲିଆପାଳ, ୧୨।୪ (ସମିସ) :

ବାଲିଆପାଳ ବ୍ଲକର ସବୁଠୁ ବଡ ଓ ଚଳଚଞ୍ଚଳ ହେଉଛି ସିମୁଳିଆ ବଜାର। ସବୁଦିନେ ତଟକା ପନିପରିବା ସାଙ୍ଗକୁ ପୋଖରୀ ତଥା ସମୁଦ୍ର ମାଛ ବହୁତ କମ ଦାମରେ ମିଳେ ବୋଲି ଏଠାକୁ ବ୍ଲକ ତଥା ବ୍ଲକ ବାହାରୁ ଆସିଥାନ୍ତି ହଜାର ହଜାର ଗ୍ରାହକ। କିନ୍ତୁ ଏଠାରେ ଦୀର୍ଘ ବର୍ଷ ହେବ ଗୋଟିଏ ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ତାହା ହେଉଛି ଏଠାକାର ଦୁର୍ଗନ୍ଧମୟ ପରିବେଶ। ମାଛ ମାର୍କେଟର ଦକ୍ଷିଣ ପାର୍ଶ୍ୱରେ ଶ୍ରଦ୍ଧାପତି ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ଥିବାବେଳ ଉତ୍ତର ପଟେ ରହିଛି ମହାଛା ରାଧାଗୋବିନ୍ଦ ମଠ ଓ ଅନ୍ୟ ପାର୍ଶ୍ୱରେ ମୁଖ୍ୟ ବଜାର ରହିଛି। ପ୍ରତ୍ୟେହ ଏହିଠାରେ ଥିବା ମାଛ ମାର୍କେଟରେ କୁଇଣ୍ଟାଲ କୁଇଣ୍ଟାଲ ମାଛ ସାଙ୍ଗକୁ ମାଂସ କଟାଯାଏ। କିନ୍ତୁ ମାଛର ଆଇଁଷ ଏବଂ ସାତ ଆଠଟି କୁକୁଡ଼ା ଦୋକାନରୁ ବାହାରୁ ଥିବା ଛାଲ, ରକ୍ତ, ଅନ୍ୟାନ୍ୟ ବର୍ଜ୍ୟ ଜିନିଷ ସେହିଠାରେ ପଡ଼ି ପଡ଼ି ପଚିସଢ଼ି ପୋକ ସାଲୁବାଲୁଁ ହେଉଥିବାରୁ ଏପରି ଦୁର୍ଗନ୍ଧ ବାହାରି ଏ ଅଞ୍ଚଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହିତ ମନ୍ଦିର, ମଠର ଆଧ୍ୟାତ୍ମିକ ପରିବେଶକୁ ମଧ୍ୟ ନଷ୍ଟ କରୁଛି। ସବୁଦିନେ ଏଭଳି ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ବଜାରବାସୀ ଅତିଷ୍ଠ ହୋଇପଡ଼ିଲେଣି। ପଞ୍ଚାୟତ କିମ୍ବା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବା ବିଡମ୍ବନାର ବିଷୟ ବୋଲି ଗ୍ରାହକ ମାନେ ଆଲୋଚନା କରୁଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ବ୍ୟବସାୟୀ ତଥା ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।



## ସାଉଣ୍ଡ ମେସିନ ଚୋରି କରି ୩ ଗିରଫ



**ପାଟଣା,୧୨।୪ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଦୁର୍ଗାଦେଇପୁର ଗ୍ରାମର ମାନସ ବେହେରା (୩୦)ଙ୍କ ଘର ସାମ୍ନାରୁ ତାଙ୍କ ପିକଅପ ଗାଡିରେ ଲାଗିଥିବା ଦୁଇଟି ମାଇକ ସାଉଣ୍ଡ ମେସିନ ଚୋରି ହେଇଥିଲା। ଏ ନେଇ ସେ ପାଟଣା ଥାନାରେ ଅଭିଯୋଗ କରିଥିଲେ। ପାଟଣା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାର ତଦନ୍ତ ପରେ ଆଜି ପାଟଣା ପୁଲିସ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଦୁର୍ଗାଦେଇପୁର ଗ୍ରାମର ଚନ୍ଦ୍ର ଶେଖର ବାରଡ଼ିଆ(୩୫), ବଡ ପାଟଣା ଗ୍ରାମର ରଞ୍ଜନ କାରୁଆ (୩୦), ଟାଇଁସିରା ଗ୍ରାମର ଡାକ୍ତର କାରୁଆ (୨୫)। ଚୋରି ହୋଇଥିବା ଦୁଇଟି ମାଇକ ସାଉଣ୍ଡ ମେସିନ ଜବତ କରାଯାଇଥିବା ପାଟଣା ଥାନା ଅଧିକାରୀ ବିଭସ୍ୱ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ବନ୍ୟଜନ୍ତୁ ଶିକାର ବେଳେ ଜଣେ ଗିରଫ

**ତେଲକୋଇ,୧୨।୪(ସମିସ):** ବନ୍ୟଜନ୍ତୁ ଶିକାର ଅଭିଯୋଗରେ ତେଲକୋଇ ବନ ବିଭାଗ ଆଜି ଜଣେ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡ଼ିଛି। ଗିରଫ ଅଭିଯୁକ୍ତ ହେଲା ଦେଉଳ ଡିହା ପଞ୍ଚାୟତ କାଦପଡା ଗ୍ରାମର ତ୍ରିଲୋଚନ ନାୟକଙ୍କ ପୁଅ ନିରଞ୍ଜନ ନାୟକ (୩୭)। ଅଭିଯୁକ୍ତଙ୍କଠାରୁ ଗୁଳି ଭର୍ତ୍ତି ଥିବା ଏକ ଦେଶୀ ବନ୍ଧୁକ ଓ ଗୋଟିଏ ଟାଙ୍ଗିଆକୁ ବନ ବିଭାଗ ଜବତ କରିଛି। ଅଖଣ୍ଡ ଶିକାର କାର୍ଯ୍ୟକ୍ରମ ଅନୁଯାୟୀ ତେଲକୋଇ ବନାଞ୍ଚଳ ପକ୍ଷରୁ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବନ କର୍ମଚାରୀ ପାଟ୍ରୋଲିଂ ଜାରି ରହିଛି। ଗୁରୁବାର ବିଳମ୍ବିତ ରାତିରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ଙ୍କ ନେତୃତ୍ୱରେ ବନପାଳ ମଳୟ ଜେନା,ବନରକ୍ଷୀ ଅଜିତ ଦାସ ଙ୍କ ସମେତ ବନ୍ୟ ପ୍ରାଣୀ ସୁରକ୍ଷା ଟିମ୍ ସମାକୋଇ ଏବଂ ଦୋବଲା ପାଳ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ।କାଦପଡ଼ା ନିକଟସ୍ଥ ଦୋବଲା ପାଳ ସଂରକ୍ଷିତ ଜଙ୍ଗଲରେ ଅଭିଯୁକ୍ତକୁ କାବୁ କରିଥିଲେ। ଅଭିଯୁକ୍ତ ନିରଞ୍ଜନ କୁ ଶୁକ୍ରବାର ବନ ବିଭାଗ କୋର୍ଟ ଚାଲାଣ କରିଛି।

## ଆନନ୍ଦପୁର କପି ରାଇଟରଙ୍କ ପରଲୋକ

**ଆନନ୍ଦପୁର, ୧୨।୪(ସମିସ);** ଆନନ୍ଦପୁର ପୌରପାଳିକା ୬ନଂ ଓାର୍ଡ ରାଜପୁତ ସାହିର ବାସିନ୍ଦା ବିଦ୍ୟାଧର ରାମ(୭୮) ଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ରାମ ଆନନ୍ଦପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ କପି ରାଇଟର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଦୁଇଦିନ ପୂର୍ବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇପଡିବାରୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ତାଙ୍କର ପରଲୋକ ହୋଇଯାଇଛି। ଏହି ଦୁଃଖଦ ଘଟଣା ନେଇ ଆନନ୍ଦପୁରରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଆନନ୍ଦପୁର ଅଞ୍ଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ଆତ୍ମୀୟସ୍ୱଜନମାନେ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ରାମଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଯୌତୁକ ନିର୍ଯାତନା ମାମଲାରେ ୩ ଗିରଫ

**ଆନନ୍ଦପୁର, ୧୨।୪(ସମିସ):** ଆନନ୍ଦପୁର ଥାନା ଅନ୍ତର୍ଗତ ଗୟଳମୁଣ୍ଡା ଗ୍ରାମର ଏକ ଯୌତୁକଜନିତ ନିର୍ଯାତନା ମାମଲାରେ ଜଡିତ ଥିବା ତିନି ଜଣଙ୍କୁ ଆନନ୍ଦପୁର ପୁଲିସ ଆଜି ଗିରଫ କରିଛି। ଗତ ୨୦୨୦ ମସିହାରେ ଯୌତୁକ ନିର୍ଯାତନା ଦେଇ ଫେରାର ହୋଇଥିବା ଉକ୍ତ ଗ୍ରାମର ସୁଶାନ୍ତ ଦେହୁରୀ, ସରୋଜିନୀ ଦେହୁରୀ ଓ ହେମନ୍ତ ଦେହୁରୀ ଆଜି ଘରକୁ ଫେରିଥିବା ଖବର ପୁଲିସର ହସ୍ତଗତ ହୋଇଥିଲା। ଆନନ୍ଦପୁର ଥାନା ଏସଆଇ ଅଭିମନ୍ୟୁ ଦାସ ଅଚାନକ ଚଢଉ କରି ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

## ସିଆଡିମାଳିଆରୁ ଚୋରାକାଠ ଗାଡି ଜବତ



**ଆନନ୍ଦପୁର,୧୨।୪ (ସମିସ) :** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ସିଆଡିମାଳିଆ ଅଞ୍ଚଳରୁ ବନବିଭାଗ କର୍ମଚାରୀମାନେ ଏକ ଚୋରାକାଠ ବୋଝେଇ ଗାଡିକୁ ଜବତ କରିଥିବା ଜଣାଯାଇଛି। ସୋସୋ ଥାନା ଅନ୍ତର୍ଗତ ସିଆଡିମାଳିଆ ଗ୍ରାମ୍ୟ ରାସ୍ତାରେ ଯାଉଥିବା ଓଡି ୨୨ ୟୁ ୨୧୪୮ ଗାଡିରେ ଚୋରା କାଠ ବୋଝେଇ ହୋଇ ଯାଉଥିବା ଖବର ପାଇ ହଦଗଡ ବନଅଧିକାରୀ ମାର୍ଶାଲ କିସ୍କୁଙ୍କ ନେତୃତ୍ୱରେ ବନପାଳ ମଳୟ କୁମାର ସାହୁ, ବନକର୍ମଚାରୀ ଜ୍ୟୋସ୍ନାରାଣୀ ନାୟକ, ଜ୍ୟୋତିରଞ୍ଜନ ମାଝି ଗାଡିକୁ ପିଛା କରି କାବୁ କରିନେଇଥିଲେ। ଏହି ଗାଡିରେ ତେନ୍ତୁଳି କାଠ ଓ ବଳକନ୍ଦ କାଠ ଖଇରା ଥାନାର ରଟିଣା ଗ୍ରାମକୁ ଚାଲାଣ ହେଉଥିଲା। ଗାଡିକୁ ଜବତ କରିବା ପରେ ଗାଡିରେ ଥିବା ଖଇରା ଅଞ୍ଚଳର ସନନ୍ଦା ଗ୍ରାମର ଚିନ୍ମୟ କୁମାର ସାହୁଙ୍କୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

## ଘଟଗାଁ ତାରିଣୀଙ୍କ ୮୮ତମ ଚଇତି ପର୍ବ

# ସୁନା ବେଶରେ ଦର୍ଶନ ଦେଲେ ମା'

**କେନ୍ଦୁଝର/ଘଟଗାଁ,୧୨।୪(ସମିସ)**

କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ମା ଘଟଗାଁ ତାରିଣୀଙ୍କର ୮୮ ଚଇତି ପର୍ବ ଗତ ମଙ୍ଗଳବାର ଠାରୁ ଯଥା ବିଧି ଆରମ୍ଭ ହୋଇଛି।ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଶୁକ୍ରବାର ଚଇତି ପର୍ବର ଚତୁର୍ଥ ଦିନ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ଦର୍ଶନ କରି ମା'ଙ୍କର ଆଶୀଷ ଭିକ୍ଷା କରିଛନ୍ତି। ଶୁକ୍ରବାର ମା' ଙ୍କର ସୁନା ବେଶ ଦେଖିବାକୁ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଶୁକ୍ରବାର ଦିନବେଳେ ଢେଙ୍କାନାଳରୁ ଆସିଥିବା ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡ଼ା ଯୁବକ ସଂଘଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବାବେଳେ ଦ୍ୱିତୀୟପର୍ଯ୍ୟାୟରେ ମୁମ୍ବାଇର ସୌମ୍ୟା ଭଟ୍ଟାଚାର୍ଯ୍ୟ ଏବଂ ଗ୍ରୁପ ଦ୍ୱାରା କାର୍ଯ୍ୟକ୍ରମ, କେନ୍ଦୁଝରର ବିଶ୍ୱ ଦେବଶିଳ୍ପୀ କଣ୍ଢେଇ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେପଟେ ପାଲ ମଣ୍ଡପରେ କଟକର ଶ୍ରୀନିବାସ ଆଚାର୍ଯ୍ୟ ପାଲା ପରିବେଷଣ କରିଥିଲେ।କାର୍ଯ୍ୟକ୍ରମଙ୍କୁ ଡିଆଇ ଦକ୍ଷିଣେଶ୍ୱର ମାର୍ଣ୍ଡି, ଇନସପେକ୍ଟର ତ୍ରିଲୋଚନ ନାଏକ, ନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର ପରିଚାଳନା କରିଥିଲେ। ଚଇତି ପର୍ବ ଦିନ ମା' ତାରିଣୀଙ୍କ ଆବିର୍ଭାବ ହୋଇଥିଲା ବୋଲି କୁହାଯାଏ। ତେଣୁ ଏହି ଦିବସଠାରୁ ଚଇତି ପର୍ବ ବଡ ଧୁମଧାମରେ ପାଳିତ ହୋଇ ଆଜିଠାରୁ ବିଷୁବ ପଣା ସଂକ୍ରାନ୍ତି ଯାଏ ପାଳନ କରାଯାଇଥାଏ। ଏହି ପବିତ୍ର ଦିନରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଅଛି। ତେଣୁ ଏହି ଦିନରେ ମା'ଙ୍କ ଦର୍ଶନ ଲାଗି ଜିଲ୍ଲା, ରାଜ୍ୟ, ରାଜ୍ୟ ବାହାରରୁ ଦୁରଦୁରାନ୍ତରୁ ଭକ୍ତ ମାନଙ୍କର ସୁଅ ଘଟଗାଁ ମା ତାରିଣୀଙ୍କ ପୀଠକୁ ଛୁଟିଥାଏ। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବୀ ମା' ତାରିଣୀଙ୍କ ଘଟଗାଁ ପୀଠରେ ୧୯୩୭ ମସିହା ଆଜିର ଦିନରେ ପରିଚାଳନା କମିଟି ତରଫରୁ ଆରମ୍ଭ ହୋଇଥିଲା ଚଇତି ପର୍ବ। ପବିତ୍ର ବିଷୁବ ପଣା ସଂକ୍ରାନ୍ତି ଅବସରରେ ଦୀର୍ଘ ୮୮ ବର୍ଷ ହେଲା ଏହି ପର୍ବ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇ ଆସୁଛି। ମା' ତାରିଣୀଙ୍କ ସ୍ୱତନ୍ତ୍ର ବେଶ ଦେଖିବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କୁ ସୁଗମ ଦର୍ଶନ ନିମନ୍ତେ ଧାଡି ବ୍ୟବସ୍ଥା, ଗାଡିମୋଟର ଗୁଡିକୁ ଠିକରେ ରଖିବା ନିମନ୍ତେ ବ୍ୟାପକ ପାର୍କିଂ ବ୍ୟବସ୍ଥା, ମନ୍ଦିର ଭିତରେ ଶାନ୍ତି ଶୃଖଳା ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସମେତ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥି ସହିତ ଚଇତି ପର୍ବ ଅବସରରେ ଘଟଗାଁ ର ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହଯୋଗରେ ମାଗଣାରେ ୭ ଦିନ ଧରି ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି।



## ପଳାସପଙ୍ଗାରେ ବିଜେଡିର କର୍ମୀ ସମ୍ମିଳନୀ



**କେନ୍ଦୁଝର,୧୨।୪(ସମିସ):** ଶୁକ୍ରବାର ବିଜେଡି ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଦର ନିର୍ବାଚନ ମଣ୍ଡଳୀର ପଳାସପଙ୍ଗାଠାରେ ପ୍ରଥମ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇ ସାଂସଦ ଧନୁର୍ଜୟ ସିଦ୍ଧୁ ଏବଂ ବିଧାୟିକା ପ୍ରାର୍ଥୀ ମିନା ମାଝୀ ଭୋଟ ଭିକ୍ଷା କରିଛନ୍ତି। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ରଙ୍କ ଅଧକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟିକା ପ୍ରାର୍ଥୀ ମିନା ମାଝୀ, ଲୋକସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କ ପାଇଁ ଜିଲ୍ଲାର ବରିଷ୍ଠ ନେତାମାନେ କର୍ମୀଙ୍କୁ ଏକଜୁଟ ହୋଇ ଜିତାଇବା ପାଇଁ ସଂକଳ୍ପ ନେଇଥିଲେ। ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ଓ ନବୀନ ପଟ୍ଟନାୟକଙ୍କ ଆଦର୍ଶକୁ ପାଥେୟ କରି ଏହି ନିର୍ବାଚନ ମଇଦାନକୁ ଓହ୍ଲାଇ ଲୋକଙ୍କ ପାଖକୁ ଯିବେ ବୋଲି ବିଧାୟକ ପ୍ରାର୍ଥୀ ପ୍ରକାଶ କରିଛନ୍ତି। ଏହି କର୍ମୀ ସମ୍ମିଳନୀରେ ଜିଲ୍ଲାର ବରିଷ୍ଠ ନେତାଙ୍କ ସହ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧକ୍ଷ, ସଭ୍ୟଙ୍କ ସହ ବିଭିନ୍ନ ଅଞ୍ଚଳରୁ ବହୁ କର୍ମୀ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ସ୍ୱାମୀ ମୃତ; ସ୍ତ୍ରୀ ଗୁରୁତର

**ତୁରୁମୁଙ୍ଗା,୧୨।୪(ସମିସ) :** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ହାତିବାରୀ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଅଜଣା ଗାଡି ଧକ୍କାରେ ବାଇକ୍‌ରେ ଯାଉଥିବା ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଚିଲିଦା ଗ୍ରାମର ପ୍ରକାଶ ନାଏକ ଏବଂ ଗୁରୁତର ସ୍ତ୍ରୀ ସବିତା ନାଏକ। ଉଭୟ ବାଇକ ଯୋଗେ ଚେମେଣା ପଞ୍ଚାୟତରୁ ଚାଉଳ ଆଣି ତୁରୁମୁଙ୍ଗା ବଜାରକୁ ଆସି କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସ୍ୱାମୀ ପ୍ରକାଶ ନାଏକଙ୍କୁ ମୃତ ଘୋଷଣା କରିଛନ୍ତି। ଦୁର୍ଘଟଣା ପରେ ରାଜପଥରେ ଆଇରନ ବୋଝେଇ ଟ୍ରକ ଗୁଡିକ ବେଆଇନ ପାର୍କିଂ କରୁଥିବା ଯୋଗୁଁ ଦୁର୍ଘଟଣା ଘଟିଥିବା ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି।

## ସମାଜସେବୀଙ୍କ ପରଲୋକ

**ତୁରୁମୁଙ୍ଗା,୧୨।୪ (ସମିସ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଗ୍ରାମର ବରିଷ୍ଠ ସମାଜସେବୀ ଡକ୍ଟର ଉଜ୍ୱଳ କୁମାର ସାହୁଙ୍କ (୮୩)ର ଶୁକ୍ରବାର କେନ୍ଦୁଝର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶ୍ରୀ ସାହୁ ଶିକ୍ଷକ ଚାକିରୀରୁ ଅବସର ନେବାପରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡିତ ରହିବା ସହ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ। ଏଥିସହ ସେ ଜଣେ ସୁଲେଖକ,କବି ଏବଂ ହୋମିଓପ୍ୟାଥିକ ଡାକ୍ତର ଥିଲେ। ଲୋକଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରିବା ସହ ବୟସରେ ଅପରାହ୍ନରେ ନିଜକୁ ସମାଜ ସେବା ରେ ସମର୍ପିତ କରିଥିଲେ। ନିଜ ପେନସନ ଟଙ୍କାରେ ଅଞ୍ଚଳର ଗରିବଅସହାୟଲୋକ ଏବଂ ବୃଦ୍ଧ ବୃଦ୍ଧା ଙ୍କୁ ଖାଦ୍ୟ ବସ୍ତ୍ର ବଣ୍ଟନ କରି ବେଶ ଚର୍ଚ୍ଚାରେ ଥିଲେ। ଶୁକ୍ରବାର ଦିନ ୧୨ ଟା ସମୟ ରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ କେନ୍ଦୁଝର ମେଡିକାଲ ନେଇଥିଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିନ ଗୋଟାଏ ସମୟରେ ତାଙ୍କର ହୃଦଘାତ ରେ ପରୋଲକ ଘଟିଛି।ଶ୍ରୀ ସାହୁ ଙ୍କ ମୃତ୍ୟ ଖବର ପାଇ ଘରେ ରେ ଆତ୍ମୀୟ ସ୍ୱଜନଙ୍କ ଭିଡ଼ ଜମିଥିଲା।ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ, ବୋହୂ ଝିଅ, ଜ୍ୱାଇଁ ସମେତ ନାତି ନାତୁଣୀ ସମେତ ବିଧବା ପତ୍ନୀ କୁନି ସାହୁ ଉପସ୍ଥିତ ଥିଲେ। ତାଙ୍କ ମୃତଦେହକୁ ବିରାଟ ଶୋଭାଯାତ୍ରାରେ ନେଇ ପୂଣ୍ୟତୋୟା ବୈତରଣୀ ନଦୀରେ ସତ୍କାର କରାଯାଇଛି। ବଡ଼ପୁଅ ରଜତ କୁମାର ସାହୁ ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ମୃତ୍ୟୁରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷିକେଶ ନାଏକଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି।

## ରାମନବମୀ ନେଇ ବ୍ୟାପକ ପ୍ରସ୍ତୁତି, ରାଉରକେଲା ଡ଼ିଆଇଜିଙ୍କ ଯୋଡା ଗସ୍ତ

**ଯୋଡା,୧୨।୪(ସମିସ) :** ଯୋଡା-ବଡବିଲ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହିତ ରାମ ନବମୀ ପାଳନ ନିମନ୍ତେ ରାଉରକେଲା ଡିଆଇଜି ଯୋଡା ଗସ୍ତରେ ଆସି ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି।ଚଳିତ ମାସ ୧୭ ତାରିଖରେ ରାମ ନବମୀ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ ହେବ, ଏ ନେଇ ଯୋଡା ମାର୍କେଟସ୍ଥିତ ଶିବ ମନ୍ଦିରକୁ ଯାଇ ସେ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହିତ କେନ୍ଦୁଝର ଏସପି କୁଶଳ କର ନୀତିନ ଦାଗଡୁ, ଆଇପିଏସ୍ ରମେନ୍ଦ୍ର ପ୍ରସାଦ, ବଡ଼ବିଲ ଏସଡିପିଓ ପ୍ରିୟ ରଞ୍ଜନ ଛୋଟରାୟ, ଯୋଡା ଆଇଆଇସି ଲୋକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ କି, ଗତ ୨୦୨୨ ରେ ଯୋଡାରେ ଶ୍ରୀରାମ ନବମୀ ପାଳନ ଅବସରରେ ଯୋଡା ମାର୍କେଟ ସ୍ଥିତ ଶିବ ମନ୍ଦିରରେ ଶ୍ରୀ ରାମଙ୍କ ଝଣ୍ଡା ସ୍ଥାପନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବାଦବିବାଦ ଦେଖା ଦେଇଥିଲା। ତତ୍କାଳୀନ ଏସପି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ହନୁମାନ ଜୟନ୍ତୀ, ରାମ ନବମୀ ପ୍ରଭୃତି ପର୍ବ ଗୁଡିକରେ ଏ ଅଞ୍ଚଳ ଏକ ପ୍ରକାର ସମ୍ବେଦନଶୀଳ ହୋଇ ଉଠିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଗୁଆ ଭାବେ ସମସ୍ତ ପ୍ରକାର ସର୍ତକତାମୂଳକ ବ୍ୟବସ୍ଥା କରାଯାଉଛି। ସେହିପରି ଅଧିକାରୀମାନେ ବଡବିଲ ଥାନାରେ ଉଭୟ ଗୋଷ୍ଠୀକୁ ନେଇ ଏକ ବୈଠକ ଅନୁଷ୍ଠିତ କରିଥିଲେ। ଏଥିରେ ଶାନ୍ତି କମିଟିର ସଭାପତି ତାରାଚାନ୍ଦ ଶର୍ମା, ସମ୍ପାଦକ ଦେବପ୍ରସାଦ ମିଶ୍ର, ରାଜା ଗୁପ୍ତା, ପଦ୍ମଲୋଚନ ଦାସ, ଖୁର୍ସିଦ ଖାନ, ଏମଡି ହାଇଦର, ଏମଡି ଲାଦେନ, ରାଜୁ ଖାନ ପ୍ରମୁଖ ଉପସ୍ଥିତ ରହିଥିଲେ।



## କଣ୍ଟିପାଳରେ ପୁଲିସର ଫ୍ଲାଗମାର୍ଚ୍ଚ



**ଆନନ୍ଦପୁର,୧୨।୪ (ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପ୍ରାକ ନିର୍ବାଚନୀ ପ୍ରସ୍ତୁତି ଉପଲକ୍ଷେ ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆରପିଏଫ ପକ୍ଷରୁ ଫ୍ଲାଗମାର୍ଚ୍ଚର୍ ଆରମ୍ଭ ହୋଇଛି। କେନ୍ଦୁଝର ଏସପି ନୀତିନ କୁଶଳକର ଡାଗଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରା ,ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ, ବଞ୍ଜୋ ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ସିଆଇଏସଏଫ ଯବାନ ମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଏସଆଇ ଅଭିମନ୍ୟୁ ଦାସ, ଏଏସଆଇ ସୁରେନ୍ଦ୍ର ଗିରି, ଅଜିତ କୁମାର ବାନରା ଉପସ୍ଥିତ ରହି ପୁଲିସବାହିନୀକୁ ପରିଚାଳନା କରିଥିଲେ।

## ଶ୍ରୀଝାଡେଶ୍ୱର ପୀଠରେ ଦୁଇ ଦିନ ବଢିଲା ବାରୁଣୀ ମେଳା

**ଆନନ୍ଦପୁର, ୧୨।୪(ସମିସ):** କେନ୍ଦୁଝର ଜିଲା ଘସିପୁରାସ୍ଥିତ ଶ୍ରୀଝାଡେଶ୍ୱର ମହେଶଙ୍କ ପୀଠରେ ପ୍ରସିଦ୍ଧ ବାରୁଣୀ ମେଳା ଆଉ ଦୁଇ ଦିନ ଅର୍ଥାତ ୧୪ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଥିବା ପ୍ରଶାସନିକ ସୂତ୍ରରୁ ସୂଚନା ମିଳିଛି। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଜନସମାଗମକୁ ଦୃଷ୍ଟିରୁ ପରିଚାଳନା କମିଟି କର୍ମକର୍ତ୍ତା ଓ କମିଟି ସଦସ୍ୟ ଅଜୟ କୁମାର ସାହୁ, ରଘୁନାଥ ସାହୁ, ଦୀପକ ସାହୁ, ଚିନ୍ତାମଣି ସାହୁ, ପଙ୍କଜ ସାହୁ, ବିକାଶ ସାହୁ, ଅକ୍ଷୟ ସାହୁ, ପରେଶ ସେଠୀ, ପ୍ରଶାନ୍ତ ସାହୁ, ନିରଞ୍ଜନ ସାହୁ, ଚକ୍ରଧର ସାହୁ ଙ୍କ ଅନୁରୋଧକ୍ରମେ ଏପରି ନିଷ୍ପତ୍ତିନିଆଯାଇଥିବା ଆନନ୍ଦପୁର ଉପଜିଲାପାଳ ଫାଲଗୁନୀ ମାଝି ପ୍ରକାଶ କରିଛନ୍ତି। ଚଳିତବର୍ଷ ଏହି ବାରୁଣୀ ମେଳାରେ ଦିନକୁ ଦିନ ଜନଗହଳି ବଢୁଥିବାରୁ ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ଦୁଇଦିନ ମେଳା ବଢାଯାଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ମେଳାରେ ଦୁଇ ଶହରୁ ଅଧିକ ଷ୍ଟଲ ଲାଗିଥିବା ବେଳେ ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି, ମୀନାବଜାର ସାଙ୍ଗକୁ ଖାଦ୍ୟ ବଜାର ମଧ ପସରା ମେଲିଛି। ଏହି ମେଳାରେ ଯାଜପୁର, କୁଆଖିଆ, ଜାରକା, ଭଦ୍ରକ, କଟକ ସମେତ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀଙ୍କ ସମାଗମ ହୋଇଛି। ଆନନ୍ଦପୁର ଉପଜିଲାପାଳ ଫାଲଗୁନୀ ମାଝି ମେଳା ପରିଚାଳନା ସମ୍ପର୍କରେ ତଦାରଖ କରୁଥିବା ଜଣାଯାଇଛି। କୋଠ ତହସିଲଦାର ସୁଶାନ୍ତ କୁମାର ସାମଲ, ଏଆରଆଇ ମନୋଜ କୁମାର ସାହୁ, ଓ ପୁଲିସ ବାହିନୀ ମେଳା ପରିଚାଳନାରେ ସହଯୋଗ କରୁଥିବା ଜଣାଯାଇଛି।



## ଅନନ୍ୟା ଛାତ୍ରୀନିବାସରେ ଜଳସଙ୍କଟ

# ଧାରଣାରେ ବସିଲେ ବିଶ୍ୱବିଦ୍ୟାଳୟ ଛାତ୍ରୀ

**କେନ୍ଦୁଝର,୧୨।୪(ସମିସ):** ଧରଣୀଧର ବିଶ୍ୱବିଦ୍ୟାଳୟର ଅନନ୍ୟା ଛାତ୍ରୀ ନିବାସରେ ପାଣି ସମସ୍ୟାକୁ ନେଇ ଛାତ୍ରୀମାନେ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଗେଟ ସମ୍ମୁଖରେ ଧାରଣ ଦେଇଥିଲେ।ପାଣି ଟିକେ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ କରି ଅନନ୍ୟା ଛାତ୍ରୀ ନିବାସର ଛାତ୍ରୀମାନେ ଏହି ଆନ୍ଦୋଳନ କରିଥିଲେ। ଛାତ୍ରୀ ନିବାସରେ ଜଳ ସଙ୍କଟ ଯୋଗୁ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ବାଲଟି ,ବୋତଲ ଧରି ଧାରଣାରେ ବସିଥିଲେ ଛାତ୍ରିନିବାସର ଅନ୍ତେବାସୀ ମାନେ। ସେମାନଙ୍କର ଅଭିଯୋଗ ଅନୁସାରେ ଅନନ୍ୟା ଛାତ୍ରୀ ନିବାସ ରେ ଦୀର୍ଘଦିନ ହେଲା ପାଣିର ଘୋର ଅଭାବ ଥିବାନେଇ ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ଓ ରେଜିଷ୍ଟ୍ରରଙ୍କୁ ଜଣାଇ ଆସୁଥିଲେ ମଧ କୌଣସି ସୁଫଳ ନମିଳିବାରୁ ଏହି ଚରମ ପଦକ୍ଷେପ ନେବାକୁ ସେମାନେ ବାଧ ହେଇଛନ୍ତି। ଛାତ୍ରୀଙ୍କର ଆନ୍ଦୋଳନ ସମ୍ପର୍କରେ ଶୁଣିବା ପରେ ବିଶ୍ୱବିଦ୍ୟାଳୟର ଓଏସଡି ତଥା ଭାରପ୍ରାପ୍ତ କୁଳପତି ଆସି ବୁଝାଇ ଥିଲେ.।କିନ୍ତୁ ଛାତ୍ରୀ ମାନେ ନବୁଝି ପିଇବା ପାଣି ତ ଦୂରର କଥା ନିତ୍ୟକର୍ମ ପାଇଁ ତାଙ୍କ ପାଖରେ ପାଣି ପହଞ୍ଚି ପାରୁନଥିବା କହିଥିଲେ।ବିଶ୍ୱବିଦ୍ୟାଳୟର ଓଏସଡି ତଥା ଭାରପ୍ରାପ୍ତ କୁଳପତି ୱାଟକୋକୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବା ସହ ଶୀଘ୍ର ଏହାର ସ୍ଥାୟୀ ସମାଧାନର ବାଟ ବାହାର କରାଯିବ ବୋଲି ପ୍ରତିଶ୍ରୁତି ପରେ ଛାତ୍ରୀ ମାନେ ଧାରଣାରୁ ଓହରି ଥିଲେ।




## ସଡ଼କ ଦୁର୍ଘଟଣାରେ ମୃତ୍ୟୁମୁଖରୁ ବର୍ତ୍ତିଲେ ଦୁଇ ମହିଳା

**ଯୋଡା,୧୨।୪(ସମିସ) :** ରାସ୍ତାରେ ଯାଉଥିବା ୨ଜଣ ମହିଳଙ୍କ ଉପରକୁ ଏକ ବେପରୁଆ ଟ୍ରକ ଚଢିଯିବା ପରେ ମହିଳା ୨ଜଣ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ବଡ଼ବିଲ ସହର ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ନିକଟରେ ଗୁରୁବାର ଘଟିଥିବା ଏକ ଘଟଣା ଉପରୋକ୍ତ ଉକ୍ତିକୁ ପ୍ରମାଣିତ କରିଛି। ଏହି ଘଟଣାର ଭିଡିଓ ଏବେ ସାମ୍ନାକୁ ଆସିଛି, ଯାହା ଆଖିକୁ ବିଶ୍ୱାସ ନ ହେଲେ ମଧ ସତ। ମାତ୍ର କେଇ ସେକେଣ୍ଡ ମଧରେ ସିଧାସଳଖ ମୃତ୍ୟୁମୁଖରୁ ୨ ଜଣ ମହିଳା କିପରି ବଞ୍ଚିଯାଉଛନ୍ତି, ତାହା ସମସ୍ତଙ୍କୁ ଚକିତ କରିଛି। ଦୁଇଜଣ ମହିଳା ଶ୍ରମିକ ଏହି ରାସ୍ତା ଅତିକ୍ରମ କରୁଛନ୍ତି। ପରେ ହଠାତ୍ ରାସ୍ତାରେ ଯାଉଥିବା ଏକ ହାଇୱା ଟ୍ରକ୍ ଦ୍ରୁତ ଗତିରେ ସେମାନଙ୍କ ଉପରକୁ ମାଡ଼ିଯାଇ ପଳାଇ ଯାଉଛି। ଜଣେ ମହିଳା ବାମ ପଟକୁ ଛିଟିକି ପଡ଼ିଥିବା ବେଳେ, ଅନ୍ୟ ମହିଳାଜଣକ ଗାଡ଼ିର ଠିକ୍ ମଝିରେ ପଡ଼ିଯାଉଛନ୍ତି। ଗାଡ଼ିଟି ଚାଲିଗଲା ପରେ ଉଭୟ ରାସ୍ତାରୁ ଉଠି ଥର ଥର ହୋଇ ପରସ୍ପରକୁ ଦେଖି ବିଶ୍ୱାସ କରି ପାରୁନାହାନ୍ତି।ଯାହାକୁ ଭଗବାନଙ୍କ ଆଶୀର୍ବାଦ କହିଲେ ବେଧେ ଭୂଲ୍ ହେବନାହିଁ। ଏହି ଦୁଇ ମହିଳା ଶ୍ରମିକ ପାଖରେ ଥିବା ଏକ 'ଶୋ' ରୁମରେ ଝାଡୁ ପୋଛା କାମକରନ୍ତି। ଏମାନେ ହେଲେ, ଠାକୁରାଣୀ ଅଞ୍ଚଳର ଫୁଲମତି କେରକେଟା ଓ ଦାମୁ ହଟିଂ ର ମମତା ପାତ୍ର। ଫୁଲମତିଙ୍କ ଅଣ୍ଟା ପିଠି ଓ ପଞ୍ଜରାରେ ମାଡ଼ ହୋଇଥିଲା ବେଳେ, ମମତା ମଧ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଗୋଟିଏ ମୋବାଇଲ ଫୋନ ମଧ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ମହିଳା ଦ୍ୱୟ ଏବେ ଚିକିତ୍ସିତ ହେଉଛନ୍ତି। ସେପଟେ ଗାଡ଼ି ମାଲିକ ଏମାନଙ୍କୁ ମାତ୍ର ୧୦ ହଜାର ଟଙ୍କା ଧରାଇ ଦାୟିତ୍ୱ ସାରି ଦେଇଛନ୍ତି। ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ସେମାନଙ୍କୁ ଭଲ ଚିକିତ୍ସା ଯୋଗାଇ ଦେବା ସହିତ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଛି। ଏ ନେଇ ବଡ଼ବିଲ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ବେଳେ, ପୁଲିସ୍ ସିସିଟିଭି ଫୁଟେଜ ଆଧାରରେ ନିଜଆଡୁ କେଶ୍ ଦାଏର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।




# ରାଜନୈତିକ ଦଳଙ୍କ ପାଇଁ ହେଲିକପ୍ଟର ଅଭାବ

ଲୋକସଭା ନିର୍ବାଚନ ପାଇଁ ସାରା ଦେଶରେ ଜୋର୍‌ସୋର୍‌ରେ ପ୍ରଚାରପ୍ରସାର ଜାରି ରହିଛି। ରାଜନୈତିକ ଦଳଗୁଡିକ ଗାଁରୁ ସହର, ଦୁର୍ଗମ ପାହାଡିଆ ଅଞ୍ଚଳକୁ ଯାଇ ଲୋକଙ୍କୁ ନିଜ ଦଳ ସପକ୍ଷରେ ମତ ଦେବା ପାଇଁ ଅନୁରୋଧ କରୁଛନ୍ତି। ଏହି ସବୁ ସ୍ଥାନକୁ ଯିବା ପାଇଁ ଦଳଗୁଡିକ ହେଲିକପ୍ଟର ଏବଂ ଚାର୍ଟାର ବିମାନ ବୁକ୍ କରିବା ଆରମ୍ଭ କରିଦେଇଛନ୍ତି। ତେବେ ଦେଶରେ ଏଥିପାଇଁ ହେଲିକପ୍ଟର ଅଭାବ ଦେଖାଦେଇଛି। ଅନେକ ରାଜନୈତିକ ଦଳ ଥିବାବେଳେ ମାତ୍ର ୬୦ରୁ୭୦ ହେଲିକପ୍ଟର ରହିଛି।




ବୋଲି କୁହାଯାଉଛି।

ବିମାନ ଭଡ଼ା ନେବା ପାଇଁ ରାଜନୈତିକ ଦଳଗୁଡିକ ଖୁବ୍ ଟଙ୍କା ଖର୍ଚ୍ଚ କରୁଛନ୍ତି। ସୂଚନା ଅନୁଯାୟୀ ଅଧିକାଂଶ ହେଲିକପ୍ଟର ପୂର୍ବରୁ ବୁକିଂ ହୋଇସାରିଛି। ବିଜେପି ଏବଂ କଂଗ୍ରେସ ଭଳି ବଡ଼ ଦଳ ବହୁଳ ମାତ୍ରାରେ ହେଲିକପ୍ଟର ବ୍ୟବହାର କରୁଛନ୍ତି। ସିଙ୍ଗଲ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟରର ଭଡ଼ା ମିନିଟକୁ ପ୍ରାୟ ୧୫୦୦

## ପୂର୍ବରୁ ବିମାନ ବୁକିଂ କରିଦେଇଛି ବିଜେପି

ଗତ ବର୍ଷ ଅଗଷ୍ଟ ମାସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଲିକପ୍ଟର ଅଭାବ ପ୍ରସଙ୍ଗ ଉଠାଇ ଥିଲେ। ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ସବୁ ହେଲିକପ୍ଟର ବୁକିଂ କରିଦେଇଛି ବୋଲି ସେ ଅଭିଯୋଗ କରିଥିଲେ। ଏଥିପାଇଁ ଅନ୍ୟଦଳକୁ ହେଲିକପ୍ଟର ମିଳୁନାହିଁ। ବିଜେପି ଏହାକୁ କ୍ଷମତା ଏବଂ ଧନର ପ୍ରଦର୍ଶନ ଭାବେ ଦେଖୁଛି। ଏହି ଦଳ ଟଙ୍କା ଦେଇ ସବୁକିଛି କିଣା ଯାଇପାରିବ ବୋଲି ଭାବୁଥିବା ମମତା ଅଭିଯୋଗ କରିଥିଲେ।



## ଭାରତରେ ୨୫୪ ଚାର୍ଟାର ବିମାନ

ହେଲିକପ୍ଟର ଉଦ୍ୟୋଗ ପାଇଁ କାମ କରୁଥିବା ରୋଟାରି ୱିଙ୍ଗ ସୋସାଇଟି ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ ଭାରତରେ



ବର୍ତ୍ତମାନ ୨୫୪ ଚାର୍ଟାର ବିମାନ ରହିଛି। ଏଥିରୁ ୧୯୦ଟି ହେଲିକପ୍ଟରକୁ ସାର୍ବଜନୀନ କ୍ଷେତ୍ରରେ, ପ୍ରତିରକ୍ଷା ଅଭିଯାନ, କର୍ପୋରେଟ ଭେଞ୍ଚର୍ସ ଏବଂ ଅଫସୋର ମିଶନ ପାଇଁ ଆବଣ୍ଟନ କରିଦିଆଯାଇଛି। ଆଉ ବାକି ୬୦-୭୦ ହେଲିକପ୍ଟରକୁ ନିର୍ବାଚନ ପାଇଁ ଉପଲବ୍ଧ ରଖାଯାଇଛି। ଏହା ମଧ୍ୟରୁ ଅଧିକାଂଶ ହେଲିକପ୍ଟର ୬ ମାସ ତଳେ ବୁକିଂ ହୋଇ ଯାଇଥିଲା। ତେଣୁ ଏବେ ଆଉ ହେଲିକପ୍ଟର ମିଳୁନାହିଁ। ଏହି ଉଦ୍ୟୋଗ ସହ ଜଡ଼ିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତ ହେଲିକପ୍ଟର ଉଦ୍ୟୋଗର ପ୍ରମୁଖ ସଂସ୍ଥା ମଧ୍ୟରେ ପବନ ହଂସ, ଗ୍ଲୋବାଲ ଭେକ୍ଟ୍ରା, ହେଲିଗୋ ଚାର୍ଟର ଏବଂ ହେରିଟେଜ ଆଭିଏସନ ସାମିଲ ରହିଛି। ହେଲିକପ୍ଟର ଅଭାବ ଯୋଗୁଁ ରାଜନୈତିକ ଦଳ ଗୋଟିଏ ହେଲେ ବି ଭଡ଼ାରେ ପାଉନାହାନ୍ତି। ନିର୍ବାଚନରେ ଦ୍ୱୈତ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟରର ଚାହିଦା ଅଧିକ ରହିଛି। କାରଣ ଭିଭିଆଇପିମାନେ ଏହାକୁ ବହୁଳ ଭାବେ ବ୍ୟବହାର କରୁଛନ୍ତି। ଏହା ସ୍ୱାଭାବିକଠାରୁ ଢେର ଅଧିକ ସମୟ ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏହା ଦ୍ୱାରା ରାଜସ୍ୱ ବୃଦ୍ଧି ପାଇଥାଏ। ଚେନ୍ନଇରେ ପ୍ରାଇଭେଟ ଜେଟ୍‌ର ଭଡ଼ା ଘଣ୍ଟା ପ୍ରତି ୩.୪ ଲକ୍ଷ ଟଙ୍କାରୁ ୬.୪ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏକକ ଇଞ୍ଜିନ ବିଶିଷ୍ଟ ବିମାନର ଭଡ଼ା ଲକ୍ଷେ ଟଙ୍କାରୁ ଆରମ୍ଭ ହେଉଛି।

ଟଙ୍କା ରହିଛି। ସେହିପରି ୨ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟରର ମୂଲ୍ୟ ମିନିଟ ପ୍ରତି ୩ ହଜାର ଟଙ୍କା ରହିଛି। ଅଧିକାଂଶ ବୁକିଂ ରାଜଧାନୀ ଦିଲ୍ଲୀରେ ହୋଇଛି। ଭାରତରେ ଚାର୍ଟାର ବିମାନ ବ୍ୟବସାୟରେ ସମ୍ପୃକ୍ତ ଲୋକଙ୍କ ସୂଚନା ଅନୁଯାୟୀ ବ୍ୟକ୍ତିଗତ ବିମାନର ଚାହିଦା ଗତ ଦେଢ଼ ବର୍ଷ ହେଲା ସମାନ ରହିଛି। ଏଥିଯୋଗୁଁ ଏହାର ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ମାତ୍ର ଏବେ ବି ଦେଶରେ ବାଣିଜ୍ୟିକ ଏୟାରଲାଇନ ସେବା ମଜବୁତ ରହିଛି। ନିର୍ବାଚନ ମାହୋଲରେ ବଡ଼ ସହରକୁ ଯିବା ପାଇଁ ଲୋକେ ବାଣିଜ୍ୟିକ ଉଡ଼ାଣ ବ୍ୟବହାର କରୁଛନ୍ତି। ଏହି ସମୟରେ ସାଧାରଣ ଲୋକଙ୍କୁ ଭେଟିବାକୁ ମଧ୍ୟ ସୁଯୋଗ ମିଳୁଛି।

ଗତ ୬ ମାସରେ ହେଲିକପ୍ଟର ଭଡ଼ା ୧୫ ପ୍ରତିଶତ ବୃଦ୍ଧି ପାଇଛି। ଏବେ ଭାରତରେ ଚାର୍ଟାର ବିମାନର ଅଭାବ ଥିବାରୁ ଏହି ବୃଦ୍ଧି ଦେଖାଦେଇଛି। ଦେଶରେ ଦ୍ୱୈତ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟରର ଅଭାବ ରହିଛି। ଏଥିପାଇଁ ନିର୍ବାଚନ ଋତୁକୁ ନଜରରେ ରଖି ମୂଲ୍ୟ ଉପରେ ପ୍ରିମିୟମ ବଢ଼ାଇ ଦିଆଯାଇଛି।

## ଅନେକ ରାଜନୈତିକ ଦଳକୁ ମାତ୍ର ୭୦ ହେଲିକପ୍ଟର

ଏହାକୁ ଦେଖି କମ୍ପାନୀଗୁଡ଼ିକ ଭଡ଼ା ମଧ୍ୟ ବଢ଼ାଇ ଦେଇଛନ୍ତି। ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଲାଣି। ଏହାକୁ ଦେଖି ବିମାନ ପରିଚାଳନା କମ୍ପାନୀଗୁଡ଼ିକ ଭଡ଼ାରେ ବିଦେଶରୁ ବିମାନ ଆଣିବାକୁ ଯୋଜନା କରୁଛନ୍ତି। ଗତ ଲୋକସଭା ନିର୍ବାଚନରେ ବିମାନ ପାଇଁ ରାଜନୈତିକ ଦଳଗୁଡିକ ପ୍ରାୟ ୪୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଏହି ଦଳଗୁଡିକ ମଧ୍ୟରେ ବିଜେପି, କଂଗ୍ରେସ, ଟିଏମ୍‌ସି, ବିଏସ୍‌ପି, ଏସ୍‌ପି, ଏନ୍‌ସିପି ଆଦି ସାମିଲ ରହିଥିଲେ। ଚଳିତ ନିର୍ବାଚନରେ ଏହି ଖର୍ଚ୍ଚ ଅଧିକ ବୃଦ୍ଧି ପାଇବ

## କଂଗ୍ରେସ ଫୋକସ୍‌ରେ ୧୭୦ ଆସନ

ଖୁବଶୀଘ୍ର ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ହେବାକୁ ଯାଉଛି। କିନ୍ତୁ ସବୁଠାରୁ ପୁରୁଣା ଦଳ କଂଗ୍ରେସର ନିର୍ବାଚନ ପ୍ରଚାର ଏ ପର୍ଯ୍ୟନ୍ତ ଜୋର୍‌ସୋର୍‌ରେ ଆଗେଇ ପାରୁନାହିଁ। ତେବେ ଦଳ ପ୍ରଚାର ପାଇଁ ରଣନୀତି ପ୍ରସ୍ତୁତ କିରିସାରିଲାଣି। ଏହା ଶୀଘ୍ର ତୃଣମୂଳସ୍ତରରେ ଦେଖିବାକୁ ମିଳିବ। କଂଗ୍ରେସ ୧୭୦ ଆସନକୁ ପ୍ରାଧାନ୍ୟ ଦେଉଛି। ଏହି ସବୁ ଆସନରେ ବିଜୟୀ ହେବା ପାଇଁ ଦଳ ଲକ୍ଷ୍ୟ ରଖିଛି। ବିଜେପିର ପ୍ରତ୍ୟେକ କ୍ଷେତ୍ରରେ ଜବାବ ଦେବା ପାଇଁ କଂଗ୍ରେସ ରଣକୌଶଳ ପ୍ରସ୍ତୁତ କରିଛି। ଏଥିପାଇଁ ଏକ ଟିମ୍ ପ୍ରସ୍ତୁତ କରିଛି। ଏହି ଦଳ ତୃଣମୂଳସ୍ତରରେ ଦୃଷ୍ଟି ରଖି ରଣନୀତି ପ୍ରସ୍ତୁତ କରିବ। ଗତ ୨ଟି ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଏହି ଦଳ ସମ୍ପୂର୍ଣ୍ଣ ସାମର୍ଥ୍ୟର ସହ ମୈଦାନକୁ ଓହ୍ଲାଇବା ପାଇଁ ବଳ ଜୁଟାଇଛି।



### ୧୨୦ ଗାଁର ଭୋଟରଙ୍କ ପାଖକୁ ଯାଉନାହାନ୍ତି ପ୍ରାର୍ଥୀ

## ନେତାଙ୍କୁ ନ ଦେଖି ୭୫ ବର୍ଷ ହେଲା ଦେଉଛନ୍ତି ଭୋଟ

ଦେବଭୂମି ଉତ୍ତରାଖଣ୍ଡରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାକାର ଦୁର୍ଗମ, ପାହାଡ଼ିଆ ଅଞ୍ଚଳରେ ଅନେକ ଲୋକେ ବସବାସ କରୁଛନ୍ତି। ତେବେ ସ୍ୱାଧୀନତାର ୭୫ ବର୍ଷ ବିତିଯିବା ସତ୍ତ୍ୱେ ଏଠାକାର ପ୍ରାୟ ୧୨୦ ଖଣ୍ଡ ଗାଁକୁ ଏ ପର୍ଯ୍ୟନ୍ତ ନେତାଙ୍କ ପାଦ ପଡ଼ି ନାହିଁ। କେହି ଭୋଟ ମାଗିବାକୁ ଯାଉ ନାହାନ୍ତି। ସଂସଦୀୟ ପରମ୍ପରା ଆରମ୍ଭ ହେବା ଦିନଠାରୁ ଆଜି ସୁଦ୍ଧା ଲୋକେ ନେତାଙ୍କୁ ନ ଦେଖି ଭୋଟ ଦେଇ ଆସୁଛନ୍ତି। ଏହି ସବୁ ଗାଁକୁ ଯୋଗାଯୋଗ ସୁବିଧା ମଧ୍ୟ ନାହିଁ। ସାଂସଦ ପ୍ରାର୍ଥୀ ଗାଁକୁ ଆସୁ ନାହାନ୍ତି। ତେଣୁ ଲୋକେ କାହାକୁ ନିଜ ସମସ୍ୟା ବି କହିପାରୁନାହାନ୍ତି। ଏଭଳି ଏକ ଗ୍ରାମ ହେଉଛି ଜିନୋଲି। ବେତାଲଘାଟ ମଣ୍ଡଳର ଦୁର୍ଗମ ଅଞ୍ଚଳରେ ଏହି ଗାଁ ରହିଛି। ଏଠାକାର ଗ୍ରାମମୁଖ୍ୟ ଅନିତା ଦେବୀ କହିଛନ୍ତି ଯେ ଗ୍ରାମରେ ୩୦୦ ଭୋଟର ଅଛନ୍ତି। ଗାଁଠୁ ୫ କିମି ଦୂରରେ ମତଦାନ କେନ୍ଦ୍ର ରହିଛି। ଲୋକେ କର୍ମୀଙ୍କ ପୋଷ୍ଟର ଏବଂ ବ୍ୟାନର ଦେଖି ଆଜି ଯାଏଁ ଭୋଟ ଦେଇ ଆସିଛନ୍ତି। ସେହିପରି ଚୀନ୍ ସୀମାକୁ ଲାଗି ରହିଥିବା ବାଗେଶ୍ୱର ଜିଲ୍ଲାର କମସ୍ୟାର ଘାଟୀ ଅନ୍ତର୍ଗତ କପୂରୀ ଗ୍ରାମ ସମାନ ଅବସ୍ଥା ରହିଛି। ଏଠାକାର ଲୋକେ ଆଜି ପର୍ଯ୍ୟନ୍ତ ସାଂସଦଙ୍କୁ ଦେଖିନାହାନ୍ତି ବୋଲି ମୁଖିଆ ଧନ୍ୱନ୍ତରୀ ରାଠୋର କହିଛନ୍ତି। ଏଠାରେ ଅନେକ ସମସ୍ୟା ରହିଛି। କିନ୍ତୁ କିଛି ବି ସମସ୍ୟାର ସମାଧାନ ହୋଇ ନାହିଁ। ନେତା ଆସିଲେ ସିନା ଦୁଃଖ ଜଣାଇବୁ। କେହି ତ ଦର୍ଶନ ଦେବାକୁ ଆସୁନାହାନ୍ତି। ଲୋକେ ଭୋଟ ଦେଇଦେଲେ କଥା ସରୁଛି।

ଉତ୍ତରାଖଣ୍ଡରେ ଲୋକସଭାର ୫ ଆସନରେ ୧୯ ତାରିଖରେ ମତଦାନ ହେବାକୁ ଯାଉଛି। ନିର୍ବାଚନ



ପୂର୍ବରୁ ଏଭଳି ଦୁର୍ଗମ ଗାଁକୁ ନିର୍ବାଚନୀ ଅଧିକାରୀ ପହଞ୍ଚି ଯାଉଛନ୍ତି। ବିଦ୍ୟାଳୟରେ ଖାଦ୍ୟ ପ୍ରସ୍ତୁତ ହେଉଛି। କିନ୍ତୁ ଗାଁର କୌଣସି ବ୍ୟକ୍ତିଠାରୁ କିଛି ସହାୟତା ନ ନେବା ପାଇଁ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଉଛି। ୨୦୧୯ ଲୋକସଭା ନିର୍ବାଚନରେ ସାରା ଦେଶରେ ଏଭଳି ୫୦ ଆସନ ଥିଲା, ଯେଉଁଠି ୫୦ ପ୍ରତିଶତରୁ କମ୍ ମତଦାନ ହୋଇଥିଲା। ଏହି ତାଲିକାର ୨୩ ତମ ସ୍ଥାନରେ ଅଲମୋଡ଼ା ଏବଂ ୪୯ ତମ ସ୍ଥାନରେ ଗଢ଼ୱାଲ ରହିଥିଲା। ଚଳିତ ଥର ଭୋଟ ଦେବା ପାଇଁ ଲୋକଙ୍କୁ ପୋଷ୍ଟ କାର୍ଡ ଲେଖି ବଣ୍ଟା ଯାଉଛି ବୋଲି ଜିଲ୍ଲାଧିକାରୀ ଆଶୀଷ ଚୌହାନ କହିଛନ୍ତି।

ଉତ୍ତରାଖଣ୍ଡ ଏକ ପାହାଡ଼ିଆ ରାଜ୍ୟ ହୋଇଥିବାରୁ ଏଠାରେ ପ୍ରଚାର ପାଇଁ ଅତିବେଶୀରେ ୧୫-୨୦ ଦିନ ସମୟ ମିଳିଥାଏ। ତେବେ ପ୍ରତି ଲୋକସଭା କ୍ଷେତ୍ର ପ୍ରାୟ ୨୫୦ କିମି ଲମ୍ବା ହୋଇଥାଏ। ଏଭଳି ସ୍ଥିତିରେ ପ୍ରାର୍ଥୀ ଚାହିଁଲେ ବି ସବୁ ଗାଁକୁ ଯାଇ ପାରି ନ ଥାଆନ୍ତି। ଏଠାରେ ମତଦାନ ହାର ମଧ୍ୟ ରାଷ୍ଟ୍ରୀୟ ସ୍ତରରୁ କମ୍ ରହିଥାଏ।

### ଉଦ୍ଧମ୍‌ପୁରରେ ମୋଦୀଙ୍କ ପ୍ରତିଶ୍ରୁତି

## ରାଜ୍ୟ ମାନ୍ୟତା ଫେରିପାଇବ ଜମ୍ମୁ-କାଶ୍ମୀର

ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ଫେରିପାଇବ ଓ ଯଥାଶୀଘ୍ର ସମ୍ଭବ ବିଧାନସଭା ନିର୍ବାଚନ କରାଯିବ ବୋଲି ଆଜି ଏଠାରେ ବିଜେପିର ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଗତ ୬୦ବର୍ଷ ଧରି ଜମ୍ମୁ-କଶ୍ମୀର ଯେଉଁସବୁ ଜଟିଳ, ଦୁଃଖଦାୟୀ ସମସ୍ୟା, ବିପଦ ଓ ବିବାଦର ସମ୍ମୁଖୀନ ହେଉଛି ତାହାର ସୁସମାଧାନ ସେ ନିଶ୍ଚୟ କରିବେ, ଲୋକେ ତାଙ୍କ କଥାରେ ବିଶ୍ୱାସ ରଖନ୍ତୁ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଜମ୍ମୁ-କାଶ୍ମୀରବାସୀଙ୍କୁ ଅନୁରୋଧ କରିଛନ୍ତି। ରାଜନୈତିକ ଦଳଗୁଡ଼ିକୁ, ବିଶେଷକରି କଂଗ୍ରେସକୁ ଚ୍ୟାଲେଞ୍ଜ ଦେଇ ମୋଦୀ କହିଛନ୍ତି, ସମ୍ବିଧାନର ୩୭୦ ଧାରା ଯାହା ବିଜେପି ସରକାର ୪ବର୍ଷ ତଳେ ଉଚ୍ଛେଦ କରିଛନ୍ତି ତା'କୁ କେହି ପୁଣିଥରେ ଜମ୍ମୁ-କଶ୍ମୀରରେ ଲାଗୁ କରାଇ ପାରିବେ-ଏହା ସମ୍ଭବ ନୁହେଁ। ବହୁ ଦଶନ୍ଧି ପରେ ଏବେ ଜମ୍ମୁ-କଶ୍ମୀରରେ କୌଣସି ଆତଙ୍କବାଦୀ ହିଂସା ଓ ସୀମାପାର ଗୁଳିଗୋଳା ବର୍ଷଣ ନଥାଇ, ପଥର ଫୋପଡ଼ା ଭଳି ଦୁଷ୍କାମୀ ନଘଟି ନିଃଶଙ୍କ, ଶାନ୍ତିପୂର୍ଣ୍ଣ ବାତାବରଣରେ ନିର୍ବାଚନ ହୋଇପାରୁଛି, ଲୋକେ ନିର୍ଭୟରେ ଜୀବନଜୀବିକା ନିର୍ବାହ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଉଦ୍ଧାମପୁର ଲୋକସଭା ଆସନରେ ବିଜେପି ଜିତେନ୍ଦ୍ର ସିଂହଙ୍କୁ ପ୍ରାର୍ଥୀ କରିଛି। ସେ ଏହି ଆସନରୁ ଗତ ଦୁଇ ଟର୍ମ ଧରି ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୧୯ ନିର୍ବାଚନରେ ଜିତେନ୍ଦ୍ର ସିଂହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିକ୍ରମାଦିତ୍ୟ ସିଂହଙ୍କୁ ୩ଲକ୍ଷ ୫୩ହଜାର ୨୭୨ ଭୋଟର ବଡ଼ ବ୍ୟବଧାନ ହରାଇଥିଲେ। ବିକ୍ରମାଦିତ୍ୟ ହେଉଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମହାରାଜା ହରି ସିଂହଙ୍କ ପୌତ୍ର। ୨୦୧୯ ଲୋକସଭା ନିର୍ବାଚନରେ ଏହି ଆସରେ ଲଢ଼ିଥିବା କଂଗ୍ରେସ ପ୍ରାର୍ଥୀ ଚୌଧୁରୀ ଲାଲ ସିଂହ ମାତ୍ର ୧୯ହଜାର ୪୯ ଖଣ୍ଡ ଭୋଟ ପାଇଥିଲେ। ଏଥର ମଧ୍ୟ ଲାଲ ସିଂହ ଉଦ୍ଧାମପୁର ଆସନରୁ କଂଗ୍ରେସର ପ୍ରାର୍ଥୀ ଅଛନ୍ତି। ୨୦୧୪ ଲୋକସଭା ନିର୍ବାଚନରେ ଉଦ୍ଧାମପୁର ଆସନରେ ଜିତେନ୍ଦ୍ରଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ସେତେବେଳର କଂଗ୍ରେସ ପ୍ରାର୍ଥୀ ଗୁଲାମ ନବୀ ଆଜାଦ। ଆଜାଦଙ୍କୁ ଜିତେନ୍ଦ୍ର ୬୦ହଜାର ୯୭୬ ଭୋଟ ବ୍ୟବଧାନରେ ହରାଇଥିଲେ। ଜିତେନ୍ଦ୍ର ଏଥର ଲଗାତାର ତୃତୀୟ ଥର ଜିତିବା ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କୁ ଜିତାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଉଦ୍ଧାମପୁର ଲୋକସଭା ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ନିବେଦନ କରିଛନ୍ତି। ଉଦ୍ଧାମପୁରରେ ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ମତଦାନ ହେବ।



### ରାହୁଲ-ଲାଲୁଙ୍କୁ କଟାକ୍ଷ

## ଶ୍ରାବଣ ଓ ନବରାତ୍ରିରେ ଖାଉଛନ୍ତି ମଟନ୍

ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ନେତା ଲାଲୁପ୍ରସାଦ ଯାଦବଙ୍କୁ କଟାକ୍ଷ କରି 'ଶାୱନ୍ ମେଁ ମଟନ୍' ବ୍ୟଙ୍ଗୋକ୍ତି ଦେଇଛନ୍ତି। ଗତବର୍ଷ ସେପ୍ଟେମ୍ବର ମାସରେ ଭାଇରଲ୍ ହୋଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଥିଲା ଯେ ପବିତ୍ର ଶ୍ରାବଣ ମାସରେ ଉଭୟ ରାହୁଲ ଗାନ୍ଧୀ ଓ ଲାଲୁ ଯାଦବ ମିଶି ମାଂସ ରାନ୍ଧି ଖାଇଛନ୍ତି। ସେହି ଭିଡିଓକୁ ମନେପକାଇ ମୋଦୀ କହିଛନ୍ତି, ଏମାନଙ୍କ ରୁଗଣ, ବିକୃତ ମାନସିକତାକୁ ବୁଝନ୍ତୁ। ଦେଶରେ ସଂଖ୍ୟାଗରିଷ୍ଠ ହିନ୍ଦୁଙ୍କୁ ପସନ୍ଦ ହେଉ ନଥିବା, ଠିକ୍ ଲାଗୁ ନଥବା କାର୍ଯ୍ୟ (ଶ୍ରାବଣ ଏବଂ ନବରାତ୍ରିରେ ମାଂସ ରନ୍ଧନ ଓ ଭକ୍ଷଣ) କରିବେ ଓ ଚିଡ଼ାଇବା ଉଦ୍ଦେଶ୍ୟ ରଖି ତାହାର ଭିଡିଓ ସାମାଜିକ ମାଧ୍ୟମରେ ପୋଷ୍ଟ ମଧ୍ୟ କରିବେ। ଏଥିରୁ ଜଣାପଡୁଛି, ହିନ୍ଦୁଙ୍କ ଭାବପ୍ରବଣତା ଓ ଧର୍ମୀୟ ଆଚାରବିଚାର ପ୍ରତି ଏମାନେ ଭ୍ରୁକ୍ଷେପ ନକରି ଅବଜ୍ଞା କରୁଛନ୍ତି, ଓଲଟା ଲୋକଙ୍କ ଧର୍ମଭାବନା ସହ ଖେଳିବା ଭଳି ଦୁଷ୍କାମୀ, ଦୁର୍ବୁଦ୍ଧି ଓ ଔଦ୍ଧତ୍ୟ ପ୍ରଦର୍ଶନ କରୁଛନ୍ତି। ବିଦେଶାଗତ ମୋଗଲମାନେ ଏଭଳି ଅପକର୍ମ କରୁଥିଲେ, ହିନ୍ଦୁଙ୍କ ମନ୍ଦିର ଭାଙ୍ଗି ଲାଞ୍ଛନା ଦେଉଥିଲେ, ଭାରତୀୟଙ୍କୁ ଉପହାସ କରୁଥିଲେ।








# ରାଜଧାନୀର ୭୬ ତମ ପ୍ରତିଷ୍ଠା ଦିବସ

ଐତିହ୍ୟ ଓ କୀର୍ତ୍ତିରାଜିର ସହର ତଥା ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଜି ପାଳୁଛି ତା'ର ୭୬ ତମ ପ୍ରତିଷ୍ଠା ଦିବସ । ସମୟ ସହିତ ତାଳଦେଇ ବୃଦ୍ଧି ପାଇଛି ଭୁବନେଶ୍ୱରର କଳେବର । ରାଜଧାନୀର ଜନସଂଖ୍ୟା ବୃଦ୍ଧି ସହ ବିକାଶ ମଧ୍ୟ ଆଗେଇ ଚାଲିଛି । ଖାସ୍ ସେଥିପାଇଁ ଇତିମଧ୍ୟରେ ଦେଶର ଏକ ନମ୍ବର ସ୍ମାର୍ଟସିଟି ମାନ୍ୟତା ପାଇବା ସହ ଦ୍ୱିତୀୟ ବାସୋପଯୋଗୀ ସହର ଭାବେ ଏହା ଖ୍ୟାତି ଲାଭ କରି ପ୍ରତ୍ୟେକ ଓଡ଼ିଆଙ୍କୁ ଗର୍ବିତ କରିଛି । ଆଇଆଇଟି ଭଳି ସର୍ବଭାରତୀୟ ସ୍ତରର ଶିକ୍ଷାନୁଷ୍ଠାନ ସହ ନାଇଜର, ବିପିୟୁଟି, ଓୟୁଟି ଭଳି ଏକାଧିକ ବିଶ୍ୱବିଦ୍ୟାଳୟ ଗଢ଼ି ଉଠିବା ପରେ ଏହା ଭାରତର ପୂର୍ବାଞ୍ଚଳର ଏଜୁକେସନାଲ୍ ହବ୍ ହୋଇଯାଇଛି । ପୁରୁଷ ହକି ବିଶ୍ୱକପ୍, ଏସିଆନ୍ ଆଥ୍‌ଲେଟିକ ଗେମ୍ ଭଳି ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀ ପାଲଟିବା ସହ ବିଶ୍ୱ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ପ୍ରତିଦିନ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଟାଣିଆଣେ ଏକାମ୍ର କ୍ଷେତ୍ର । ବୌଦ୍ଧ, ଜୈନ, ମହିମା, ଶାକ୍ତ ଆଦି ସମସ୍ତ ଧର୍ମର ସମନ୍ୱୟ ପୀଠ ଭାବେ ଏହା ମର୍ଯ୍ୟାଦା ଲାଭ କରିଛି । ଭୁବନେଶ୍ୱରର ଛାତି ଉପରେ ବିଭିନ୍ନ କାଳର ପ୍ରାୟ ୬୦୦ ମନ୍ଦିର ଦଣ୍ଡାୟମାନ । ଏକାମ୍ର କ୍ଷେତ୍ରର ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଆଦି ଦେଶ ବିଦେଶରେ ପରିଚିତ । ସେହିଭଳି ପୁରୀ, କୋଣାର୍କ ଓ ଭୁବନେଶ୍ୱରକୁ ସ୍ୱର୍ଣ୍ଣ ତ୍ରିଭୁଜ ବୋଲି କୁହାଯାଏ । ମନ୍ଦିର ମାଳିନୀ ଭୁବନେଶ୍ୱରର ଇତିହାସ ୩ହଜାର ବର୍ଷ ପୁରୁଣା । ତେବେ ଆଧୁନିକ ଭୁବନେଶ୍ୱରର ଜନ୍ମ ୧୩ ଏପ୍ରିଲ୍ ୧୯୪୮ ମସିହାରେ । ଏହି ଦିନରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଓଡ଼ିଶାର ନୂଆ ରାଜଧାନୀ ଭାବେ ଏହାର ଶିଳାନ୍ୟାସ କରିଥିଲେ । ପ୍ରସିଦ୍ଧ ଜର୍ମାନ୍ ସ୍ଥପତି ଓଟୋ କନିଗ୍ସବର୍ଗର ରାଜଧାନୀ ଭୁବନେଶ୍ୱରର ନକ୍ସା ପ୍ରସ୍ତୁତ କରିଥିଲେ । ପ୍ରାଥମିକ ସ୍ତରରେ ୧୬.୪୮ ବର୍ଗ କିଲୋମିଟର ଅଞ୍ଚଳରେ ମାତ୍ର ଚାଳିଶ ହଜାର ଲୋକଙ୍କ ବସବାସ ଲାଗି ନୂଆ ରାଜଧାନୀର ନକ୍ସା ତିଆରି ହୋଇଥିଲା । ମୋଟ୍ ବସତି ଅଞ୍ଚଳକୁ ଛଅଟି ୟୁନିଟ୍ ଏବଂ ପନ୍ଦର ଶହ କୋଠାବାଡ଼ି ନିର୍ମାଣ ପାଇଁ ଯୋଜନା କରାଯାଇଥିଲା ।

ପ୍ରଥମେ ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ରାଜ୍ୟରେ ନୂଆ ରାଜଧାନୀ ପ୍ରତିଷ୍ଠା ନେଇ ତତ୍ପରତା ପ୍ରକାଶ ପାଇଥିଲା । ପରେ ଡକ୍ଟର ହରେକୃଷ୍ଣ ମହତାବ ଭୁବନେଶ୍ୱରରେ ରାଜଧାନୀ ପାଇଁ ପ୍ରସ୍ତାବ ଦେଇଥିଲେ । ପ୍ରସ୍ତାବଟି ପ୍ରଥମେ ତାଙ୍କ ମନ୍ତ୍ରିମଣ୍ଡଳରେ ଏବଂ ପରେ ରାଜ୍ୟ ବିଧାସଭାରେ ସର୍ବସମ୍ମତି କ୍ରମେ ଗୃହୀତ ହେବା ପରେ ଏହା କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଥିଲା ।



# ସନ୍ଦୀପଙ୍କ ମନ; ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କ ବାୟୋପିକ୍ ନିର୍ମାଣ



ସନ୍ଦୀପ ରେଡ୍ଡି ଭାଙ୍ଗା ଏବେ ବଲିଉଡ୍‌ର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାଉଛନ୍ତି । ଯଦିଓ ଏବେ କିଛି ଲୋକ 'ଆନିମଲ୍' ପାଇଁ ତାଙ୍କୁ ଟାର୍ଗେଟ୍ କରୁଛନ୍ତି, କିନ୍ତୁ ତାଙ୍କର ପ୍ରତ୍ୟେକଟି ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଛି । ସେ 'ଅର୍ଜୁନ୍ ରେଡ୍ଡି', 'କବୀର ସିଂହ' ଓ 'ଆନିମଲ୍' ତିନୋଟି ବ୍ଲକବଷ୍ଟର୍ ଫିଲ୍ମ ଦେଇଛନ୍ତି । ତେବେ ସନ୍ଦୀପ ଏଯାଏଁ କୌଣସି ବାୟୋପିକ୍ ଫିଲ୍ମ ନିର୍ମାଣ କରିନାହାନ୍ତି । ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସେ ମାଇକେଲ୍ ଜ୍ୟାକସନ୍‌ଙ୍କ ବାୟୋପିକ୍ ନିର୍ମାଣ ପାଇଁ ଇଚ୍ଛୁକ ଥିବା କଥା କହିଛନ୍ତି । ସେ କହିଛନ୍ତି ଯେ, ଯଦି ମାଇକେଲଙ୍କ ଚରିତ୍ରକୁ ସଫଳ ଭାବେ ରୂପାୟନ କରିପାରୁଥିବା କଳାକାର ମୋତେ ମିଳିଯାନ୍ତି ତେବେ ମୁଁ ହଲିଉଡ୍ ସହ ଯୋଗାଯୋଗ କରି ଏହି ଫିଲ୍ମକୁ ଇଂରାଜୀରେ ନିର୍ମାଣ କରିବି । ତାଙ୍କ ଉପରେ ଫିଲ୍ମ ନିର୍ମାଣ ପାଇଁ ମୋର ସ୍ୱପ୍ନ ରହିଛି । ଯଦି ଏହି ଫିଲ୍ମ ନିର୍ମାଣ ହୁଏ ପ୍ରତ୍ୟେକ ଲୋକ ଟିକେଟ୍ କିଣି ଏହାକୁ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ । ଯଦି ଅନ୍ୟ କେହି ଏହି ଫିଲ୍ମ ନିର୍ମାଣ କରୁଛନ୍ତି ମୁଁ ନିଶ୍ଚୟ ଟିକଟ କିଣି ଏହାକୁ ଦେଖିବାକୁ ପସନ୍ଦ କରିବି ।'



ସନ୍ଦୀପଙ୍କ ସହ ଏବେ କାମ କରିବା ପାଇଁ ଉଭୟ ସାଉଥ୍ ଓ ବଲିଉଡ୍ ଇଣ୍ଡଷ୍ଟ୍ରୀର କଳାକାରମାନେ ଆଗ୍ରହ ଦେଖାଉଛନ୍ତି । ଏବେ ସେ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ୍'ର ପ୍ରିପ୍ରଡକ୍ସନ୍ କାମରେ ବ୍ୟସ୍ତ ଅଛନ୍ତି । ଆଉ କିଛିଦିନ ପରେ ସେ ଏହାର ସୁଟିଂ ଆରମ୍ଭ କରିବେ । ଏହି ଫିଲ୍ମ ଓପନିଂ ଡେ'ରେ ୧୫୦ କୋଟିରୁ ଅଧିକ ଆୟ କରିବ ବୋଲି ଚଳଚ୍ଚିତ୍ର ସମୀକ୍ଷକମାନେ ଅନୁମାନ ଲଗାଉଛନ୍ତି ।

## ଆଜିର ଇତିହାସ

- ୧୯୧୯-ଜେନେରାଲ ଡାୟାର ଅମୃତସରର ଜାଲିଆନାୱାଲାବାଗରେ ନିରୀହ ଜନତା ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ ।
- ୧୯୪୧- ସୋଭିଏତ୍ ସଂଘ ଓ ଜାପାନ ମଧ୍ୟରେ ଶାନ୍ତି ବୁଝାମଣା ।
- ୨୦୦୦- ଲାରା ଦତ୍ତା ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ ।
- ୨୦୦୫- ବିଶ୍ୱନାଥନ୍ ଆନନ୍ଦ ଚତୁର୍ଥ ଥର 'ବିଶ୍ୱ ଚେସ୍ ଚାମ୍ପିଅନ' ହେଲେ ।

# ଦି ଦିନର କଥା

ହାଟ ମଝିରେ ବ୍ରହ୍ମଜ୍ଞାନ

### ପ୍ରଥମ ଦିନ

ଆମେ ପତିପତ୍ନୀ ଏବେ ଦିନେ ଲସି ପିଇବାକୁ ଯାଇଥିଲୁ । ଲସି ଦୋକାନରେ ଦେଖା ହୋଇଗଲା କୁରୁପା ।

କୁରୁପା ଆମ ସାହିରେ ପ୍ରାୟ ସାତ/ଆଠ ବର୍ଷ ରହିଚି । ତା' ସହ ଆମ ପାରିବାରିକ ସମ୍ପର୍କ ଖୁବ୍ ଭଲ । ଘରକୁ ଯିବା ଆସିବା ଥିଲା । କୁରୁପାର ସ୍ତ୍ରୀ ଶ୍ରୀୟା ସାଙ୍ଗରେ ଆମ୍ଭ ପତ୍ନୀଙ୍କ ସମ୍ପର୍କ ଖୁବ୍ ଭଲ ।

କୁରୁପାକୁ ଦେଖିବାକ୍ଷଣି ଆମ୍ଭ ପତ୍ନୀ ଆରମ୍ଭ କରିଦେଲେ- ତମ ସାଙ୍ଗେ ଯାହାହେଉ ଦେଖା ହେଇଗଲା । ଶ୍ରୀୟାକୁ ବହୁତଦିନ ହେଲା ଦେଖିନି । ଆମ ସାଙ୍ଗେ ଭାରି ଭାବ ଦିଆନିଆ ତା'ର । ମୁଁ ତାକୁ କେବେ ଭୁଲି ପାରିବିନି । ପତ୍ନୀଙ୍କ ସହ ତାଳ ଦେଇ ମୁଁ ବି ଶ୍ରୀୟାର ପ୍ରଶଂସାରେ କହିଲି- ଭାରି ଭଲ ଝିଅଟିଏ । ତା'ଭଳି ଝିଅ ଭାଗ୍ୟରେ ଥିଲେ ମିଳେ । ତମେ ସତରେ ଖୁବ୍ ଭାଗ୍ୟବାନ କୁରୁପା ।

ଟିକିଏ ଦୂରରେ ଠିଆହେଇ ଲସି ପିଉଥିବା ଆଉ ଗୋଟିଏ ଝିଅ ଆମ ପାଖେ ଥିବା ଡଷ୍ଟବିନ୍‌ରେ ଗିଲାସଟେ ଆଣି ଥୋଇଲା । କୁରୁପା ସେଇ ଝିଅକୁ ଡାକି -କହିଲା ସୋନାଲି! ଇଏ ଜ୍ଞାନଭାଇ ଆଉ ଭାଉଜ । ଆମେ ପାଖାପାଖି ଘରେ ରହୁଥିଲୁ ।

ସୋନାଲିର ପରିଚୟ ପଚାରିବାରୁ କୁରୁପା ଶ୍ରୀୟାକୁ ଛାଡ଼ପତ୍ର ଓ ସୋନାଲି ସହ ବିବାହ ଘଟଣା ଅତି ସଂକ୍ଷେପରେ କହିଦେଲା । ଆମେ କେବଳ ଦି' ଜଣଙ୍କ ମୁହଁକୁ ଚାହିଁ ରହିଗଲୁ ।

### ଦ୍ୱିତୀୟ ଦିନ

ସକାଳୁ ପୁରିଆ ଦୋକାନକୁ ମୁଁ ବେଳେବେଳେ ଯାଏ । ଗତକାଲି ଯାଇଥିଲି ଚା' ପିଇବାକୁ । ଚା' ଦୋକାନରେ ଏବେ ରାଜନୀତିର ଉଷ୍ମତା ଚା' ଠାରୁ ବି ବେଶୀ । ଚାରି ପାଞ୍ଚଜଣ ବସି ଦୁଇ/ତିନି କପ୍ ଚା' ପିଇ ରାଜନୀତି ଚର୍ଚ୍ଚା ଜମେଇ ଦେଇଥାନ୍ତି । ଏଇଠି ଦେଖା ହେଲେ ଦୀପୁ ଆଉ ତା'ର ତିନି/ଚାରି ଦଳୀୟ କର୍ମୀ ।

ମୁଁ ନେତା ଭାବରେ ଦୀପୁର ପ୍ରଶଂସା କଲି । ତା' ଦଳର ପ୍ରଶଂସା କଲି । କହିଲି – ତମ ଅମୁକ ଦଳ (ଦଳର ନାଁ ଟି ଭୟରେ ଉଲ୍ଲେଖ କରୁନାହିଁ) ଯାହା କାମ କରିଚି, କିଏ କରିଥିଲା କହିଲ? ଏ ଚଉଡ଼ା ରାସ୍ତା, ଏ ପାର୍କ, ଏ ମନ୍ଦିର ତ ସବୁ ଅମୁକ ଦଳର ଅବଦାନ । ଅମୁକ ଚିହ୍ନ ଛଡ଼ା ଏଥର ଲୋକମାନେ ଆଉ କାହାକୁ ଭୋଟ ଦେବେ ଯେ!

ଚାରିଜଣ କିଛି ନ କହି ଚୁପ୍‌ଚାପ୍ ମତେ ଶୁଣୁଥା'ନ୍ତି । ଦୀପୁର ଗୋଟାଏ ସାଙ୍ଗ ମତେ କେମିତି ଗାଢ଼େଇ ଚାହୁଁଥାଏ । ମୋ' କଥା ସରିଲା ବେଳକୁ ହଠାତ୍ ଉଠି ଚାଲି ଯାଉଥାଏ । ଏଣେ ବୁଲିପଡ଼ି ମତେ କହୁଥାଏ- ଭାରି ଛିଗୁଲେଇ କଥା କହୁଚ । ମୁଣ୍ଡରେ ତ କେରାଏ ବାଳ ନାହିଁ । ଅବସ୍ଥା କ'ଣ ହେବ ତମର ଜାଣିପାରୁନ ।

ମୁଁ କିଛି ବୁଝିପାରୁ ନ ଥାଏ । ସେମାନେ ଗଲା ପରେ ଦୋକାନୀ ପୁରିଆ ମତେ କହିଲା- ଏମାନେ କ'ଣ ଆଉ ସେ ଦଳରେ ଅଛନ୍ତି? ସେମାନେ ପା ଦଳ ବଦଳେଇ ଦେଇଛନ୍ତି ।

* * *

ଉପରୋକ୍ତ ଦୁଇଟି ଘଟଣାରୁ ଏତିକି ବୁଝିଲି ଯେ, ଆଜିକାଲି ଯଦି କାହାକୁ ପତି ଆଉ ପତ୍ନୀର କଥା କହୁଚ । ସତର୍କ ରୁହ । ଆଗରୁ ଖବର ସଂଗ୍ରହ କରୁଥାଅ । କିଏ କେବେ ଛାଡ଼ପତ୍ର ଦେଉଛନ୍ତି ଆଉ ବିବାହ କରୁଛନ୍ତି, କହି ହେବନି ।

ସେହିଭଳି କାହାକୁ ଯଦି ତା' ଦଳ ବା ଚିହ୍ନ ସମ୍ପର୍କରେ ଭଲ ଟିପ୍ପଣୀ ବି ଦେଉଚ, ସତର୍କ ଥାଅ । ନିଇତି ଖବରକାଗଜ ପଢ଼, ଟିଭି ଦେଖ । ଅନ୍ୟଥା ତା' ଦଳ ତ୍ୟାଗ ଓ ଦଳବଦଳ କଥା କହି ହେବନି ।

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଭଲରେ କଟିବ । ଦିନଟିରେ ଚିନ୍ତାଗ୍ରସ୍ତ ରହିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**ବୃଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇ ପାରନ୍ତି । ଧାର୍ମିକ ସମାବେଶରେ ଯୋଗଦେଇପାରନ୍ତି । ମନକୁ ଶାନ୍ତି ମିଳିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଦୀର୍ଘ ଦିନରୁ ଅଟକି ଥିବା କାମ ପୂରା ହେବ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ ।

**କର୍କଟ:** ବ୍ୟବସାୟରେ ଲାଭ ମିଳିବ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ଅପେକ୍ଷା କରିଥିବା ଦିଗରୁ ଧନ ମିଳିବ । ପାରିବାରିକ ବାଦବିବାଦର ସମାଧାନ ହେବ । ବ୍ୟବସାୟରେ ସଫଳତା ମିଳିବ ।

**ତୁଳା:** ଭାବିଚିନ୍ତି ସମସ୍ତ କାମ କରନ୍ତୁ । ବ୍ୟବସାୟ ପାଇଁ ଦିନଟି ବହୁତ ଭଲ । ନୂତନ ଜମି କ୍ରୟ କରିପାରନ୍ତି । ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ପାରିବାରିକ ବିବାଦରୁ ଦୂରେଇ ରହିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛାପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନର ସମସ୍ୟା ସମାଧାନ ହେବ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ ।

# ସୁମନ

## ସକାଳ ଶିଶୁ କୁଇଜ୍-୧୧୪

(୧) ବିଶ୍ୱ ଥିଏଟର୍ ଦିବସ କେବେ ପାଳନ କରାଯାଏ?
ଉତ୍ତର : ______

(୨) ସତ୍ୟବାଦୀ ବନବିଦ୍ୟାଳୟ କିଏ ପ୍ରତିଷ୍ଠା କରିଥିଲେ?
ଉତ୍ତର : ______

(୩) ଓଡ଼ିଶାର କେଉଁ ସ୍ଥାନ କଂସାବାସନ ପାଇଁ ପ୍ରସିଦ୍ଧ?
ଉତ୍ତର : ______

(୪) ବାୟୁମଣ୍ଡଳର କେଉଁ ସ୍ତର ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମିକୁ ରୋକିଥାଏ?
ଉତ୍ତର : ______

(୫) ଭାରତର କେଉଁ ରାଜ୍ୟର ସାକ୍ଷରତାହାର ସର୍ବାଧିକ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଦିବ୍ୟାଶା ଦାଶ, ସାମନ୍ତରାପୁର, ଭୁବନେଶ୍ୱର
- ଅଂଶୁମାନ ପ୍ରଧାନ, ଲୋହାରପାଲି, ବରଗଡ଼

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ପହେଳି

- କଦଳୀ ସାଥିରେ ବେଲ ନଡ଼ିଆ
ଦହି ମିଶିଗଲେ ଲାଗେ ବଢ଼ିଆ
ବର୍ଷର ଆରମ୍ଭେ ଖ୍ୟାତି ମୋହର
ଖୁସିରେ କରନ୍ତି ମୋତେ ଆହାର
ଥକ୍କାପଣକୁ ମୁଁ କରଇ ଦୂର
କିଏ ସେ କହିବ ନାମ ମୋହର ।
ଉ-ପଣା

- ବୈଶାଖ ମାସରୁ ଆରମ୍ଭ ହୁଏ
ଚଉଁରା ଉପରେ ଶୋଭା ସେ ପାଏ
ଭିତରେ ତାହାର ଭରନ୍ତି ପଣା
ତଳେ ଥାଏ ତା'ର ଛୋଟିଆ କଣା
ପଣା ଝରୁଥାଏ କଣାରୁ ତା'ର
ମାସଟିଏ ହୁଏ ତା' ବ୍ୟବହାର
ଓଡ଼ିଆଙ୍କ ଅଟେ ଏ ପରମ୍ପରା
ଆରମ୍ଭ ହୁଏ ଯେବେ ଆସଇ ଖରା
ଉ-ବସନ୍ତରା ଠେକି

- ବୈଶାଖ ମାସରୁ ଆରମ୍ଭ ହୁଏ
କ୍ୟାଲେଣ୍ଡର ପାଞ୍ଜି ବଦଳିଯାଏ
ପଣା ସଂକ୍ରାନ୍ତି ପଡ଼େ ସେ ଦିନ
ଖୁସିରେ ନାଚେ ଓଡ଼ିଆ ମନ
କିଏ ସେ ପାରିବ ନାମ ତା' କହି
ଓଡ଼ିଆଙ୍କ ଗର୍ବ ଅଟଇ ସେହି ।
ଉ-ଓଡ଼ିଆ ନବବର୍ଷ

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର
ମୋ-୮୮୯୨୩୦୧୪୩

## ପଣା ସଂକରାନ୍ତି ଅଟେ ଆମ ନୂଆ ବରଷ


ପ୍ରଦୀପ୍ତ କୁମାର ଦାସ

ପଣା ସଂକରାନ୍ତି ଅଟେ ଆମ ନୂଆ ବରଷ
ବୈଶାଖ ତାତିରେ ସେତ ସୁଶୀତଳ ପରଶ,
ଦେବା ଦେବୀ ପୀଠେ
ଆଜି ପାଳି ପ୍ରୀତି ପରବ
ନିଜକୁ ଓଡ଼ିଆ ଭାବେ କରିବା ତ ଗରବ,
ଭୁଲିଯାଇ ଭେଦଭାବ
କୋଳାକୋଳି ହୋଇବା
ମିଳିମିଶି ଭୋଗ ଖାଇ
ହାତ ଆମେ ଧୋଇବା,
ପରସ୍ପରକୁ ଶୁଭେଚ୍ଛା ଜଣାଇବା ଆମେ ତ
ମଇତ୍ରୀ ଗୀତିକା ଗାଇ ଲାଗିଯିବା କାମେ ତ,
ହନୁମାନଙ୍କୁ ପୂଜିବା ମନେ ଭରି ଭକତି
ଜନମ ଦିନରେ ପ୍ରଭୁ ଦେବେ ଦିବ୍ୟ ଶକତି,
ସକଳ ସଂକଟ ମନୁ କରିବେ ସେ ମୋଚନ
କୃପା କରିବେ ଆମକୁ ପ୍ରଭୁ ପଦ୍ମଲୋଚନ,
ସଭିଙ୍କୁ ଜଣାଉ ଅଛି ଶୁଭ ଅଭିନନ୍ଦନ
ଝରି ଯାଉ ପ୍ରତି ପ୍ରାଣେ ଫୁଲ ଆଉ ଚନ୍ଦନ ।

କଣ୍ଟାବଣିଆ, ଯାଜପୁର
ମୋ-୮୫୯୪୮୮୫୮୯୮





## ବିଷୁବ ବେଳାର ଗୀତ

ସୁହଂସ ଭୋଇ

ଆମ ପରମ୍ପରା ପରବ ନିଆରା
ନାହିଁ ତାର ପଟାନ୍ତର
ବରଷକୁ ତେର ତିହାର ଆମର
ଭାଇଚାରା ଭରପୂର
ସରିଲା ଜାଗର ମଉଜେ ମକର
ଦୋଳ ହୋଲି ରଙ୍ଗ ଖେଳ
ବଉଳରୁ କଷି ଧରି ହସେ କେଷୀ
ପୂରିଲା ବସନ୍ତ କାଳ
ତତଲା ବାଲିରେ ଚଇତି ମାଟିରେ
ବିଷୁବ ଥାପିଲା ପାଦ
ଧୀରେ ରବି କର ହୋଇବ ପ୍ରଖର
ଦିନ ଦୀର୍ଘ ରାତି କ୍ଷୁଦ୍ର
ସୁଫଳା ଶ୍ରୀଫଳ ତ୍ରିଶିଖ ରସାଳ
ଦେଇ ଖଣ୍ଡସାର କ୍ଷୀର
ଘରେ ପୁରେ ଆଜ ପଣା ହୁଏ ସଜ
ସେତ ଅମୃତର ଧାର
ଜ୍ୟୋତିଷିକ ବୃତ୍ତ ନକ୍ଷତ୍ରାନୁସାରେ
ଓଡ଼ିଆ ବରଷ ମୂଳ
ଶୁଭ ଲଗ୍ନ ଘେନି ଆସିଲେ ପାବନୀ
ମାତୃଗର୍ଭୁ ଧରାତଳ ।

ପହଣ୍ଡି, ବରଗଡ଼
ମୋ- ୯୪୩୭୫୨୨୪୫୫

# କୁକୁର-ବିଲେଇ ବସିଲେ ମିତ




ନଗେନ୍ଦ୍ରନାଥ ପଟ୍ଟନାୟକ

ରୋହନ୍ ତା' ବାପା-ବୋଉଙ୍କର ଏକମାତ୍ର ପୁଅ । ସେଥିପାଇଁ ଘରେ ସମସ୍ତେ ତାକୁ ଖୁବ୍ ଭଲ ପାଆନ୍ତି । ରୋହନ୍ ଉପରେ ଭଉଣୀଟିଏ । ନାଁ ତା'ର ଶାଳିନୀ । ରୋହନ୍ ତା' ବଡ଼ ଭଉଣୀଠୁ ଭଲକଥା ସବୁ ଶିଖେ । ଗପ କାହାଣୀ ମଧ୍ୟ ଶୁଣିଥାଏ । ଥରକର କଥା, ରୋହନ୍ ସ୍କୁଲରୁ ଘରକୁ ଫେରୁଥାଏ । ଠିକ୍ ସେତିକିବେଳେ ସେ ବାଟରେ ଦେଖିଲା କୌତୁକିଆ ବିଲେଇ ଛୁଆଟେ ବୁଲା କୁକୁରଟିକୁ ଦେଖି ଡରରେ ପଳେଇ ଯାଉଛି । ଆଉ ଉଚ୍ଛୁର ନ କରି ରୋହନ୍ ରାସ୍ତାରେ ଛୋଟ ପଥର ଖଣ୍ଡେ ହାତରେ ଧରି କୁକୁରକୁ ମାରି ଗୋଡ଼ାଇଲା । ଫଳରେ ସେ ପ୍ରାଣ ବିକଳରେ ସେଠୁ ଚମ୍ପଟ ମାରିଲା । ରୋହନ୍ ସେ ବିଲେଇ ଛୁଆଟିକୁ ଟେକିନେଇ ଘରଆଡ଼େ ମୁହାଁଇବାକୁ ଲାଗିଲା । ଘରେ ପାଦ ଥାପୁଥାପୁ ସେ ସବୁକଥା ମାମା ଆଗରେ ଟିକିନିଖି ବଖାଣିଲା । ବିଲେଇ ଛୁଆଟିକୁ ଘରେ ରଖିବା ପାଇଁ ମାମାକୁ ଅନୁରୋଧ କଲା । ମାମା ବି ତା' କଥାରେ ରାଜି ହୋଇଗଲେ ।

ଟିକିଏ ପରେ ଘର ଦୁଆରମୁହଁର ଘଣ୍ଟିଟି ବାଜି ଉଠିଲା । ରୋହନ୍ ଭିତର ପଟୁ ଦରଜା ଫିଟେଇଲା । ଦେଖିଲା, ସାମନାରେ ଦିଦି ଛିଡା ହୋଇଚି । ଡଉଲଡାଉଲ କୁକୁର ଛୁଆଟେ ସାଥିରେ ଧରି ଆସିଚି । କୁକୁର ଛୁଆଟିକୁ ଦେଖି ରୋହନ୍ ତାକୁ ଖୁବ୍ ପସନ୍ଦ କଲା । ଶାଳିନୀ ଛାତିରେ କୁକୁର ଛୁଆଟିକୁ ଜଡ଼େଇ ଧରିଥିବା ଦେଖି ମାମା କହିଲେ -ଦୁଇଟି ଅଲଗା ଅଲଗା ଜନ୍ତୁ ଘରେ କ'ଣ ରହିପାରିବେ ? ତେବେ ଝିଅ ଶାଳିନୀ ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଘରେ ସେ କୁକୁର ଛୁଆଟିକୁ ରଖିବାକୁ ହଁ ଭରିଲେ । ରୋହନ୍ ତା' ବିଲେଇ ଛୁଆଟିର ନାଁ ରଖିଲା ପୁଷି ଆଉ ଶାଳିନୀ ତା' କୁକୁର ଛୁଆର ନାଁ ଦେଲା ଟମି । ଧୀରେ ଧୀରେ ପଶୁ ଯୋଡ଼ିକ ବଡ଼ ହେବାରେ ଲାଗିଲେ ।

ପିଲାଦିନୁ ଦୁହେଁଯାକ ଏକସାଥିରେ ରହିଥିବା ହେତୁ ଦୁହିଁଙ୍କ ଭିତରେ ବନ୍ଧୁତା ଗାଢ଼ ହେବାରେ ଲାଗିଲା । ସେମାନେ ଏକାସଙ୍ଗରେ ଆହାର କରନ୍ତି । ସାଥିହୋଇ ଖେଳାବୁଲା କରନ୍ତି । ଏମିତି କିଛିଦିନ ବିତିଗଲା । ଥରେ ସ୍କୁଲରେ ରୋହନ୍ ସହିତ ତା'ଶ୍ରେଣୀର ଗୋଲୁ ବୋଇଲେ ଆଉଜଣେ ବାଳକର ପାଟିତୁଣ୍ଡ ହେଲା । କଥା କଟାକଟିରୁ ଆରମ୍ଭ ହୋଇ ମାରପିଟ୍ ପର୍ଯ୍ୟନ୍ତ କଥା ଗଲା । ରାଗ ତମ୍‌ତମ୍ ହୋଇ ରୋହନ ଗୋଲୁ ଗାଲରେ ଶକ୍ତ ଚାପୁଡ଼ାଟେ କଷିଦେଲା । ଘରେ ପହଞ୍ଚିଲା ବେଳକୁ ରୋହନ୍ ଦେଖିଲା ଗୋଲୁ ବାପାଙ୍କ ଆଗରେ ତା' ବିରୁଦ୍ଧରେ ଫେରାଦ ହେଉଛି । ରୋହନ୍‌ର ପିଳେହିପାଣି । ଡରିମରି ଛାନିଆରେ ଗୋଟାପଣେ ଥରିବାକୁ ଲାଗିଲା । ଗୋଲୁକୁ କ୍ଷମା ମାଗିବା ପାଇଁ ରୋହନ୍‌ର ମାମା ତାକୁ କହିଲେ । ରୋହନ୍ ଗୋଲୁ କାନରେ ଧୀର ସ୍ୱରରେ 'ସରି' କହିଲା । ଦିଦି ଶାଳିନୀ ତାକୁ ସ୍ନେହଭିଜା ସ୍ୱରରେ ବୋଧଦେଇ କହିଲା, ଯେତେବେଳେ ପିଲାବେଳୁ ସାଥିହୋଇ ରହିବା ଯୋଗୁ ପଶୁ ଯୋଡ଼ିକ ବନ୍ଧୁ ହୋଇପାରିଛନ୍ତି ତୁମେ ଦୁହେଁ ଘନିଷ୍ଠ ମିତ୍ର ହୋଇପାରିବନି କାହିଁକି? ରୋହନ୍ ତା' ଭୁଲ୍ ବୁଝିପାରିଲା । ପୁଣି ଦୁହେଁଯାକ ସାଙ୍ଗ ବନିଗଲେ ।

ଶିକ୍ଷା- "ପିଲାଏ ! ବିପରୀତ ସ୍ୱଭାବର ଲୋକେ ମଧ୍ୟ ଏକାସଙ୍ଗରେ ରହିଲେ ଧୀରେ ଧୀରେ ସେମାନେ ପରସ୍ପର ସହିତ ତାଳମେଳ ରକ୍ଷାକରି ଏକାଠି ବସବାସ କରନ୍ତି । ସେମାନେ ପରସ୍ପରର ଅନ୍ତରଙ୍ଗ ମିତ୍ର ବନିଯାଆନ୍ତି । ସେଥିପାଇଁ ଆମେ ସଭିଏଁ ମିଳିମିଶି ରହିବା ଦରକାର ।"

ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮








ଅନ୍ୱେଷ ଆର୍ଯ୍ୟ ସାହୁ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର


ମାନସ ରଞ୍ଜନ ଆଚାର୍ଯ୍ୟ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋଖରୀପୁଟ, ଭୁବନେଶ୍ୱର


ସୁଲେଖା ମଞ୍ଜରୀ ମଲ୍ଲିକ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁନାବେଡ଼ା




# 'ଚେଫ୍ ଡି ମିସନ୍' ପଦ ଛାଡ଼ିଲେ ମେରିକମ୍

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି)

ଭାରତୀୟ କିମ୍ବଦନ୍ତୀ ମହିଳା ମୁଷ୍ଟିଯୋଦ୍ଧା ଏମ୍‌ସି ମେରିକମ୍ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଦଳର ଚେଫ୍ ଡି ମିଶନ ପଦରୁ ଇସ୍ତଫା ଦେଇଛନ୍ତି। ଅଲିମ୍ପିକ୍ସ କାଂସ୍ୟ ତଥା ୬ଥର ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ଜିତିଥିବା ମେରିକମ୍ ଶୁକ୍ରବାର ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ପଦ ଛାଡିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏସନ୍ (ଆଇଓଏ) ଅଧ୍ୟକ୍ଷା ତଥା ପୂର୍ବତନ ମହିଳା ଆଥଲେଟ ପିଟି ଉଷା ଏ ସଂକ୍ରାନ୍ତରେ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ମେରିକମ୍ ଏ ନେଇ ଲିଖିତ ଭାବେ ଚିଠି ଲେଖି ଅବଗତ କରାଇଛନ୍ତି ବୋଲି ଉଷା କହିଛନ୍ତି। ଚେଫ୍ ଡି ମିଶନ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ରହି ଦେଶ ପାଇଁ କାର୍ଯ୍ୟ କରିବା ମୋ ପାଇଁ ଗର୍ବର ବିଷୟ। ଏଥିପାଇଁ ମାନିସକ ଭାବେ ପ୍ରସ୍ତୁତ ମଧ୍ୟ ଥିଲି। କିନ୍ତୁ ବ୍ୟକ୍ତିଗତ କାରଣ ପାଇଁ ଏହି ପଦ ତଥା ଦାୟିତ୍ୱ ଛାଡିବାକୁ ପଡୁଛି ଓ ଏଥିପାଇଁ ନିଶ୍ଚିତ ଭାବେ ଦୁଃଖିତ ବୋଲି ମେରିକମ୍ ଚିଠିରେ ଉଲ୍ଲେଖ କରିଛନ୍ତି ବୋଲି ଉଷା କହିଛନ୍ତି।

### ମାର୍ଚ୍ଚ ୨୧ରେ ମିଳିଥିଲା ଦାୟିତ୍ୱ

ଗତ ମାର୍ଚ୍ଚ ୨୧ ତାରିଖରେ ୪୧ ବର୍ଷୀୟା ମେରିକମ୍‌ଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଥିଲା। ଚିଠି ପାଇବା ପରେ ମେରିକମ୍‌ଙ୍କ ସହ କଥା ହୋଇଥିବା କଥା ଉଷା କହିଛନ୍ତି। ବିଚାର ବିମର୍ଶ କରି ମେରିକମ୍‌ଙ୍କ ସ୍ଥାନରେ ଆଉ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଚେଫ୍ ଡି ମିଶନ ପଦରେ ନିଯୁକ୍ତ କରିବୁ ଓ ଏ ନେଇ ଖୁବ୍‌ଶୀଘ୍ର ଘୋଷଣା କରିବୁ ବୋଲି ଉଷା କହିଛନ୍ତି। ମେରିକମ୍‌ଙ୍କ ନିଷ୍ପତ୍ତିକୁ ଆମେ ସମ୍ମାନ ଦେଉଛୁ। ତାଙ୍କ ପ୍ରତି ମୋର ଓ ଆଇଓଏର ସମର୍ଥନ ପୂର୍ବପରି ଜାରି ରହିବ ଓ ତାଙ୍କ ବ୍ୟକ୍ତିଗତ ସମସ୍ୟାକୁ ଆମେ ସମସ୍ତେ ସମ୍ମାନ ଜଣାଇବା ଉଚିତ ବୋଲି ଉଷା କହିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସ ଆଗାମୀ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

### ଅଲିମ୍ପିକ୍ସରେ କାଂସ୍ୟ, ୬ଥର ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ଜିତିଥିଲେ

ମାତ୍ର ୧୮ ବର୍ଷ ବୟସରୁ କ୍ୟାରିୟର ଆରମ୍ଭ କରିଥିବା ମେରିକମ୍ ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସ କାଂସ୍ୟ ପଦକ ଜିତିଥିଲେ। ସେହିପରି ସେ ୨୦୦୨, ୨୦୦୫, ୨୦୦୬, ୨୦୦୮, ୨୦୧୦, ୨୦୧୮ ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ ଓ ୨୦୦୧ ଓ ୨୦୨୯ରେ ସେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ସେ ପଦ୍ମଶ୍ରୀ (୨୦୦୬), ପଦ୍ମଭୂଷଣ (୨୦୧୩) ଓ ପଦ୍ମବିଭୂଷଣ (୨୦୨୦) ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ଯାଆଁଳ ପିଲାଙ୍କ ମା ହେବା ପରେ ସେ ବକ୍ସିଂରୁ ଅବ୍ୟାହତି ନେଇଥିଲେ।

## ତ୍ରିରଙ୍ଗା ଧରିବେ ଶରତ କମଲ



ଅଭିଜ୍ଞ ଟେବଲ ଟେନିସ ଖେଳାଳି ଶରତ କମଲ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ପତାକା ଅର୍ଥାତ ତ୍ରିରଙ୍ଗା ବହନ କରିବେ। ସେହିପରି ପରେ ମହିଳା ପତାକା ବାହକଙ୍କ ନାମ ଘୋଷଣା କରାଯିବ। କାରଣ ଅଲିମ୍ପିକ୍ସ ପାଇଁ ଅଲିମ୍ପିକ୍ସ କୋଟା ଏବେ ପୂର୍ଣ୍ଣ ହୋଇ ନାହିଁ। ଭିନ୍ନ ଭିନ୍ନ କ୍ରୀଡ଼ାରେ ୪୦ରୁ ଊର୍ଦ୍ଧ୍ୱ ଭାରତୀୟ ଖେଳାଳି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

■ ବିସିସିଆଇ ଚୁକ୍ତି, ରଣଜୀ ଟ୍ରଫି ବିବାଦ

## ପ୍ରଥମଥର ମୁହଁ ଖୋଲିଲେ କିଶାନ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି)



ବହୁ ଚର୍ଚ୍ଚିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତି ଓ ରଣଜୀ ଟ୍ରଫି ବିବାଦ ନେଇ ଯୁବ ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ପରେ ସେ ଏ ନେଇ ନିଜର ମତ ରଖିଛନ୍ତି। କ୍ରିକେଟରୁ ଯେତେବେଳେ ନିଜ ପାଇଁ କିଛି ସମୟ ବାହାର କରିଥିଲି ସେତେବେଳେ ବହୁତ ଲୋକ ବହୁତ କଥା କହିଥିଲେ। ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁତ କଥା ଆସିଥିଲା ଓ ଏ ନେଇ ବହୁତ ତର୍କ ବିତର୍କ ହୋଇଥିଲା। କିନ୍ତୁ ସମସ୍ତେ ଏକଥା ମଧ୍ୟ ଜାଣିବା ଦରକାର ଯେ, କେତେକ କଥା ଖେଳାଳିଙ୍କ ହାତରେ ନ ଥାଏ ଓ ଏହି ଭଳି ସ୍ଥିତି ସୃଷ୍ଟି ହୋଇଥାଏ ବୋଲି ସେ କହିଛନ୍ତି।

ନିଜ ରାଜ୍ୟ ଝାଡଖଣ୍ଡ ତରଫରୁ ରଣଜୀ ଟ୍ରଫି ନ ଖେଳି କିଶାନ ବରୋଦାରେ ଯାଇ ଅଭ୍ୟାସ କରୁଥିଲେ। ସେତେବେଳେ ବୋର୍ଡ ଭାରତ ପାଇଁ ଖେଳୁ ନଥିବା କ୍ରିକେଟରଙ୍କୁ ନିଜ ରାଜ୍ୟ ତରଫରୁ ରଣଜୀ ଖେଳି ଦକ୍ଷତା ପ୍ରତିପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଫଳରେ କିଶାନଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଥିଲା ଓ ସେତେବେଳେ ସେ ଟ୍ରୋଲ ହୋଇଥିଲେ। କିଶାନଙ୍କୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଯାଇଥିଲା। କିଶାନ ରଣଜୀ ନ ଖେଳି ଆଇପିଏଲ ପାଇଁ ପ୍ରସ୍ତୁତି କରୁଥିବାରୁ ବିସିସିଆଇ ଏହି କଡ଼ା ନିଷ୍ପତ୍ତି ନେଇଥିଲା ବୋଲି ସେତେବେଳେ କୁହାଯାଇଥିଲା।

**ହକି ଟେଷ୍ଟ ସିରିଜ: ଅଷ୍ଟ୍ରେଲିଆ ୩-୧ ଗୋଲରେ ବିଜୟୀ**

## ଭାରତର କ୍ରମାଗତ ଚତୁର୍ଥ ପରାଜୟ

ପର୍ଥ, ୧୨।୪(ଏଜେନ୍ସି)

ପ୍ୟାରିସ ଅଲିମ୍ପିକ୍ସ ପ୍ରସ୍ତୁତି ଓ ଅଭ୍ୟାସ ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଚଳିତ ଟେଷ୍ଟ ସିରିଜରେ ଭାରତ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ସ୍ଥାନୀୟ ପର୍ଥ ହକି ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍‌ରେ ଭାରତ ୧-୩ ଗୋଲରେ ଘରୋଇ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଅଷ୍ଟ୍ରେଲିଆ ୪-୦ରେ ଅଗ୍ରଣୀ ହାସଲ କରିଛି। ଶନିବାର ପର୍ଥ ହକି ଷ୍ଟାଡିୟମରେ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଭାରତ ସାନ୍ତ୍ୱନାମୂଳକ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ୧-୫, ଦ୍ୱିତୀୟ ମ୍ୟାଚ୍‌ରେ ୨-୪ ଓ ତୃତୀୟ ମୁକାବିଲାରେ ୧-୨ ଗୋଲରେ ପରାସ୍ତ ହୋଇ ସିରିଜ ହାତଛଡ଼ା କରିଥିଲା।

### ପ୍ରଥମାର୍ଦ୍ଧରେ ଭାରତର ଆଧିପତ୍ୟ

ପ୍ରଥମ ୩ଟି ମ୍ୟାଚ୍ ଭଳି ଘରୋଇ ଦଳ ଏହି ମୁକାବିଲାରେ ମଧ୍ୟ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚର ୪ଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ସ୍କୋର ହୋଇଥିଲା। ଅଧିନାୟକ ହରମନପ୍ରୀତ ଦ୍ୱାଦଶ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ରହିପାରି ନଥିଲା। ୩୧ ବର୍ଷୀୟ ଅଷ୍ଟ୍ରେଲୀୟ ଡିଫେଣ୍ଡର ଜେରେମ ହେୱାର୍ଡ ପୁଣିଥରେ ଗୋଟିଏ ମ୍ୟାଚ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ପେନାଲ୍ଟି କର୍ଣ୍ଣର ଜରିଆରେ ସେ ୧୯ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବାରବର ସ୍ଥିତିକୁ ଆଣିଥିଲେ। ଏହାପରେ ସେ ୪୭ତମ ମିନିଟ୍‌ରେ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ଶେଷରେ ୫୪ତମ ମିନିଟ୍‌ରେ ୱେଲକ ଜ୍ୟାକ୍ ଗୋଲ ଦେଇ ଅଷ୍ଟ୍ରେଲିଆର ବିଜୟ ବ୍ୟବଧାନ ବଢ଼ାଇଥିଲେ। ଭାରତୀୟ ରକ୍ଷଣଭାଗ ଓ ଅଗ୍ରଭାଗର ଦୁର୍ବଳତା ପୁଣି ଥରେ ପଦାରେ ପଡ଼ିଥିଲା।



### ସୁଯୋଗ ହାତଛଡ଼ା କଲା ଭାରତ

ଦଳର ପ୍ରଦର୍ଶନରେ ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ କହିଛନ୍ତି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚରେ ଭାରତକୁ କେତୋଟି ସୁଯୋଗ ମିଳିଥିଲା। ମୋଟ ଉପରେ ଭାରତ ୬ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇଥିଲା ଓ ମାତ୍ର ଗୋଟିଏକୁ ଗୋଲରେ ପରିଣତ କରିଥିଲା। ଅନ୍ତିମ ୪ ମିନିଟ୍‌ରେ ଭାରତ ୩ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇଥିଲା। ଅର୍ଥାତ ୫୬ ମିନିଟ୍‌ରେ ୨ଟି ଓ ଅନ୍ତିମ ମିନିଟ୍‌ରେ ଗୋଟିଏ ସୁଯୋଗ ପାଇଥିଲେ ମଧ୍ୟ ଭାରତୀୟ ଡ୍ରାଗଫ୍ଲିକରମାନେ ଗୋଲ ଦେବାରେ ବିଫଳ ହୋଇଥିଲେ। ଏଥିସହ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ୫୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଭାରତ ମାତ୍ର ୧୬ଟିରେ ବାଜି ମାରିଛି। ୬ଟି ମ୍ୟାଚ୍ ଅମୀମାଂସିତ ରହିଛି। ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୭୦.୬୭ ଓ ଭାରତ ୨୧.୩୩ ରହିଛି। ଖାସ କରି ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ଅଧିକ ଶକ୍ତିଶାଳୀ ମନେ ହେଉଛି।

## ହାର୍ଦ୍ଦିକ-କ୍ରୁନାଲଙ୍କୁ ଠକି ସାବତ ଭାଇ ଗିରଫ

ମୁମ୍ବଇ, ୧୨।୪(ଏଜେନ୍ସି): କ୍ରିକେଟର ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟାଙ୍କ ସାବତ୍ ଭାଇ ବୈଭବ ପାଣ୍ଡ୍ୟାଙ୍କୁ ମୁମ୍ବଇ ପୁଲିସ୍ ଗିରଫ କରିଛି। ବ୍ୟବସାୟରେ ଅଂଶୀଦାର ଥିବା ବୈଭବ ଦୁଇ ଭାଇଙ୍କଠାରୁ ୪.୩ କୋଟି ଟଙ୍କା ଠକେଇ ନେଇଥିବାର ଅଭିଯୋଗ ହୋଇଥିଲା। ମୁମ୍ବଇ ପୁଲିସର ଅର୍ଥନୈତିକ ବିଭାଗ ୩୭ ବର୍ଷୀୟ ବୈଭବଙ୍କୁ ଗିରଫ୍ କରିଛି। ପୁଲିସର କହିବା ଅନୁଯାୟୀ ୩ ବର୍ଷ ତଳେ ତିନି ଭାଇ ମିଶି ପଲିମରର ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ହାର୍ଦ୍ଦିକ ଓ କ୍ରୁନାଲଙ୍କ ୪୦ ପ୍ରତିଶତ ଲେଖାଏ ଓ ବୈଭବଙ୍କ ୨୦ ପ୍ରତିଶତ ଅର୍ଥ ବିନିଯୋଗ ହୋଇଥିଲା। ବ୍ୟବସାୟର ଦାୟିତ୍ୱ ମଧ୍ୟ ବୈଭବଙ୍କ ଉପରେ ନ୍ୟସ୍ତ ଥିଲା। ଲାଭର ଭାଗବଣ୍ଟା ମଧ୍ୟ ଏହି ଅନୁସାରେ ହେବାର ଥିଲା। ତେବେ ହାର୍ଦ୍ଦିକ ଓ କ୍ରୁନାଲଙ୍କ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

ଦୁଇ ଭାଇଙ୍କୁ ଅବଗତ ନ କରି ଏହି ବ୍ୟବସାୟରେ ବୈଭବ ନୂଆ ଫାର୍ମ ଆରମ୍ଭ କରିଥିଲେ। ନିଜର ଲାଭକୁ ୨୦ରୁ ବୃଦ୍ଧି କରି ସେ ୩୩.୩ ପ୍ରତିଶତ କରିଥିଲେ। ଏହା ଦ୍ୱାରା ହାର୍ଦ୍ଦିକ ଓ କ୍ରୁନାଲଙ୍କର ୩ କୋଟି ଟଙ୍କାର କ୍ଷତି ହୋଇଥିଲା। କାହାକୁ ନ ଜଣାଇ ବୈଭବ ପାର୍ଟନରସିପ୍ ଫାର୍ମର ଖାତାରୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିଜ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରିଥିଲେ। ଯେତେବେଳେ ତାଙ୍କଠାରୁ ଏ ନେଇ ଜବାବ ମଗାଗଲା ବୈଭବ ଦୁଇ ଭାଇଙ୍କୁ ବଦ୍‌ନାମ କରିବାକୁ ଧମକ ଦେଇଥିଲେ। ଏହାପରେ ଦୁଇ ପାଣ୍ଡ୍ୟା ଭାଇ ପୁଲିସ୍‌ରେ ଅଭିଯୋଗ କରିଥିଲେ।



କାଜାଖସ୍ତାନ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜର ମହିଳା ଯୁଗଳରେ କାଂସ୍ୟ ପଦକ ଜିତିଥିବା ଓଡ଼ିଶା ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀର ପ୍ରଶିକ୍ଷାର୍ଥୀ ହର୍ଷିତା ରାଉତ ଓ ସ୍ମୃତି ସ୍ୱାଇଁଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ହକି କାଉନସିଲ୍ ଅଫ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପଙ୍କର ମହାପାତ୍ର ଉପସ୍ଥିତ ରହିଥିଲେ।

**ଇଣ୍ଡିଆନ ସୁପର୍ ଲିଗ୍-୧୦**

## ଆଜି ଓଡ଼ିଶା ଏଫ୍‌ସି-ନର୍ଥଇଷ୍ଟ ୟୁନାଇଟେଡ୍ ଲଢ଼େଇ

ଗୌହାଟୀ, ୧୨।୪ (ଏଜେନ୍ସି)



ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍) ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଏହାର ଶେଷ ଲିଗ୍ ମ୍ୟାଚରେ ଶନିବାର ନର୍ଥଇଷ୍ଟ ୟୁନାଇଟେଡ୍‌କୁ ଭେଟିବ। ଗୌହାଟୀର ଇନ୍ଦିରା ଗାନ୍ଧି ଆଥ୍‌ଲେଟିକ ଷ୍ଟାଡିୟମରେ ଏହି ମ୍ୟାଚ୍ ରାତି ୭ଟା ୩୦ରେ ଖେଳାଯିବ। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଚଳିତ ଆଇଏସ୍ଏଲ୍‌ରେ ଚମତ୍କାର ଫର୍ମରେ ରହି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି। ତେଣୁ ପ୍ଲେ-ଅଫ୍ ପୂର୍ବରୁ ଏହି ଶେଷ ଲିଗ୍ ମ୍ୟାଚରେ ବିଜୟୀ ହୋଇ ଓଡ଼ିଶା ଏଫ୍‌ସି ମନୋବଳକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ନର୍ଥଇଷ୍ଟ ୟୁନାଇଟେଡ୍ ବିଜୟ ସହ ଚଳିତ ଆଇଏସ୍ଏଲ୍ ଅଭିଯାନ ଶେଷ କରିବାକୁ ପଡ଼ିଆକୁ ଓହ୍ଲାଇବ।

ସର୍ଜିଓ ଲୋବେରଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ଚଳିତ ସଂସ୍କରଣରେ ବର୍ତ୍ତମାନ ସୁଦ୍ଧା ୨୧ ମ୍ୟାଚ୍ ଖେଳି ୧୧ ବିଜୟ, ୪ ପରାଜୟ ଓ ୬ ଅମୀମାଂସିତ ସହ ୩୯ ପଏଣ୍ଟ ପାଇ ଟେବଲ୍ ତାଲିକାର ୪ର୍ଥ ସ୍ଥାନରେ ରହିଛି। ସିଧାସଳଖ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ ମଧ୍ୟ ଓଡ଼ିଶା ଏଫ୍‌ସି ଏବେ ଆସନ୍ତା ୧୯ରେ ପ୍ଲେ-ଅଫ୍ ଖେଳିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିବ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ନର୍ଥଇଷ୍ଟକୁ ହରାଇ ଓଡ଼ିଶା ଏଫ୍‌ସି ଖେଳାଳି ମନୋବଳ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଯଦି ଏହି ମ୍ୟାଚରେ ଯଦି ନର୍ଥଇଷ୍ଟ ୟୁନାଇଟେଡ୍ ପରାସ୍ତ ହୁଏ ତେବେ ଚଳିତ ଆଇଏସ୍ଏଲରେ ଓଡ଼ିଶା ଏଫ୍‌ସି ବିପକ୍ଷରେ ଡବଲ୍ ପରାଜୟ ସ୍ୱୀକାର କରିବ। ଏଥିପୂର୍ବରୁ ଚଳିତ ସିଜନ ପ୍ରାରମ୍ଭରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ନର୍ଥଇଷ୍ଟକୁ ମାତ ଦେଇଥିଲା। ଅପରପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍‌ର ପ୍ରଦର୍ଶନ ଚଳିତ ସିଜନରେ ଉତ୍ସାହଜନକ ରହିନାହିଁ। ଦଳ ୨୧ ମ୍ୟାଚରୁ ୫ ବିଜୟ ଓ ୮ ପରାଜୟ ସହ ୨୩ ପଏଣ୍ଟ ପାଇ ୯ମ ସ୍ଥାନରେ ରହି ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ତେଣୁ ଦଳ ଏଠାରେ ବିଜୟ ହାସଲ କରି ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛି।

**ରେକର୍ଡ**

ମୁକାବିଲା- ୧୯ ଥର
ଓଡ଼ିଶା ଏଫ୍‌ସି ଜିତିଛି- ୯ ଥର
ନର୍ଥଇଷ୍ଟ ଜିତିଛି- ୫ ଥର
ଅମୀମାଂସିତ- ୫ଥର

## ବିଲି ଜିନ୍ କିଙ୍ଗ୍ କପ୍: ଭାରତର ୩ୟ ବିଜୟ

ଚାଙ୍ଗଶା, ୧୨।୪ (ଏଜେନ୍ସି)

ଚୀନରେ ଅନୁଷ୍ଠିତ ସମ୍ମାନଜନକ ବିଲି ଜିନ୍ କିଙ୍ଗ୍ କପ୍ ମହିଳା ଟେନିସ ପ୍ରତିଯୋଗିତାରେ ଭାରତ ୩ୟ ବିଜୟ ହାସଲ କରିଛି। ଶୁକ୍ରବାର ଖେଳାଯାଇଥିବା ପୁଲ୍-ଏ'ର ଏକ ମ୍ୟାଚରେ ଭାରତୀୟ ମହିଳା ଟେନିସ ଦଳ ୨-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।

ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ମହିଳା ଏକକରେ ଖେଳାଯାଇଥିଲା। ଏଥିରେ ଭାରତର ଋତୁଜା ଭୋସାଲେ ୬-୨, ୬-୨ ସିଧାସଳଖ ସେଟ୍‌ରେ ପ୍ରତିପକ୍ଷ କୋରିଆର ସୋୟୁନ ପାର୍କଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩୭୯ତମ ସ୍ଥାନରେ ଥିବା ଋତୁଜାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ୫ ମିନିଟ୍ ଲାଗିଥିଲା। ଏହାପରେ ଦ୍ୱିତୀୟ ଏକକ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିନ୍ତୁ ଭାରତର ଅଙ୍କିତା ରାଇନା ୨-୬, ୩-୬ ସେଟ୍‌ରେ ସୁଜିଅଙ୍ଗ ଜାଙ୍ଗ୍‌ଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ମୁକାବିଲା ୧-୧ ସମାନସ୍ତରକୁ ଆସିଯାଇଥିଲା। ଏହାପରେ ନିର୍ଣ୍ଣାୟକ ମହିଳା ଯୁଗଳ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ଭାରତର ରାଇନା ଓ ପ୍ରାର୍ଥନା ଥୋମ୍ବାରେ ଯୋଡ଼ି ୬-୪, ୬-୪ ସିଧାସଳଖ ସେଟ୍‌ରେ କୋରିଆ ଯୋଡ଼ି ଡାବିନ କିମ୍ ଓ ପାର୍କଙ୍କୁ ହରାଇଥିଲେ। ଏଥିସହ ଭାରତ ୨-୧ରେ ବିଜୟ ଲାଭ କରିଥିଲା। ପୂର୍ବରୁ ଗୁରୁବାର ଭାରତ ସମାନ ୨-୧ ବ୍ୟବଧାନରେ ଚାଇନିଜ ତାଇପେଇକୁ ମାତ୍ ଦେଇଥିଲା। ଭାରତ ଏଥିସହ ପୁଲ୍-ଏ'ରେ ୪ ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି। ଶନିବାର ଭାରତ ଏହାର ଶେଷ ପୁଲ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ। ଯଦି ଭାରତୀୟ ଦଳ ଶ୍ରେଷ୍ଠ-୨ରେ ରହେ ତେବେ ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବ।



# କ୍ରୀଡ଼ା


ସକାଳ
www.sakalaepaper.com


## କୁଲଦୀପଙ୍କ କମାଲ; ଫ୍ରେଜର-ପନ୍ତଙ୍କ ଦ୍ରୁତ ବ୍ୟାଟିଂ

# ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ବିଜୟ

ଲକ୍ଷ୍ନୌ, ୧୨।୪ (ଏଜେନ୍ସି)

କୁଲଦୀପ ଯାଦବଙ୍କ କମାଲ ବୋଲିଂ ସାଙ୍ଗକୁ ବ୍ୟାଟିଂରେ ନବାଗତ ଜ୍ୟାକ୍ ଫ୍ରେଜର-ମ୍ୟାକ୍‌ଗର୍କ ଓ ଅଧିନାୟକ ଋଷଭ ପନ୍ତଙ୍କ ଦ୍ରୁତ ପାଳି ଫଳରେ ଚଳିତ ଆଇପିଏଲ୍ ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟ୍‌ରେ ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ଲକ୍ଷ୍ନୌ ପକ୍ଷରୁ ଧାର୍ଯ୍ୟ ୧୬୮ ରନର ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ୧୮.୧ ଓଭରରେ ୪ ୱିକେଟ୍ ହରାଇ ସହଜ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଆଇପିଏଲ୍ ପଦାର୍ପଣକାରୀ ଅଷ୍ଟ୍ରେଲିଆର ଜ୍ୟାକ୍ ଫ୍ରେଜର ୩୫ ବଲରେ ୫୫ (୨ ଚୌକା ଓ ୫ ଛକା) ଓ ଅଧିନାୟକ ଋଷଭ ପନ୍ତ ୨୪ ବଲରେ ୪୧ ରନ କରି ଦିଲ୍ଲୀକୁ ୨ୟ ବିଜୟ ଭେଟି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ପୃଥ୍ୱୀ ଶ ୩୨, ଡେଭିଡ୍ ୱାର୍ଣ୍ଣର ୮, ତ୍ରିଷ୍ଟାନ ଷ୍ଟବ୍ସ ୧୫* ଓ ସାଇ ହୋପ୍ ୧୧* ରନ କରିଥିଲେ। ବୋଲିଂରେ ରବି ବିଷ୍ଣୋଇଙ୍କୁ ୨ଟି ୱିକେଟ୍ ମିଳିଥିଲା।

ପୂର୍ବରୁ ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ରାହୁଲଙ୍କ ଏହି ନିଷ୍ପତ୍ତି କିନ୍ତୁ ଭୁଲ ପ୍ରମାଣିତ ହୋଇଥିଲା। ଓପନର୍ କ୍ୱିଣ୍ଟନ ଡି କକ୍ ବଡ଼ ପାଳି ଖେଳିବା ପୂର୍ବରୁ ୧୩ ବଲରେ ୧୯ ରନ କରି ଖଲିଲ ଅହମ୍ମଦଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହିଠାରୁ ହିଁ ଲକ୍ଷ୍ନୌର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ମଧ୍ୟକ୍ରମରେ ଦେବଦତ୍ତ ପାଡିକଲ୍ (୩ ରନ), ମାର୍କସ ଷ୍ଟୋଇନିସ (୮), ନିକୋଲସ ପୁରନ (୦), ଦୀପକ ହୁଡା (୧୦) ଓ କ୍ରୁନାଲ ପାଣ୍ଡ୍ୟା (୩) ଦୁଇଅଙ୍କ ଛୁଇଁ ନ ପାରି ନିରାଶ କରିଥିଲେ। ସେହିଭଳି ଓପନିଂରୁ ଧୈର୍ଯ୍ୟର ସହ ଖେଳୁଥିବା ଅଧିନାୟକ ରାହୁଲ ୨୨ ବଲରୁ ୩୯ ରନ କରି କୁଲଦୀପ ଯାଦବଙ୍କ ଶିକାର ବନିଥିଲେ। ଫଳରେ ଲକ୍ଷ୍ନୌ ୧୩ ଓଭର ସୁଦ୍ଧା ୭ ୱିକେଟ୍ ହରାଇ ୯୪ ରନ କରି ସଙ୍କଟରେ ପଡ଼ିଥିଲା। ଏହି ସମୟରେ ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ୨୪ ବର୍ଷୀୟ ଆୟୁଷ ବଦୋନୀ ଓ ଆର୍ଶଦ ଖାନ ଧୈର୍ଯ୍ୟର ସହ ଖେଳି ସ୍ଥିତି ସମ୍ଭାଳିଥିଲେ। ବଦୋନୀ ଗୋଟିଏ ପାର୍ଶ୍ୱରେ ଦ୍ରୁତ ବ୍ୟାଟିଂ କରିଥିବାବେଳେ ଅପରପାର୍ଶ୍ୱରୁ ଆର୍ଶଦ ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଏହି ଯୋଡ଼ି ଅବିଭକ୍ତ ୮ମ ୱିକେଟ୍ ଭାଗୀଦାରିରେ ୪୩ ବଲରୁ ୭୩ ରନ ଉଠାଇଥିଲେ। ଫଳରେ ସୁପର୍ ଜାଏଣ୍ଟ୍‌ସ ସେହି ୭ ୱିକେଟ୍‌ରେ ୧୬୭ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ବଦୋନୀ ୫ ଚୌକା ଓ ଗୋଟିଏ ଛକା ବଳରେ ୩୫ ବଲରୁ ୫୫ ରନ ଓ ଆର୍ଶଦ ୧୬ ବଲରେ ୨୦ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ତରଫରୁ ବାମହାତୀ ସ୍ପିନର କୁଲଦୀପ ତାଙ୍କ ୪ ଓଭର କୋଟାରେ ୨୦ ରନ ବ୍ୟୟ କରି ରାହୁଲ, ଷ୍ଟୋଇନିସ ଓ ପୁରନଙ୍କୁ ଆଉଟ କରିଥିଲେ। ସେହିଭଳି ଅନ୍ୟତମ ବାମହାତୀ ଦ୍ରୁତ ବୋଲର ଖଲିଲ ୨ ଏବଂ ଇଶାନ୍ତ ଶର୍ମା ଓ ମୁକେଶ କୁମାରଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଆଘାତ ଲାଗି ଲକ୍ଷ୍ନୌର ସ୍ପିଡ୍ ଷ୍ଟାର୍ ମୟଙ୍କ ଯାଦବ ଖେଳିପାରି ନ ଥିଲେ।







### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ପଞ୍ଜାବ-ରାଜସ୍ଥାନ**

ସ୍ଥାନ- ମୋହାଲି, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

---

ବିଶ୍ୱକପ୍ ବିଜୟ ଚାହାଁନ୍ତି ରୋହିତ

## ଅବସର ଯୋଜନାକୁ ଖଣ୍ଡନ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି)



ଭାରତୀୟ ଅଧିନାୟକ ରୋହିତ ଶର୍ମା କ୍ରିକେଟ ପ୍ରତି ତାଙ୍କ ଅଙ୍ଗୀକାରବଦ୍ଧତାକୁ ଦୋହରାଇଛନ୍ତି। ଭାରତ ପାଇଁ ବିଶ୍ୱକପ୍ ଜିତିବାକୁ ଚାହେଁ ବୋଲି ସେ କହିଛନ୍ତି। ଏଥିସହ ତାଙ୍କର ଏବେ ଅବସର ନେବାକୁ କୌଣସି ଯୋଜନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ୨୦୨୫ରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବ। ତେଣୁ ଅତିକମ୍‌ରେ ଏହି ଦୁଇଟି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିବାକୁ ଚାହାନ୍ତି ବୋଲି ସେ କହିଛନ୍ତି।

୨୦୨୩ରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଅଷ୍ଟ୍ରେଲିଆଠାରୁ ହାରି ଭାରତକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ପରାଜୟ ଆମ ପାଇଁ କଷ୍ଟକର ଥିଲା। ଫାଇନାଲରେ ମଧ୍ୟ ଆମେ ସେତେଟା ଖରାପ୍ ଖେଳି ନଥିଲୁ। ୫୦ ଓଭର ବିଶ୍ୱକପ୍ ହେଉଛି ମୋ ପାଇଁ ପ୍ରକୃତ ବିଶ୍ୱକପ୍। ଦିନିକିଆ ବିଶ୍ୱକପ୍ ଦେଖି ଆମେ ବଡ଼ ହୋଇଛୁ। ଘରୋଇ ପରିବେଶରେ ଫାଇନାଲ ପର୍ଯ୍ୟନ୍ତ ଆମେ ଚମତ୍କାର ଖେଳିଥିଲୁ। ସେମିଫାଇନାଲ ବିଜୟ ପରେ ଟାଇଟଲଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଥିଲୁ। ଫାଇନାଲ ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ଫାଇନାଲରେ ଏହାକୁ ବଜାୟ ରଖିପାରି ନଥିଲୁ। ଫଳରେ ଆମକୁ ମୂଲ୍ୟ ଦେବାକୁ ହେଲା ବୋଲି ସେ କହିଛନ୍ତି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ୧୭ତମ ସଂସ୍କରଣ ଶେଷ ହେବା ପରେ ରୋହିତଙ୍କ ନେତୃତ୍ୱରେ ଭାରତ ଆଗାମୀ ଜୁନ୍‌ରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଆମେରିକା ଓ ୱେଷ୍ଟଇଣ୍ଡିଜ ଗସ୍ତ କରିବ।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା | ୪ | ୩ | ୧ | ୬ | +୧.୫୨୮ |
| ଚେନ୍ନାଇ | ୫ | ୩ | ୨ | ୬ | +୦.୬୬୬ |
| ଲକ୍ଷ୍ନୌ | ୫ | ୩ | ୨ | ୬ | +୦.୪୩୬ |
| ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ମୁମ୍ବାଇ | ୫ | ୨ | ୩ | ୪ | -୦.୦୭୩ |
| ପଞ୍ଜାବ | ୫ | ୨ | ୩ | ୪ | -୦.୧୯୬ |
| ଦିଲ୍ଲୀ | ୬ | ୨ | ୪ | ୪ | -୦.୯୭୫ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |

---

## ଧୋନିଙ୍କୁ ଦେଖିବାକୁ ୬୪ ହଜାର ଟଙ୍କାରେ ଟିକଟ କିଣିଲେ ପ୍ରଶଂସକ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା କେତେବର୍ଷ ବିତିଯାଇଥିଲେ ମଧ୍ୟ ପୂର୍ବତନ ଭାରତୀୟ ତଥା ଚେନ୍ନାଇ ସୁପର କିଙ୍ଗ୍‌ସ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଚେନ୍ନାଇ ପ୍ରଶଂସକମାନେ ତାଙ୍କୁ ଭଗବାନଙ୍କ ଭଳି ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଏବେ ସାମ୍ନାକୁ ଆସିଛି। ଜଣେ ଚେନ୍ନାଇ ପ୍ରଶଂସକ ଧୋନିଙ୍କୁ ଦେଖିବାକୁ ୬୪ ହଜାର ଟଙ୍କା ଖର୍ଚ୍ଚ କରି ଟିକଟ କ୍ରୟ କରିଛନ୍ତି। ନିଜ ପିଲାଙ୍କ ସ୍କୁଲ ଫି ଦେବାକୁ ପାଖରେ ପଇସା ନଥିଲେ ମଧ୍ୟ ପ୍ରଶଂସକ ଜଣକ ଯେମିତି ହେଉ ଟିକଟ କିଣିବାକୁ ଅର୍ଥ ଯୋଗାଡ କରିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମଗୁଡିକରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତାଙ୍କୁ ପ୍ରଥମେ ଟିକଟ ନ ମିଳି ନଥିଲା। ତେଣୁ ଏତେ ଅର୍ଥ ଖର୍ଚ୍ଚ କରି ବ୍ଲାକ୍‌ରେ ଟିକଟ କ୍ରୟ କରିଛି ଓ ଟିକଟ ପାଇବାକୁ ବହୁତ ପରିଶ୍ରମ କରିବାକୁ ପଡ଼ିଛି ବୋଲି ପ୍ରଶଂସକ ଜଣକ କହିଛନ୍ତି।

---

## ଆଇପିଏଲ୍- ୨୦୨୪: ପ୍ରଥମ ୧୮ ମ୍ୟାଚ୍‌କୁ ଦେଖିଲେ ୪୦ କୋଟି ଲୋକ

ନୂଆଦିଲ୍ଲୀ, ୧୨।୪(ଏଜେନ୍ସି)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ପ୍ରଥମ ୧୮ଟି ମ୍ୟାଚ୍ ନେଇ ବ୍ରଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ (ବିଏଆରସି) ତା'ର ତଥ୍ୟ ପ୍ରଦାନ କରିଛି। ଆଇପିଏଲ୍‌ର ପ୍ରଥମ ୧୮ଟି ମ୍ୟାଚ୍‌କୁ ଟେଲିଭିଜନ ସିଧା ପ୍ରସାରଣ ମାଧ୍ୟମରେ ୪୦ କୋଟି ଲୋକ ଦେଖିଛନ୍ତି ବୋଲି ବିଏଆରସି ତରଫରୁ କୁହାଯାଇଛି। ଡିସନୀ ଷ୍ଟାର ନେଟୱର୍କରେ ଲାଇଭ ଟେଲିକାଷ୍ଟ ମାଧ୍ୟରେ ରେକର୍ଡ ସଂଖ୍ୟାରେ ଦର୍ଶକ ଦେଖିଛନ୍ତି। ପ୍ରଥମ ୧୮ଟି ମ୍ୟାଚ୍ ଦୃଷ୍ଟିକୋଣରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ରେକର୍ଡ ଭ୍ୟୁୟରଶିପ୍ ସହିତ ୧୨ ହଜାର ୩୮୦ କୋଟି ମିନିଟ୍‌ର ୱାଚ୍ ଟାଇମ୍‌ର ରେକର୍ଡ ଏଥର ଦେଖିବାକୁ ମିଳିଛି ବୋଲି ବ୍ରଡକାଷ୍ଟରଙ୍କ ତରଫରୁ କୁହାଯାଇଛି। ଗତ ୨୦୨୩ ସଂସ୍କରଣ ତୁଳନାରେ ଏହା ୧୫ ପ୍ରତିଶତ ଅଧିକ।

### ଟିଭି ରେଟିଂ ୧୭% ବୃଦ୍ଧି

ଟିଭିଆର ଅର୍ଥାତ ଟିଭି ରେଟିଂରେ ଏଥର ୧୭ ପ୍ରତିଶତ ବୃଦ୍ଧି ହୋଇଛି। ଭ୍ୟୁୟରଶିପ୍‌ରେ ଏହି ରେକର୍ଡ ବୃଦ୍ଧିକୁ ଷ୍ଟାର ସ୍ପୋର୍ଟ୍ସ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ଯୋଜନା କରିଛି। ଏପ୍ରିଲ ୧୫ରୁ 'ସ୍ପେଶାଲ ୱିକ୍ ବା ସ୍ୱତନ୍ତ୍ର ସପ୍ତାହ' ମାଧ୍ୟମରେ ଷ୍ଟାର ସ୍ପୋର୍ଟ୍ସ ଏହି ଉପଲବ୍ଧୀକୁ ପାଳନ କରିବ। ଏଥିରେ 'ଆଇପିଏଲର ଅଜବ ଫ୍ୟାନଡମ୍' କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଷ୍ଟାର ସ୍ପୋର୍ଟ୍ସ ନୂଆ ଫିଚର ଲଞ୍ଚ୍ କରିଛି। ଏଥର ଆଇପିଏଲ ଟେଲିକାଷ୍ଟରେ ଭାରତୀୟ ସାଇନ ଲାଙ୍ଗୁଏଜ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍‌ନିକ୍‌ର ବ୍ୟବହାର କରାଯାଇଛି। ଅର୍ଥାତ ଦେଶର ବିଭିନ୍ନ ଆଞ୍ଚଳିକ ଭାଷାରେ ମ୍ୟାଚ୍‌ର କମେଣ୍ଟ୍ରି ପ୍ରଦାନ କରାଯାଉଛି। ଏହାଦ୍ୱାରା ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଶଣ କରିବା ସହ ପ୍ରଶଂସକଙ୍କୁ ଆକର୍ଷିତ କରିବାକୁ ପ୍ରୟାସ କରାଯାଇଛି।

---

ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ୍

## ସେମିରେ ଜୋକୋଭିଚ୍, ସିତସିପାସ୍, ସିନର

ମଣ୍ଟେକାର୍ଲୋ, ୧୨।୪(ଏଜେନ୍ସି): ଏଠାରେ ଚାଲିଥିବା ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍, ଦ୍ୱାଦଶ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତସିପାସ, ଦ୍ୱିତୀୟ ସିଡ୍ ଇଟାଲୀ ଜାନିକ ସିନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଜୋକୋଭିଚ୍ ୭-୫, ୬-୪ ସିଧାସଳଖ ସେଟ୍‌ରେ ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେହିପରି ସିନର ୬-୪, ୬-୭, ୬-୩ ସେଟ୍‌ରେ ୭ମ ସିଡ୍ ଡେନମାର୍କର ହୋଲଗାର ରୁନ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଅନ୍ୟଏକ କ୍ୱାର୍ଟରରେ ସିତସିପାସ ୬-୪, ୬-୨ ସିଧାସଳଖ ସେଟ୍‌ରେ ରୁଷିଆରେ କାରେନ ଖାଚାନୋଭଙ୍କୁ ହରାଇଛନ୍ତି।

---

କଳାହାଣ୍ଡି କପ୍

## ସଂଘର୍ଷ କରି ଜିତିଲା ଅନୁଗୋଳ



ରାଜେଶ ସାହୁ



ନିହାର ଭୂୟାଁ



ସତ୍ୟବ୍ରତ ସିଂହ

କଟକ, ୧୨।୪(ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଅନୁଗୋଳ ଦଳ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଡ୍ରିମସ ଷ୍ଟାଡିୟମରେ ଅନୁଗୋଳ ଏବଂ କିଟ୍ ମଧ୍ୟରେ ମୁକାବିଲା ହୋଇଥିଲା। ଅନୁଗୋଳ ଟସ୍ ଜିତି କିଟ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଓପନର ରାଜେଶ ସାହୁ ୧୦୩ ରନର ଶତକୀୟ ପାଳି ବଳରେ କିଟ୍ ୮ ୱିକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ନନ୍ଦ ୪୮, ମରୋଜୁ ପ୍ରଶାନ୍ତ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ପ୍ରତିପକ୍ଷ ଅନୁଗୋଳ ପକ୍ଷରୁ ରାକେଶ ବିଶ୍ୱାଳ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୯ ୱିକେଟ ହରାଇ ୪୭ତମ ଓଭରରେ ଅନୁଗୋଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମଧ୍ୟକ୍ରମର ବ୍ୟାଟରଙ୍କ ଉପଯୋଗୀ ରନ୍ ସଂଗ୍ରହ ବଳରେ ଅନୁଗୋଳ ବିଜୟୀ ହୋଇଛି। ଓପନର ପାନକଳ ଶଶାଙ୍କ ୪୧, ଶ୍ରେୟାଂଶ ଭରଦ୍ୱାଜ ୪୬ ଏବଂ ଆୟୁଷ ବାରିକ ୪୭ ରନ କରିଥିଲେ। ନିମ୍ନକ୍ରମର ବ୍ୟାଟର ସତ୍ୟବ୍ରତ ସିଂହ ୨୪ବଲରୁ ୪୦ ରନ ଏବଂ ମିଳନ ସାମଲ ୧୭ ବଲରୁ ୨୫ ରନର ଦ୍ରୁତ ପାଳି ଖେଳି ଦଳକୁ ଜିତାଇଥିଲେ। କିଟ ପକ୍ଷରୁ ନୀତିଶ ସାମନ୍ତଙ୍କୁ ୪ଟି ୱିକେଟ ମିଳିଥିଲା।

ସେହିପରି ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭଦ୍ରକ ୨ ୱିକେଟରେ ବୌଦ୍ଧକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ୮ ୱିକେଟ ବିନିମୟରେ ୨୧୬ ରନ କରିଥିଲା। ଭେଙ୍କଟେଶ ଭାଣ୍ଡେ ସର୍ବାଧିକ ୮୨ ରନ କରିଥିଲେ। ଭଦ୍ରକ ପକ୍ଷରୁ ନିହାର ଭୂୟାଁ ଏବଂ ହର୍ଷିତ ରାଥୋଡ ୨ଟି ଲେଖାଏ ୱିକେଟ ପାଇଥିଲେ।

ପ୍ରତ୍ୟୁତ୍ତରରେ ୨୧୭ ରନର ଲକ୍ଷ୍ୟକୁ ୮ ୱିକେଟ ହରାଇ ଭଦ୍ରକ ବିଜୟୀ ହୋଇଛି। କ୍ଷମାସାଗର ବଳ ୩୬ ଓ ସ୍ୱୟମ୍ଭୁ ପଲାଇ ୩୩ ରନ କରିଥିଲେ। ବୌଦ୍ଧର ଶୋଭନଦେବ ବେହେରାଙ୍କୁ ୩ଟି ୱିକେଟ ମିଳିଥିଲା। ସେହିଭଳି ବାରବାଟୀ ଷ୍ଟାଡିୟମରେ ପାରାଦ୍ୱୀପ ୫ ୱିକେଟରେ ବରଗଡ଼କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ବରଗଡ଼ ୧୫୭ ରନରେ ଅଲଆଉଟ ହୋଇଥିଲା। ଉଦୟ ସବ୍ୟସାଚୀ ୩ ଓ ଓମ୍ ସାହୁ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ଇଲୁ ଗୋଚ୍ଛାୟତଙ୍କ ୪୯ ଏବଂ ଚିତ୍ତରଞ୍ଜନ ପାତ୍ରଙ୍କ ୩୬ ରନ ବଳରେ ପାରାଦୀପ ୨୮.୧ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା।

---

# ଚର୍ଚ୍ଚାରେ ଅନ୍‌କ୍ୟାପ୍‌ଡ ଖେଳାଳି

ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି)

ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି-୨୦ ଲିଗ୍ ଆଇପିଏଲ୍ ଅତୀତରେ ଭାରତୀୟ କ୍ରିକେଟ୍ ଦଳକୁ ଅନେକ ତାରକା ଖେଳାଳି ଭେଟି ଦେଇଛି। ଯୁଜବେନ୍ଦ୍ର ଚହଲ, ସଞ୍ଜୁ ସାମସନ, ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଖେଳାଳି ଏହି ଧନାଢ୍ୟ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ଜାତୀୟ ଦଳରେ ସ୍ଥାନ ପାଇଥିଲେ। ଆଇପିଏଲ୍‌ର ଚଳିତ ସପ୍ତଦଶ ସଂସ୍କରଣରେ ମଧ୍ୟ ଘରୋଇ କ୍ରିକେଟ୍‌ର କିଛି ଖେଳାଳି ଯେଉଁମାନେ ଅନ୍ତର୍ଜାତୀୟ (ଅନ୍‌କ୍ୟାପଡ୍) ସୁଯୋଗ ପାଇ ନ ଥିଲେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି। ଆଇପିଏଲ୍-୧୭ର ପ୍ରଥମ ତିନି ସପ୍ତାହରେ ଆଖିଦୃଶିଆ ପ୍ରଦର୍ଶନ କରିଥିବା ୫ ଖେଳାଳିଙ୍କ ଉପରେ ସଂକ୍ଷେପରେ ନଜର ପକାଇବା।



ରିୟାନ ପରାଗ (ରାଜସ୍ଥାନ)

ଆସାମର ଯୁବ ବ୍ୟାଟର୍ ରିୟାନ ପରାଗ ଚଳିତ ଆଇପିଏଲ୍‌ରେ ନିଜ ଦଳ ରାଜସ୍ଥାନ ରୟାଲ୍ସ ଲାଗି ମ୍ୟାଚ୍ ବିଜେତା ଭାବେ ଉଭା ହୋଇଛନ୍ତି। ୨୨ ବର୍ଷୀୟ ଏହି ଡାହାଣହାତୀ ଅନ୍‌କ୍ୟାପଡ୍ ଖେଳାଳି ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ଆସି ଚଳିତ ଆଇପିଏଲ୍‌ରେ ୫ ମ୍ୟାଚରୁ ୩ ଅର୍ଦ୍ଧଶତକ ସହ ୨୬୧ ରନ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ୧୫୮.୧୮ ରହିଛି। ରିୟାନଙ୍କ ଏହି ପ୍ରଦର୍ଶନ ଯୋଗୁ ରାଜସ୍ଥାନ ୫ ମ୍ୟାଚରୁ ୪ ବିଜୟ ସହ ପଏଣ୍ଟ ପାଇ ଶୀର୍ଷରେ ରହିଛି।



ମୟଙ୍କ ଯାଦବ (ଲକ୍ଷ୍ନୌ)

ଅନ୍‌କ୍ୟାପଡ୍ ଖେଳାଳି ଭାବେ ଚଳିତ ଆଇପିଏଲ୍‌ରେ ସବୁଠୁ ଚର୍ଚ୍ଚାରେ ରହିଛନ୍ତି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ଦ୍ରୁତ ବୋଲର ମୟଙ୍କ ଯାଦବ। କ୍ରମାଗତ ଭାବେ ଘଣ୍ଟାପ୍ରତି ୧୫୦ରୁ ଊର୍ଦ୍ଧ୍ୱ ବେଗରେ ବଲ୍ ପକାଇ ବ୍ୟାଟର୍‌ଙ୍କ ମଧ୍ୟରେ ଏହି ୨୧ ବର୍ଷୀୟ ଡାହାଣହାତୀ ବୋଲର ଆତଙ୍କ ସୃଷ୍ଟି କରିଛନ୍ତି। ବେଙ୍ଗାଲୁରୁ ବିପକ୍ଷ ମୁକାବିଲାରେ ତାଙ୍କର ଏକ ବଲ୍‌ର ଗତି ଘଣ୍ଟାପ୍ରତି ୧୫୬.୭ କିମି ରହିଥିଲା। ସେ ବର୍ତ୍ତମାନ ସୁଦ୍ଧା ୩ ମ୍ୟାଚ୍ ଖେଳି ୬ ୱିକେଟ୍ ନେଇ ଦଳର ଶ୍ରେଷ୍ଠ ବୋଲର ରହିଛନ୍ତି।



ଅଭିଷେକ ଶର୍ମା (ହାଇଦ୍ରାବାଦ)

ସନରାଇଜର୍ସ ହାଇଦ୍ରାବାଦ୍ ଓପନିଂ ବ୍ୟାଟର୍ ଅଭିଷେକ ଶର୍ମା ମଧ୍ୟ ଅନ୍‌କ୍ୟାପଡ୍ ଖେଳାଳିଙ୍କ ମଧ୍ୟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଚଳିତ ଆଇପିଏଲ୍‌ରେ ସେ ୨୦୮.୨୩ ଷ୍ଟ୍ରାଇକରେଟ୍‌ରେ ୫ ମ୍ୟାଚରୁ ୧୭୭ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କ ବ୍ୟାଟିଂ ଆଭରେଜ ୩୫ରୁ ଊର୍ଦ୍ଧ୍ୱ ରହିଛି। ମୁମ୍ବାଇ ବିପକ୍ଷ ମ୍ୟାଚରେ ଏହି ୨୩ ବର୍ଷୀୟ ବ୍ୟାଟର୍ ମାତ୍ର ୧୬ ବଲରେ ଅର୍ଦ୍ଧଶତକ ହାସଲ କରି ଚହଳ ସୃଷ୍ଟି କରିଥିଲେ। ଅଭିଷେକଙ୍କ ବ୍ୟାଟରୁ ବର୍ତ୍ତମାନ ସୁଦ୍ଧା ୧୬ ଛକା ଓ ୧୪ ଚୌକା ବାହାରିଛି।



ଶଶାଙ୍କ ସିଂହ (ପଞ୍ଜାବ)

ଆଉ ଜଣେ ନବାଗତ ଖେଳାଳିଙ୍କ ଚମକ ଚଳିତ ଆଇପିଏଲ୍‌ରେ ଦେଖିବାକୁ ମିଳିଛି। ସେ ହେଲେ ପଞ୍ଜାବ କିଙ୍ଗ୍‌ସର ଡାହାଣହାତୀ ବ୍ୟାଟର୍ ଶଶାଙ୍କ ସିଂହ। ପଞ୍ଜାବର ଶେଷ ଦୁଇଟି ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରି ସେ ଚର୍ଚ୍ଚାରେ ରହିଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ସେ ମାତ୍ର ୨୯ ବଲରେ ୬୧ ରନର ଅପରାଜିତ ପାଳି ଖେଳି ଦଳକୁ ୩ ୱିକେଟ୍‌ରେ ଜିତାଇଥିଲେ। ହାଇଦ୍ରାବାଦ୍ ବିପକ୍ଷରେ ମଧ୍ୟ ତାଙ୍କ ବ୍ୟାଟରୁ ୨୫ ବଲରୁ ୪୬ ରନର ଏକ ଦ୍ରୁତ ପାଳି ଦେଖିବାକୁ ମିଳିଥିଲା।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର